


Digitized by srujanika@gmail.com

# ଅଧାଲେଖା ଦସ୍ତାବିଜ୍

କାନନ ମିଶ୍ର

ଶତଦ୍ରୁ ପ୍ରକାଶନୀ
ଭୁବନେଶ୍ୱର

Digitized by srujanika@gmail.com

# ଅଧାଲେଖା ଦସ୍ତାବିଜ୍
(ଗଳ୍ପ ସଂକଳନ)

# ADHALEKHA DASTABIZ
(Oriya Story Collection)


ରଚନା :
କାନନ ମିଶ୍ର

Written By :
**Kanan Mishra**



ପ୍ରକାଶକ :
**ଶତଦ୍ରୁ ପ୍ରକାଶନୀ**
୩୧ଏ, ଜନପଥ, ଭୁବନେଶ୍ୱର

Published By :
**Satadru Prakashani**
31A, Janapath, Bhubaneswar

ପ୍ରଥମ ପ୍ରକାଶ : ୨୦୦୧ ମସିହା

1st Edition : 2001 A.D.

ମୁଦ୍ରଣ :
ଲକ୍ଷ୍ମୀ ପ୍ରିଣ୍ଟେକ୍ସ
ଭୁବନେଶ୍ୱର

Printing :
**Laxmi Printex**
Bhubaneswar

ଅକ୍ଷର ସଜ୍ଜା :
ଶ୍ରଦ୍ଧାଞ୍ଜଳି
ଗୌତମ ନଗର, ଭୁବନେଶ୍ୱର

Typography :
**Shradhanjali**
Gautam Nagar, Bhubaneswar

ମୂଲ୍ୟ : ୬୦.୦୦

Price : Rs. 60.00


*Digitized by srujanika@gmail.com*

ମୋ' ଜୀବନକାହାଣୀର
ଦୁଇଟି ବିଶିଷ୍ଟ ଚରିତ୍ର
ଚବି ଓ ସ୍ମିତାଙ୍କୁ ।

Digitized by srujanika@gmail.com

# ସୂଚୀପତ୍ର


| ବିଷୟ | ପୃଷ୍ଠା |
|---|---|
| ସେବିକା | ୧ |
| ସ୍ୱପ୍ନର ବଣିକ | ୮ |
| ପରଦେଶ, ନିଜ ଲୋକ | ୧୪ |
| ଡେଭିଡ୍‌ଙ୍କ ପାଇଁ ଗପଟିଏ | ୨୭ |
| ରୋଲ୍‌ଗେଟ୍ ମେଡିଟେସନ୍ ସେଣ୍ଟର | ୩୪ |
| ଗାର୍ଲିକ ଚିକେନ୍ ଓ ହବିଷଭାତ | ୪୩ |
| ଲିଣ୍ଡା, ମୋତେ କ୍ଷମାକର | ୪୯ |
| ନବବଧୂ | ୫୫ |
| ଚାଳିଷ ବର୍ଷତଳେ | ୬୦ |
| ଅନୁରାଗ | ୬୬ |
| ସାହସ | ୭୦ |
| ପିଆଜି | ୭୮ |
| ମାସ ଫାଲ୍‌ଗୁନ | ୮୧ |
| ସଖୀ | ୮୫ |
| ବିବାହ ପ୍ରସ୍ତାବ | ୯୧ |
| ଜୀବନରେ ବା କଅଣ ଅଛି ? | ୯୬ |
| ହସ | ୯୯ |
| ଅଧାଲେଖା ଦସ୍ତାବିଜ୍ | ୧୦୩ |


Digitized by srujanika@gmail.com

# ପଦେକଥା

ଏ ସଂକଳନରେ ସନ୍ନିବେଶିତ ମୋର ସମସ୍ତ ଲେଖା, ଯା' ପୂର୍ବରୁ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶ ପାଇସାରିଛି । ମୋ' ଲାଗି, ମୋର ଅନୁରାଗୀ ପାଠକମାନଙ୍କର ଅକୃପଣ ସ୍ନେହ ଓ ସମାଦର ଆଣିଦେଇଛି ମଧ ।

କେତେକ ପାଠକ ଏହାକୁ ଗ୍ରହଣ କରିଛନ୍ତି ଆତ୍ମକାହାଣୀ ଭାବରେ । ଆଉ କେତେକ ଧରିନେଇଛନ୍ତି ଇଏ ସବୁ କେବଳ କାହାଣୀ । ବୋଧହୁଏ ଉଭୟ ଇ ଠିକ୍ । କାରଣ ଏହା ସତ୍ୟସିଦ୍ଧ ଯେ ପ୍ରତ୍ୟେକ ଆତ୍ମକାହାଣୀରେ କିଛି କିଛି କାହାଣୀ ନିହିତ ଥାଏ । ଏବଂ ଅନେକ କାହାଣୀରେ, କିଛି କିଛି ଆତ୍ମକଥନ ।

ବହିଟିର ପ୍ରଥମ ସାତଟି ଲେଖାର ପଟ୍ଟଭୂମି ଯୁକ୍ତରାଷ୍ଟ୍ର ଆମେରିକା । ବାକି ଲେଖାଗୁଡିକର ଉନ୍ମେଷ ଏଇ ମାଟିରେ ।

ବହିଟିକୁ ଲୋକଲୋଚନକୁ ଆଣିବାରେ ବିନୟଙ୍କର ଭୂମିକା ଓ ସାହଚର୍ଯ୍ୟ ଅବଶ୍ୟ ସ୍ୱୀକାର୍ଯ୍ୟ ।

ସର୍ବଶେଷରେ, ପୁସ୍ତକଟିର ପ୍ରକାଶନର ଦାୟିତ୍ୱ ବହନ କରିଥିବା 'ଶତଦ୍ରୁ ପ୍ରକାଶନୀ'କୁ ମୋର ଆନ୍ତରିକ ଧନ୍ୟବାଦ ।

କାନନ ମିଶ୍ର

Digitized by srujanika@gmail.com

# ସେବିକା

''ଆପଣ ଦୟାକରି କମ୍ବଳଟି ସୋଫା ଉପରେ ନରଖି ସେ ଥାକରେ ଚଉଡିକି ରଖିବେ କି'' ? ଟେବୁଲ୍ ଉପରେ ଖେଳାମେଳା ହୋଇ ପଡିଥିବା ପତ୍ରିକାସବୁ ଶୃଙ୍ଖଳାବଦ୍ଧ ଭାବରେ ସଜାଡ଼ି ରଖୁ ରଖୁ ଅତ୍ୟନ୍ତ ଭଦ୍ର ତଥା ମୃଦୁ ସ୍ୱରରେ ଭଦ୍ର ମହିଳା ଜଣକ ମୋତେ କହିଲେ ଏବଂ ଚତୁର୍ଦ୍ଦିଗରେ ଆଖି ବୁଲାଇ ମଧ ପ୍ରକୋଷ୍ଟଟିରେ ମୁଁ ଥାକଟିଏ ଠାବ କରି ପାରିଲିନି ।

— ଏଇ ଯେ ! ହଲ୍‌ର ବାମପଟେ, ଚା' କଫି ବନାଇବା ଜାଗାକୁ ଠିକ୍ ଲାଗିକରି । ଭଦ୍ରମହିଳା ତାଙ୍କ ତର୍ଜନୀଟି ବଢ଼ାଇ ମୋର ଦିଗ୍‌ଦର୍ଶନ କଲେ ଓ ଏଥରକ ପ୍ରଶସ୍ତ, ଲମ୍ବା ବଖରାଟିର ଶେଷ ଆଡ଼କୁ ମୁଣ୍ଡେ ଉଞ୍ଚରେ ଥିବା ମଞ୍ଚାପରି ସୁଦୃଶ୍ୟ ଥାକଟିଏ — ଅନେକଟା ରେଳଡବାର ଉପରବାର୍ଥ ପରି — ମୋର ଦୃଷ୍ଟିଗୋଚର ହେଲା ।

— ସେଇ ଥାକଟି ଜିନିଷପତ୍ର - ବ୍ୟାଗ୍ ବା କମ୍ବଳ - ଇତ୍ୟାଦି ରଖିବା ପାଇଁ ଉଦ୍ଦିଷ୍ଟ । ରାତିରେ ଯଦି କେହି ଏ ଲାଉଞ୍ଜ୍‌ରେ ନିଦ୍ରା ଯାଆନ୍ତି, ସକାଳେ ବିଛଣାଟି ଉଠାଇ ସେଇଠି ରଖିଦେବାକୁ ପଡେ ।

— ଦୁଃଖିତ । ଏ ଜାଗାରେ ନୂଆ ତ ! ନିୟମଟି ଜାଣିନଥିଲି । ଆଉ କେବେ ଏଭଳି ଭୁଲ୍ ହେବନି । ଏବଂ ନିୟମଟି ସଂପର୍କରେ ମୋତେ ଅବଗତ କରାଇ ଦେଇଥିବା ହେତୁ ଧନ୍ୟବାଦ୍ କମ୍ବଳଟି ଥାକ ଉପରେ ରଖୁ ରଖୁ ମୁଁ ସ୍ମିତହସି ଜବାବ୍ ଦେଲି ।

ଅଠସ୍ତରି ବର୍ଷୀୟା ମିସେସ୍ ଆନ୍ ଜନ୍‌ସନ୍‌ଙ୍କ ସାଥିରେ ଏଇ ଥିଲା ମୋର ପ୍ରଥମ ବାର୍ତ୍ତାଳାପ । ସ୍ଥାନ - ଯୁକ୍ତରାଷ୍ଟ୍ର ଆମେରିକାର ପ୍ରଖ୍ୟାତ ସ୍ପାରୋ ହସ୍‌ପିଟାଲ୍‌ର ଇନ୍‌ଟେନ୍‌ସିଭ୍ କେୟାର ଇଉନିଟ୍‌ର ବିଶ୍ରାମାଗାର ବା ଲାଉଞ୍ଜ୍ । ହସ୍‌ପିଟାଲ୍‌ଟି ଥିଲା ମିସିଗାନ୍ ପ୍ରଦେଶର ରାଜଧାନୀ ଲାନ୍‌ସିଂ ନଗରୀର ମଧ୍ୟସ୍ଥଳୀରେ ।

ପରିଚ୍ଛନ୍ନ, ଆଲୋକ ଝଲମଲ୍ ଲାଉଞ୍ଜଟି ଥିଲା ଠିକ୍ ଆଇ.ସି.ଇଉ ପାଖରେ । ମୋଟା କାଚକବାଟ ସେପଟେ ଧର୍ମରାଜଙ୍କର ଅକ୍ଷୌହିଣୀ ସେନାଙ୍କ ସହିତ ଏକା ଏକା ପ୍ରାଣମୂର୍ଚ୍ଛା ସଂଗ୍ରାମ କରୁଥିଲେ କତିପୟ ମୁମୂର୍ଷୁ, ବଳହୀନ ମଣିଷ ଆଉ କାଚକବାଟର ଏପଟେ, ଲାଉଞ୍ଜ୍‌ରେ ଅପେକ୍ଷାରତ ଥିଲେ — ବିବ୍ରତ ଚିତ୍ତରେ — ସେମାନଙ୍କର ପୁତ୍ରକନ୍ୟା, ଭାଇବନ୍ଧୁ, କୁଟୁମ୍ବ ଓ ପରିଜନ । ବିଷନ୍ନ, କ୍ରନ୍ଦନରତ ପରିଦର୍ଶକ ମାନଙ୍କର ଅନବରତ ଭିଡ ଲାଗିଥିଲା ଲାଉଞ୍ଜଟିରେ ।

Digitized by srujanika@gmail.com

ଲାଉଞ୍ଜଟି ଥିଲା ଶୀତତାପ ନିୟନ୍ତ୍ରିତ ଓ ବେଶ୍ ଆରାମପ୍ରଦ । ଦୁଇପଟେ କାନ୍ଥକୁ ଲାଗି ଲମ୍ବ ଲମ୍ବ ବହଳଗଦିର ସୋଫା । ମଝିରେ ମଝିରେ ସାନ ନୀଚା ଟେବୁଲ୍‌ମାନଙ୍କରେ ପୁଷ୍ପଗୁଚ୍ଛ ଶୋଭିତ ଫୁଲ୍‌ଦାନୀ । ଟେବୁଲ୍ ଉପରେ ବିଭିନ୍ନ ପତ୍ରପତ୍ରିକା ଓ ସମ୍ବାଦପତ୍ର । ସମଗ୍ର ହଲ୍‌ଟିର ଚଟାଣ ମୋଡା ଥିଲା ପାଉଁଶ ରଂଗର ନରମ, ମୁଲାୟମ୍ ଗାଲିଚାରେ । କାନ୍ଥଦେହରେ ହୁକ ଲାଗି ଲଟ୍‌କା ହୋଇଥିଲା ସ୍ୱାରୋ ହସ୍‌ପିଟାଲ ତରଫରୁ ପ୍ରକାଶିତ - ଡାଇବେଟିସ୍, ଏଡ୍‌ସ୍, ହୃଦ୍‌ରୋଗ, ତଥା ଅନ୍ୟାନ୍ୟ ବେମାରି ସଂପର୍କରେ - ଅଜସ୍ର ସାନ ସାନ ପତ୍ରିକା ଓ ପାମ୍ଫଲେଟ୍ ।

ପ୍ରକୋଷ୍ଠଟିର ଗୋଟିଏ କୋଣରେ ଚା' ଓ କଫିର ସରଞ୍ଜାମ । ଅପେକ୍ଷାରତ ମଣିଷ ମାନଙ୍କୁ ମାଗଣାରେ ଉଷ୍ଣପାନୀୟ ଯୋଗାଇ ଦେଉଥିଲା ହସ୍‌ପିଟାଲ୍ । ସାରାଦିନ, ଇଲେକ୍‌ଟ୍ରିକ ହିଟରରେ ଫୁଟନ୍ତ ଗରମ ପାଣି । ସାନ ସାନ ପ୍ୟାକେଟ୍‌ରେ କଫିଗୁଣ୍ଡ, ଟି ବ୍ୟାଗ୍, ଶର୍କରା ଓ କ୍ରିମ୍‌ର ବା ଦୁଧ । ଟେବୁଲ୍ ଉପରେ ଥାକମରା ଥର୍ମୋକଲର ଗ୍ଲାସ୍ ତଥା ପ୍ଲାଷ୍ଟିକ ଚାମଚମାନ । ଗ୍ଲାସରେ ଗରମପାଣି ନେଇ, କଫି ବା ଟି ବ୍ୟାଗ ପକାଇ ଚିନି ଓ କ୍ରିମର୍ ଗୋଳାଇ ଦେଲେ, ପାନୀୟ ତିଆରି ମୁହୂର୍ତ୍ତକରେ ।

ଏଇ ଲାଉଞ୍ଜର, ଠିକ୍ ପ୍ରବେଶଦ୍ୱାର ପାଖରେ ଥିବା ବଡ ଟେବୁଲ୍‌ଟି ସାମ୍ନାରେ ଚୌକୀଟିଏ ପକାଇ ବସୁଥିଲେ ଆନ୍ ଜନ୍‌ସନ୍ । ତାଙ୍କର ନିୟମିତ କର୍ମସୂଚୀ ଥିଲା ଏଇଭଳି । ନିଜେ ଗାଡି ଚଳାଇ ହସ୍‌ପିଟାଲ୍ ଆସୁଥିଲେ ପ୍ରତ୍ୟହ ସକାଳ ଆଠଟାରେ — ଘଣ୍ଟା କଣ୍ଟା ମିନିଟ୍ କଣ୍ଟା ମିଳାଇ । ପହଞ୍ଚିଯାଇ ଫୁଲପକା ଟିସୁପେପରରେ ଅନେକ ସମୟ ଧରି ଘଷି ଘଷି ପୋଛୁଥିଲେ ଚୌକୀ ଓ ଟେବୁଲ୍ ତକ । କାଗଜପତ୍ର, ପତ୍ରିକା ସଜାଡ଼ିକି ରଖୁଥିଲେ । ଚା'କଫି ପାଇଁ ପାଣି ଗରମ କରୁଥିଲେ । ଚା' କଫିର ପ୍ୟାକେଟ୍ ସରିଯାଇଥିଲେ, ନୂଆପ୍ୟାକେଟ୍ ଆଣି ସଜାଇ ରଖୁଥିଲେ କାଚ ଆଲମାରୀରେ । ଅଇଁଠା ଗ୍ଲାସ୍ ଓ ଚାମଚ ଜମାହେଉଥିବା ଟ୍ରାସ୍‌କ୍ୟାନ୍‌ଟି ସଫା ଅଛି ନା ନାଇଁ ପର୍ଯ୍ୟବେକ୍ଷଣ କରୁଥିଲେ ଏବଂ ଶେଷକୁ ନିଜ ସିଟ୍‌କୁ ଫେରିଯାଇ, ଟେଲିଫୋନ୍ ଡିଉଟି କରୁଥିଲେ ସାରାଦିନ ।

ଆମେରିକାରେ ଟେଲିଫୋନ୍‌ଟି ବ୍ୟବହୃତ ହୁଏ ବହୁଳ ପରିମାଣରେ । ଆଇ.ସି.ଇଉରେ ଥିବା ରୋଗୀମାନଙ୍କର ଖବରାଖବର ଜାଣିବାପାଇଁ ଅନବରତ ଫୋନ୍ ଆସୁଥିଲା ହସ୍‌ପିଟାଲ୍‌କୁ - ସେମାନଙ୍କର ପରିବାରବର୍ଗ, ପାଖପଡୋଶୀ ତଥା ଶୁଭାକାଂକ୍ଷୀ ମାନଙ୍କଠାରୁ। ଦୂରଦୂରାନ୍ତରର ପ୍ରିୟପରିଜନମାନଙ୍କଠାରୁ ମଧ୍ୟ । ଅପେକ୍ଷାରତ ପରିଦର୍ଶକ ମାନଙ୍କ ପାଇଁ ମଧ୍ୟ ଘରର ଅନ୍ୟ ସଦସ୍ୟମାନଙ୍କଠାରୁ ଫୋନ୍ ଆସୁଥିଲା ବାରମ୍ବାର । ଏବଂ ଦିନଯାକ ଫୋନ୍ ଉଠାଉଥିଲେ ଆନ୍ ଜନ୍‌ସନ୍ । ପାଟି କରି ଡାକୁଥିଲେ — ପିଟର୍ସନ୍ ପରିବାରର କେହି ଅଛନ୍ତି କି ଏଠି ? ମିଷ୍ଟର୍ ଜନ୍ ପିଟର୍ସନ ? ଆପଣଙ୍କ ଘରୁ ଟେଲିଫୋନ୍ ।

Digitized by srujanika@gmail.com

ଶୀଘ୍ର ଆସନ୍ତୁ । କିମ୍ବା - ଏଠି ମିସେସ୍ ମିଶ୍ର କିଏ ଅଛନ୍ତି ? ଇଣ୍ଡିଆରୁ ଆସିଥିବା ମିସେସ୍ କାନନ ମିଶ୍ର । ଆପଣଙ୍କ ପୁଅର ଟେଲିଫୋନ୍ । ନିଅନ୍ତୁ କଥା କହନ୍ତୁ । ମୁହୂର୍ତ୍ତଟିଏ ନିଶ୍ୱାସ ମାରିବାକୁ ଫୁର୍ସତ ନଥିଲା ଆନ୍ ଜନ୍‌ସନ୍‌ଙ୍କର ।

ଏବଂ ମୁଁ ଦେଖୁଥିଲି, ସାରାଦିନ କାମ କରି, ଡିଉଟି ଶେଷ ହେଇା ବେଳକୁ ଆନ୍ ଜନ୍‌ସନ୍ ବେଶ୍ କ୍ଳାନ୍ତ ହୋଇ ପଡୁଥିଲେ । ଥିଲେ ବୟୋଜ୍ୟେଷ୍ଠା ଓ ସଚରାଚର ଦେଖିବାକୁ ମିଳୁଥିବା ସ୍ୱାସ୍ଥ୍ୟବତୀ, ଦୀର୍ଘାଙ୍ଗୀ ଆମେରିକାନ୍ ମହିଳାମାନଙ୍କ ଭିତରେ ଏକ ବ୍ୟତିକ୍ରମ । ବଣିଚଢ଼େଇ ପରି ଅତିମାତ୍ରାରେ କୃଶ, କ୍ଷୀଣାଙ୍ଗୀ, ସାନ ମଣିଷଟିଏ ।

ମୁହଁର ରଂଗ ଥିଲା ଅଳତାମିଶା ଇହୁଣୀ ପରି, କିନ୍ତୁ ବୟସର ଅଜସ୍ର ବଳିରେଖା ପଡିଥିଲା ସେ ଗୋଲାପି ମୁହଁରେ । ବିଶେଷତଃ ଓଠ ଓ ଆଖିକୋଣରେ । ଝୋଟାକୋଟା ହୋଇ ଝୁଲି ପଡିଥିଲା ବେକର ଚମଡା । ଶୀର୍ଣ୍ଣ କଟି ତଟରେ ବେଲ୍ଟରେ ବନ୍ଧା ହୋଇ ଓହଳିଥିଲା ପ୍ଲାଷ୍ଟିକ୍‌ର ସାନ, ହାଲୁକା ଅମ୍ଳଜାନ ସିଲିଣ୍ଡରଟିଏ । ସେ ସିଲିଣ୍ଡରର ନଳୀ ଆସି ଲାଗିଥିଲା ନାକ ପାଖରେ । ନିଶ୍ଚିତଭାବରେ, ଫୁସ୍‌ଫୁସ୍ ଦୁଇଟି ଯାକ ଥିଲା ଅକାମୀ । ବିନା ଅକ୍ସିଜେନ୍‌ରେ ଚଳପ୍ରଚଳ ହେବା ଥିଲା ଅସମ୍ଭବ ।

ଆନ୍ ଜନ୍‌ସନ୍ ଥିଲେ ଗୋଟିଏ ପୂରାପୂରି ଶୃଙ୍ଖଳାବଦ୍ଧ ଓ ନିୟମନିଷ୍ଠ ମଣିଷ । ବେକାରରେ କଥା କହୁନଥିଲେ କିମ୍ବା ସମୟର ଅପଚୟ କରୁ ନଥିଲେ । ନିଜ କାମଟି କରୁଥିଲେ ମନ ଲଗାଇ – କର୍ତ୍ତବ୍ୟ ତାଙ୍କ ପାଇଁ ଥିଲା ଏକ ପୂଜା ସଦୃଶ । ବେଶଭୂଷା ପ୍ରତି ଥିଲେ ଉଦାସୀନ । ପିନ୍ଧୁଥିଲେ ଆଣ୍ଠୁତଳ ପର୍ଯ୍ୟନ୍ତ ଲମ୍ବି ଆସିଥିବା ବିନା ଇସ୍ତ୍ରୀର ସାଧାରଣ ଛାପା କନାର ସ୍କର୍ଟ ଓ ଢୋଲା ଟି-ସାର୍ଟ । ଟି-ସାର୍ଟ ଉପରେ ବେକରେ ପିନ୍ଧା ସରୁ ଚେନ୍‌ରୁ ଝୁଲୁଥିଲା ଲକେଟ୍‌ଟିଏ - ଏକ ଦେବଦୂତଙ୍କର ପ୍ରତିକୃତି ।

ଏମିତିରେ ଆନ୍ ଜନ୍‌ସନ୍ ଥିଲେ ମିତଭାଷୀ ଓ ଗମ୍ଭୀର ପ୍ରକୃତିର । କିନ୍ତୁ ଦୁଇଦିନ ଏକାଦିକ୍ରମେ ଲାଉଞ୍ଜରେ ମୋତେ ବସିଥିବାର ଦେଖି ଦିନେ ନିଜେ ଆସି ମୋ ସହିତ ଆଳାପ କରିଥିଲେ । ଦିନ ଦିନ ଧରି, ସବୁ ଆମେରିକାନ୍ ମଣିଷଙ୍କ ଭିତରେ ଏକୁଟିଆ ବସିଥିବା, ବିଷନ୍ନ ଓ ବିପନ୍ନ ଶାଢ଼ୀପିନ୍ଧା ବିଦେଶିନୀଟି ପ୍ରତି କିଛିଟା ଉତ୍ସୁକତା ବା ସମ୍ବେଦନା ତାଙ୍କ ମନରେ ଜାଗ୍ରତ ହୋଇଥିଲା ନିଶ୍ଚୟ ।

— ଆପଣ ଇଣ୍ଡିଆନ୍ ନା ?

— ହଁ ।

— ଆମେରିକା କାହିଁକି ଆସିଛନ୍ତି ?

— ବୁଲିବାକୁ । ପୁଅ ଅଛି ତ !

Digitized by srujanika@gmail.com

— ଏଠି ଆଇ.ସି.ଇଉରେ ଯେ !

— ଏଠି ପହଞ୍ଚିଲା ପରେ ଅଚାନକ ମୋ ସ୍ୱାମୀ ଅସୁସ୍ଥ ହୋଇ ପଡିଛନ୍ତି ।

— ଆହା ! ବ୍ୟସ୍ତ ହୁଅନ୍ତୁନି । ଭଗବାନ୍ ନିଶ୍ଚିତରୂପେ ଆପଣଙ୍କର ସହାୟ ହେବେ ।

ଏଇ ଥିଲା ଆନ୍‌ଜନ୍‌ସନ୍‌ଙ୍କ ସହିତ ମୋ'ର ଆଳାପର ମଙ୍ଗଳାଚରଣ । ଯା ପରେ ମଝିରେ ମଝିରେ, ସମୟ ପାଇଲେ, ଆନ୍ ଜନ୍‌ସନ୍ ଆସି କଥା କହୁଥିଲେ ମୋ' ସହିତ । କିଛି ପରିମାଣରେ ସଖ୍ୟ ଓ ଅନ୍ତରଂଗତା ମଧ ହୋଇଥିଲା ଆମ ଦୁହିଙ୍କ ଭିତରେ ।

— ଆପଣଙ୍କ ସ୍ୱାମୀ କଅଣ କରନ୍ତି ? ଦିନେ ପଚାରିଥିଲି ।

— ଗତ ଜୁନ୍‌ରେ ଗାବ୍ରିଏଲ୍‌ଙ୍କର ଦେହାନ୍ତ ହୋଇ ଯାଇଛି । ଅତ୍ୟନ୍ତ ଅମାୟିକ ମଣିଷ ଓ ହୃଦୟବାନ୍ ସ୍ୱାମୀ ଥିଲେ ଗାବ୍ରିଏଲ୍ ।

— ଓଃ । ଦୁଃଖିତ । କିନ୍ତୁ କଅଣ ହୋଇଥିଲା ?

— କିଛି ନୁହେଁ । ବାର୍ଦ୍ଧକ୍ୟ । ଅଶି ଉପରେ ବୟସ ହୋଇଥିଲା । ମତେ ଅଠସ୍ତରି । ମୋ ଠାରୁ ଚାରି ପାଞ୍ଚ ବର୍ଷ ବଡ ଥିଲେ ।

— ଆପଣଙ୍କର ସନ୍ତାନ ସନ୍ତତି ?

— ମୋର ତିନୋଟି କନ୍ୟା । ସଭିଏଁ ବିବାହିତା । ଦୁଇଜଣ ଥାଆନ୍ତି ଫ୍ଲୋରିଡାରେ, ଆଉ ଜଣେ ଏଇଠି ପାଖରେ । ଅନ୍ୟ ଏକ ସାନ ସହରରେ ।

— ଏକଲା ରହନ୍ତି ? ସମୟ କେମିତି କଟେ ?

— ନା, ନା, ଅସୁବିଧା କିଛି ହୁଏନି । ମୋ'ର ତିନୋଟି ପୋଷ୍ୟ ଅଛନ୍ତି । ଗୋଟିଏ କୁକୁର ଗ୍ୟାରି ଓ ଦୁଇଟି ବିଲେଇ – ସ୍ମୋକି ଓ ଚେଲ୍‌ସି । ସେମାନଙ୍କୁ ନେଇକି ମୋର ବେଳ ବେଶ୍ କଟିଯାଏ । ଚମତ୍କାର ପେଟ୍ ତିନୋଟି ମୋର । ମୋର ପ୍ରିୟ ସନ୍ତାନପରି। ମୁଁ ହସ୍‌ପିଟାଲ୍‌ରୁ ଫେରିଲା ବେଳକୁ ସେମାନେ ପ୍ରତିଦିନ କବାଟ ପାଖରେ ମୋ' ପାଇଁ ଅପେକ୍ଷା କରି ବସି ରହିଥାଆନ୍ତି । ଅତ୍ୟନ୍ତ ବିଶ୍ୱସ୍ତ ସେମାନେ ।

ତାଙ୍କ ଅଣ୍ଟାପାଖରେ ଝୁଲିରହିଥିବା ଅକ୍ସିଜେନ୍ ସିଲିଣ୍ଡରଟି ଦେଖାଇ ଆନ୍ ଜନ୍‌ସନ୍‌ଙ୍କୁ କହିଲି – ଏଭଳି ସିଲିଣ୍ଡରଟିଏ ସାଥିରେ ନେଇ ଚଳପ୍ରଚଳ ହେବା ମୁଁ ପ୍ରଥମ କରି ଦେଖିଲି ଏ ଦେଶରେ ।

— ଏହା ତ ଏଠି ନିହାତି ସାଧାରଣ କଥା । ରାସ୍ତା ଘାଟରେ ଅନେକ ଶ୍ୱାସରୋଗୀଙ୍କୁ ସିଲିଣ୍ଡର ସାଥିରେ ନେଇ ଘୁରିବୁଲିବାର ଦେଖିବେ ଆପଣ ।

Digitized by srujanika@gmail.com

– ଆପଣ ବି କଅଣ ଆଜ୍‌ମାରେ ପୀଡ଼ିତ ?

– ନା ନା, ମୋର ଅନ୍ୟ ବେମାରି । ଫାଇବ୍ରୋସିସ୍ ଅଫ୍ ଦି ଲଙ୍ଗ୍‌ସ୍ । ବିନା ଅକ୍ସିଜେନ୍‌ରେ ମୃତ୍ୟୁ ହୋଇପାରେ । ଫୁସ୍‌ଫୁସ୍ ଯୋଡ଼ିକଯାକ ତାଙ୍କର ନମନୀୟତା ହରାଇ ଅନେକାଂଶରେ ଜମାଟ ବାନ୍ଧି ଯାଇଛନ୍ତି ।

– ବେମାରିଟି ଧରା ପଡିଲା କେମିତି ?

– ଗତ ଏପ୍ରିଲ୍‌ମାସରେ ମୋର ଏକ ବଡଧରଣର ଅପରେସନ୍ ହୋଇଥିଲା । କାନ୍‌ସର । ଜରାୟୁରେ । ଅପରେସନ୍ ପୂର୍ବରୁ ରୁଟିନ୍ ମାଫିକ୍ କେତେଗୁଡ଼ିଏ ପରୀକ୍ଷା କରିବାକୁ ପଡେ । ବ୍ରୋଙ୍କଗ୍ରାମ୍ ତନ୍ମଧ୍ୟରୁ ଗୋଟିଏ । ସେଇଥିରୁ ଇ ଧରାପଡିଲା ଫାଇବ୍ରୋସିସ୍ । ଫୁସ୍ ଫୁସ୍ ଦୁଇଟି ନଷ୍ଟପ୍ରାୟ । ଆଗରୁ ଅବଶ୍ୟ କଷ୍ଟ ହେଉଥିଲା । କିନ୍ତୁ କାରଣଟି ଜାଣିପାରି ନଥିଲି ।

ଆନ୍ ଜନ୍‌ସନ୍‌ଙ୍କ କଥା ଶୁଣି ବିସ୍ମିତ ହୋଇଥିଲି । ତାଙ୍କ ପାଇଁ ବ୍ୟଥିତ ଏବଂ ଦୁଃଖୀ ମଧ । ଅଠସ୍ତରୀ ବର୍ଷ ବୟସରେ କାନ୍‌ସର୍ ଅପରେଶନ୍ । କ୍ଷୟିଷ୍ଣୁ ରୋଗଗ୍ରସ୍ତ ଫୁସ୍‌ଫୁସ୍ । ତହିଁରେ ଜୀବିକାର୍ଜନ ପାଇଁ ଚାକିରି କରୁଛନ୍ତି ହସ୍‌ପିଟାଲ୍‌ରେ । ଦୁଃଖ ଓ କଷ୍ଟର ଯେମିତି ଶେଷ ନାହିଁ ତାଙ୍କର । ବହୁବାର ଶୁଣିଥିବା ରଟନାଟି – ଯେ ଆମେରିକାନ୍ ସନ୍ତାନସନ୍ତତି ମାନେ ବୃଦ୍ଧ ପିତାମାତାଙ୍କ ପ୍ରତି ଆଦୌ ସମ୍ବେଦନଶୀଳ ନୁହନ୍ତି – ମନ ଭିତରେ ସୁଦୃଢ଼ ହେଲା ଆଉ ଟିକିଏ ।

ଭାବିଲି, ତିନି ତିନୋଟି ଯୋଗ୍ୟ ସନ୍ତାନ ଆନ୍ ଜନ୍‌ସନଙ୍କର । ଅଥଚ ଏ ବୟସରେ ସିଏ ସଂପୂର୍ଣ୍ଣ ଏକାକିନୀ । ଜଣେ କେହି ସାମାନ୍ୟ ଆର୍ଥିକ ସହଯୋଗ ଦେବାକୁ କିମ୍ବା ପାଖରେ ନେଇ ତାଙ୍କୁ ରଖିବାକୁ ପ୍ରସ୍ତୁତ ନୁହନ୍ତି । ଆମେରିକା ତୁଳନାରେ ନିଜ ଦେଶକୁ ଓ ନିଜକୁ ମହାନ୍ ମନେ ହେଲା । ମନକୁ ମନ କହିଲି – ମୋ ଦେଶରେ କୌଣସି ପୁତ୍ରକନ୍ୟା କେବେ ହେଲେ ଅଶିବର୍ଷର ଜନନୀକୁ ପେଟ ପୋଷିବା ପାଇଁ ଚାକିରି କରିବାକୁ ଅନ୍ତତଃ ପଠାଇବନି ।

ଶେଷ କଥାବାର୍ତ୍ତା ଆନ୍ ଜନ୍‌ସନଙ୍କ ସହିତ ହୋଇଥିଲା ବିନୟ ହସ୍‌ପିଟାଲ୍‌ରୁ ଛାଡ଼ ପାଇବା ଦିନ । ଘରକୁ ଫେରିବା ପୂର୍ବରୁ ଯାଇଥିଲି ଆନ୍ ଜନ୍‌ସନଙ୍କ ସହିତ ଦେଖା କରିବାକୁ ।

ବିନୟଙ୍କ ସ୍ୱାସ୍ଥ୍ୟୋନ୍ନତିର ଖବର ଶୁଣି ଖୁସି ହୋଇଥିଲେ ଆନ୍ । କହିଥିଲେ 'ଗଡ୍ ଇଜ୍ ଗ୍ରେଟ୍' । ତାଙ୍କ ସହିତ କରମର୍ଦ୍ଦନ କରି କହିଲି – ଆପଣଙ୍କର ସ୍ନେହ ଓ ସହାନୁଭୂତି ପାଇଁ ମୁଁ ଚିର କୃତଜ୍ଞ ।

Digitized by srujanika@gmail.com

ଆନ୍ ଜନ୍‌ସନ୍ କହିଲେ – କୃତଜ୍ଞ ହେବାର କୌଣସି କାରଣ ନାହିଁ । ଦୁଃସ୍ଥ ଓ ଦୁଃଖୀ ଲୋକମାନଙ୍କ ପ୍ରତି ସମ୍ବେଦନଶୀଳ ହେବା ତ ପ୍ରତ୍ୟେକ ମଣିଷର ଧର୍ମ । ବେଳେ ବେଳେ ମନେ ହୁଏ, ପୃଥିବୀରେ ସଭିଏଁ ସୁଖୀ ଓ ନିରାମୟ ହୋଇ ରହିପାରନ୍ତେ କି ?

– ଭାରତବର୍ଷ ଫେରିଗଲେ ବି ଆପଣଙ୍କ କଥା ବହୁତ ମନେପଡ଼ିବ । କିନ୍ତୁ ଫେରିଯିବା ଆଗରୁ ମୁଁ ଗୋଟିଏ କଥା ଆପଣଙ୍କୁ କହିବାକୁ ଚାହେଁ । ଦୟାକରି କିଛି ମନେ କରିବେନି ।

– ଆରେ ନା ନା ! ମନେ କରିବି କାହିଁକି ? ଆପଣ ସ୍ୱଚ୍ଛନ୍ଦରେ କଥାଟି କହିପାରନ୍ତି ।

– ଆପଣ ବେଶ୍ ଅସୁସ୍ଥ ଓ କ୍ଳାନ୍ତ । ଏବେ ଆପଣଙ୍କର ଆରାମ ଦରକାର । ଚାକିରିଟି କଅଣ ନକଲେ ନଚଳେ ?

– ଚାକିରି ? ମୁଁ ତ ଏଠି ଚାକିରି କରେନି । ବିସ୍ମୟରେ ପିଙ୍ଗଳ ଆଖିଡୋଳା ଦୁଇଟି ଗୋଲ୍ ଗୋଲ୍ କରି ଆନ୍ ଜନ୍‌ସନ୍ ମୋତେ କହିଲେ ଏବଂ ତତୋଽଧିକ ବିସ୍ମିତ ହୋଇ ମୁଁ ତାଙ୍କୁ ପଚାରିଲି – ତା ହେଲେ ?

– ମୁଁ ଏଇ ହସ୍‌ପିଟାଲ୍‌ରେ ନର୍ସ ଥିଲି । ଏକ୍ସ-ରେ ବିଭାଗରେ । ଅନେକ ବର୍ଷ ଆଗରୁ ଅବସର ଗ୍ରହଣ କରିଛି ଏବଂ ରିଟାୟାର୍‌ମେଣ୍ଟ ପରଠାରୁ ମୁଁ ଏଇଠି ଆଇ.ସି.ଇଉ.ର ଲାଉଞ୍ଜ୍‌ରେ ଆସି ସ୍ୱେଚ୍ଛାସେବୀ ଭାବରେ କାମ କରୁଛି । ନିୟମିତ ଏବଂ ଖୁସିମନରେ ।

– ସ୍ୱେଚ୍ଛାସେବୀ ?

– ହଁ, ଭଲେଣ୍ଟିୟର୍ । ଆମର ଏଠି ସେ ବ୍ୟବସ୍ଥା ଅଛି । ଯେ କୌଣସି ବ୍ୟକ୍ତି ଚାହିଁବ, ଭଲେଣ୍ଟିଅର୍ ହିସାବରେ ହସ୍‌ପିଟାଲ୍‌ର କୌଣସି ଏକ ବିଭାଗରେ କାମ କରିପାରିବ । ଆପଣ ଦେଖି ନାହାନ୍ତି ? ତଳମହଲାରେ, ଠିକ୍ ଲିଫ୍‌ଟ୍ ପାଖ କାଛଟିରେ ଏଇ ମର୍ମରେ ଗୋଟିଏ ବିଜ୍ଞାପନର ଫଳକ ଟଙ୍ଗା ହୋଇଛି ।

– ସତରେ ? ମୁଁ ଲକ୍ଷ୍ୟ କରିପାରିନି ।

– ମୁଁ ହସ୍‌ପିଟାଲ୍‌ରୁ ପାରିଶ୍ରମିକ ନିଏନି । ଘରେ ବସି ବେକାର ଭାବରେ ସମୟର ଅପଚୟ କରିବା ଅପେକ୍ଷା ଲୋକମାନଙ୍କ ପାଇଁ, ସମାଜ କଲ୍ୟାଣ ପାଇଁ କିଛି କାମ କଲେ ବରଂ ମୋତେ ଶାନ୍ତି ମିଳେ । ଝିଅଜ୍ୱାଇଁମାନେ ଡାକ୍ତର, ସଭିଏଁ ପ୍ରତିଷ୍ଠିତ । ମୋତେ ପାଖରେ ନେଇ ରଖିବାକୁ ବି ଇଚ୍ଛୁକ । ସବୁଦିନ ରାତିରେ ସେମାନଙ୍କର ଫୋନ୍ ଆସେ । ମୁଁ କିନ୍ତୁ କାହା ପାଖକୁ ଯାଏନି । ସ୍ୱାଧୀନ ଭାବରେ ରହିଛି । ଭଲ ଅଛି । ନିହାତି ଅଚଳ ଅବସ୍ଥା ଆସିଲେ ଦେଖାଯିବ ।

Digitized by srujanika@gmail.com

ମୁଗ୍ଧ ହୋଇଥିଲି ଆନ୍ ଜନ୍‌ସନଙ୍କ କଥା ଶୁଣି । ତାଙ୍କ ଦେଶପ୍ରତି ତଥା ତାଙ୍କ ସନ୍ତାନମାନଙ୍କ ପ୍ରତି ମନରେ ପ୍ରତିପାଳନ କରିଥିବା ଭ୍ରାନ୍ତ ଧାରଣା ଯୋଗୁ କିଞ୍ଚିତ୍ ଲଜ୍ଜିତ ହେଲି ମଧ୍ୟ । କହିଲି - ଆପଣଙ୍କ ଦେଶର ଏଇ ଭଲେଣ୍ଟିଅର୍ ବ୍ୟବସ୍ଥାଟି କିନ୍ତୁ ଭାରି ଚମତ୍କାର । ନାଗରିକମାନଙ୍କର ବିଭିନ୍ନ ସାମାଜିକ ଅନୁଷ୍ଠାନରେ ସ୍ୱେଚ୍ଛାସେବୀ ଭାବରେ କାମ କରିବାର ସ୍ପୃହାଟି ମଧ୍ୟ ପ୍ରଶଂସନୀୟ ।

– ଆପଣଙ୍କ ଦେଶରେ ଏଭଳି ବ୍ୟବସ୍ଥା ନାହିଁ ? ଦରକାର ପଡ଼ିଲେ ଆପଣ କଅଣ କୌଣସି ଜାଗାରେ ଭଲେଣ୍ଟିୟର୍ କାମ କରିପାରିବେନି ? ଆନ୍ ଜନ୍‌ସନ୍ ମୋତେ ପଚାରିଲେ । ଏବଂ ଆନ୍ ଜନ୍‌ସନଙ୍କୁ କୌଣସି ଉତ୍ତର ନ ଦେଇ ମୁଁ ନୀରବରେ ତଳକୁ ମୁହଁ ପୋତି ଛିଡ଼ା ହେଲି । କାରଣ ଆନ୍ ଜନ୍‌ସନଙ୍କ ଦୁଇଟି ଯାକ ପ୍ରଶ୍ନର ଉତ୍ତରରେ 'ନା' ବୋଲି କହିବାକୁ ପଡିଥାଆନ୍ତା ଏବଂ ତାହା କରିବା ପାଇଁ ମୋତେ ଲାଜ ଲାଗିଥିଲା ।

ମୁହଁ ଟେକି ଆନ୍ ଜନ୍‌ସନ୍‌ଙ୍କୁ ଚାହିଁଲି । ଆଖି ପଡିଲା ତାଙ୍କର ଟି-ସାର୍ଟ ଉପରେ ପଡିଥିବା ଚେନ୍‌ବନ୍ଧା ଲକେଟ୍‌ର ଦେବଦୂତଙ୍କର ପ୍ରତିକୃତି ଉପରେ । ଏବଂ ଆଶ୍ଚର୍ଯ୍ୟର କଥା, ସେ ଦେବଦୂତଙ୍କ ମୁହଁରେ ମୁଁ ଯେମିତି ଆନ୍ ଜନ୍‌ସନଙ୍କ ମୁହଁର କିଛିଟା ସାମଞ୍ଜସ୍ୟ ଦେଖିବାକୁ ପାଇଲି ।

ମୋର ଆଉ ବିଶେଷ କିଛି କହିବାର ନଥିଲା । ଆନ୍ ଜନସନ୍‌ଙ୍କ ଠାରୁ ବିଦାୟ ନେଇ ପାଦ ବଢାଇଲି ଲାଉଞ୍ଜ୍ ବାହାରକୁ । ନିଃଶବ୍ଦ ଲମ୍ବା କରିଡୋର୍‌ରେ ଚାଲି ଚାଲି ଆସିଲା ବେଳକୁ କାନରେ ପଡିଲା ଆନ୍ ଜନ୍‌ସନଙ୍କର କଣ୍ଠସ୍ୱର।ସବୁଦିନ ପରି ବଡପାଟିରେ ଡାକୁଥିଲେ – ସ୍ମିଥ୍ ପରିବାରର କେହି ଅଛନ୍ତି କି ଏଠି ? ମିଷ୍ଟର୍ ଆଡମ୍ ସ୍ମିଥ୍ । ଆପଣଙ୍କ ପାଇଁ ଟେଲିଫୋନ୍ । ଶୀଘ୍ର ଆସନ୍ତୁ ।

ଏପ୍ରିଲ୍, ୨୦୦୦

000

Digitized by srujanika@gmail.com

# ସ୍ୱପ୍ନର ବଣିକ

ଗୋଟିଏ ଝିଅର ନାଁ ଯେ ଏପ୍ରିଲ୍ ହୋଇପାରେ, ମୁଁ କେବେ ହେଲେ କଳ୍ପନା କରି ପାରିନଥିଲି । କିନ୍ତୁ ତାକୁ ନିରେଖି ଦେଖି ସାରିଲା ପରେ ମନେହେଲା, ଏ ଝିଅର ନାଁ ଅନ୍ୟକିଛି ନହୋଇ କେବଳ ଏପ୍ରିଲ୍ ଇ ହୋଇପାରେ । ମାର୍ଚ୍ଚ ଓ ଏପ୍ରିଲ୍ ମିଶାମିଶି ହୋଇ ତ ଋତୁ ବସନ୍ତର ଜନ୍ମ । ବାସନ୍ତୀ ଏପ୍ରିଲ୍ ଯଦି ତାର ସମସ୍ତ ରୂପ, ରଂଗ ଓ ବୈଭବକୁ ସାଥିରେ ନେଇ ଅଚାନକ କେବେ ମାନବୀରୂପ ଧାରଣ କରିବସେ, ତାହେଲେ ଠିକ୍ ଏଇଭଳି ରୂପାମ୍ବିକାଟିଏ ସୃଷ୍ଟି ହେବ ଅବା !

ଏପ୍ରିଲ୍ ସହିତ ମୋର ପରିଚୟ ଯୁକ୍ତରାଷ୍ଟ୍ର ଆମେରିକାର ମିସିଗାନ୍ ପ୍ରଦେଶ ସ୍ଥିତ ପ୍ରଖ୍ୟାତ ସ୍ପାରୋ ହସ୍ପିଟାଲ୍‌ରେ । ସେଠାର ବିଶ୍ରାମାଗାର ବା ଲାଉଞ୍ଜ୍‌ରେ ଦେଖୁଥିଲି ବେଶ୍ କେତେ ଦିନ ଧରି ସାରା ସନ୍ଧ୍ୟା ଝିଅଟି ଆସି ଚୁପ୍‌ଚାପ୍ ବସି ରହୁଥିଲା ଗୋଟିଏ କୋଣରେ । ମିଠା ଚେହେରାର ଲାବଣ୍ୟମୟୀ ଝିଅଟିଏ । ବଡ ବଡ ନୀଳଡୋଳା । ଗ୍ରୀବା, ବାହୁ ଓ ସାନଧଳା ହାଫ୍‌ପ୍ୟାଣ୍ଟ ତଳେ ଦିଶୁଥିବା ନିର୍ଲୋମ ଜଙ୍ଘର କିୟଦଂଶ ପ୍ରତୀତ ହେଉ ଥିଲା ସାଦା ମାର୍ବଲ୍‌ରେ ଖୋଦେଇ ହେଲା ପରି । ହାତର ଆଙ୍ଗୁଳିତକ ସତେ ଅବା ଲମ୍ବ ଲମ୍ବ ରଜନୀଗନ୍ଧାର କଢ଼ । ଡାହାଣ ହାତର ବର୍ତ୍ତୁଳ କଟଟିରେ ଚିକ୍ ଚିକ୍ କରୁଥିଲା ସରୁସୁନା ଚେନ୍‌ର ବ୍ରେସ୍‌ଲେଟ୍‌ଟିଏ । ଟଟକା ସୂର୍ଯ୍ୟମୁଖୀ ଫୁଲ ପରି ଟୋରା ଓ ଉଜ୍ଜ୍ୱଳ ଦିଶୁଥିଲା ଝିଅଟି ତା ଷୋଡ଼ଶିଫୁଲିଆ ଜାକେଟ୍‌ଟି ପିନ୍ଧି ପକାଇଲେ ।

ଲାଉଞ୍ଜଟି ସାଧାରଣତଃ ଖାଲି ହୋଇଯାଉଥିଲା ରାତି ଦଶଟା ସୁଦ୍ଧା । ରୋଗୀମାନଙ୍କର ଅପେକ୍ଷାରତ ବନ୍ଧୁକୁଟୁମ୍ବ କୌଣସି ଆପତ୍‌କାଳୀନ ପରିସ୍ଥିତି ପାଇଁ ସ୍ୱ ସ୍ୱ ଟେଲିଫୋନ୍ ନମ୍ବର ଆଇ.ସି.ୟୁରେ ଗଚ୍ଛିତ ରଖି ଫେରିଯାଉଥିଲେ ନିଜ ନିଜ ବାସ ଭବନକୁ । କେବଳ ମୁଁ ବସି ରହୁଥିଲି ଲାଉଞ୍ଜ୍‌ରେ ସାରା ରାତି ।

ସେଦିନ କିନ୍ତୁ ଲାଉଞ୍ଜ୍ ଖାଲି ହୋଇ ସାରିଲାପରେ ଦେଖିଲି ଝିଅଟି ମଧ ବସି ରହିଛି ହଲ୍‌ରେ - ହାତରେ ପତ୍ରିକାଟିଏ ଧରି । ତା'ପାଖକୁ ଯାଇ ଆଳାପ କରିବାର ଲୋଭ ସମ୍ବରଣ କରିପାରିନଥିଲି ।

ମୁଁ ମୋ ପରିଚୟ ଦେଇ ସାରିଲାପରେ ଝିଅଟି ବ୍ୟସ୍ତତାର ସହିତ ଘୁଞ୍ଚି ବସି ସୋଫାରେ ଜାଗା କରିଦେଲା ମୋ'ପାଇଁ । ମୃଦୁ ହସି ମତେ କହିଲା - ମୁଁ ଏପ୍ରିଲ୍, ଏବଂ ତା'ପରେ ପରେ ମୋତେ ପଚାରିଲା - ଆପଣଙ୍କର କିଏ ଅଛନ୍ତି ଆଇ.ସି.ୟୁରେ ?

— ମୋ ସ୍ୱାମୀ । ଆଉ ତମର ?

Digitized by srujanika@gmail.com

– ମୋ ମା’ ହୋଲିସ୍ ।

– ତମେ ତ ସବୁଦିନ ଘରକୁ ଫେରିଯାଅ । ଆଜି ରହିଗଇ ଯେ !

– କାଲି ଶନିବାର । ମୋର ଅଫିସ୍ ଛୁଟି । ଟ୍ରେଣ୍ଟର ମଧ । ସକାଳୁ ଉଠି ଦୌଡ଼ିବାର ନାହିଁ । ଭାବିଲି ମା’ ପାଖରେ ରହିଯିବି ରାତିଟା ।

– କେଉଁଠି ଚାକିରି କର ତମେ ?

– ମୁଁ ମିସିଗାନ୍ ଷ୍ଟେଟ୍ ୟୁନିଭର୍ସିଟିର କେମିଷ୍ଟ୍ରି ବିଭାଗରେ ଲାବୋରେଟରୀ ଆସିଷ୍ଟାଣ୍ଟ୍ ।

– ଆରେ ! ମୋ ପୁଅ ବି ତ ସେଇ ବିଶ୍ୱବିଦ୍ୟାଳୟରେ ଅଧାପକ ।

– ସତରେ ? କାଲି ଆସିଲେ ମୋ ସହିତ ଚିହ୍ନା କରେଇ ଦେବେତ !

– ନିଶ୍ଚୟ । ଆଛା ! ତମେ ଯେ କହିଲ ଟ୍ରେଣ୍ଟର ବି ଅଫିସ୍ ଛୁଟି । ଟ୍ରେଣ୍ଟ୍ କିଏ ?

– ମୋ ସ୍ୱାମୀ । ଏଇଠି ଗୋଟିଏ କମ୍ପାନୀରେ କେମିକାଲ୍ ଇଞ୍ଜିନିୟର୍ ।

– ତମେ ବାହା ହୋଇଛ ? ଏତେ କୁନି ଝିଅଟିଏ !

ଝିଅଟି କଳକଳ ହସି ମନ୍ତବ୍ୟ କଲା - ମୁଁ ମୋଟେ କୁନି ନୁହେଁ । ମୋର ବୟସ ପଚିଶ୍ । ଏବଂ ତା’ପରେ ଉଠିପଡ଼ି କହିଲା - ରହନ୍ତୁ । ମୁଁ କଫି ବନାଇ ଆଣେ । କଫି ପିଇ ଆପଣଙ୍କ ସହିତ ଗପକଲେ ସମୟ ବିତିଯିବ । ପ୍ରକୃତରେ ଆପଣ ଇଂରାଜୀ ଜାଣନ୍ତି ବୋଲି ମୁଁ ଭାବି ପାରିନଥିଲି । ନହେଲେ ନିଜେ ଯାଇ ଆପଣଙ୍କ ସହିତ କଥା କହିଥାଆନ୍ତି ।

ଝିଅଟି ତରତର ହୋଇ ଲାଉଞ୍ଜକଡରେ ହସ୍‌ପିଟାଲ ତରଫରୁ ରଖାଯାଇଥିବା କଫି ସରଞ୍ଜାମ୍ ପାଖକୁ ଯାଇ କଫି ତିଆରି କରି ଆଣିଲା ଦୁଇ ଗ୍ଲାସ୍ । ତା’ପାଇଁ ବ୍ଲାକ୍‌କଫି ଓ ମୋ ପାଇଁ କ୍ରିମ୍‌ର ମିଶା । ଏବଂ ଶୀତମିଶା ନିଝୁମ୍ ମଧରାତ୍ରିରେ ଲାଉଞ୍ଜରେ ବସି କଫି ପିଉ ପିଉ ଝିଅଟିଠାରୁ ଶୁଣିଥିଲି ତା’ ମାଆର ଭଗ୍ନସ୍ୱାସ୍ଥ୍ୟ ତଥା ଭଗ୍ନଜୀବନର କାହାଣୀ ।

ଏପ୍ରିଲ୍ କହିଥିଲା – ଗତ କେଇ ଦିନ ହେଲା ହୋଲିସ୍ ଆଇ.ସି.ୟୁରେ ଚିକିତ୍ସିତା । କୌଣସି ଏକ ଦୁର୍ଦ୍ଦାନ୍ତ ଭାଇରସ୍‌ର ଆକ୍ରମଣରେ ତାଙ୍କର ଫୁସ୍‌ଫୁସ୍ ଦୁଇଟି ସମ୍ପୂର୍ଣ୍ଣ ଭାବରେ କାର୍ଯ୍ୟକ୍ଷମତା ହରାଇ ବସିଛି । ସର୍ବପ୍ରକାର ପରୀକ୍ଷାନିରୀକ୍ଷା ଓ କାଟ୍‌ସ୍କାନ୍ ଇତ୍ୟାଦି କରି ସାରିବା ପରେ ମଧ ସଠିକ୍ ଭାଇରସ୍‌ଟିକୁ ଚିହ୍ନଟ କରାଯାଇ ପାରିନି । ଯା’ ଭିତରେ ହୋଲିସ୍‌ର ମସ୍ତିଷ୍କରେ ଭାଇରସ୍‌ର ସଂକ୍ରମଣ ସନ୍ଦେହ କରି ସ୍ପାଇନାଲ୍‌ଟାପ୍ ମଧ କରାଯାଇଛି । ଫୁସ୍‌ଫୁସ୍‌ର କିଛି ଅଂଶ ଏବେ ପଠାଯାଇଛି ଟିସୁକଲଚର୍ ପାଇଁ । ରିପୋର୍ଟ ଆସିଲେ ସଠିକ୍ କାର୍ଯ୍ୟପନ୍ଥା ନିର୍ଦ୍ଧାରିତ ହେବ । ଏବେ ହୋଲିସ୍‌ଙ୍କ ଶ୍ୱାସକ୍ରିୟା ଚାଲିଛି ଭେଣ୍ଟିଲେଟର୍ ଦ୍ୱାରା ।

Digitized by srujanika@gmail.com

ହୋଲିସ୍‌ଙ୍କର ପିତାମାତା ଉଭୟ ହୋଲିସ୍‌ଙ୍କ ଶୈଶବ କାଳରେ ଦୁର୍ବଳ ଫୁସ୍‌ଫୁସ୍ ତଥା ତତ୍‌ଜନିତ ବେମାରି ଯୋଗୁ ଅକାଳରେ ମୃତ୍ୟୁବରଣ କରିଛନ୍ତି । ଡାକ୍ତରମାନଙ୍କର ଆଶଙ୍କା ହୁଏତ ହୋଲିସ୍ ଜନ୍ମସୂତ୍ରରୁ ଇ ରୁଗ୍ଣ ଓ ବଳହୀନ ଫୁସ୍‌ଫୁସ୍‌ର ଅଧିକାରିଣୀ ।

ହୋଲିସ୍‌ଙ୍କ ବେମାରି‌ଟି ନିଶ୍ଚିତଭାବରେ ଥିଲା ଉଦ୍‌ବେଗଜନକ ଏବଂ ଏପ୍ରିଲ୍ ଯେ ତା'ର ଜନ୍ମଦାତ୍ରୀଙ୍କ ପାଇଁ ଅତ୍ୟନ୍ତ କାତର ଓ ବିବ୍ରତ, ତାହା ତା'ର ରୁଦ୍ଧ କଣ୍ଠସ୍ୱର ତଥା ସଜଳ ଆଖିପତାରୁ ବୁଝିପାରିଥିଲି ।

ଏପ୍ରିଲ୍‌କୁ ପଚାରିଲି – ତୁମ ମା'ଙ୍କର ବୟସ କେତେ ?

– ଚଉରାଳିଶ ।

– ଚଉରାଳିଶ୍ ? ବୟସତ ମୋତେ ବେଶୀ ନୁହେଁ ।

– ନା, ବୟସ ବେଶୀ ନୁହେଁ ମା'ର । କିନ୍ତୁ ମା' ଯେ ବହୁତ ବେଶୀ ସିଗ୍ରେଟ୍ ପିଏ । ସିଗ୍ରେଟ୍ ତା'ପାଇଁ ଜହର । ପୂରାପୂରି ମନା । କିନ୍ତୁ ମା' ତାହା ମାନେନି ।

– ତମେମାନେ ନିଷେଧ କରନି ମା'କୁ ?

– କିଏ କରିବ ? ମୁଁ ରହେ ଟ୍ରେଣ୍ଟ୍ ସହିତ ଲାନ୍‌ସିଂରେ । ମୋ ସାନଭାଇ ଚାକିରି କରେ ମିନିଆପଲିସ୍‌ରେ । ମା' ରହେ ପାଖ ସହର ଆନ୍‌ଆର୍‌ବର୍‌ରେ, ଏକା ଏକା ।

– ଏକା ଏକା କାହିଁକି ? ତୁମ ବାପା ନାହାନ୍ତି ପାଖରେ ?

– ବାପା ? ତାଙ୍କ ସହିତ ଆମର ସଂପର୍କ ଛିନ୍ନ । ଅନେକବର୍ଷ ଆଗରୁ ମୋ ବାପା ଜିମ୍ ସହିତ ମା'ର ବିବାହ ବିଚ୍ଛେଦ ହୋଇ ଯାଇଛି । ମା' ବାହାହୋଇଥିଲା କିଶୋରୀ ବୟସରେ । ଏବଂ ବିଭାଘରର ମାତ୍ର କେତୋଟି ବର୍ଷପରେ ବିବାହ ବିଚ୍ଛେଦ । ମୁଁ ଓ ମୋ ଭାଇ ଖୁବ୍ ସାନ ସେତେବେଳେ । ମୋ ମା'ଇ ଆମର ସାରା ଦାୟିତ୍ୱ ବହନ କରି ଆସିଛି ଜୀବନଭର୍ । ଅନେକ କଷ୍ଟ ସହି ବଡ କରିଛି ଆମକୁ ।

– କ୍ଷମା କରିବ । ଅଜାଣତରେ ପ୍ରସଙ୍ଗଟି ଉଠାଇ ତୁମକୁ କଷ୍ଟ ଦେଲି ବୋଧେ ।

– ନା, ନା ଏଥିରେ କଷ୍ଟପାଇବାର କଅଣ ଅଛି ? ଇଏତ ବହୁତ ପୁରୁଣା କଥା । ବରଂ ଏବେ ମା'ର ଏଭଳି ଅବସ୍ଥା ଦେଖି ବେଶୀ କଷ୍ଟ ହେଉଛି ମୋତେ । ଆପଣ ଜାଣନ୍ତିନି, ମୋ ମା' ସାଧାରଣ ଲୋକମାନଙ୍କଠାରୁ ଟିକିଏ ଅଲଗା । ଭାବୁକ ଓ ସ୍ୱପ୍ନପ୍ରବଣ । ଢ଼ଳ ଢ଼ଳ ପାରଦ ପରି ଭାରି ସ୍ପର୍ଶକାତର ମନ ତା'ର । ସେଇଥିପାଇଁ ସାରାଜୀବନ ଦୁଃଖ ପାଇଲା ବୋଧହୁଏ । କଥାଟି କହି ଏପ୍ରିଲ୍ ଚୁପ୍ ହୋଇଗଲା । ବସିରହିଲା ନୀରବରେ, ତଳକୁ ମୁହଁପୋତି । ଏବଂ ଏପ୍ରିଲ୍ ଚେହେରା ସହିତ ସାମଞ୍ଜସ୍ୟ ଥିବା ଗୋଟିଏ ଚପଳା କିଶୋରୀ କନ୍ୟାର ଛବି ବେଶ୍ ସ୍ପଷ୍ଟ ଭାବରେ ମୁଁ ମୋର ମନଶ୍ଚକ୍ଷୁରେ ଦେଖିବାକୁ ପାଇଲି । ବାପା ମା' ନଥିବା ଅସହାୟ ଆଡପାଗଳୀ ଝିଅଟିଏ ।

Digitized by srujanika@gmail.com

ଯିଏକି ଛାନହେବା ଦିନୁ ସ୍ୱପ୍ନ ଦେଖି ଆସିଛି ଏକ କବୋଷ୍ଣ ସୁଖୀ କୁଲାୟର । ଏକ ହୃଦୟବାନ୍ ପ୍ରେମିକ ସ୍ୱାମୀର । କିନ୍ତୁ ଅବଶୋଷ, ଖୁବ୍ ବେଶୀ ସମୟ ଲାଗିନି ସେ ସବୁ ସ୍ୱପ୍ନ ଚୁର୍‌ମାର୍ ହୋଇଯିବାପାଇଁ ।

– ଜିମ୍ ଏବେ କେଉଁଠି ? ମୁଁ ପଚାରିଲି ଏପ୍ରିଲ୍‌କୁ ।

– ମୁଁ ଜାଣେନି । ମା'ଠାରୁ ଅଲଗା ହେଲାପରେ ସିଏ ଦ୍ୱିତୀୟଥର ବିବାହ କରିଛନ୍ତି । ତାଙ୍କର କିଶୋର ପୁତ୍ରଟିଏ ଅଛି ବୋଲି ମଧ ଶୁଣିଛି ।

– ଆଉ ତୁମ ମା ? ତୁମ ମା' ଦ୍ୱିତୀୟ ବିବାହ କରି ନାହାନ୍ତି ?

– ନା, କିନ୍ତୁ ଅନେକ ଅନେକ ବର୍ଷ ଏକାକିନୀ ରହିସାରିଲା ପରେ, ମା' ଏବେ ଗୋଟିଏ ବୟଫ୍ରେଣ୍ଡ୍ ଖୋଜି ପାଇଛି । ପିଏତ୍ରୋ ।

– ପିଏତ୍ରୋ ? ଇଏ ତ ଆମେରିକାନ୍ ନାଁ ନୁହେଁ ।

– ଠିକ୍ କହିଛନ୍ତି, ପିଏତ୍ରୋ ପୋଲାଣ୍ଡର ଲୋକ ।

– ପୋଲାଣ୍ଡର ? ତୁମ ମା'ଙ୍କ ସହିତ ପରିଚୟ ହେଲା କେମିତି ? ମୁଁ ପଚାରିଲି ଏବଂ ଏପ୍ରିଲ୍ ସହିତ କରିଥିବା ବାର୍ତ୍ତାଳାପରୁ ପିଏତ୍ରୋ ସଂପର୍କରେ ଯେଉଁ ସବୁ ତଥ୍ୟ ଜାଣିବାକୁ ପାଇଥିଲି ତାହା ସଂକ୍ଷେପରେ ଥିଲା ଏଇଭଳି ।

ପିଏତ୍ରୋ ପୋଲାଣ୍ଡରୁ ଆମେରିକା ଆସିଥିଲେ ପ୍ରାୟ ଦଶବର୍ଷ ପୂର୍ବେ । କୌଣସି ଗୋଟିଏ ଚାକିରି ନେଇ । ରହୁଥିଲେ ହୋଲିସ୍ ରହୁଥିବା ଆପାର୍ଟମେଣ୍ଟ ପାଖରେ । ପ୍ରାୟ ପ୍ରତିଦିନ ଲିଫ୍‌ଟ୍‌ରେ ଦେଖାଚାହାଁ । ଏବଂ ସେଇଥିରୁ ପରିଚୟ ତଥା ଆଳାପ । ନିଜଠାରୁ ବୟସରେ ସାନ ବିଦେଶୀ ଯୁବକଟିକୁ ଅନେକଥର ଘରକୁ ଡାକୁଥିଲେ ହୋଲିସ୍ ଚା' ଓ ଜଳପାନ ପାଇଁ । ବସ୍ତୁତଃ ଭିନ୍ନ ଭିନ୍ନ କାରଣ ପାଇଁ, ସେତେବେଳେ ଦୁହେଁ ଦୁହିଁଙ୍କ ପାଇଁ ହୋଇ ପଡ଼ିଥିଲେ ଅପରିହାର୍ଯ୍ୟ । ଭିନ୍ନ ଦେଶୀ ଯୁବକଟିର ଦରକାର ଥିଲା ଜଣେ ସ୍ଥାନୀୟ ବାସିନ୍ଦାଙ୍କର ସଖ୍ୟ ଓ ସାହଚର୍ଯ୍ୟ । ଏବଂ ଏକାକିନୀ ମନମରା ମଧ୍ୟବୟସ୍କା ମହିଳାଟିର ଦରକାର ଥିଲା ଗୋଟିଏ ଦରଦୀ, ସମ୍ବେଦନଶୀଳ ବନ୍ଧୁ, ଯାହା ସହିତ କଥା କହି ସମୟ କଟାଇହେବ । କ୍ରମଶଃ ଅନ୍ତରଙ୍ଗତା ବଢ଼ିଥିଲା ଏବଂ ସେ ଅନ୍ତରଙ୍ଗତା ଶେଷ ହୋଇଥିଲା ଅନୁରାଗରେ ।

କିନ୍ତୁ ବିଧିର ବିଧାନ ବିଚିତ୍ର । ଅଚାନକ ଏକ ସାଂଘାତିକ ସ୍ନାୟବିକ ରୋଗରେ ପୀଡ଼ିତ ହୋଇଥିଲେ ପିଏତ୍ରୋ । ଚାକିରିଟି ବି ହରାଇବାକୁ ପଡିଥିଲା କେଇ ମାସରେ । ସଂପୂର୍ଣ୍ଣରୂପେ ଭଗ୍ନସ୍ୱାସ୍ଥ୍ୟ ଓ କପର୍ଦ୍ଦକହୀନ ପିଏତ୍ରୋଙ୍କର ବର୍ତ୍ତମାନ ସମ୍ବଳ କେବଳ ସରକାରଙ୍କ ତରଫରୁ ଦୁଃସ୍ଥ ଓ ବେକାର ବ୍ୟକ୍ତିମାନଙ୍କୁ ଦିଆଯାଉଥିବା ମାସକାବାରୀ ଭତ୍ତା । କିନ୍ତୁ ଏହା ସତ୍ତ୍ୱେ ବି ହୋଲିସ୍ ଛାଡ଼ି ପାରି ନାହାନ୍ତି ପିଏତ୍ରୋଙ୍କୁ । ଏବେ ବି ହୋଲିସ୍ ଭଲପାଆନ୍ତି ତାଙ୍କୁ, ପ୍ରାଣ ଭରି ।

Digitized by srujanika@gmail.com

କାହାଣୀଟି ପୂରାପୂରି ରୂପକଥା ମନେ ହୋଇଥିଲା ମୋତେ । ଏପ୍ରିଲ୍‌କୁ କହିଲି – ଏଭଳି ଦୁଃସ୍ଥ, ରୁଗ୍ଣ ଏବଂ ବିଶେଷ କରି ବିଦେଶୀ ମଣିଷଟି ପ୍ରତି ହୋଲିସ୍‌ଙ୍କର ଏତାଦୃଶ ମୋହ କିଛିଟା ଆଶ୍ଚର୍ଯ୍ୟଜନକ ନୁହେଁକି ? ଯେତେ ଭାବିଲେ ବି ମୁଁ ତ ଯାର କିଛି କୂଳକିନାରା ପାଇ ପାରୁନି ।

ମୋ କଥା ଶୁଣି ଏପ୍ରିଲ୍ ଭ୍ରୁଲତାକୁ କୁଞ୍ଚିତ କରି ଗଭୀର ଅଭିନିବେଶ ସହିତ କିଛି ସମୟ ବସି ରହିଲା । ଏବଂ ତା'ପରେ ସିଧାସଳଖ ମତେ ଚାହିଁ କହିଲା - ମୁଁ କିନ୍ତୁ ବୁଝିପାରୁଛି ମା' କାହିଁକି ପିଏଟ୍ରୋକୁ ଏତେ ଭଲପାଏ । ମା' ମନର ବନ୍ଧ୍ୟା ଓ ବିଜନ ଜମିରେ ଲକ୍ଷ ଲକ୍ଷ ସ୍ୱପ୍ନର ବୀଜ ଯେ ବୁଣିଯାଏ ପିଏଟ୍ରୋ । ପିଏଟ୍ରୋ ଆଣିଦିଏ ମା'ର ବିବର୍ଣ୍ଣ ଜୀବନରେ ଅସୁମାରି ସ୍ୱପ୍ନର ସବୁଜିମା ।

– ସ୍ୱପ୍ନ ?

– ହଁ ସ୍ୱପ୍ନ । ଯାହା ସବୁ ମା' କେବେବି ଜୀବନରେ ପାଇନି, ସେଇସବୁ ଜିନିଷର ସ୍ୱପ୍ନ । ପିଏଟ୍ରୋ ମା'କୁ ବାରମ୍ବାର କହେ, ମା'କୁ ସିଏ ତା'ର ପିତାମାତାଙ୍କ ପାଖକୁ ପୋଲାଣ୍ଡ ନେଇଯିବ । ଭାରି ସ୍ନେହଶୀଳ କୁଆଡ଼େ ସେମାନେ । ବାତ୍ସଲ୍ୟର ଜୁଆରରେ କୁଆଡେ ଜୁବୁବୁବୁ କରିଦେବେ ମା'କୁ । ଭୁଲାଇଦେବେ ଶୈଶବରୁ ଛେଉଣ୍ଡ ହୋଇଥିବା ଝିଅଟିକୁ ତା' ଜୀବନର ସକଳ କ୍ଳେଦ ଓ କଦର୍ଥନା । ପିଲାଦିନୁ ପିତୃମାତୃ ସ୍ନେହରୁ ବଞ୍ଚିତା ମା' ସେକଥା ଶୁଣିଲେ କିଭଳି ଉଲ୍ଲସିତ ହୋଇଉଠେ, ଆପଣ କଳ୍ପନା କରିପାରିବେନି । ଏବେ ବି ମା' ଦେହ ଖରାପ ହେଲେ, ପିଏଟ୍ରୋ ଆସି ଘଣ୍ଟା ଘଣ୍ଟା ଧରି ବସି ରହେ ତା' ପାଖରେ । ମା'ର ଶେତା ଆଙ୍ଗୁଳି କେଇଟି ନିଜ ଶୀର୍ଣ୍ଣ ପାପୁଲିରେ ଧରି ରଖି ଅସମ୍ଭବ କୋମଳ କଣ୍ଠରେ କହେ – ମା'କୁ ବାହାହୋଇ କୁଆଡ଼େ ନିଜ ଦେଶକୁ ନେଇ ଯିବ ସିଏ । ନୂଆମାଟିରେ ଦିହେଁ ମିଶି ପୁଣି ଥରେ ପକାଇବେ ନୂଆଜୀବନର ବୁନିୟାଦ୍ । ସୃଷ୍ଟି କରିବେ ଏକ ନିଚୋଳ ପ୍ରୀତିମୟ ଜଗତ । ବିଶ୍ୱାସ କରନ୍ତୁ, ଠିକ୍ ଏଇ ଭାବରେ କଥା କହେ ପିଏଟ୍ରୋ । ଏଇଆ କହେ, ଆଉ ମା'ମନରେ ଆଙ୍କି ଦେଇଯାଏ ଏକ ଖୋଲା ମେଲା ରୌଦ୍ରସ୍ନାତ ଆଶାବାଦୀ ଆକାଶର ସ୍ୱପ୍ନ ।

– କିନ୍ତୁ ପିଏଟ୍ରୋର ଯାହା ଶାରୀରୀକ ଓ ଆର୍ଥିକ ଅବସ୍ଥା ?

– କଅଣ ବା ଯାଏ ଆସେ ସେଥିରେ । ଜୀବନ ଇ ଅନିଶ୍ଚିତ । ଜୀବନରେ ଆମେ ମୁକାବିଲା କରୁଥିବା ସମସ୍ୟା ଗୁଡିକର ସମ୍ଭାବ୍ୟ ପରିଣତି କିଏ ବା ଜାଣେ ? କିଏ ବା ଦେଖିଛି ଭବିଷ୍ୟତ ? କିନ୍ତୁ ଆଜିର ଦିନଟି ବଞ୍ଚିବାଲାଗି ଆମକୁ ତ ଆଶାବାଦୀ ହେବାକୁ ପଡ଼ିବ । ସ୍ୱପ୍ନ ଦେଖିବାକୁ ପଡିବ ଆଗାମୀ ଦିନଗୁଡ଼ିକ ପାଇଁ । ପିଏଟ୍ରୋ ସେଇ ସବୁ ସ୍ୱପ୍ନଭରା ଦେଶର ବନ୍ଦ ଅର୍ଗଳିଟି ଖୋଲିଦିଏ ମା' ପାଇଁ । ଆଉ ସେଇଥିପାଇଁ ବୋଧେ ମା' ଭଲପାଏ ତାକୁ ଏତେବେଶୀ ।

Digitized by srujanika@gmail.com

ଏକା ସାଥିରେ ଅନେକ ଗୁଡ଼ିଏ ବାକ୍ୟ କହି ଏପ୍ରିଲ୍ ତା'ର କଥା ଶେଷ କଲା । ଏବଂ ମୁଁ ମୁଗ୍ଧ ତଥା ନିର୍ବାକ ହୋଇ ଚାହିଁରହିଲି ତା' ମୁହଁକୁ । ମୋ ଠାରୁ ବୟସରେ ଯଥେଷ୍ଟ ସାନ, ମାତ୍ର ପଚିଶ୍ ବର୍ଷର ଝିଅଟିଏ କି ଚମତ୍କାର ତତ୍ତ୍ୱକଥା କହି ଦେଇଗଲା, ମୋତେ ଆଜି ! କି ଗଭୀର ଭାବରେ ଅନୁଶୀଳନ ଓ ବିଶ୍ଳେଷଣ କରିଗଲା ଜୀବନକୁ !

ସତକଥା । ବଞ୍ଚିବା ପାଇଁ ଯେ ସ୍ୱପ୍ନ ଦେଖିବା ନିହାତି ଜରୁରୀ । ପ୍ରତ୍ୟେକ ମଣିଷ କେବେ ନା କେବେ ସ୍ୱପ୍ନ ଦେଖେ । ନିଜ ଢଙ୍ଗରେ, ନିଜ ଚାହିଦା ଅନୁଯାୟୀ । କିଏ ଦେଖେ ସଂପଦର ସ୍ୱପ୍ନ ତ କିଏ ଦେଖେ ସନ୍ତାନର କୃତିତ୍ୱର ସ୍ୱପ୍ନ । କିଏ ଯଦି ବିଭୋର ହୁଏ ପଦୋନ୍ନତିର ସ୍ୱପ୍ନରେ ତ ଆଉ କିଏ ବିଭୋର ହୁଏ ପ୍ରାଣପ୍ରିୟ ମଣିଷଟିକୁ ହାତପାଆନ୍ତାରେ ପାଇବାର ସ୍ୱପ୍ନରେ । ସ୍ୱପ୍ନର ତାଲିକା ଯେ ଅନ୍ତହୀନ । ସବୁ ସ୍ୱପ୍ନ ଅବଶ୍ୟ ସାର୍ଥକ ଓ ଫଳପ୍ରସୂ ହୁଏନି । ତେବେ ବି ମଣିଷ ସ୍ୱପ୍ନ ଦେଖେ - ଦେଖିଚାଲେ ଜୀବନସାରା । ଜୀବନ ଅଛି ବୋଲି ସ୍ୱପ୍ନ ଅଛି । କିମ୍ୱା ସ୍ୱପ୍ନ ଅଛି ବୋଲି ଜୀବନ ଅଛି । ସ୍ୱପ୍ନ ଓ ଜୀବନ - ଦୁହିଁଙ୍କର ମୃତ୍ୟୁ ଏକାସାଥିରେ । ଏକା କ୍ଷଣରେ ।

ମୋ ଭାବନାକୁ ପ୍ରତିହତ କରି ହଠାତ୍ ଏପ୍ରିଲ୍ କହିଲା – ଆପଣ ବସନ୍ତୁ । ଡାକ୍ତରଙ୍କ ଅନୁମତି ନେଇ ମୁଁ ଟିକିଏ ମା'କୁ ଦେଖି ଆସେ । ଆଜି ଆସିଲାପରଠୁ ତାକୁ ଦେଖିନି ଏବଂ ଆପଣ ଯଦି କିଛି ମନେ ନକରନ୍ତି ଆଉ ଦୁଇ ଗ୍ଲାସ୍ କଫି କରି ଆଣି ରଖିଥିବେ । ମୁଁ ପାଞ୍ଚମିନିଟ୍ ଭିତରେ ଆସୁଛି ।

ମୁଁ କଫି ବନାଇ ଟେବୁଲଉପରେ ରଖିଲା ବେଳକୁ ଏପ୍ରିଲ୍ ଫେରି ଆସିଲା ଆଇ.ସି.ୟୁ ଭିତରୁ । ମୁହଁ ଥମ୍‌ଥମ୍ । ତହିଁରେ ବ୍ୟଥା ଓ ଉଦ୍‌ବିଗ୍ନତାର ଛାପ ।

– ଏପ୍ରିଲ୍ । କଅଣ ହେଲା ? ହୋଲିସ୍ ଠିକ୍ ଅଛନ୍ତି ତ ? ମୁଁ ପଚାରିଲି ।

– ନା, ମା' ଠିକ୍ ନାହିଁ । ଅନ୍ୟଦିନ ମୁଁ ଡାକିଲେ ଆଖିମେଲି ଚାହେଁ । ଆଜି ମୁଁ ଯେତେ ଡାକିଲେ ସୁଦ୍ଧା ଚାହିଁଲାନି ଜମା । ମା'ର ବୋଧହୁଏ ସଂଜ୍ଞା ନାହିଁ । ଏପ୍ରିଲ୍ କହିଲା ଏବଂ ସୋଫା ଉପରେ ବସିପଡ଼ି ଦୁଇହାତରେ ମୁହଁଢ଼ାଙ୍କି କାନ୍ଦିବାକୁ ଲାଗିଲା ।

ତା'ର ଗୁଚ୍ଛ ଗୁଚ୍ଛ ସୁନେଲୀ କେଶକୁ ହାତରେ ସାଉଁଳାଇ ଦେଇ କହିଲି – ଏପ୍ରିଲ୍ । ହୋଲିସ୍‌ଙ୍କର କିଛି ହୋଇନି । ସେ କେବଳ ଶୋଇ ଶୋଇ ସ୍ୱପ୍ନ ଦେଖୁଛନ୍ତି ମାତ୍ର । ସେ ସ୍ୱପ୍ନ ତାକୁ ଦେଖିବାକୁ ଦେ' ।

*ଅକ୍ଟୋବର ୨୦୦୦*

❐❐❐

Digitized by srujanika@gmail.com

# ପରଦେଶ, ନିଜ ଲୋକ

ଯୁକ୍ତରାଷ୍ଟ୍ର ଆମେରିକାର ମିସିଗାନ୍ ଷ୍ଟେଟ୍ ୟୁନିଭର୍ସିଟିରେ ପି.ଏଚ୍.ଡି କରୁଥିବା ଅନିନ୍ଦ୍ୟକାନ୍ତି, ମୃଦୁଭାଷୀ ଯୁବକ ସନ୍ ଫାର୍ମର - ଯିଏ କି 'ମମ୍' ବା 'ମମି' ବୋଲି ନଡାକି, ଭାରତୀୟମାନଙ୍କ ରୀତିରେ ମୋତେ 'ମା' ବୋଲି ସମ୍ବୋଧନ କରୁଥିଲା ଏବଂ ସପ୍ତାହାନ୍ତ ଛୁଟିଦିନମାନଙ୍କରେ, ତା'ର ପୁରୁଣା ପଣ୍ଟିଆକ୍ ଗାଡିଟିରେ ବସାଇ, ଆଖପାଖ ଦର୍ଶନୀୟ ସ୍ଥାନସବୁ ମୋତେ ଦେଖାଇ ଆଣିବାର ଦାୟିତ୍ୱ ସ୍ୱଇଚ୍ଛାରେ ଏବଂ ଖୁସିମନରେ ନିଜ ଉପରକୁ ଟାଣି ନେଇଥିଲା, ମୋ'ର ପରିଚୟ କରାଇ ଦେଇଥିଲା ଜେମ୍ସ ଓ ତାଙ୍କପତ୍ନୀ ଜଏସ୍ ଫାର୍ମରଙ୍କ ସହିତ, ଠିକ୍ ଭାରତବର୍ଷ ଫେରିବାର ଅବ୍ୟବହିତ ପୂର୍ବରୁ ।

ସେଦିନ ସନ୍ଧ୍ୟାରେ, ସିଏ ଉପାସନା କରିବାକୁ ଯାଉଥିବା ଚର୍ଚ୍ଚଟି ପରିଦର୍ଶନ କରି ଆମେ ଫେରି ଆସିଲାବେଳକୁ ସନ୍ କହିଲା — ମା ! ଆସନ୍ତା ରବିବାର ଦିନ ତୁମକୁ 'ମଲ୍' ଦେଖେଇ ଆଣିବି । ଆମେରିକା ଆସି ମଲ୍ ନ ଦେଖିଲେ ଜୀବନ ବୃଥା । ବିରାଟ ସପିଙ୍ଗ୍ କମ୍ପ୍ଲେକ୍ସ । ନହୁରୁଣୀରୁ ଆରମ୍ଭ କରି ନୂଆ ମଡେଲ କଂପ୍ୟୁଟର ପର୍ଯ୍ୟନ୍ତ ଯାହା କିଛି ଚାହିଁବ - ଯାହା କିଛି - ସବୁ ପାଇବ ସେଠି ।

ମୁଁ ଅବଶ୍ୟ ଦୁଇଦିନ ଆଗରୁ ଯାଇ ମଲ୍ ଘୂରି ଆସିଥିଲି । ମାଇଲ୍ ମାଇଲ୍ ପରିବ୍ୟାପ୍ତ, ଦିବ୍ୟଲୋକ ଅଳକାପୁରୀ ସଦୃଶ ସୁଶୋଭିତ, ଆଲୋକରେ ଝଲମଲ୍ କରୁଥିବା ଅଜସ୍ର ବିପଣୀମାଳା । ମଝିରେ ମଝିରେ ରେଷ୍ଟୁରାଣ୍ଟ ଏବଂ ସୋଫା ତଥା ସୁଦୃଶ୍ୟ ଗୋଲ୍ ଗୋଲ୍ ଟେବୁଲମାନଙ୍କରେ ସଜ୍ଜିତ ଲାଉଞ୍ଜ । ଗ୍ରାହକମାନେ ଲାଉଞ୍ଜରେ ବସି କର୍ଣ୍ଣ ଚିପ୍ସ୍, ବର୍ଗର ଏବଂ ବ୍ରେଡ୍‌ଷ୍ଟିକ୍ସ, ବହଳିଆ ଟମାଟୋ ରସ-ସାଲ୍‌ସା-ରେ ବୁଡାଇ ବୁଡାଇ ଖାଉଥିଲେ ଏବଂ ସାଦା ଥର୍ମୋକଲ୍ ନିର୍ମିତ ସ୍ୱଚ୍ଛ ଗ୍ଲାସ୍‌ମାନଙ୍କରେ କୋକ୍ ବା ରୁଟ୍ ବିଅର ପିଉଥିଲେ । କିଣାବିକା ଓ ପିକ୍‌ନିକ୍ ଚାଲିଥିଲା ଏକା ସାଥିରେ । ମଲରେ ଯାହା ମୋତେ ବିଶେଷରୂପେ ଅବାକ୍ କରିଥିଲା, ତାହା ହେଲା ସପିଙ୍ଗ୍ କମ୍ପ୍ଲେକ୍ସ ସାରା ପ୍ରକାଣ୍ଡ ଗାମ୍ଲା ମାନଙ୍କରେ ଯତ୍ରତତ୍ର ରଖା ହୋଇଥିବା ଜୀବନ୍ତ କ୍ଲୋରୋଫିଲ୍‌ଯୁକ୍ତ ସାନବଡ଼ ଫୁଲଗଛ ଓ ବୃନ୍ଦାମାନ । କମ୍ପ୍ଲେକ୍ସଟି ଥିଲା ସଂପୂର୍ଣ୍ଣ ରୂପେ ଛାତ ଓ କାଚ ଦ୍ୱାରା ଆବୃତ । ଗୃହବନ୍ଦୀ ହୋଇ ଏବଂ ବିନା ରୌଦ୍ରସ୍ନାନରେ, ମାସ ମାସ, ବର୍ଷ ବର୍ଷ ଧରି ଏଭଳି ସତେଜ ଓ ସବୁଜ ରହିଲା ପରି ଇନ୍‌ଡୋର ପ୍ଲାଣ୍ଟ୍ ଯେ ପୃଥିବୀରେ ଅଛନ୍ତି, ତାହା ସେଦିନ ପ୍ରଥମକରି ଜାଣିଲି ।

Digitized by srujanika@gmail.com

ସନ୍‌କୁ କହିଲି – ମଲ୍ ମୁଁ ଦେଖିସାରିଛି । ପୂରାପୂରି । ଏପରିକି ନାକ, କାନ ଫୋଡିବାପାଇଁ ଉଦ୍ଦିଷ୍ଟ ସେଇ ଚମତ୍କାର କୁନି ଦୋକାନଟିକୁ ମଧ୍ୟ ।

ସନ୍ ହସିଲା ।

ମୁଁ ପୁଣି କହିଲି – ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗରେ ରନ୍ଧ୍ରକରି ସୁନା ଅଳଙ୍କାର ପିନ୍ଧିବା, ତମର ତ ଏଠି ବେଶ୍ ରିୱାଜ୍‌ରେ ପରିଣତ ହୋଇଗଲାଣି । ସେଦିନ ଗୋଟିଏ ଇଟାଲିୟନ୍ ରେଷ୍ଟୋରାରେ ପିତ୍‌ଜା ବିକ୍ରିକରୁଥିବା ସୁକୁମାର ତରୁଣଟିକୁ ଆଖି ଭୂଲତା ଓ ଉପରଓଠ ବିନ୍ଧ କରି, ତହିଁରେ ଯୋଡିଏ ସୁନାଫାଶିଆ ଲଗାଇଥିବାର ଦେଖିଲି ।

ସନ୍ କିନ୍ତୁ ମୋ କଥାପ୍ରତି ବିଶେଷ ଧ୍ୟାନ ନଦେଇ ଭ୍ରୂକୁଞ୍ଚିତ କରି ଚୁପ୍‌ଚାପ୍ ଗାଡି ଚଳେଇବାକୁ ଲାଗିଲା । ଅନୁମାନ କଲି, ଆସନ୍ତା ଛୁଟି ଦିନରେ ମୋତେ କେଉଁଠିକି ନେଇକି ଯିବ, ସେ ସଂପର୍କରେ ସିଏ ବେଶ୍ ଚିନ୍ତାକୁଳ ହୋଇପଡିଛି ।

ମୁଁ କହିଲି – ମୁଁ କିନ୍ତୁ ଫେରିଯିବା ଆଗରୁ କୌଣସି ଏକ ଆମେରିକାନ୍ ପରିବାର ସହିତ କିଛି ସମୟ ବିତାଇବାକୁ ଚାହୁଁଥିଲି ।

ସନ୍‌ର ମୁହଁ ଉଜ୍ଜ୍ୱଳ ଦିଶିଲା । ବୁଝିପାରିଲି ସମସ୍ୟାଟିର ସହଜ ସାମାଧାନର ଉପାୟ ତା'ପାଖରେ ଅଛି ବୋଲି । କହିଲା – ମା ! ତମେ ମୋ ଜେଜେ ବାପା, ଜେଜେମା'ଙ୍କ ଘରକୁ ଯିବ ? ଏଇଠି ପାଖରେ ରହନ୍ତି, ସହରର ଉପକଣ୍ଠରେ । ଯିବ ?

– ତୋ ଜେଜେବାପା ?

– ପ୍ରକୃତରେ ମୋ ଜେଜେବାପାଙ୍କ ସାନଭାଇ । ଏୟାର୍‌ଫୋର୍ସରେ ଥିଲେ, ସାରାଜୀବନ ଧରି ବିଭିନ୍ନ ଦେଶ ଘୁରିବୁଲିଛନ୍ତି – ମରକୋ, ଇଂଲଣ୍ଡ, ଫିଲିପାଇନସ୍ ଓ କୋରିଆ ଇତ୍ୟାଦି । ଏବେ ଅବଶ୍ୟ ରିଟାୟାର୍ଡ । କାଲି ମୁଁ ଫୋନ୍ କରି ବୁଝିନେବି ଅଛନ୍ତି ନା ନାହିଁ । ତାଙ୍କର ଗୋଟିଏ ଆର୍.ଭି. ଅଛିତ । ତାକୁଇ ନେଇ ମଝିରେ ମଝିରେ ସାରା ଆମେରିକା ଘୂରି ବୁଲନ୍ତି ।

– ଆର୍.ଭି. ? ସିଏ ପୁଣି କି ଜିନିଷ ? ସନ୍‌କୁ ପଚାରିଲି ।

– ଆମେରିକାରେ ତିନିମାସ ରହିଲାପରେ ଆର୍.ଭି. ଦେଖିନ ମା ? ରିକ୍ରିଏସନାଲ୍ ଭେହିକଲ୍ ଚକଥିବା ଏବଂ ଇଞ୍ଜିନ୍‌ଲଗା ଚଳମାନ ଘରଟିଏ । ଘରର ସବୁକିଛି ସୁବିଧା ଅଛି ତା'ଭିତରେ । ତମେ ଜେଜେବାପାଙ୍କ ଘରକୁ ଚାଲ । ସେଇଠି ଡଲ୍‌ଫିନ୍‌କୁ ମଧ୍ୟ ଦେଖିନେବ, ତାଙ୍କ ଆର୍.ଭି.ର ନାଁ ଡଲ୍‌ଫିନ୍ ।

– ଠିକ୍ ଅଛି । କାଲି ସୁବିଧା ଦେଖି ସେମାନଙ୍କୁ ଫୋନ୍ କରିନେବୁ । ମୁଁ କହିଲି ।

ଏଇଥିଲା ଜେମ୍‌ସ୍ ଓ ଜଏସ୍‌ଙ୍କ ଘରକୁ ଯିବା କାହାଣୀର ପୂର୍ବାଭାସ ।

Digitized by srujanika@gmail.com

ଦୁଇଦିନ ପରେ ବବି ବିଶ୍ୱବିଦ୍ୟାଳୟରୁ ଫେରି କହିଲା - ମାମା ! ଆଜି ସନ୍ ସାଥିରେ ଦେଖା ହୋଇଥିଲା । ସିଏ କହିଛି ରବିବାର ଦିନ ଆସି ତମକୁ ତା ଜେଜେବାପାଙ୍କ ଘରକୁ ନେଇଯିବ । ତମେ ରେଡି ହୋଇଯାଇଥିବ ସକାଳୁ ।

– ବାଃ ! ବଢ଼ିଆ ପ୍ରୋଗ୍ରାମ୍ । ମୁଁ ତାହେଲେ ଦିନ ଏଗାରଟା ସୁଦ୍ଧା ଭାତଖାଇ ବାହାରିଯିବି ଘରୁ ।

– ନା ମାମା ନା ! ତମର ଲଞ୍ଚ୍ ଆୟୋଜନ ଜେମ୍ସଙ୍କ ଘରେ । ତମକୁ କିଭଳି ଭାବରେ ସ୍ୱାଗତ କରିବେ ବୋଲି ସେମାନଙ୍କର କୁଆଡ଼େ ଭାଳେଣି ପଡିଲାଣି ଏବେଠୁ । ତମେ ଦେଖିବ, ଏକ୍‌ଦମ୍ ରେଡ଼୍‌କାର୍ପେଟ୍ ୱେଲ୍‌କମ୍ ପାଇବ ତମେ ସେଠି । ବବି ହସି ହସି କହିଲା । ପରିହାସ ଭଙ୍ଗୀରେ ।

ଏବଂ ଫାର୍ମର ଦଂପତିଙ୍କ ସହିତ ମଧ୍ୟାହ୍ନ ଭୋଜନ ଜନିତ କାର୍ଯ୍ୟକ୍ରମଟି ନେଇ ମୁଁ ବେଶ୍ ଶଙ୍କାକୁଳ ହୋଇପଡିଲି ।

କାରଣ ଆମେରିକାନ୍ ଖାଦ୍ୟ ମୋର ସେପର୍ଯ୍ୟନ୍ତ ଠିକ୍‌ଭାବରେ ଦେହସୁହା ହୋଇନଥିଲା । ଥିଲି ସଂପୂର୍ଣ୍ଣ ନିରାମିଷାଶୀ । ଏବଂ ଆମେରିକାନ୍‌ମାନଙ୍କର ପରିବା ରନ୍ଧା ପଦ୍ଧତି ଥିଲା କେବଳ ସିଝାସିଝି କରିବା – ବିଭିନ୍ନ ପ୍ରକାର ସସ୍ ଗୋଳାଇ । ଏବଂ ମୋତେ ତାହା ଆଦୌ ରୁଚିକର ମନେ ହେଉ ନଥିଲା ।

ବବିକୁ କହିଲି - ନାଇଁ ନାଇଁ । ଖାଇବା କଥା ତୁ ସନ୍‌କୁ ମନା କରିଦେ ।

– କଅଣ କହିବି ? ଜଣେ ଆମେରିକାନ୍‌କୁ କହିବି ତମ ଆମେରିକାନ୍ ଖାଦ୍ୟ ମୋ ମା' ପସନ୍ଦ କରନ୍ତିନି ? ବବି ହସି ହସି ଉତ୍ତର ଦେଲା ।

ମତେ କିନ୍ତୁ ଏ ଆସନ୍ନ ବିପଦରୁ ଉଦ୍ଧାର କଲା ପ୍ରତ୍ୟୁତ୍ପନ୍ନମତିସ୍ମିତା । କହିଲା, ଏମ୍‌ତିରେ ମୁଁ ସବୁଦିନ ଚାକିରିକୁ ଚାଲି ଯାଉଛି । ମାମାଙ୍କୁ ଠିକ୍ ଭାବରେ ରାନ୍ଧିକି ଦେଇ ପାରୁନି । ଏ ରବିବାର ମୁଁ ମାମାଙ୍କ ପାଇଁ ଛୋଲେ, ବଟୁରେ ବନେଇବି ଠିକ୍ କରିଛି । ସମସ୍ତେ ଏକାସାଥିରେ ବସି ଖାଇବା । ଆଉ ଉଇକ୍‌ଏଣ୍ଡକୁତ ପାପା, ମାମା ବୋଷ୍ଟନ୍ ଚାଲିଯାଇଥିବେ । ତମେ ସେଇକଥା ସନ୍‌କୁ କହିଦିଅ ।

ଲଞ୍ଚ୍ ସଂପର୍କୀୟ ସମସ୍ୟାଟିର ବେଶ୍ ସୁରୁଖୁରୁ ଭାବରେ ସମାଧାନ ହୋଇ ଯାଇଥିଲା ଯା'ପରେ ।

ନିର୍ଦ୍ଦିଷ୍ଟ ଦିନ ତା'ର ଗାଡିଟି ଧରି ଦ୍ୱିପ୍ରହରରେ ଆମଘରେ ହାଜର୍ ହୋଇଥିଲା ସନ୍ ।

– କେତେ ସମୟ ଲାଗିବ ? ଘରୁ ବାହାରି ପଚାରିଲି ସନ୍‌କୁ ।

Digitized by srujanika@gmail.com

— ପ୍ରାୟ ଘଣ୍ଟାକର ରାସ୍ତା । ପାଖରେ ତ । ସନ୍ ଉତ୍ତର ଦେଲା ।

ବାହାରେ ଶେଷ ଅକ୍ଟୋବରର ଉଜ୍ଜ୍ୱଳ, ତଟ୍‌କା ଦିନ । ବତାସରେ ସାମାନ୍ୟ ହିମର ସ୍ପର୍ଶ । ଆକାଶର ମସୀହୀନ ବାୟୁମଣ୍ଡଳ ଦେଇ ପ୍ରତିସରିତ ହେଉଥିଲା ଚକ୍‌ମକ୍ ତେଜହୀନ ସୂର୍ଯ୍ୟାଲୋକ ।

ସନ୍ ଗାଡି ଷ୍ଟାର୍ଟ କଲା ।

ମିସିଗାନ୍ ପ୍ରଦେଶର ରାଜଧାନୀ, ପ୍ରିୟଦର୍ଶନା ଲାନ୍‌ସିଂ ନଗରୀର ପେଟଚିରି, ଚିତ୍ରିତା ବନ୍ୟହରିଣୀର କ୍ଷିପ୍ରଗତିରେ ଛୁଟି ଚାଲିଛି ସନ୍‌ର ଶୀତତାପ ନିୟନ୍ତ୍ରିତ ପଣ୍ଟିଆକ୍ ।

ସାମ୍‌ନାରେ, ଅନ୍ତହୀନ କାର୍ପେଟ୍ ସଦୃଶ ମସୃଣ ରାଜପଥ । ରାଜପଥର ଦୁଇଧାରରେ ପ୍ରାୟ ଦେଢ଼ଇଞ୍ଚ୍ ବହଳରେ କଟା ହୋଇଥିବା ସବୁଜ ଘାସର ଜମି ଓ ତହିଁରେ ରୋପିତ ସୁଦୃଶ୍ୟ ରଂଗବେରଂଗୀ ତରୁଲତା । ଧୂଳି, ମଳି, ଆବର୍ଜନା ରହିତ ନଗରୀଟି ଥିଲା ସଂପୂର୍ଣ୍ଣରୂପେ ଶବ୍ଦର ପ୍ରଦୂଷଣରୁ ମୁକ୍ତ । ଏଠି, ସେଠି, ପଥଚାରୀ ମଣିଷମାନଙ୍କର ହଟଗୋଳ କିମ୍ବା ଅନିୟମିତ, ବିଶୃଙ୍ଖଳ ଟ୍ରାଫିକ୍‌ର ଭିଡ ନାହିଁ । ବଜାରର କିଣାବିକା ସବୁ ସ୍ୱୟଂଚାଳିତ ବନ୍ଦ କାଚକବାଟ ଭିତରେ । ସଡକମାନଙ୍କରେ କେବଳ ପିମ୍ପୁଡିର ଧାରପରି ଦ୍ରୁତଗତି, କରିତ୍‌କର୍ମା କାର୍‌ମାନଙ୍କର ନିଃଶବ୍ଦ ପ୍ରବହମାନ ସ୍ରୋତ ।

ଗାଡି ଭିତରେ ମୋ'ର ଚିନ୍ତାଧାରାକୁ ବ୍ୟାଘାତ କରି ସହସା ମୃଦୁ ସ୍ୱରରେ ସନ୍ କହିଲା — ମା ! ସିଟ୍‌ବେଲ୍‌ଟ ।

'ସରି' କହି ତରତର କରି ସିଟ୍‌ବେଲ୍‌ଟି ବାନ୍ଧିବାକୁ ଲାଗିଲି । ମିସିଗାନ୍ ପ୍ରଦେଶରେ ଏ ନିୟମଟି ପୋଲିସ୍‌ଦ୍ୱାରା ବେଶ୍ କଡାକଡି ଭାବରେ ଲାଗୁହେଉଥିଲା । ଦୁର୍ଘଟଣାର ହାର କମ୍ କରିବାପାଇଁ । ପରେ ବୋଷ୍ଟନ୍ ଆସି କିଛିଦିନ ଥିଲି । ସେଠାରେ ଏ ନିୟମଟି ଥିଲା ଅନେକାଂଶରେ କୋହଳ ।

— ମା ! ଦେଖ । ଗଛମାନେ କେମିତି ରଂଗ ବଦଳାଇବାକୁ ଆରମ୍ଭ କଲେଣି । ଫଲ୍ ଆସି ଯାଇଛି ତ ! ରାସ୍ତାର ଦୁଇଧାରରେ ଥିବା ପାତଳା ଅରଣ୍ୟାନୀ ଆଡ଼େ ମୋ'ର ଦୃଷ୍ଟି ଆକର୍ଷଣ କରି ସନ୍ କହିଲା ।

ଚାହିଁ ଦେଖିଲି, ସହର ବାହାରେ, ରାଜପଥର କଡେ କଡେ ପରସ୍ପରକୁ କୋଳାକୋଳି କରୁଥିବା ଅପର୍ଯ୍ୟାପ୍ତ ସାନବଡ ଗଛ । ଆଉ କି ଇନ୍ଦ୍ରଧନୁଷୀ ରଂଗର ଜୌଲୁସ୍ ସେ ଗଛମାନଙ୍କର ! କିଏ ଦୁଧସାଦା ତ କିଏ କନକାଭ । କିଏ କୁଙ୍କୁମ ପରି ଲାଲ୍ ତ କିଏ ସୂର୍ଯ୍ୟାସ୍ତ ପରି ନାରଙ୍ଗୀ । କିଏ ବାଇଗଣୀ, କିଏ ପାଟଳୀ, ଆଉ ଅବା କିଏ ସନ୍ନ୍ୟାସୀର ପଟବସ୍ତ୍ର ପରି ଗୈରିକ । ଏତେ ପ୍ରକାର ରଂଗ ଥାଇପାରେ ପୃଥିବୀରେ ? ଆଉ ରଂଗିନ୍,

Digitized by srujanika@gmail.com

ସୁପର୍ଣ୍ଣା ତରୁଲତାମାନେ ପୁଣି ଏଭଳି ରୂପସୀ ନାରୀର ରୂପ ନେଇ ପାରନ୍ତି ଶୀତ ଦ୍ୱିପ୍ରହରର ସୁପ୍ରୁଷ ଖରାର ହାଲ୍‌କା, ମିଠା ଚୁମ୍ବନରେ ?

– କିଛି ଦିନପରେ ଗଛର ସବୁପତ୍ର ଝଡିଯିବ ଏବଂ ତା'ପରେ ପରେ ତୁଷାର ପାତ । ବେଶ୍ କେଇମାସ ଧରି । ସନ୍ କହିଲା ।

ରଂଗର ପ୍ରାଚୁର୍ଯ୍ୟରେ ଆତ୍ମହରା ହେଉ ହେଉ କିଛି ସମୟ ପରେ ସନ୍ ଦିଗହରା ବି ହୋଇଗଲା । ଭୁଲ୍‌ରାସ୍ତାରେ ଆଗେଇ ଯାଇଥିବା ଗାଡିକୁ ଘୂରାଇ, ମୋ'ଠାରୁ କ୍ଷମାପ୍ରାର୍ଥନା କରି, ଧରିଲା ସିଧାସଳଖ ଅନ୍ୟ ଏକ ରାସ୍ତା ଏବଂ ମୁଁ ଚୁପ୍‌ଚାପ୍ ବସି, କାର୍ ଖିଡ୍‌କିର କାଚ ଦେଇ ମିସିଗାନ୍ ବନବୀଥିର ବର୍ଣ୍ଣବୈଭବ ଉପଭୋଗ କରିବାକୁ ଲାଗିଲି ।

ହଠାତ୍ ସନ୍ କଥାରେ ମୋ'ର ସ୍ୱପ୍ନଭଂଗ ହେଲା – ଏଇଯେ ମା ! ଆମେ ଆସିଗଲେ ।

ଚାହିଁଲି, ସାମ୍‌ନାରେ ଆଦିଗନ୍ତ ପ୍ରସରିଥିବା ପ୍ରାନ୍ତରଭିତରେ ଧଳାରଂଗ ଲିପା ନିରୋଳା କାଠଘରଟିଏ । ପାଖରେ ବେଶ ବଡ ଗ୍ୟାରେଜ୍‌ଟିରେ ସୁଦୃଶ୍ୟ କାର୍‌ଟିଏ ରଖା । ଘର ସାମ୍‌ନାରେ ପରିଚ୍ଛନ୍ନ, ସବୁଜ ଘାସର ଲନ୍ ଓ ତା' ମଝିରେ ବିଶ୍ୱସ୍ତ ଭାବରେ ଦଣ୍ଡାୟମାନ ଏକ ତରୁଣ, ରକ୍ତ, ମାପ୍‌ଲ ବୃକ୍ଷର ପ୍ରହରୀ ।

ଘରର ବାମପଟେ ପିଣ୍ଡାକୁ ଉଠିବା ପାଇଁ ହାଣ୍ଡଲ୍ ଲଗା କାଠ ସିଢ଼ି । ପିଣ୍ଡାତଳେ, ସାନ, ଲମ୍ବାଳିଆ କିଆରୀରେ ଫୁଟନ୍ତ ଜେରାନିୟମ୍ । ପାହାଚର ଦୁଇପଟେ ସୁସ୍ଥ, ଖର୍ବକାୟ ଗେଣ୍ଡୁବୃନ୍ଦାମାନଙ୍କରେ ଗୁଚ୍ଛଗୁଚ୍ଛ ଗେଣ୍ଡୁଫୁଲ ସ୍ୱଦେଶର ସ୍ମୃତିକୁ ତାଜା କଲା । ଚତୁର୍ଦ୍ଦିଗରେ ଥିଲା ଏକ ଅସମ୍ଭବ ରକମ୍‌ର ସ୍ତବ୍ଧତା । ପତ୍ରରୁ ଶିଶିର ଠୋପାଟିଏ ତଳେ ପଡିଲେ ଶବ୍ଦ ହେବ ଅବା ।

ଝର୍କାବାଟେ ସନ୍‌ର ଗାଡି ଦେଖି ତର୍‌ତର୍ ହୋଇ ଫାର୍ମର ଦମ୍ପତି ବାହାରି ଆସିଲେ ଘରୁ । ନିଶ୍ଚିତରୂପେ ଅପେକ୍ଷା କରୁଥିଲେ ଆମମାନଙ୍କ ପାଇଁ ।

ସନ୍ ପରିଚୟ କରାଇଦେଲା – କାନନ । ମୋ ଅଧାପିକାଙ୍କର ଜନନୀ । ମୁଁ ତାଙ୍କେ ମା' ବୋଲି ।

ଜେମ୍‌ସ୍ ଓ ଜଏସ୍ ନିଜ ନିଜ ନାଁ କହି ଓ ମୋ ସହିତ କରମର୍ଦ୍ଦନ କରି ମୋତେ ପାଛୋଟି ନେଇଗଲେ ଘର ଭିତରକୁ ।

ପ୍ରଥମ ଦେଖାରେ ଦୁଇଜଣଙ୍କ ମଧରେ, ପତ୍ନୀ ଜଏସ୍‌କୁ ଟିକିଏ ବେଶୀ ପ୍ରାଣୋଚ୍ଛଳ ଓ ଖୁସ୍‌ମିଜାଜିଆ ଲାଗିଥିଲା ମୋତେ । ଥିଲେ ଚପଳା ଓ ଶିଶୁସୁଲଭ ସରଳତାରେ

Digitized by srujanika@gmail.com

ଭରପୂର । ପତଳା, ମେଦବର୍ଜିତ ଶରୀର । ପୁଅପିଲା ପରି କଟା ସାନ ସାନ ସୁନେଲୀ ବାଳ । କାନରେ ସୁନାର ନୋଳି ଓ ଆଖିରେ ରୋଲ୍ଡଗୋଲ୍ଡ ଫ୍ରେମ୍‌ର ଚଷମା । ପିନ୍ଧିଥିଲେ ଢ଼ୋଲା ମହୁଗିର ନିହାତି ସାନ ଧଳା ହାଫପ୍ୟାଣ୍ଟିଏ ଓ କଳାରଂଗର ପୁରୁଣା ହାତକଟା ଫତେଇଟିଏ । ତାଙ୍କ ତୁଳନାରେ ଜେମ୍‌ସ୍ ଥିଲେ ବେଶ୍ ସୁସଜ୍ଜିତ । ଦେହରେ ସଦ୍ୟ ଇସ୍ତ୍ରୀକରା ଦାମୀ, ନୀଳରଂଗର ଫୁଲପ୍ୟାଣ୍ଟ୍ ଓ ଫିକା ନୀଳରଂଗର ଚେକ୍‌ସାର୍ଟ । ପାଦରେ ପିନ୍ଧିଥିବା ଚକ୍‌ଚକ୍ କଳାଜୋତାର ପାଲିସ୍‌ରୁ ଆଲୋକରଶ୍ମି ପ୍ରତିଫଳିତ ହେଉଥିଲା ହରଦମ୍ । ମୁଖମଣ୍ଡଳର ଅଭିବ୍ୟକ୍ତି ଥିଲା ବେଶ୍ ଗାମ୍ଭୀର୍ଯ୍ୟପୂର୍ଣ୍ଣ ।

ଚେହେରାରେ ଥିଲେ ଜଏସ୍‌ଙ୍କର ଠିକ୍ ଓଲଟା – ଶକ୍ତସମର୍ଥ ଓ ଦୀର୍ଘକାୟ ।

ଆପଣଙ୍କ ଘରକୁ ଆସିବାପାଇଁ ସୁଯୋଗ ଦେଇଥିବାରୁ ଧନ୍ୟବାଦ । ନରମ, ସଞ୍ଜ ଦିଆ ସୋଫାରେ ବସୁ ବସୁ ମୁଁ ଜେମ୍‌ସଙ୍କୁ କହିଲି ।

– ଆନନ୍ଦଟି ସଂପୂର୍ଣ୍ଣରୂପେ ଆମ ନିଜସ୍ୱ । ଜେମ୍‌ସ୍ ମୁରୁକି ହସି ଉତ୍ତର ଦେଲେ ।

– ଆପଣମାନଙ୍କ କଥା ସନ୍ତୁଠାରୁ ଶୁଣିଛି । ପିଲାମାନଙ୍କୁ ସାଥିରେ ଆଣିଲେନି କାହିଁକି ? ଜଏସ୍ ପଚାରିଲେ ।

– ସୋହମ୍ ଓ ଶ୍ରେୟା, ମୋର ପୌତ୍ର ପୌତ୍ରୀ ଯୋଡ଼ିକ ନିହାତି ଶିଶୁ । ପୁଅବୋହୂ ଦିହେଁ ବିଶ୍ୱବିଦ୍ୟାଳରେ ଚାକିରି କରନ୍ତି । ସ୍ୱାଭାବିକ ଭାବରେ, ସେମାନେ ଛୁଟି ଦିନ ଗୁଡ଼ିକ ନିଜ ଘରେ ସ୍ୱସନ୍ତାନ ମାନଙ୍କ ସହିତ ବିତାଇବା ପାଇଁ ଅପେକ୍ଷାକୃତ ଆଗ୍ରହୀ ।

– ଆଉ ଆପଣଙ୍କ ସ୍ୱାମୀ ?

– ବିନୟ ଅସୁସ୍ଥ । ସାରୋ ହସ୍‌ପିଟାଲ୍‌ରୁ ଘରକୁ ମାତ୍ର କେଇଦିନ ଆଗରୁ ଫେରିଛନ୍ତି । ଉଭୟ ସ୍ୱାମୀ ସ୍ତ୍ରୀ ଦୁଃଖପ୍ରକାଶ କରି ବେଶ୍ ଉଦ୍‌ବେଗର ସହିତ ବିନୟଙ୍କ ସ୍ୱାସ୍ଥ୍ୟୋନ୍ନତି ସଂପର୍କରେ ଖବର କରି ଲାଗିଲେ । ଜଏସ୍ କହିଲେ – ସାରୋ ହସ୍‌ପିଟାଲ୍‌କୁ ଆମେ ଦୁହେଁ ମଧ ମଝିରେ ମଝିରେ ଯାଉ ।

– କିଛି ସ୍ୱାସ୍ଥ୍ୟଗତ କାରଣ ପାଇଁ ?

– ନାଇଁ ନାଇଁ, ଏମିତିରେ ସେଠି ବୟୋଜ୍ୟେଷ୍ଠ ଲୋକମାନଙ୍କ ପାଇଁ ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯାଇଛି । ସପ୍ତାହକୁ ଥରେଲେଖାଏଁ ଅଙ୍ଗପ୍ରତ୍ୟଙ୍ଗର ସୁଚାରୁ ଚାଳନା ପାଇଁ ଅନେକ ପ୍ରକାର ବ୍ୟାୟାମ ଓ ଫିଜିଓଥେରାପି କରାନ୍ତି । ଚଲାଇବାକୁ ନେଇ ଯାଆନ୍ତି ମଧ । ସାଧାରଣ ସ୍ୱାସ୍ଥ୍ୟ ପରୀକ୍ଷା ବି ନିୟମିତ ଭାବରେ ହୁଏ । ସବୁ ଅବଶ୍ୟ ମାଗଣା । ପଇସା ଦେବାକୁ ପଡ଼େନି ।

Digitized by srujanika@gmail.com

ବୃଦ୍ଧବ୍ୟକ୍ତିମାନଙ୍କ ପାଇଁ ଉଦ୍ଦିଷ୍ଟ ଏଇ ବିଧିବଦ୍ଧ ସୁଚିନ୍ତିତ ଯୋଜନାଟି ବେଶ୍ ଆଶ୍ଚର୍ଯ୍ୟ କଲା ମୋତେ । ଯୋଜନାଟି ନିଶ୍ଚିତରୂପେ ଥିଲା ପ୍ରଶଂସନୀୟ ।

— ଆପଣଙ୍କର ପିଲାଛୁଆ କେତୋଟି ? ସମସ୍ତେ କଅଣ ବାହାରେ ଥାଆନ୍ତି ? ବାର୍ତ୍ତାଳାପକୁ ଅଗ୍ରସର କରିବାପାଇଁ ମୁଁ ପଚାରି ବସିଲି ।

— ଭଗବାନ୍ ସେଇ ବିଷୟରେ କିନ୍ତୁ ମୋ' ପ୍ରତି ବେଶ୍ ନିର୍ଦ୍ଦୟ । ମୁଁ ନିଃସନ୍ତାନ । ଜେମ୍ସର ଅବଶ୍ୟ ଚାରୋଟି ପୁତ୍ରକନ୍ୟା — ଦୁଇପୁଅ, ଦୁଇଝିଅ । ଜଏସ୍ ଉତ୍ତର ଦେଲେ ।

ବକ୍ତବ୍ୟଟିର ମର୍ମ ବୁଝିବାପାଇଁ ମୋତେ କିଛିତ୍ ସମୟ ଲାଗିଲା ଓ ମୁଁ କହିଲି କ୍ଷମା କରିବେ । ମୁଁ ଜାଣିନଥିଲି ଆପଣ ଜେମ୍ସଙ୍କର ଦ୍ୱିତୀୟା ପତ୍ନୀ ବୋଲି ।

— ଓ ନୋ ! ଜଏସ୍ ମୋର ତୃତୀୟା ପତ୍ନୀ ଓ ମୁଁ ତାଙ୍କର ଦ୍ୱିତୀୟ ସ୍ୱାମୀ । ଗୋଡ ଉପରେ ଗୋଡ ଟେକି ବସି ବେଶ୍ ସହଜ, ସାବଲୀଳ ତଥା ଗମ୍ଭୀରଭାବରେ ଉତ୍ତର ଦେଲେ ଜେମ୍ସ୍ ଏବଂ କିଛି ସମୟ ଆଗରୁ ଅଜାଣତରେ କରିଥିବା ମୋର ବୋକା ମନ୍ତବ୍ୟଟି ପାଇଁ ମୁଁ କିଛିତ ସଙ୍କୁଚିତ ବୋଧ କଲି ।

ପରେ କଥାବାର୍ତ୍ତା କରି ବୁଝିଲି, ଜେମ୍ସ୍‌ଙ୍କର ଚାରୋଟିଯାକ ସନ୍ତାନ- ରବର୍ଟ, ଦିବୋରା, ଗାରି ଓ ରୋଣ୍ଡା- ତାଙ୍କର ପ୍ରଥମା ସ୍ତ୍ରୀ ରୁଥ୍‌ଙ୍କ ଔରସରୁ ଜାତ । ପୁତ୍ରକନ୍ୟାମାନେ ସଭିଏଁ ବିବାହିତ ଓ ସୁପ୍ରତିଷ୍ଠିତ । ଜ୍ୟେଷ୍ଠପୁତ୍ର ରବ୍, ପିତାଙ୍କ ସଦୃଶ ଏୟାରଫୋର୍ସରେ ଚାକିରି କରୁଥିଲେ । ଏବେ ଅବସର ଗ୍ରହଣ କରିଛନ୍ତି । ସନ୍ତାନମାନେ ଅବଶ୍ୟ ପିତାମାତାଙ୍କ ସହିତ ରହନ୍ତିନି । ସଭିଏଁ ଅବସ୍ଥାପିତ ଦୂରରେ । ପ୍ରଥମା ଓ ଦ୍ୱିତୀୟା ସ୍ତ୍ରୀମାନଙ୍କ ସହିତ ବିବାହ ବିଚ୍ଛେଦ ହେବାପରେ ଜଏସଙ୍କ ସହିତ ଜେମ୍ସଙ୍କର ତୃତୀୟଥର ପାଇଁ ବିବାହ ହୁଏ- ଉଣିଶଶହ ଛୟାଅଣି ମସିହାରେ । ଜଏସ୍‌ଙ୍କର ମୃତ ସ୍ୱାମୀ ଥିଲେ ପୋଲିସ ବିଭାଗର ଫିଙ୍ଗର ପ୍ରିଣ୍ଟ ଏକ୍ସପର୍ଟ । ଜଏସ ଅବସର ଗ୍ରହଣ ପୂର୍ବରୁ ମିସିଗାନ ପ୍ରଦେଶର ଏଗ୍ରିକଲ୍‌ଚରାଲ୍ ଡ଼ିପାର୍ଟମେଣ୍ଟରେ ଚାକିରି କରୁଥିଲେ । ସେଠାକୁ କୌଣସି କାମରେ ଜେମ୍ସ ଗଲାବେଳେ, ତାଙ୍କ ସହିତ ପରିଚୟ, ପ୍ରଣୟ ଓ ପରିଣୟ ।

— ମୋର ଅବଶ୍ୟ ସନ୍ତାନପାଇଁ ମନଦୁଃଖ ନାହିଁ । କାରଣ ଜେମ୍ସର ପୁତ୍ରକନ୍ୟାମାନେ ମତେ ବହୁତ ଭଲପାଆନ୍ତି । ଆପଣ ଜାଣନ୍ତି ? ସେମାନେ ମତେ ମମ୍ ବୋଲି ଡ଼ାକନ୍ତି- ମମ୍ ଜଏସ୍ । ଖୁସିରେ ଡଗମଗ୍ ହୋଇ ଜଏସ୍ ମତେ ବୁଝାଇଦେଲେ ।

— ଆପଣଙ୍କ ପୁତ୍ରକନ୍ୟାମାନେ ନିଶ୍ଚିତରୂପେ ସୁଶୀଳ ଓ ଭଦ୍ର । ମୁଁ ଜବାବ୍ ଦେଲି । ଗତ ସପ୍ତାହରେ ଠିକ୍ ଏଇଦିନ ଜେମ୍ସର ନାତୁଣୀର ବାହାଘର ହେଲା ଏଇ ଘରେ । ଅବଶୋଷର କଥା ଆପଣଙ୍କ ସହିତ ସେତେବେଳେ ପରିଚୟ ହୋଇନଥିଲା । ନ ହେଲେ ନିଶ୍ଚୟ ଆପଣ ନିମନ୍ତ୍ରିତ ହୋଇଥାଆନ୍ତେ । ଜଏସ୍ କହିଲେ ।

Digitized by srujanika@gmail.com

— ମୋର ଦୁର୍ଭାଗ୍ୟ । ମୁଁ ହସି ଉତ୍ତର ଦେଲି ।

ଜେମ୍ସ କହିଲେ- ଏଇତ ! ଗତ ରବିବାର ଠିକ୍ ଏତିକି ବେଳକୁ କିଚେନ ଟେବୁଲରେ, ଜଏସ୍ ୱେଡ଼ିଙ୍ଗକେକ୍‌ଟିକୁ ସଜାଇବାରେ ଲାଗିଥିଲା । ଘରଭର୍ତ୍ତି କୁଣିଆ ମଇତ୍ର । ତାକୁ ନିଃଶ୍ୱାସକୁ ନେବାକୁ ବି ଫୁର୍ସତ୍ ନ ଥିଲା ।

— ନାତୁଣୀ ବାହାଘର କଥା ତ ଏତେ କହୁଛନ୍ତି । କିଛି ନିଜ ବାହାଘର କଥା କୁହନ୍ତୁ ନା ! ଜଏସ୍‌କୁ ମଜା କରି ପଚାରିଲି ।

ଜଏସ୍ ତରୁଣୀ ଝିଅଟିଏ ପରି ଖିଲ୍‌ଖିଲ୍ ହସି କହିଲେ- ଜାଣନ୍ତି ? ଜେମ୍ସ କିନ୍ତୁ ଖାଲି ପାଦରେ ମୋତେ ବାହା ହୋଇଥିଲେ । ପିନ୍ଧିଥିଲେ ନୂଆସୁଟ୍ । ପାଦଥିଲା କିନ୍ତୁ ଜୋତାବିହୀନ । ଆପଣ ବିଶ୍ୱାସ କରିପାରୁଛନ୍ତି ?

— ମୋଟେ ନୁହେଁ । କିନ୍ତୁ ଏଭଳି ଅବିଶ୍ୱସନୀୟ ଘଟଣାଟି ଘଟିଲା କିପରି ?

— ଓଃ ! ସେଦିନ ଥିଲା ଭୀଷଣ ବର୍ଷା । ଆମେ ଚର୍ଚ୍ଚରେ ଅପେକ୍ଷା କରି ବସିଚୁ । ଫାଦରଙ୍କର କିନ୍ତୁ ଦେଖାନାହିଁ । ବର୍ଷାରେ ଭିଜିଯାଇଥିବା ହେତୁ, ଜେମ୍ସ ତାଙ୍କ ଜୋତା ଖୋଲି ଅଲଗା ରଖିଦେଇଥିଲେ ଓ ଖାଲିପାଦରେ, ଫାଦରଙ୍କ ଆଗମନର ପ୍ରତୀକ୍ଷା କରି, ବାରମ୍ବାର ଚର୍ଚ୍ଚର ଦ୍ୱାରଦେଶକୁ ଦୌଡ଼ି ଲାଗିଥିଲେ । ବେଶ୍ ଡେରିରେ ପହଞ୍ଚିଲେ ଫାଦର । ଆଉ ଉତ୍ତେଜନାବଶତଃ ଜୋତା ପିନ୍ଧିବାକୁ ଭୁଲିଯାଇ, ମୋ' ଅନାମିକାରେ ୱେଡ଼ିଙ୍ଗ ରିଙ୍ଗ ପିନ୍ଧେଇ ଦେଲେ ଜେମ୍ସ । ମଜେଦାର୍ ଘଟଣା କି ନାହିଁ କୁହନ୍ତୁ ।

— ନିଶ୍ଚିତରୂପେ ମଜେଦାର୍, କିନ୍ତୁ ଏଇ ମାଧୁର୍ଯ୍ୟଭରା ସ୍ମୃତିଟିକୁ ଭୁଲିଯିବା, ଆପଣଙ୍କ ପାଇଁ କେବେହେଲେ ବି ସମ୍ଭବ ହେବନି ମୁଁ ଜାଣେ, ମୁଁ ଉତ୍ତର ଦେଲି ।

ଫାର୍ମର ଦମ୍ପତିଙ୍କର ଆବାସସ୍ଥଳୀଟି ଥିଲା ବେଶ ରୁଚିପୂର୍ଣ୍ଣ ଓ ସୁସଜ୍ଜିତ । ସବୁ ଆମେରିକାନ ଘର ପରି, ଘରଟି ଥିଲା କାଠରେ ତିଆରି । ଚଟାଣରେ ଏ କାନ୍ଥରୁ ସେ କାନ୍ଥ ପର୍ଯ୍ୟନ୍ତ ମୋଟାଉଲ୍‌ର ଓଟରଂଗା ନରମ ଆରାମପ୍ରଦ ଗାଲିଚା । କାନ୍ଥମାନଙ୍କରେ ବଡ଼ ବଡ଼ ସୁନିର୍ବାଚିତ ପେଣ୍ଟିଙ୍ଗ ତଥା ଆଇନା । ପ୍ରକୋଷ୍ଠ ମାନଙ୍କରେ ଏଠି ସେଠି ଲଟେଉଛି ନହକା ଆଇଭିଲତା ଓ ମନିପ୍ଲାଣ୍ଟ ।

— ଆପଣଙ୍କ ଘରଟି କିନ୍ତୁ ଚମତ୍କାର । କେବେ ତିଆରି କରିଥିଲେ ? ପଚାରିଲି । ଆମେ ଘରଟି କିଣି ନେଇଥିଲୁ ଜଣ ଂଠାରୁ । ବେଶ୍ ଶସ୍ତାରେ, ଏଗାରବର୍ଷ ତଳେ । ଘରଟି ଜରାଜୀର୍ଣ୍ଣ ଥିଲା । ଜେମ୍ସ ନିଜହାତରେ ଯାର ମରାମତି କରିଛନ୍ତି । କାନ୍ଥର ପ୍ଲାଷ୍ଟରିଙ୍ଗଠାରୁ ଆରମ୍ଭ କରି ବାଥ୍‌ରୁମ୍ ଫିଟିଙ୍ଗ୍‌ସ ପର୍ଯ୍ୟନ୍ତ, ସବୁକିଛି କରିଛନ୍ତି ନିଜହାତରେ। ଜଏସ୍ ମୋତେ ଜବାବ୍ ଦେଲେ ।

Digitized by srujanika@gmail.com

– ସତରେ ? ଘରଟି କିନ୍ତୁ ଏକ୍‌ଦମ୍ ନୂଆପରି ଲାଗୁଛି । ମୁଁ ମତବ୍ୟକ୍ତ କଲି । ଏବଂ ମୋର ମନ୍ତବ୍ୟଟି ଫାର୍ମର ଦମ୍ପତିଙ୍କୁ ବେଶ୍ ଖୁସିକଲାପରି ମନେହେଲା । କାରଣ ଯା ପରେ ପରେ, ଦିହେଁ ଅତ୍ୟନ୍ତ ଉତ୍ସୁକତା ତଥା ଉତ୍ତେଜନାର ସହିତ ବେସ୍‌ମେଣ୍ଟ ସମେତ ସମଗ୍ର ଘରଟି ମତେ ବୁଲାଇ ବୁଲାଇ ଦେଖାଇଥିଲେ । ଏବଂ ଦେଖାଇଥିଲେ ବେଶ୍ ଟିକିନିଖି ଭାବରେ । କିଚେନ୍ କ୍ୟାବିନେଟ୍‌ରେ ଧାଡ଼ି ଧାଡ଼ି ହୋଇ ରଖାହୋଇଥିବା ଶୃଙ୍ଖଳା ଫଳ ଟୁକ୍‌ଡ଼ାର ଜାର୍‌ମାନଙ୍କଠାରୁ ଆରମ୍ଭ କରି ଚାତୁର୍ଯ୍ୟ ସହକାରେ ଢ଼ଙ୍କା ହୋଇଥିବା କାଠଚଟାଣର ଭଗ୍ନାଂଶ ପର୍ଯ୍ୟନ୍ତ- ସବୁକିଛି । ସ୍ଥଳବିଶେଷରେ, ସୁଯୋଗ ଦେଖି, ମତେ କିଛି କିଛି ପ୍ରଶଂସାମୂଳକ ଟୀପ୍ପଣୀ ଦେବାକୁ ପଡ଼ିଥିଲା ମଧ ।

ଘରଦେଖା ଶେଷ ହେବାପରେ, ଘରଠାରୁ ଅଳ୍ପଦୂରରେ ପାର୍କ କରି ରଖାହୋଇଥିବା ସେମାନଙ୍କର ଆର୍.ଭିଟିକୁ ଦେଖିବାପାଇଁ ମୁଁ ଆଗ୍ରହ ପ୍ରକାଶ କରିଥିଲି ଓ ପତିପତ୍ନୀ ଦିହେଁ, ଡଲ୍‌ଫିନ୍‌ର ଦରଜା ଖୋଲି, ମତେ ତା' ଭିତରକୁ ନେଇ ଯାଇଥିଲେ । ଏଭଳି ଏକ ସ୍ୱୟଂସଂପୂର୍ଣ୍ଣ ଆରାମପ୍ରଦ ବାସଗୃହ ଯେ ଗୋଟିଏ ଗାଡ଼ିଭିତରେ ସମ୍ଭବ, ତାହା ଡ଼ଲ୍‌ଫିନ୍‌କୁ ନ ଦେଖିଥିଲେ ହୁଏତ ମୁଁ ବିଶ୍ୱାସ କରିନଥାନ୍ତି ।

ଇମ୍ଫଗାଡ଼ିଟିର ଭିତରାଂଶ ଭାଗ ଭାଗ କରି ନିର୍ମିତ ହେଇଛି ତିନୋଟି ପ୍ରକୋଷ୍ଠ- ଲିଭିଙ୍ଗ୍ ରୁମ୍, ବେଡ୍‌ରୁମ୍ ଓ କିଚେନ୍ କମ୍ ଡ଼ାଇନିଂ ରୁମ୍ । ପାଖରେ ସାନ ବାଥ୍‌ରୁମ୍‌ଟିଏ । ଜେନେରେଟର, ବିଜୁଳୀବତୀ, ଏୟାରକଣ୍ଡିସନର, ହିଟିଙ୍ଗ ମେସିନ୍, ପାଣିଟାଙ୍କି, ରେଫ୍ରିଜରେଟର, କୁକିଙ୍ଗରେଞ୍ଜ, ମାଇକ୍ରୋଓଭେନ, ସାଟେଲାଇଟ ଟିଭି, ସୋଫା ଓ ଡ଼ବଲ୍‌ବେଡ୍‌ରେ ଶୋଭିତ ଚଳମାନ ବାସଗୃହଟି ମୋ' ପାଇଁ ଥିଲା ପୃଥିବୀର ନବମ ଆଶ୍ଚର୍ଯ୍ୟ ସଦୃଶ । ମୋ' କୌତୁହଳ ଦେଖି, ଜେଏସ୍ ସବୁ ଜିନିଷପତ୍ର ଖୋଲି ଗୋଟି ଗୋଟି କରି ମୋତେ ଦେଖାଇବାକୁ ଲାଗିଲେ ।

– ଆମେ ବର୍ଷରେ ଛ'ମାସ ଏଇଥିରେ ବସି ସାରା ଆମେରିକା ଘୂରିବୁଲୁ ଯେଉଁଠି ମନହୁଏ, କ୍ୟାମ୍ପିଙ୍ଗ୍ କରି ରାତିଏ ଦିରାତି ରହିଯାଉ । ଜେମ୍‌ସ କହିଲେ । ଏ ଖବରଟି ମଧ ଦେଲେ, ଯେ ଆଜିକାଲି ଅନେକ ଲୋକ ଟାକ୍ସଦେଇ ଘରେ ରହିବା ଅପେକ୍ଷା, ଆର୍.ଭି.ଟିଏ କିଣି ତହିଁରେ ରହିବାକୁ ବେଶୀ ପସନ୍ଦ କରୁଛନ୍ତି ।

– ମୋ ବାପାମା' ନାବ୍ରାସ୍‌କାରୁ ବଦଳିହୋଇ ଏବେ ଆଇଡ଼ାହୋ ଯାଇଛନ୍ତି । ସୁବିଧାରେ ଭଡ଼ାଘର ପାଇନାହାନ୍ତି ଏପର୍ଯ୍ୟନ୍ତ । ରହୁଛନ୍ତି ଜଣେ ବନ୍ଧୁଙ୍କର ଆର୍.ଭି ଭିତରେ । ଚାରି ମାସ ହେଲା । ସନ୍ କହିଲା ।

ଡଲ୍‌ଫିନ୍ ଭିତରେ ଅନେକ ସମୟ ବିତାଇ ବାରିପଟ ବଗିଚାକୁ ଆସିବା ସମୟରେ, ମୋ ବ୍ୟାଗରୁ କାମେରାଟି କାଢ଼ି ମୁଁ ଫାର୍ମର ଦମ୍ପତିଙ୍କୁ ପଚାରିଲି- ଆପଣମାନଙ୍କ ସହିତ ମୁଁ ଗୋଟିଏ ଦୁଇଟି ଫଟ ଉଠାଇ ପାରେକି ?

Digitized by srujanika@gmail.com

— ନିଶ୍ଚୟ, ନିଶ୍ଚୟ । ଜେମ୍‌ସ ତୁରନ୍ତ ଉତ୍ତରଦେଲେ ଓ ସଦ୍ୟ ଇସ୍ତ୍ରୀକରା ସାର୍ଟରୁ ଅଦୃଶ୍ୟ ଧୂଳି ଝାଡ଼ିବାକୁ ଲାଗିଲେ ।

— ମୁଁ ତାହାହେଲେ ପୋଷାକ ବଦଳାଇ ଆସେ । ଶିଶୁସୁଲଭ ଚପଳତାରେ, ଘରଆଡ଼କୁ ଦୌଡ଼ିଯିବା ପାଇଁ ଉଦ୍ୟତ ହେଲେ ଢଏସ୍ ।

— କିଛି ଦରକାର ନାହିଁ । ଏଇ ପୋଷାକରେଇ ଆପଣ ଚମତ୍କାର ଦିଶୁଛନ୍ତି । ମୁଁ ଢଏସ୍‌ଙ୍କ ହାତଧରି ତାଙ୍କୁ ଅଟକାଇଲି ।

ଯା'ପରେ, କେଉଁ ପ୍ରଚ୍ଛଦପଟରେ ଫଟଟିଏ ଉଠାଇଲେ, ତାହା ସଙ୍ଗତ ତଥା ସୁଶୋଭନ ମନେହେବ, ସେ ସଂପର୍କରେ ବେଶ୍ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଆରମ୍ଭ ହୋଇଗଲା ପତିପତ୍ନୀଙ୍କ ମଧ୍ୟରେ ।

ଘରପଛପଟ ଘାସ ଲନ୍‌ରେ ଝୁଲୁଥିଲା କାଠଫ୍ରେମ୍‌ରେ ବନ୍ଧା ଦୋଳିଟିଏ । ଦୋଳି ପଛପଟେ ଅବିନ୍ୟସ୍ତ ହୋଇ ବଢ଼ିଥିବା ଝଙ୍କାଳିଆ ଫୁଲଗଛର ବୁନ୍ଦା ଏବଂ ବୁନ୍ଦା ସାରା ସାନ ସାନ ଗାଢ ଗୋଲାପିରଂଗର ଫୁଲର ମଞ୍ଜରୀ । ଏଇ ଦୋଳିଟି ଚମତ୍କାର ହେବ ବୋଧହୁଏ- ପ୍ରଚ୍ଛଦପଟ ସଂପର୍କୀୟ ମହତ୍ତ୍ୱପୂର୍ଣ୍ଣ ସମସ୍ୟାଟିର ସମାଧାନ କରି ମୁଁ ମତବ୍ୟକ୍ତ କଲି ଓ ମୋର ମତାମତଟି ଫାର୍ମର ଦମ୍ପତିଙ୍କର ମନଃପୂତ ହୋଇଥିଲା ।

ଜେମ୍‌ସ କହିଲେ- ମଝିରେ ମୁଁ ବସିବି । ତୁମେ ଦୁଇଜଣ ଦି'ପଟେ ।

ତଥାସ୍ତୁ- ମୁଁ ଉତ୍ତର ଦେଲି ହସିହସି ।

ସ୍ୱାମୀଙ୍କ ଡାହାଣ କାନ୍ଧରେ ହାତଦେଇ ଜେମ୍‌ସଙ୍କ ପାଖରେ ବେଶ୍ ଅନ୍ତରଂଗ ଭାବରେ ବସିଲେ ଢଏସ୍ । ଏପଟେ ମୁଁ । ସନ୍ ସଟର ଟିପିଲା- ଅପରାହ୍ନର ସୁନାଗଳା ସୂର୍ଯ୍ୟାଲୋକରେ ଆମକୁ କାମେରାକାଚରେ ଫୋକସ୍ କରି ।

ବାହାରେ ଦୁଇଟି ଫଟ ଉଠାଇ ସାରି ଆମେ ଘରକୁ ଆସିଲାପରେ, ଜେମ୍‌ସ ବାହାର କରି ଆଣିଲେ ତାଙ୍କର ଡ଼ିଜିଟାଲ୍ କାମେରା । ଆଗ୍ରହ- ଆଉ କିଛି ଫଟ ଉଠାଇ ରଖିବେ ବୋଲି । ଡ୍ରଇଁରୁମ୍‌ରେ ମୋ ହାତରେ ହାତଛନ୍ଦି ପୋଜ୍ ଦେବାକୁ ଯାଉଛନ୍ତି, ହଠାତ୍ ମନେପଡ଼ିଗଲା ଆମ ପଶ୍ଚାଦ୍‌ଦେଶ କାନ୍ଥରେ ଥିବା ପେଣ୍ଟିଙ୍ଗଟିର ପୁଷ୍ପଗୁଚ୍ଛର କଥା । ସନ୍‌କୁ ସାବଧାନ କରିଦେଲେ- ଦେଖିବୁ ମୋ ମୁଣ୍ଡପଛପଟେ ଯେମିତି ଚିତ୍ରପଟଟି ନରହେ । ନ ହେଲେ ଲାଗିବ ଯେମିତି ମୋ ମୁଣ୍ଡରୁ ଇ ଫୁଲସବୁ ଗଜୁରିଛି । ସନ୍ ଜେଜେବାପାଙ୍କୁ ପ୍ରବୋଧନା ଦେଲା, ସେ ଭୁଲ ସିଏ କଦାଚନ କରିବନି ।

ଫଟଉଠା ସରିବାପରେ ତାଙ୍କର ଅନ୍ୟକୋଡୋଟି ପୁରୁଣା ଫଟ ସହିତ କଂପ୍ୟୁଟର ଡ଼ିସ୍କଟିଏ ମୋ ହାତକୁ ବଢାଇ ଦେଇ ଜେମ୍‌ସ କହିଲେ ।

Digitized by srujanika@gmail.com

– ଆପଣଙ୍କର ଅନେକ ଫଟ ଆମ କଂପ୍ୟୁଟରରେ ରହିଗଲା । ଏ ଡ଼ିସ୍କଟି ମୋ ତରଫରୁ ଆପଣଙ୍କୁ ଉପହାର । ଆପଣଙ୍କ କଂପ୍ୟୁଟର ପାଇଁ ।

– କିନ୍ତୁ ମୋ'ର ଯେ କଂପ୍ୟୁଟର ନାହିଁ । ମୁଁ ଉତ୍ତର ଦେଲି ଓ ମୋ ଉତ୍ତରଟିରେ ବିସ୍ମିତ ହୋଇ ଓ ସାନ 'ଆଁ' ଟିଏ କରି ଜେମ୍‌ସ କିଛିସମୟ ସ୍ଥାଣୁବତ୍ ରହିଗଲେ । ଆମେରିକାରେ ଟିଭି ବା ଫ୍ରିଜ୍‌ପରି, କଂପ୍ୟୁଟର ଏକ ନିତ୍ୟବ୍ୟବହାର୍ଯ୍ୟ ଜିନିଷ ହୋଇଥିବାବେଳେ, ଭୁବନେଶ୍ୱରରେ ଯେ ଏହା ଏକ ମହାର୍ଘ୍ୟବସ୍ତୁ ଓ ସଭିଙ୍କ ଘରେ ନ ଥାଏ- ଏକଥା ତାଙ୍କୁ ବୁଝାଇବା ପାଇଁ ମତେ କିଛିଟ୍ ସମୟ ବ୍ୟୟ କରିବାକୁ ପଡ଼ିଥିଲା ।

– କିନ୍ତୁ ଆପଣଙ୍କ ପୁଅର ତ ଥିବ । ଜେମ୍‌ସ ପଚାରିଲେ ।

– ପୁଅର ଅବଶ୍ୟ ତିନୋଟି କଂପ୍ୟୁଟର । ଗୋଟିଏ ତା' ନିଜର । ଅନ୍ୟଟିରେ ତା ପୁଅ ଖେଳେ । ତା'ଛଡ଼ା ସାଥିରେ ଏଠିସେଠି ନେଇଯିବାପାଇଁ ଗୋଟିଏ ପୋର୍ଟେବ୍‌ଲ ଲାପ୍‌ଟପ୍ କଂପ୍ୟୁଟର ମଧ୍ୟ ଅଛି ତାର ।

– ତା ହେଲେ ଡ଼ିସ୍କଟି ନେଇଯାଆନ୍ତୁ । ପୁଅର କଂପ୍ୟୁଟରରେ ଦେଖିଦେବେ । ଧନ୍ୟବାଦ ଦେଇ ଜେମ୍‌ସଙ୍କଠାରୁ ଡ଼ିସ୍କଟି ଗ୍ରହଣ କଲି ।

ଫଟ ଉଠାଇବା ପରେ ପରେ ଅତିଥିଚର୍ଚ୍ଚାରେ ବେଶ୍ ସକ୍ରିୟ ହୋଇଉଠିଲେ ଜଏସ୍ । ଡ଼ାଇନିଂଟେବ୍‌ଲର ଧଳାଲେସ୍‌ର ଟେବ୍‌ଲକ୍ଲଥ ଉପରେ ସଜାଇ ରଖିଲେ ଚମତ୍କାର ଫୁଲପକା ସାନବଡ଼ ପ୍ଲେଟମାନ । ସ୍ୱଚ୍ଛ, ସୁଦୃଶ୍ୟ ଗ୍ଲାସ୍‌ରେ ଢ଼ାଳିଦେଲେ ରଂଗୀନ୍ ଫଳରସ । ସୁମିଷ୍ଟ ଓ ସ୍ୱାଦିଷ୍ଟ ଆପଲ୍ ସାଇଡର୍ ଓ ସଯତ୍ନରେ ପରଶିଦେଲେ ପ୍ରିଜେଲ୍, ମଫିନ୍‌ସ୍ ଓ ପେସ୍‌ଟ୍ରି । ସାଥିରେ ମଞ୍ଜିବିହୀନ କଳା ଅଙ୍ଗୁର ହନିଡିଉ ୱାଟର ମେଲନ୍ ଓ ପେସ୍‌ଟ୍ରି । କହିଲେ ଏ ମଫିନ୍‌ସ୍ କିନ୍ତୁ ଆପଣଙ୍କ ପାଇଁ ମୁଁ ମାୟାର୍ସରୁ ଯାଇ ଆଣିଛି ।

– ମାୟର୍ସ ? ସେ ଡିପାର୍ଟମେଣ୍ଟାଲ୍ ଷ୍ଟୋର୍‌ଟିତ ଅନେକଦୂର । ମୋ ପୁଅ ଘର ପାଖରେ ।

– ତାର ବେକାରୀ ସେକ୍‌ସନ୍‌ଟି ବହୁତ ଭଲ । ଜଏସ୍ ତେଣୁ ଆପଣଙ୍କ ପାଇଁ ସ୍ପେସିଆଲ୍ ମଫିନ୍‌ସ କିଣି ଆଣିଛି ଆଜି ସେଇଠୁ, ଜେମ୍‌ସ କହିଲେ ।

– ଆପଣଙ୍କ ପରିଶ୍ରମ ପାଇଁ ଅଜସ୍ର ଧନ୍ୟବାଦ । ସ୍ୱାଦିଷ୍ଟ ମଫିନ୍‌ସରୁ ଟୁକୁଡାଏ ପାଟିରେ ଭର୍ତ୍ତିକରି ତା'ର ଚେରୀମିଶା ଘ୍ରାଣ ନେଉ ନେଉ, ଜଏସ୍‌ଙ୍କ ଆତିଥେୟତା ପାଇଁ କୃତଜ୍ଞତା ସ୍ୱୀକାର କଲି ମୁଁ ।

ଆଳାପ, ଆଲୋଚନାରେ ସମୟ ଗଡି ସନ୍ଧ୍ୟା ହେବାକୁ ବସିଲା । ମହଜଣ ପଡିଆସିଲା ସୂର୍ଯ୍ୟକିରଣ ଓ ସନ୍ ବାରମ୍ବାର ମନେପକାଇବାକୁ ଲାଗିଲା ଲାନ୍‌ସିଂ ଫେରି ଯିବାର କଥା ।

Digitized by srujanika@gmail.com

ଫାର୍ମର ଦମ୍ପତ୍ତିଙ୍କଠାରୁ ବିଦାୟ ମାଗି, ଲୋଟାକୋଟା ଶାଢ଼ୀ ସଜାଡି ସୋଫାରୁ ଉଠି ଠିଆହେଲି । ହଠାତ୍ ଜଏସ୍ ପଚାରିଲେ ଆପଣଙ୍କ ଶାଢ଼ୀମଝିରେ ଯେ ଏତେଗୁଡ଼ିଏ କୁଞ୍ଚ ପଡ଼ିଛି ତାକୁ କେମିତି ସିଲେଇ କରିଛନ୍ତି ?

— ଶାଢ଼ୀଟି ଛ'ଗଜ ଲମ୍ବା କନା ଖଣ୍ଡିଏ ମାତ୍ର । ସିଲେଇ ହୁଏନି ।

— ସତରେ ? ତାକୁ ତାହେଲେ ପିନ୍ଧନ୍ତି କେମିତି ଆପଣମାନେ ?

— ଅଭ୍ୟାସର କଥା । ଈଷତ୍ ହସି ମୁଁ ଜବାବ୍ ଦେଲି ।

ସନ୍ନର ଗାଡି ପିଣ୍ଡାତଳେ ପାର୍କ କରାଯାଇଥିଲା । କାଠସିଢ଼ି ଦେଇ ମୁଁ ଓହ୍ଲାଇ ଆସିଲି ତଳକୁ । ଫାର୍ମର ଦମ୍ପତ୍ତି ମଧ ପାଦରେ ପାଦ ମିଳାଇ ବାହାରକୁ ଆସିଲେ ମୋ' ସହିତ । ପ୍ରୀତିପୂର୍ଣ୍ଣ ବ୍ୟବହାର ପାଇଁ ତଥା ମୋ'ପାଇଁ ଖର୍ଚ୍ଚ କରିଥିବା ସେମାନଙ୍କର ମୂଲ୍ୟବାନ ସମୟ ପାଇଁ ସେମାନଙ୍କୁ ଆଉଥରେ ଧନ୍ୟବାଦ ଦେଇ, ବୃଦ୍ଧା ଜଏସ୍‌କୁ ଆଶ୍ଲେଷ କରି ଏବଂ ସର୍ବଶେଷରେ ଜେମ୍‌ସଙ୍କ ସହିତ କରମର୍ଦ୍ଦନ ସାରି ଠିକ୍ ଗାଡି ଭିତରକୁ ପାଦ ରଖିବାକୁ ଯାଉଛି, ଜେମ୍‌ସ ପଛରୁ ମତେ ଡାକିଲେ, ମୃଦୁ ସ୍ୱରରେ—କାନନ !

ଘୂରି ଚାହିଁଲି ।

— ଏଇଟା କିନ୍ତୁ ମୋ ପ୍ରତି ରୀତିମତ୍ ଅନ୍ୟାୟ ଓ ଅବିଚାର । ବିଷନ୍ନ ହସ ହସି ଜେମ୍‌ସ କହିଲେ । ତମେ ଜଏସ୍‌କୁ କଣ୍ଠଲଗ୍ନା କରି ତାଙ୍କଠାରୁ ବିଦାୟ ମାଗିନେଲ ଅଥଚ ମୋ ସହିତ କେବଳ ହାତ ମିଳାଇଗଲ ଭଦ୍ରତା ଖାତିର୍‌ରେ - ନିଛକ୍ କାମ ତୁଟେଇଲା ଭଳିଆ ।

ଜେମ୍‌ସଙ୍କ ମନ୍ତବ୍ୟଟି ମୋ ପାଇଁ ଥିଲା ସଂପୂର୍ଣ୍ଣରୂପେ ଅପ୍ରତ୍ୟାଶିତ । ସତ କଥା କହିବାକୁ ଗଲେ, ତାଙ୍କ ମୁହଁରୁ ଏଭଳି ଭାବପ୍ରବଣ ମୂଳକ କଥାଟିଏ ଶୁଣିବି ବୋଲି ମୁଁ ସ୍ୱପ୍ନରେ ବି ଭାବିନଥିଲି ଏବଂ ସେଇଥିପାଇଁ ମୁହୂର୍ତ୍ତକପାଇଁ କିଂକର୍ତ୍ତବ୍ୟ ବିମୂଢ଼ ହୋଇଗଲି ମଧ ।

ଏବଂ ଯା'ପରେ ଭଲକରି ଚାହିଁଲି ଜେମ୍‌ସଙ୍କର ମୁହଁକୁ । ଏପର୍ଯ୍ୟନ୍ତ ଜବରଦସ୍ତି ପେଚ ଦେଇ ଅଣ୍ଟା ହୋଇଥିବା ଗାମ୍ଭୀର୍ଯ୍ୟର ନକଲି ମୁଖୋଶଟି ଏବେ ଖସି ପଡିଥିଲା ଏୟାର୍‌ଫୋର୍ସର ଅବସରପ୍ରାପ୍ତ ପଦସ୍ଥ ଅଧିକାରୀଙ୍କ ମୁହଁରୁ । ଆମ ଦୁଇଜଣଙ୍କ ଭିତରେ ଥିବା ସମସ୍ତ ଭୌଗୋଳିକ ସୀମାରେଖାର କଣ୍ଟାବାଡକୁ ଭାଙ୍ଗିଦେଇ ମୋ' ଆଖି ଆଗରେ ଠିଆହୋଇଥିଲା କେବଳ ମଣିଷଟିଏ । ସ୍ନେହକାଙ୍ଗାଳ, ଅଭିମାନୀ ମଣିଷଟିଏ । ନରମ ହୃଦୟ ଓ ସ୍ୱର୍ଣକାନ୍ତ ମନର ନିବୁଡା ଖାଣ୍ଟି ମଣିଷଟିଏ ।

Digitized by srujanika@gmail.com

ପରିସ୍ଥିତିକୁ ଲଘୁ କରିବାର ପ୍ରୟାସ ନେଇ ମଜାକରି କହିଲି – ଆହା ! ଜଏସ୍ କାଳେ ରାଗିବେ ବୋଲି ମୁଁ ଆପଣଙ୍କ ପାଖକୁ ଯିବାକୁ ସାହସ କରିପାରିଲିନି । ଜଏସ୍ ଖିଲିଖିଲି ହସି କହିଲେ – ମୋଟେ ନୁହେଁ, ମୋଟେ ନୁହେଁ ।

ମୁଁ ପୂର୍ନବାର କହିଲି - ଜେମ୍ସ । ମୁଁ ମୋ ଭୁଲ୍‌ପାଇଁ ଏଇ ଦେଖନ୍ତୁ ଆପଣଙ୍କଠୁ କ୍ଷମା ମାଗି ନେଉଛି । ଆଉ ମୋ ଭୁଲ୍‌ର ପ୍ରାୟଶ୍ଚିତ୍ତ ସ୍ୱରୂପ ଜଏସ୍‌କୁ ମାତ୍ର ଦୁଇଟି ସେକେଣ୍ଡ୍ କୁଣ୍ଢାଇକି ଧରିଥିବା ବେଳେ, ଆପଣଙ୍କ ପାଇଁ ପୂରା ଦୁଇମିନିଟ୍ ସମୟ ନିର୍ଦ୍ଧାରିତ କରୁଛି ।

ସ୍ମିତହସର ଝଲକ୍‌ରେ ଜେମ୍ସ୍‌ଙ୍କ ମୁହଁର ଅଭିବ୍ୟକ୍ତି କୋମଳ ହେଲା । ମୁଁ ଆଗକୁ ହାତ ବଢ଼ାଇଲି ଏବଂ ଏକାସମୟରେ ତାଙ୍କର ଦୁଇବାହୁ ପ୍ରସାରି ତା'ର ନାଗଫାଶରେ ଜେମ୍ସ୍ ମତେ ବନ୍ଦୀ କଲେ । ମୋ'ଠାରୁ ପ୍ରାୟ ଫୁଟେ ଉଚ୍ଚରେ ତାଙ୍କର ମସ୍ତକ ଥିଲା ଓ ତାଙ୍କ ପ୍ରଶସ୍ତ ଛାତିର ବାଁ ପଟେ ଥିଲା ମୋର ଡାହାଣ କାନ । ତାଙ୍କ ଆମେରିକାନ୍ ହୃଦୟର ସ୍ପନ୍ଦନ ସେ କାନରେ ମୁଁ ବେଶ୍ ସ୍ପଷ୍ଟଭାବରେ ଶୁଣି ପାରିଲି ଏବଂ ସେ ସ୍ପନ୍ଦନର ତାଳ ଓ ଲୟ ମୋ ଭାରତୀୟ ହୃଦ୍‌ସ୍ପନ୍ଦନର ତାଳ ଓ ଲୟଠାରୁ ଆଦୌ ଭିନ୍ନ ନଥିଲା ।

ଆମ ଚାରିପଟେ ସନ୍ଧ୍ୟା ଘନେଇ ଆସୁଥିଲା । ପଛପଟ ମୁକୁଳା ଜମିରୁ ହୁ ହୁ ହୋଇ ବହିଆସୁଥିଲା ହିମେଳ ପବନ । ସେ ପବନରେ ମୋ ନୀଳ ସିଲ୍କ ଶାଢ଼ୀର ପଣତ ଇତଃସ୍ତତଃ ଉଡି ପିଟି ହେଉଥିଲା ଜେମ୍ସଙ୍କ ଦେହରେ । ପାଦତଳେ ଆମର ସଜଫୁଟା ଫୁଲର ମେଖଳା । ଜେରାନିୟମ୍ ଓ ମକଦଲ ଫୁଲର ଶେଯ । ଏଗାରବର୍ଷ ତଳେ ଘରସାମ୍ନାରେ ଜେମ୍ସ ସ୍ୱହସ୍ତରେ ରୋପଣ କରିଥିବା ମାପଲ ଗଛର କେତୋଟି ରଂଗିନ୍ ଝରାପତ୍ର ଖସିପଡିଲା ଆମ ଉପରେ - ଆକାଶ ଦେବତାଙ୍କର ଆଶୀର୍ବାଦୀ ଜବାପୁଷ୍ପ ପରି। ଦୁଇଟି ଭିନ୍‌ଦେଶୀ ମଣିଷଙ୍କର ବନ୍ଧୁତ୍ୱରୂପୀ ଦସ୍ତାବିଜ୍ ଉପରେ ଶିଲ୍‌ମୋହରର ଜବରଦସ୍ତ ସ୍ୱାକ୍ଷର ପରି ।

ମୋ ଦ୍ୱାରା ନିର୍ଦ୍ଧାରିତ ହୋଇଥିବା ଦୁଇ ମିନିଟ୍ ସମୟ ଅନେକବେଳୁ ଅତିକ୍ରାନ୍ତ ହୋଇସାରିଥିଲା । କିନ୍ତୁ ମୋତେ ଘେରି ରହିଥିବା ଜେମ୍ସଙ୍କ ବାହୁବନ୍ଧନ ଶିଥିଳ ହେବାର କୌଣସି ଲକ୍ଷଣ ମୁଁ ଦେଖିବାକୁ ପାଇଲିନି ।

*ଜାନୁୟାରୀ, ୨୦୦୦*

❑❑❑

Digitized by srujanika@gmail.com

# ଡେଭିଡ୍‌ଙ୍କ ପାଇଁ ଗପଟିଏ

ଡକ୍ଟର ଓ୍ୱାନ୍‌ଖର୍ଟ କିନ୍ତୁ ସିଧାସଳଖ ମୋ ପ୍ରଶ୍ନଟିର ଉତ୍ତର ନଦେଇ, ନିହାତି ଅପ୍ରାସଙ୍ଗିକ ଭାବରେ, ତାଙ୍କଦ୍ୱାରା ଚିକିତ୍ସିତ ହେଉଥିବା ତାଙ୍କର ଜଣେ ବାଲ୍ୟବନ୍ଧୁ ଆଡମ୍ ସ୍ମିଥ୍‌ଙ୍କ ଘରକୁ ସେଦିନ ସନ୍ଧ୍ୟାରେ ତାଙ୍କ ସହିତ ଯିବାପାଇଁ ମୋତେ ନିମନ୍ତ୍ରଣ କରି ବସିଲେ । ଏବଂ କିଞ୍ଚିତ୍ ଅଧୈର୍ଯ୍ୟ ହୋଇ ତାଙ୍କୁ ଅଳ୍ପସମୟ ପୂର୍ବରୁ ପଚାରିଥିବା ପ୍ରଶ୍ନଟି ମୁଁ ପୁଣି ଥରେ ଦୋହରାଇଲି – ଆପଣ କହିଲେନି ତ ? ଆପଣଙ୍କ ସାମ୍‌ନାରେ ସେଦିନ ମୁଁ ବିବ୍ରତ ହୋଇ ଅଶ୍ରୁମୋଚନ କରିଥିବା ଦୃଶ୍ୟଟି କାହିଁକି ଆପଣଙ୍କ ପାଇଁ ଅବିସ୍ମରଣୀୟ ?

ଡକ୍ଟର ଓ୍ୱାନ୍‌ଖର୍ଟ ଏଥରକ ମଧ ରହସ୍ୟାବୃତ୍ତ ଜବାବ୍‌ଟିଏ ଦେଲେ ମୋତେ । ଆଖିର ମଣି ନଚାଇ କହିଲେ – ଆପଣ ଆଗ ଚାଲନ୍ତୁ ନା ଆଜି ମୋ ସହିତ ଆଡମ୍ ଘରକୁ ! ଜବାବ୍ ଠିକ୍ ସମୟରେ ମିଳିଯିବ ଆପଣଙ୍କୁ ।

ଡକ୍ଟର ଡେଭିଡ୍ ଓ୍ୱାନ୍‌ଖର୍ଟ ଥିଲେ ଯୁକ୍ତରାଷ୍ଟ୍ର ଆମେରିକାର ଏକ ପ୍ରଖ୍ୟାତ ହସ୍‌ପିଟାଲ୍‌ର ଔଷଧ ବିଶାରଦ ଏବଂ ସେଠାରେ ଦାଖଲ ହୋଇଥିବା ମୋ ସ୍ୱାମୀ ବିନୟଙ୍କର ସମଗ୍ର ଚିକିତ୍ସାର ଭାର ବହନ କରିଥିବା ଭେଷଜବିଜ୍ଞାନୀ । ଥିଲେ ବିଦ୍ୱାନ୍ ଏବଂ ସୁପୁରୁଷ । ବୟସକୁ ଫାଙ୍କି ଦେଲାପରି ପିନ୍‌ପିନ୍ ପତଳା ଚେହେରା । ବେଦାଗ, ଗୋଲାପି ତ୍ୱକ୍ । ଚକ୍ଷୁର ତାରକା ଦୁଇଟି ଗଭୀର ଜଳଧିପରି ସବୁଜ । ମଥାର କେଶତକ ଥିଲା ସୁନେଲୀ ରେଶମ୍‌ସୂତା ପରି ହାଲ୍‌କା ଓ ମୁଲାୟମ୍ ।

ଚିକେନ୍‌ପକ୍ସ ଓ ତଦ୍‌ଜନିତ ନିମୋନିଆରେ ଆକ୍ରାନ୍ତ ହୋଇ ହସ୍‌ପିଟାଲ୍‌ରେ ଭର୍ତ୍ତି ହୋଇଥିବା ବିନୟଙ୍କୁ ଦେଖିବାପାଇଁ ଆମେ ରହୁଥିବା ପ୍ରକୋଷ୍ଠଟିକୁ ଡେଭିଡ୍ ଆସୁଥିଲେ ସବୁଦିନ, ଠିକ୍ ଦିନ ଦୁଇଟାବେଳେ । ପ୍ରଥମ ଦିନ ଭିତରକୁ ପଶିଆସି, ଆମେରିକୀୟ ରୀତି ଅନୁଯାୟୀ ମୋ ସହିତ କରମର୍ଦ୍ଦନ କରି ନିଜର ପରିଚୟ ପ୍ରଦାନ କରିଥିଲେ – ମୁଁ ଡକ୍ଟର ଡେଭିଡ୍ ଓ୍ୱେନ୍‌ଖର୍ଟ । ଏଠାରେ ମେଡିସିନ୍ ସ୍ପେଶାଲିଷ୍ଟ । ଆପଣ କିନ୍ତୁ ମତେ ଡେଭିଡ୍ ବୋଲି ଡାକିପାରନ୍ତି । ଆମେରିକାରେ ସାନବଡ ନିର୍ବିଶେଷରେ ପରସ୍ପରକୁ ନାମଧରି ଡାକିବାର ଚଳଣୀରେ ମୁଁ ସେତେବେଳକୁ ପରିଚିତ ହୋଇ ସାରିଥିଲି । ପ୍ରତ୍ୟୁତ୍ତରରେ ମୃଦୁହସି କହିଥିଲି – ମୁଁ କାନନ, ଆପଣଙ୍କ ଚିକିତ୍ସାଧୀନ ମଣିଷଟିର ପତ୍ନୀ ।

Digitized by srujanika@gmail.com

ଡେଭିଡ୍ ଥିଲେ କାର୍ଯ୍ୟବ୍ୟସ୍ତ ମଣିଷ । ଦରକାରରୁ ପଦିଏ ବେଶୀ କଥା କହୁନଥିଲେ । କହିବାର ସମୟ ବି ନଥିଲା । ପହଞ୍ଚିଯାଇ ବିନୟଙ୍କର ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଚାର୍ଟଟି ନର୍ସଙ୍କଠାରୁ ମାଗି ଦେଖୁଥିଲେ । କରିବାକୁ ଥିବା ବିଭିନ୍ନ ପରୀକ୍ଷା ନିରୀକ୍ଷା ସଂପର୍କରେ ଫାଇଲ୍‌ରେ ନୋଟ୍ ଲେଖୁଥିଲେ । ଏବଂ ଧମନୀରେ ଦିଆଯାଉଥିବା ଏସାଇକ୍ଲୋଭିର୍ ଡ୍ରିପ୍‌ଟିର ମାଇନା କରି ତଥା ବ୍ୟସ୍ତ ହେବାର ବିଶେଷ କିଛି କାରଣ ନାହିଁ ବୋଲି ମୋତେ ଜଣାଇ ଦ୍ରୁତପଦକ୍ଷେପରେ ବିଦାୟ ନେଉଥିଲେ । କଥାବାର୍ତ୍ତା ଓ ବ୍ୟବହାରରେ ଥିଲେ ଭଦ୍ର ଓ ସଂଭ୍ରମଶୀଳ । କିନ୍ତୁ କିଛି ମାତ୍ରାରେ ନିରୁତ୍ତାପ ।

ମାତ୍ର ତାଙ୍କର ନିରୁତ୍ତାପ ବ୍ୟବହାରରେ ସହସା ପରିବର୍ତ୍ତନ ଆସିଥିଲା ବିନୟ ସଂକଟାପନ୍ନ ଅବସ୍ଥାରେ ଇଣ୍ଟେନ୍‌ସିଭ୍ କେୟାର ଇଉନିଟ୍‌ରେ ଦାଖଲ ହେବାପରେ । ଅଚାନକ ନିଃଶ୍ୱାସ ପ୍ରଶ୍ୱାସ ନେବାରେ ବିନୟ ଅସମର୍ଥ ହୋଇ ପଡିଥିବାରୁ ସ୍ୱାଭାବିକ ଶ୍ୱାସକ୍ରିୟା ପାଇଁ ଭେଣ୍ଟିଲେଟର୍ ମେସିନ୍‌ଟିର ସାହାଯ୍ୟ ଜରୁରୀ ହୋଇ ପଡ଼ିଥିଲା । ଏବଂ ଯା'ପରେ ଧୀରେ ଧୀରେ ଚିକେନ୍‌ପକ୍ସ ଭାଇରସ୍ ଦ୍ୱାରା ଆକ୍ରାନ୍ତ ହୋଇ ତାଙ୍କ ଶରୀରର ବିଭିନ୍ନ ଅଂଶ – ଫୁସ୍‌ଫୁସ୍, ହୃଦ୍‌ପିଣ୍ଡ, ପାକସ୍ଥଳୀ, ଅସ୍ଥିମଜ୍ଜା, ଯକୃତ୍, କିଡ୍‌ନୀ ତଥା ରକ୍ତକଣିକା ସେମାନଙ୍କର କାର୍ଯ୍ୟକ୍ଷମତା ହରାଇ ଗୋଟି ଗୋଟି କରି ଅକାମୀ ହେବାକୁ ଆରମ୍ଭ କରିଥିଲେ । ସଂଜ୍ଞାହୀନ ବିନୟଙ୍କୁ ନିବୁଜ କାଚକବାଟ ବାଟେ ଥରଟେ ଝାପ୍‌ସା ଆଖିରେ ଚାହିଁଦେଇ ଆସି ଆଇ.ସି.ୟୁର ଲାଉଞ୍ଜ୍ ବା ବିଶ୍ରାମକକ୍ଷରେ ବସି ନୀରବରେ ଅଶ୍ରୁପାତ କରିବା ତଥା ଆର୍ତ୍ତକଣ୍ଠରେ ଈଶ୍ୱରଙ୍କୁ ସ୍ମରଣ କରିବା ବ୍ୟତୀତ ଅନ୍ୟ କିଛି ଉପାୟ ଦିଶୁନଥିଲା ମତେ ।

ଡେଭିଡ୍ କିନ୍ତୁ ସାରାଦିନ ବାରମ୍ବାର ଆସି ଦେଖା କରୁଥିଲେ ମୋ ସହିତ । ବିଦେଶ ଭୂଇଁରେ ସାହାଭରସାହୀନ କ୍ରନ୍ଦସୀ, ଅସହାୟ ମହିଳାଟି ପ୍ରତି କିଞ୍ଚିତ୍ କରୁଣା ଓ ମମତ୍ୱବୋଧ ତାଙ୍କ ମନରେ ଜାଗରିତ ହୋଇଥିଲା ନିଶ୍ଚୟ । ଥିଲେ ନିଶ୍ଚିତଭାବରେ ସମବ୍ୟଥୀ ଓ ଦରଦୀ । ଏକାଧିକବାର ଲାଉଞ୍ଜ୍ ବାହାରକୁ ଡାକି ବିନୟଙ୍କ ଅବସ୍ଥାର ପୁଙ୍ଖାନୁପୁଙ୍ଖ ବିବରଣୀ ମୋତେ ଦେଉଥିଲେ ଏବଂ ତତ୍‌ସହିତ ଦେଉଥିଲେ ମୋ'ପାଇଁ ଉଦ୍ଦିଷ୍ଟ କିଛି କିଛି ସାନ୍ତ୍ୱନାର ବାଣୀ ମଧ – ଡାକ୍ତର ଗୋଷ୍ଠୀମାନଙ୍କର ପ୍ରୟାସ ଜାରି ରହିଛି ବୋଲି କହି ।

ବିନୟ ଆଇ.ସି.ୟୁରେ ଦାଖଲ ହେବାର ଚତୁର୍ଥଦିନ କିନ୍ତୁ ଡେଭିଡ୍‌ଙ୍କର ସେ ସାନ୍ତ୍ୱନାବାଣୀ ବନ୍ଦ୍ ହୋଇଯାଇଥିଲା । ମୁହଁରେ ବିଷନ୍ନତାର ଲେପ ବୋଳି ଅତ୍ୟନ୍ତ ସଙ୍କୁଚିତ ଭାବରେ ମୋତେ ଆସି ଜଣାଇଥିଲେ ଯେ ସେମାନଙ୍କର ଆପ୍ରାଣ ଚେଷ୍ଟା ସତ୍ତ୍ୱେ, ବିନୟଙ୍କର ଅବସ୍ଥା ଏବେ ବେଶ୍ ଉଦ୍‌ବେଗଜନକ ଏବଂ ବର୍ତ୍ତମାନର ପରିସ୍ଥିତିରେ କେବଳ ଭଗବାନ ହିଁ ଭରସା ।

Digitized by srujanika@gmail.com

ତାଙ୍କ କଥା ଶୁଣିବାପରେ, ଅଚାନକ ହସ୍‌ପିଟାଲ୍‌ର କକ୍ଷଗୁଡ଼ିକ ସତେ ଅବା ଚକା ଚକା ଭଉଁରୀ ଖେଳିବାକୁ ଆରମ୍ଭ କରିଥିଲେ ମୋ ଚାରିପଟେ । ମନେ ହୋଇଥିଲା ଏକ ନିଛିଦ୍ର ଅନ୍ଧକାର ଗହ୍ୱର ଭିତରେ ମୁଁ ଯେମିତି ବନ୍ଦୀ । ଛାଟିପିଟି ହୋଇ ବାହାରି ଆସିବାକୁ ବାଟ ଖୋଜୁଛି, କିନ୍ତୁ ବାଟ ପାଉନି । ସାମ୍‌ନାରେ ଠିଆ ହୋଇଥିବା ଡେଭିଡ୍‌ଙ୍କ ହାତଦୁଇଟି ବିକଳରେ ଜାବୁଡ଼ି ଧରି ବାଷ୍ପାକୁଳ କଣ୍ଠରେ ଓ ସଙ୍ଗତିବିହୀନ ଭାଷାରେ କହିଥିଲି – ଆପଣ ହିଁ ଏବେ ମୋ ପାଇଁ ଭଗବାନ୍ । ମତେ ଫେରେଇଦିଅନ୍ତୁ ମୋ ସ୍ୱାମୀଙ୍କୁ । ପ୍ଲିଜ୍, ପ୍ଲିଜ୍ । ଡେଭିଡ୍ କିନ୍ତୁ ଉଚ୍ଚବାଚ୍ୟ ନକରି ଓ ନତମୁଖ ହୋଇ ଏକ ନିର୍ଜୀବ କାଷ୍ଠଖଣ୍ଡ ସଦୃଶ ନୀରବରେ ଠିଆ ହୋଇ ରହିଥିଲେ ମୋ ସାମ୍‌ନାରେ, ଅନେକ ସମୟ ଯାଏ । ମୁଁ ହାତରେ ଜାବୁଡ଼ି ଧରିଥିବା ତାଙ୍କର ପାପୁଲି ଦୁଇଟି ଓ ଆଙ୍ଗୁଠିତକ ମୋର ଟୋପା ଟୋପା ଲୁହରେ ପୂରାପୂରି ଓଦା ହୋଇଯିବା ପର୍ଯ୍ୟନ୍ତ ।

ମୋର ଆକୁଳ ଆର୍ତ୍ତିରେ ଈଶ୍ୱରଙ୍କର ସିଂହାସନ ଟଳମଳ ହୋଇଥିଲା କି ନାହିଁ ଜାଣେନି । କିନ୍ତୁ ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ ଭାବରେ ଏବଂ ଚିକିତ୍ସକମାନଙ୍କର ସମସ୍ତ ତଥ୍ୟ ଓ କଳନାକୁ ଭୁଲ୍ ପ୍ରମାଣ କରି ତା' ପରଦିନଠାରୁ ବିନୟଙ୍କର ଅବସ୍ଥାର କ୍ରମୋନ୍ନତି ଘଟିଥିଲା ଓ ଏହାର ବାରଦିନପରେ ଘରକୁ ଫେରିବାପାଇଁ ସେ ସକ୍ଷମ ହୋଇଉଠିଥିଲେ ।

ବିନୟଙ୍କର ଆରୋଗ୍ୟଲାଭରେ ସବୁଠାରୁ ବେଶୀ ଉତ୍‌ଫୁଲ୍ଲ ହୋଇଥିଲେ ଡେଭିଡ୍ । ହସ୍‌ପିଟାଲ୍‌ରୁ ଛାଡ ପାଇବା ଦିନ ସାରା ସକାଳ ବିତାଇଥିଲେ ଆମ ସହିତ । ଅନେକ ଗପ କରିଥିଲେ । କହିଥିଲେ ତାଙ୍କ ପରିବାରର କଥା । ପ୍ରିୟତମା ପତ୍ନୀ ତଥା ଆଦରଣୀୟା କନ୍ୟାଟିର କଥା । ସ୍ୱନାମାଙ୍କିତ କାଗଜର ଫର୍ଦ୍ଦରେ, ଆମର ଫେରନ୍ତା ଯାତ୍ରା ସମୟରେ ବିନୟଙ୍କୁ ଆରାମପ୍ରଦ ସିଟ୍‌ଟିଏ ଦେବାପାଇଁ ଅନୁରୋଧ କରି ଚିଠି ଲେଖିଥିଲେ ଏୟାର୍‌ଲାଇନ୍‌ସ୍ ଅଫିସକୁ । ଡିସ୍‌ଚାର୍ଜ ରିପୋର୍ଟଟି ଦସ୍ତଖତ୍ କରି ମୋ ହାତକୁ ବଢାଇ ଦେଲାବେଳକୁ ତାଙ୍କର ଶୁଭେଚ୍ଛା ତଥା ସାହଚର୍ଯ୍ୟ ପାଇଁ ଡେଭିଡ୍‌ଙ୍କୁ ଧନ୍ୟବାଦ ଜଣାଇ କହିଲି – ବିନୟ କିନ୍ତୁ କେଇଦିନ ଧରି ଏଠି ଆପଣମାନଙ୍କୁ ବେଶ୍ ବିବ୍ରତ କରିଗଲେ ।

ଡେଭିଡ୍ କହିଲେ – ଜାଣନ୍ତି ? ଚିକେନ୍‌ପକ୍ସ ଭାଇରସ୍‌ର ଏଭଳି ଦୁର୍ଦ୍ଧାନ୍ତ ଆକ୍ରମଣ ଆମ ହସ୍‌ପିଟାଲ୍‌ର ଇତିହାସରେ ବିରଳ । ମୋର କର୍ମମୟ ଜୀବନକାଳ ଭିତରେ ବି ମୁଁ କେଉଁଠି ଦେଖିବି । ବିନୟଙ୍କର ସାରା ଶରୀର ସଂକ୍ରମିତ ହୋଇ ବେମାରିଟି ଦୁରାରୋଗ୍ୟ ସେପ୍‌ଟିସେମିଆରେ ପରିଣତ ହୋଇଥିଲା । ବସ୍ତୁତଃ, ଏ କେସ୍‌ଟି ଏତେ ବେଶୀ ଅସାଧାରଣ ଯେ କାଲି ମେଡିକାଲ୍ କଲେଜ୍‌ରେ କ୍ଲାସ୍ ନେଲାବେଳେ ଛାତ୍ରମାନଙ୍କୁ ମୁଁ ଏହାର ଗଭୀର ଅନୁଶୀଳନ ପାଇଁ ଉପଦେଶ ଦେଇଛି ।

Digitized by srujanika@gmail.com

— ମୁଁ ମଧ ସେଦିନ କାନ୍ଦିକାଟି ଆପଣଙ୍କୁ ବହୁତ ହଇରାଣ କରିଛି । ଆଶାକରେ ଆପଣ ମୋର ଧୈର୍ଯ୍ୟହୀନତା ଓ ପିଲାଳିଆମିକୁ କ୍ଷମା କରିଦେଇଛନ୍ତି ।

— ମୋତେ ନୁହେଁ । ଆପଣ ଆଦୌ ମତେ ହଇରାଣ କରିନାହାନ୍ତି । ଅପର ପକ୍ଷରେ ଆପଣଙ୍କର ସେତେବେଳର ସେଇ ଅସହାୟ, କାରୁଣ୍ୟଭରା ମୁହୂର୍ତ୍ତ କେତୋଟି ବେଶ୍ ଜବରଦସ୍ତ ଜାଗା ଦଖଲ କରି ନେଇଛନ୍ତି ମୋ ସ୍ମୃତିର ଗନ୍ତାଘରରେ । ଆପଣ ନିଜେ ଜାଣନ୍ତିନି । ଆପଣଙ୍କର ସେତେବେଳର ରୂପ ଥିଲା ଏକକ ଏବଂ ଅଦ୍ୱିତୀୟ । ସେ ଛବି ମୋ ପାଇଁ ଚିର ଅବିସ୍ମରଣୀୟ ହୋଇ ରହିବ ।

— ଆପଣ ପରିହାସ କରୁଛନ୍ତି ନିଶ୍ଚୟ । ଚାରୋଟି ବିନିଦ୍ର, ପ୍ରାୟ ଅଭୁକ୍ତ ଓ ଶୋକାକୁଳ ଦିନ ବିତାଇ ସାରିଲା ପରେ ମୋର ସେତେବେଳର ଅବସ୍ଥା ଥିଲା ଏକାନ୍ତ ଭାବରେ ଦୟନୀୟ । ଅଥଚ ଆପଣ କହୁଛନ୍ତି ସେ ଛବି ଆପଣଙ୍କ ପାଇଁ ଅବିସ୍ମରଣୀୟ ହୋଇ ରହିବ । କାହିଁକି ମୋତେ ବୁଝେଇ ଦିଅନ୍ତୁତ !

ଡେଭିଡ୍ କିନ୍ତୁ ସିଧାସଳଖ ମୋର ଏଇ ପ୍ରଶ୍ନର ଉତ୍ତର ନଦେଇ ମତେ ସାଥିରେ ସେଦିନ ନେଇଯିବାକୁ ଚାହିଁଲେ ତାଙ୍କର ଜଣେ ଦୁର୍ଘଟଣାଗ୍ରସ୍ତ ବନ୍ଧୁଙ୍କ ଘରକୁ ।

ସନ୍ଧ୍ୟାର ପାଣିଚିଆ ଆଲୋକରେ ଡେଭିଡ୍‌ଙ୍କ କାର୍ ଅଟକିଲା ନଗରର ସଂପନ୍ନ ଇଲାକାର ପରିଚ୍ଛନ୍ନ ଲନ୍ ତଥା ପରିପୁଷ୍ଟ ଉଦ୍ୟାନ ଶୋଭିତ ଏକ ସୁଦୃଶ୍ୟ କାଠଘର ସାମ୍ନାରେ । ଘରର ହତାଚାରିପଟେ ଫଲ୍‌ଯୋଗୁ ସିନ୍ଦୂରୀରଂଗ ଧରିଆସିଥିବା ସାରି ସାରି ମାପ୍‌ଲବୃକ୍ଷମାନଙ୍କର ଭିଡ । ମଝିରେ ମଝିରେ ଫଳଭାରରେ ଆନତ ଆପ୍‌ଲ୍‌ଗଛ । ଲନ୍ ମଝିରେ ଥିବା କାଠବେଦୀ ଚାରିପଟେ ଘେର ବୁଲି ଆସିଥିବା ଜାଫ୍ରିଦେହରେ ଅଙ୍ଗୁରଲତାର ସବୁଜିମା । ବେଶ୍ ରୁଚିଶୀଳ, ବିତ୍ତବାନ୍ ପରିବେଶ ।

ମୋଟା କାଚକବାଟ ଠେଲି ଭିତରକୁ ପଶିଲାପରେ ନଜର୍‌ରେ ପଡିଲା ଦାମୀ କାର୍ପେଟ୍, ସୋଫା ଓ କଳାକୃତିମାନଙ୍କରେ ସଜ୍ଜିତ ସୁଶୋଭିତ ଲିଭିଂରୁମ୍ । ଛାତ ଭିତରେ ଅର୍ଦ୍ଧ ଲୁକ୍କାୟିତ ଭାବରେ ଖଞ୍ଜା ହୋଇଥିବା ବିଜୁଳିବତୀର ନିଷ୍ପ୍ରଭ ବିକିରଣରେ ଜଣେ ଉଗ୍ରପ୍ରସାଧନ ଯୁକ୍ତା ତଥା ସ୍ୱଳ୍ପବସ୍ତ୍ର ପରିହିତା ଭଦ୍ରମହିଳା ଆରାମରେ ଟେଲିଭିଜନ୍‌ରେ କୌଣସି ଗୋଟିଏ କାର୍ଯ୍ୟକ୍ରମର ଆନନ୍ଦ ନେଉଥିଲେ । ହାତରେ ଟକ୍‌ଟକ୍ ଲାଲ୍ ୱାଇନ୍‌ର ଗ୍ଲାସ୍ ।

ଡେଭିଡ୍ ଚିହ୍ନା କରାଇଦେଲେ —ନାନ୍‌ସୀ । ମୋର ବନ୍ଧୁପତ୍ନୀ । ଆଉ ଇଏ କାନନ । ଆମେରିକା ଭ୍ରମଣରେ ଆସିଥିବା ମୋର ଭାରତୀୟ ବନ୍ଧୁ ।

Digitized by srujanika@gmail.com

ଗାଢ଼ ଗୋଲାପି ଓଠରେ ଚିତ୍ରପ୍ରତିମା ନ୍ୟାୟ ହସ ହସି ନାନ୍‌ସୀ ଅଭ୍ୟର୍ଥନା ଜଣାଇଲେ ଆମକୁ । ଡେଭିଡ୍ କହିଲେ – ମୁଁ କିନ୍ତୁ ବେଶୀସମୟ ରହିପାରିବିନି । ଅନେକ କାମ । କେବଳ ଆଡମ୍‌କୁ ଦେଖିବା ପାଇଁ ଆସିଲି । ଆଡମ୍ କେଉଁଠି ?

ୱାଇନ୍‌ର ସ୍ୱାଦ ନେଉ ନେଉ ରତ୍ନମୁଦି ଖଚିତ ତର୍ଜନୀଟି ଗୋଟିଏ ପ୍ରକୋଷ୍ଠ ଆଡକୁ ବଢ଼ାଇଦେଲେ ନାନ୍‌ସୀ । ବେଶ୍ ନିରୁଦ୍‌ବେଗ ଭଙ୍ଗୀରେ, ନିରାସକ୍ତ ମୁହଁରେ ।

– ଆପଣ ଯଦି କିଛି ମନେ ନକରନ୍ତି ମୁଁ ଅଳ୍ପସମୟପାଇଁ ଯାଇ ଆଡମ୍‌କୁ ଦେଖି ଆସିପାରେ କି ? ମୁଁ ପଚାରିଲି ।

– ନିଶ୍ଚୟ । ନାନ୍‌ସୀ ଉତ୍ତରଦେଲେ ଅନ୍ୟମନସ୍କ ଭାବରେ ।

ଡେଭିଡ୍‌ଙ୍କ ସହିତ ବେଡ୍‌ରୁମ୍ ଭିତରକୁ ପ୍ରବେଶ କରି ଦେଖିଲି ବହଳଗଦି ଯୁକ୍ତ ସୁଉଚ୍ଚ ପଲଙ୍କରେ ଶାୟିତ ଜଣେ ମଧ୍ୟବୟସ୍କ ପୁରୁଷ । ଆଖିର ପଲକ ବୁଜା । ମୁହଁରେ କ୍ଲାନ୍ତି ଓ ଅବସନ୍ନତାର ଛାପ । ଡାହାଣ ଗୋଡଟି ସଂପୂର୍ଣ୍ଣରୂପେ ବ୍ୟାଣ୍ଡେଜ୍‌ରେ ଆବୃତ । ଧୀର ସ୍ୱରରେ ଡେଭିଡ୍‌ଙ୍କୁ ପଚାରିଲି – ଦୁର୍ଘଟଣା କେମିତି ହେଲା ଆଡମ୍‌ଙ୍କର ?

– ନିଜ ଫାର୍ମ ହାଉସ୍‌ରେ ଟ୍ରାକ୍ଟର ଚଲାଇଲାବେଳେ । ଗୋଡର ମାଂସପେଶୀସବୁ ସାଂଘାତିକ ଭାବରେ ବିଦୀର୍ଣ୍ଣ । ହସ୍‌ପିଟାଲ୍‌ରୁ ମୁଁ ଛାଡ଼ି ଦେଇଛି ଦୁଇଦିନ ହେଲା । ତେବେ ଆଡମ୍‌ର ଡାଏବେଟିସ୍ ଅଛି ତ ! ତେଣୁ କ୍ଷତସବୁ ସଂପୂର୍ଣ୍ଣ ନଶୁଖିଲା ପର୍ଯ୍ୟନ୍ତ ମୁଁ ଚିନ୍ତିତ ।

ଆମ ବାର୍ତ୍ତାଳାପର କ୍ଷୀଣଶବ୍ଦରେ ଆଡମ୍ ତାଙ୍କର ଆଖିପତା ସାମାନ୍ୟ ଖୋଲିଲା ପରି ମୋ'ର ମନେହେଲା । ଏବଂ ଡେଭିଡ୍‌କୁ ଏକାନ୍ତଭାବରେ ଅସୁସ୍ଥ ମଣିଷଟିର ପରୀକ୍ଷାନିରୀକ୍ଷା କରିବାର ସୁଯୋଗ ଦେଇ ମୁଁ ନୀରବରେ ବାହାରି ଆସିଲି ଲିଭିଂରୁମ୍‌କୁ ।

– ଆପଣ ସାମାନ୍ୟ ୱାଇନ୍ ନେବେ କି ? ନାନ୍‌ସୀ ପଚାରିଲେ ।

– ଆପଣ ଦୟାକରି ବ୍ୟସ୍ତ ହେବେନି । ନିହାତି ଯଦି କିଛି ପିଇବାକୁ ଦିଅନ୍ତି, ତେବେ ମୁଁ କୋକ୍ ପସନ୍ଦ କରିବି । ମୁଁ ଉତ୍ତର ଦେଲି ।

କୋକ୍ ପିଉ ପିଉ ଖାପଛଡ଼ା ଗପସପ ହେଲା ନାନ୍‌ସୀଙ୍କ ସହିତ –ମୁଖ୍ୟତଃ ଭାରତବର୍ଷ କଥା । ଭାରତୀୟ ମାନଙ୍କର ଚଳଣୀ ଓ ପରଂପରା ସଂପର୍କରେ ଜାଣିବାକୁ ନାନ୍‌ସୀ ଥିଲେ ଆଗ୍ରହୀ ।

ପ୍ରାୟ ଅଧଘଣ୍ଟେ ପରେ ତର ତର ହୋଇ ବେଡ୍‌ରୁମ୍‌ରୁ ବାହାରି ଆସିଲେ ଡେଭିଡ୍ । ହସ୍‌ପିଟାଲ୍‌ରୁ ପେଜର୍‌ରେ ଖବର ପାଇଛନ୍ତି । ଅତିଶୀଘ୍ର ସେଠାରେ ପହଞ୍ଚିବାକୁ ହେବ ।

Digitized by srujanika@gmail.com

ନାନ୍‌ସୀଙ୍କଠୁ ବିଦାୟ ନେଇ ଗାଡି ଷ୍ଟାର୍ଟ କରିସାରିବା ପରେ ଡେଭିଡ୍‌ଙ୍କୁ ପଚାରିଲି –କେମିତି ଅଛନ୍ତି ଆଡମ୍ ?

– ଅଛନ୍ତି ଏକରମ । ଏଇ ଯାହା ଆପଣଙ୍କୁ କହିଥିଲି । ମଧୁମେହ ରୋଗୀତ ! ତା'ଛଡ଼ା ଶରୀରକୁ ଆରୋଗ୍ୟ କରିବାପାଇଁ ଶାରୀରିକ ଶକ୍ତି ସହିତ ମାନସିକ ବଳର ମଧ ଯଥେଷ୍ଟ ପ୍ରୟୋଜନ, ଏବଂ ତାହା ଆଡମ୍‌ର ଆଦୌ ନାହିଁ । ବେଳେ ବେଳେ ସନ୍ଦେହ ହୁଏ, ହୁଏତ ସିଏ ନିଜେଇ ଭଲହେବାକୁ ଚାହୁଁନି ।

– ସତରେ ? କିନ୍ତୁ କାହିଁକି ?

– ଆଡାମ୍ ଓ ନାନ୍‌ସୀର ବୈବାହିକ ଜୀବନ ବେଶ୍ ତିକ୍ତ । ଯଦିଓ ତିନିବର୍ଷ ତଳେ ସେମାନେ ପରସ୍ପରକୁ ଭଲପାଇ ବାହାହୋଇଥିଲେ । ଆଡମ୍‌ର ପ୍ରଥମା ସ୍ତ୍ରୀ ମୃତ, ନାନ୍‌ସୀ ତା'ର ଦ୍ୱିତୀୟା ପତ୍ନୀ । ନାନ୍‌ସୀ ଟିକିଏ ଦୁର୍ଦ୍ଧିବାଜ୍ ଓ ଉଚ୍ଛୃଳ ସ୍ୱଭାବର । ପାରିବାରିକ ସଂହତି ପାଇଁ ସାମାନ୍ୟତମ ସ୍ୱାର୍ଥତ୍ୟାଗ କରିବାକୁ ବି ନାରାଜ । ଫଳରେ ଅଶାନ୍ତି । ଆଶ୍ଚର୍ଯ୍ୟ କଥା ଜାଣନ୍ତି ? ଆଡମ୍ କିନ୍ତୁ ଏବେ ବି ରୀତିମତ ପ୍ରେମ କରେ ନାନ୍‌ସୀକୁ । ଯେତେହେଲେ ରୂପସୀ ପତ୍ନୀତ !

– କ୍ଷମା କରିବେ, ଆପଣଙ୍କ ରୂପସୀ ବନ୍ଧୁପତ୍ନୀଙ୍କ ରୂପ ମୋତେ କିନ୍ତୁ ଅନେକାଂଶରେ ଫିକାଫିକା ମନେହେଲା । ସୌନ୍ଦର୍ଯ୍ୟ ତ କେବଳ ଏକ ବାହ୍ୟିକ ଆବରଣ ନୁହେଁ । ବହୁଳାଂଶରେ ଅନ୍ତର୍ନିହିତ ମାନବିକତାବୋଧ ତଥା ମାଧୁର୍ଯ୍ୟର ପ୍ରତିଫଳନ ମଧ । ଲକ୍ଷ୍ୟ କଲି, ସ୍ୱାମୀଙ୍କ ସ୍ୱାସ୍ଥ୍ୟ ସମ୍ବନ୍ଧରେ ନାନ୍‌ସୀ ଥିଲେ ସଂପୂର୍ଣ୍ଣ ଭାବରେ ନିସ୍ପୃହ । ଏଭଳିକି ପରିଦର୍ଶନ କରିବାକୁ ଯାଇଥିବା ଚିକିତ୍ସକଙ୍କ ସହିତ ମଧ ଏ ସଂପର୍କରେ ପଦଟିଏ କଥା କହିବାକୁ ଆଗ୍ରହ ବୋଧ କରିନଥିଲେ । ଗୋଟିଏ ରୁଗ୍ଣ ଓ ଦୁଃସ୍ଥ ମଣିଷପ୍ରତି ତାଙ୍କର ଏଇ ଅସ୍ୱାଭାବିକ ଔଦାସୀନ୍ୟ ଓ ଅସହିଷ୍ଣୁତା ନିଶ୍ଚିତରୂପେ ତାଙ୍କ ଲାବଣ୍ୟକୁ କିଛି ପରିମାଣରେ ହ୍ରାସ କରିଦେଇଥିଲା । ରୂକ୍ଷତା ଓ କଠୋରତା ଆଣି ଦେଇଥିଲା ମୁଖମଣ୍ଡଳର ମାଂସପେଶୀ ସମୂହରେ । ସେ ମୁହଁରେ ଅଭାବ ଥିଲା ସହୃଦୟତାର, କୋମଳତାର ଏବଂ ସେଇଲାଗି କମନୀୟତାର ମଧ ।

ମୋ କଥା ଶୁଣି ଅଚାନକ ଷ୍ଟିୟରିଂ ହୁଇଲ୍‌ରୁ ଆଖି ହଟାଇ ଡେଭିଡ୍ ମୋ ଆଡ଼େ ମୁହୂର୍ତ୍ତକ ପାଇଁ ଚାହିଁଲେ ଏବଂ ମୃଦୁ ହସି ମୋତେ କହିଲେ - ଆପଣଙ୍କର ପ୍ରଶ୍ନର ଉତ୍ତର ଏବେ ପାଇଗଲେଣି ବୋଧହୁଏ ।

– ମାନେ ?

– ଆପଣ ମତେ ପଚାରିନଥିଲେ ? ସେଦିନ ଆଇ.ସି.ୟୁ ସାମ୍ନାରେ ବିନୟଙ୍କ ପାଇଁ ଆପଣ ଅଶ୍ରୁତର୍ପଣର ଦୃଶ୍ୟଟି କାହିଁକି ମୋ ପାଇଁ ଅବିସ୍ମରଣୀୟ ? ଯେଉଁ କାରଣ

Digitized by srujanika@gmail.com

ପାଇଁ ଆଜି ଆପଣ ନାନ୍‌ସୀ ମୁହଁରେ କୋମଳତା ଓ କମନୀୟତାର ଅଭାବ ଲକ୍ଷ୍ୟ କଲେ, ଠିକ୍ ତା'ର ବିପରୀତ କାରଣଟିପାଇଁ ସେଦିନ ଆପଣଙ୍କ ମୁହଁରେ ମୁଁ ଉପରୋକ୍ତ ଅଭିବ୍ୟକ୍ତି ଦୁଇଟିର ଅପରୂପ ପରିପ୍ରକାଶ ଦେଖିଥିଲି । କେବଳ ଦେଖିନଥିଲି । ଦେଖିକି ମୁଗ୍ଧ ଓ ବିହ୍ୱଳ ହୋଇଥିଲି ମଧ୍ୟ । ସେ ବିହ୍ୱଳତାର କୁହୁକରୁ ମୁକ୍ତି ଲାଭ କରିବା ଏତେ ସହଜସାଧ୍ୟ ନୁହେଁ ।

– ଡେଭିଡ । ଆପଣ ଭାବପ୍ରବଣ ଭାଷଣଟି ତଥାପି ମୋ ପାଇଁ ପ୍ରହେଳିକା ହୋଇ ରହିଯାଉଛି । ପରିହାସ ଭଙ୍ଗୀରେ ମୁଁ କହିଲି ।

ଡେଭିଡ୍ କହିଲେ – ବୁଝିପାରିଲେନି ? ତେବେ ଆଉ ଟିକିଏ ପ୍ରାଞ୍ଜଳ କରି ବୁଝାଇ ଦିଏ । ସେଦିନ ବିନୟଙ୍କ ଅମଙ୍ଗଳ ଆଶଙ୍କାରେ ଉଦ୍‌କଣ୍ଠିତ ହୋଇ ଏବଂ ଏକରକମ ମାନସିକ ଭାରସାମ୍ୟ ହରାଇ ଆପଣ ଅଚାନକ କାନ୍ଦିପକାଇଥିଲେ ମୋ ସାମ୍ନାରେ – ରୀତିମତ୍ ଛଟ୍‌ପଟ୍ ହୋଇ । ମୋ ହାତ ଉପରେ ଥିଲା ଆପଣଙ୍କ ଆଖିର ଉଷୁମ ଓ ଲବଣାକ୍ତ ଲୁହଟୋପା ମାନ । ଆଉ ଆପଣଙ୍କ ମୁହଁରେ ଥିଲା ଏକ ଡହଡହ ଯନ୍ତ୍ରଣାର ମର୍ମନ୍ତୁଦ ନିପୀଡନ । ପ୍ରିୟ ମଣିଷଟି ପାଇଁ ଆପଣଙ୍କ ହୃଦୟରେ ସୃଷ୍ଟି ହୋଇଥିବା ସେ ହାହାକାର ଧ୍ୱନିର ତୀବ୍ରତା ଏତେ ବେଶୀ ଥିଲା ଯେ ତା'ର ତରଙ୍ଗ ଚହଟି ଆସିଥିଲା ମୋ' ଛାତି ପର୍ଯ୍ୟନ୍ତ – ମୁଁ ବିଦେଶୀ ମଣିଷଟିଏ ହେଇଥିଲେ ବି । ସେଦିନ ମୁଁ ମୋ ସାମ୍ନାରେ ଆପଣଙ୍କୁ ଦେଖୁନଥିଲି । ଦେଖୁଥିଲି ହସ୍‌ପିଟାଲ୍‌ର୍ କରିଡର ମଝିରେ ଅଚାନକ ଉଭା ହୋଇଥିବା ମୂର୍ତ୍ତିମନ୍ତ ପ୍ରେମର ମହିମାମଣ୍ଡିତ ରୂପକୁ । ସେ ରୂପ ଦୁଃଖଦ ଥିଲା ସତ, କିନ୍ତୁ ତା'ର ସୌନ୍ଦର୍ଯ୍ୟ ଓ ଗାରିମା କିଛି କମ୍ ନଥିଲା । ବିଚରା ନାନ୍‌ସୀ ! ସେଇ ଅଲୌକିକ ଅନୁଭୂତି – ଭଲପାଇବା ଓ ଭଲପାଇ ବ୍ୟାକୁଳ ହେବାରୁ ପୂରାପୂରି ବଞ୍ଚିତ ହୋଇ ରହିଗଲା ।

ମୁଁ କହିଲି – ଡେଭିଡ୍ । ଆପଣ ଜଣେ ସଫଳ ଚିକିତ୍ସକ ମୁଁ ଜାଣେ । କିନ୍ତୁ ଚିକିତ୍ସକ ନ ହୋଇ କବି ହୋଇଥିଲେ ବି ଆପଣ ସମଭାବରେ ସଫଳ ହୋଇପାରି ଥାଆନ୍ତେ । ଭାରି ସ୍ପର୍ଶକାତର ଓ ସମ୍ବେଦନଶୀଳ ମନ ଆପଣଙ୍କର ।

ଡେଭିଡ୍ ହସିଲେ । କହିଲେ – ଆପଣ କବିତା ଲେଖନ୍ତି ପରା ! ମୋ ଭାଗର କବିତାତକ ଆପଣଇ ଲେଖି ଦିଅନ୍ତୁ ନା !

– ଉଁ ହୁଁ ! କବିତା ନୁହେଁ । ଆପଣଙ୍କ ପାଇଁ ଗୋଟିଏ ଚମତ୍କାର ଗପ ଲେଖିଦେବି ଭାରତବର୍ଷ ଫେରିଗଲେ । ମୁଁ ଉତ୍ତର ଦେଲି ।

*ନଭେମ୍ବର, ୨୦୦୦*

□□□

Digitized by srujanika@gmail.com

# ରୋଜ୍‌ଗେଟ୍ ମେଡିଟେସନ୍ ସେଣ୍ଟର

ଲାନ୍‌ସିଂ ନଗରୀର ସଂଭ୍ରାନ୍ତ ଇଲାକା 'ଓକେମସ୍'ର ଦୁଇଶ ତେଇଶ ନମ୍ବର ଘର ସାମ୍‌ନାରେ ରିକ୍ ଓ୍ୱିଙ୍ଗର୍ଟ ତାଙ୍କର ଦୀର୍ଘକାୟ ଟୟଟା ଗାଡିଟି ରଖି ଗେଟ୍ ଖୋଲିବାକୁ ଉଦ୍ୟତ ହେଲାବେଳକୁ ମୁଁ ପଚାରିଲି – ଆପଣ କହୁଥିଲେ ପରା ଆମେ ମେଡିଟେସନ୍ ସେଣ୍ଟରକୁ ଯିବା ବୋଲି ।

– ଏଇଟା ଇ ତ ସେଇ ଧ୍ୟାନ କେନ୍ଦ୍ର । ଡନ୍‌ର ନିଜଘରେ ସିଏ କ୍ଲାସ୍ କରେ । ବିନା ଗୁରୁ ଦକ୍ଷିଣାରେ ।

– କିନ୍ତୁ ଇଏ ତ ଏକ ମହଲ । ଆପଣଙ୍କ ବନ୍ଧୁ ଖୁବ୍ ବିତ୍ତବାନ୍ ନିଶ୍ଚୟ ।

– ତା ଅବଶ୍ୟ । ରିକ୍ ଗେଟ୍ ଖୋଲି ଗାଡିଟି ଭିତରକୁ ଆଣି ପାର୍କ କଲେ ଏବଂ ପାଇନ୍ ଅରଣ୍ୟାନୀ ଭିତରୁ ଉଙ୍କି ମାରୁଥିବା ସାଦା କାଠଘରଟିର ଚୂଡା ଆଡକୁ ତର୍ଜନୀ ବଢ଼ାଇ କହିଲେ

– ଦେଖୁଛନ୍ତି ତ ! ଉପବନ ଭିତରେ ପ୍ରାୟ ପାଏକିଲୋମିଟର ବାଟ ଆମକୁ ଚାଲିକି ଯିବାକୁ ପଡିବ, ଘରଯାଏ ।

ପରିଚ୍ଛନ୍ନ ଉଦ୍ୟାନ ଭିତରେ ଅତିଥିସତ୍କାର ନିମନ୍ତେ ବିଛା ହୋଇଥିବା ଲମ୍ବ ଗାଲିଚା ପରି ପଥର ନିର୍ମିତ ମସୃଣରାସ୍ତାଟିଏ । ପୂରା ରାସ୍ତା ଗୋଲାପି, ଲାଲ୍ ଓ ସଫେଦ୍ ଗୋଲାପର ତାଜା ପାଖୁଡାରେ ଭର୍ତ୍ତି ।

– ସାରା ରାସ୍ତା ଯେ ଗୋଲାପର ସ୍ତବକ ! ରିକ୍‌କୁ କହିଲି ।

– ପ୍ରତ୍ୟେକ ବୁଧବାର ଡନ୍ ତା'ର ଅତିଥି ମାନଙ୍କୁ ଏଇଭଳି ସ୍ୱାଗତ ଜଣାଏ । ଗୋଲାପ ଫୁଲର ନରମ୍ ଶେଯରେ ପାଦଥାପି ମଣିଷମାନେ ଆସନ୍ତି ରୋଜ୍‌ଗେଟ୍ ମେଡିଟେସନ୍ ସେଣ୍ଟରକୁ ।

– କିନ୍ତୁ ଏତେ ଗୋଲାପଫୁଲ !

– ଉଦ୍ୟାନଟି କେତେବଡ ଦେଖୁଛନ୍ତି ତ । ଘରପଛପଟେ ଡନ୍‌ର ଗୋଲାପ ବଗିଚା । ପ୍ରଚୁର ଫୁଲ ଫୁଟେ ।

– ଯାହାହେଉ, ଏଭଳି ଜଣେ ଅସାଧାରଣ ବ୍ୟକ୍ତିଙ୍କ ପାଖକୁ ମତେ ନେଇ ଆସିଥିବାରୁ ଧନ୍ୟବାଦ । ମୁଁ ରିକ୍‌କୁ କହିଲି ।

Digitized by srujanika@gmail.com

ରିକ୍ ଥିଲେ ମିସିଗାନ୍ ଷ୍ଟେଟ୍ ଇଉନିଭର୍ସିଟିର ଟେକ୍ନୋଲୋଜି ଆଣ୍ଡ୍ ଟିଚିଙ୍ଗ୍ ବିଭାଗର ଆସିଷ୍ଟାଣ୍ଟ ଡିରେକ୍ଟର । ମେଧା ଓ କାର୍ଯ୍ୟକ୍ଷମତା - ଉଭୟରେ ଥିଲେ ଖ୍ୟାତିମାନ୍ । ଚାକିରି ସହିତ ପାଠ ପଢ଼ା ମଧ ଜାରି ଥିଲା । ଥିଲେ ବିଶ୍ୱବିଦ୍ୟାଳୟର ପି.ଏଚ୍.ଡିର ଛାତ୍ର ଏବଂ ସେଇ ସୂତ୍ରରେ ସେଠାରେ କାର୍ଯ୍ୟରତ ମୋର ଅଧାପକ ପୁତ୍ର ସହିତ ଜଣାଶୁଣା ହୋଇଥିଲା ।

ରିକ୍‌ଙ୍କର ବିଦ୍ୟା ଆହରଣ ପ୍ରତି ଅଶେଷ ମୋହ ଥିଲା ନିଶ୍ଚୟ । କାରଣ ତାଙ୍କର ଯୁବକ ପୁତ୍ରଟି କଲେଜରେ ପାଠ ପଢୁଥିଲା ବେଳେ ହଠାତ୍ ତାଙ୍କର ଇଚ୍ଛା ହୋଇଥିଲା ପୁନର୍ବାର ଛାତ୍ରଜୀବନକୁ ଫେରି ଯିବାଲାଗି । ନାଁ ଲେଖାଇଥିଲେ ପି.ଏଚ୍.ଡି ଡ଼ିଗ୍ରୀପାଇଁ । ପ୍ରଥମା ସ୍ତ୍ରୀଙ୍କ ସହିତ ବିବାହ ବିଚ୍ଛେଦ ହୋଇଯାଇଥିଲା ଅନେକ ଆଗରୁ । ପୁତ୍ରଟି ଥିଲା ପ୍ରଥମା ପତ୍ନୀଙ୍କ ଔରସରୁ । ଦ୍ୱିତୀୟା ପତ୍ନୀ କ୍ରିସ୍‌ଟିନା ପୋର୍ଟଲାଣ୍ଡର ଏକ ବିଦ୍ୟାଳୟରେ ଥିଲେ ଶିକ୍ଷୟତ୍ରୀ । ବର୍ଷକପାଇଁ ଛୁଟିଆଣି ଲାନ୍‌ସିଂର କୌଣସି ଏକ କଲେଜରେ ସାନପିଲାଙ୍କୁ ପଢ଼ାଇବା ନିମନ୍ତେ ଏକ କୋର୍ସ କରୁଥିଲେ ।

ଆମେରିକା ପହଞ୍ଚିବାର କେଇଦିନପରେ ରିକ୍ ଆସିଥିଲେ ମୋ ସହିତ ଦେଖା କରିବା ପାଇଁ । ଥିଲେ ଅତିମାତ୍ରାରେ ଦୀର୍ଘକାୟ । ପ୍ରାୟ ସାଢ଼େ ଛ'ଫୁଟ ଲମ୍ବା । ସଂପୂର୍ଣ୍ଣ ଭାବେ ମେଦବର୍ଜିତ ହାଲ୍‌କା ପତଳା ଶରୀର । ତୀକ୍ଷ୍ଣନାସିକାଗ୍ରରେ ରୋଲ୍ଡ଼ଗୋଲ୍ଡ ଫ୍ରେମର ଚଶମା । କେଶରେ ନାଲିରଂଗର ଆଭା । ଚକ୍‌ଚକ୍ ଗରମକୋର୍ଟ ଓ କଲାଟାଇରେ ସୁସଜ୍ଜିତ ମଣିଷଟି ଥିଲେ ଭାରି ଦିଲ୍‌ଖୋଲା, ଭାରି ଖୁସ୍‌ମିଜାଜିଆ ।

— ଏତେ ଚମତ୍କାର ପତଳା ଚେହେରା ରଖିଛନ୍ତି କେମିତି ? ଆମେରିକାନ୍ ସ୍ତ୍ରୀ ଓ ପୁରୁଷ, ଉଭୟ ତ ବେଶ୍ ସ୍ଥୂଳସବଳ । ମୁଁ ରିକ୍‌କୁ ପଚାରିଲି ।

— ତମେ ଜାଣିନକି ମାମା ? ରିକ୍ ୟୁନିଭର୍ସିଟିରେ ଲଞ୍ଚ୍ ଆଉଆର୍‌ରେ କେବଳ ଘରୁ ଫ୍ଲାସ୍‌କରେ ନେଇଥିବା ସାମାନ୍ୟ କ୍ଷୀର ଇ ଖାଆନ୍ତି, ଡ୍ରାଇଫ୍ରୁଟ୍ ଗୋଳାଇ । ଆଉ ଗୋଟିଏ ଆପ୍‌ଲ । ବବି ଉତ୍ତର ଦେଲା ।

— ଏତେ କମ୍ ?

— ଆପଣମାନେ କଅଣ ଯାଠୁ ବେଶୀ ଖାଆନ୍ତି ?

— ବେଶୀ ମାନେ ? ଥାଳି ଭର୍ତ୍ତି ଭାତ, ଡାଲି ଓ ବିଭିନ୍ନ କିସମର ତରକାରୀ । ଆମ ଗାଁରୁ ଜଣେ ସଂପର୍କୀୟ ମାମୁଁ କେବେ କେମିତି ଆମଘରକୁ ଆସିଲେ ବୋଉ ଭାତ ବାଢ଼ିଦିଏ । ସେ ବଢ଼ାଭାତର ଉଚ୍ଚତା ଏତେ ବେଶୀ ଥାଏ ଯେ ତାହାକୁ ବିଲେଇ ଡେଇଁ ପାରିବନି ବୋଲି ଆମେ ବୋଉକୁ ଚିଡାଉ ।

Digitized by srujanika@gmail.com

— ଏତେ ଖାଇଲେ କାମ କେମିତି କରନ୍ତି ? ରିକ୍ ହସି ହସି ପଚାରିଲେ ।

— ଆମ୍ଭେମାନେ ଦ୍ୱିପ୍ରହରରେ କାମ କରୁନି । ଭାତଖାଇ ଶୋଇଯାଉ । ମୁଁ ରହୁଥିବା ସହରଟିରେ ଖରାବେଳେ ଦୋକାନବଜାର ସବୁ ବନ୍ଦ୍ରହେ । ସନ୍ଧ୍ୟା ପର୍ଯ୍ୟନ୍ତ ।

ରିକ୍ ହସିଲେ, ଅବିଶ୍ୱାସର ହସ । ପଚାରିଲେ - ଆଉ ଅଫିସ୍‌ମାନଙ୍କରେ ?

— ଓଃ ! ସେଠି ନିଜ ନିଜ କୁର୍‌ସୀରେ କେହି ନଥାନ୍ତି । ଏପରିକି ଦିନ ଦଶଟାରେ ମଧ ।

— ଆମର କିନ୍ତୁ ଏଠି ଆଠଘଣ୍ଟା କାମ କରିବା ବାଧତାମୂଳକ । ଆଠଟାରୁ ଚାରିଟା ।

— ତା'ତ ଦେଖୁଛି । ଭୋର୍‌ରୁ ଉଠି, ନିତ୍ୟକର୍ମ ସାରି, ସଜିଏଁ ଗାଡିନେଇ ଛୁଟୁଛନ୍ତି ସକାଳୁ ସକାଳୁ । ଅବଶ୍ୟ ଆପଣଙ୍କ ଦେଶ ବେଶ୍ ଶୀତଳ । ଦୋକାନ ବଜାରଠାରୁ ଆରମ୍ଭ କରି ଅଫିସ୍ ପର୍ଯ୍ୟନ୍ତ ସବୁଘର ଶୀତତାପ ନିୟନ୍ତ୍ରିତ । ଥଣ୍ଡା ଆବହାୱାରେ ମଣିଷର କାର୍ଯ୍ୟକ୍ଷମତା ବଢ଼ିବାତ ସ୍ୱାଭାବିକ । ଆମ ଦେଶରେ ଏତେ ଗରମ ଯେ ଆମେ ସହଜରେ ହାଲିଆ ହୋଇପଡୁ ।

ପ୍ରସଙ୍ଗ ବଦଳାଇ ରିକ୍ ଅଚାନକ କହିଲେ — ମୁଁ କିନ୍ତୁ ଆପଣଙ୍କୁ ଗୋଟିଏ ଅନୁରୋଧ କରିବି । ରଖିବେ ନିଶ୍ଚୟ ।

— କୁହନ୍ତୁ ନା !

— ମଝିରେ ମଝିରେ ଆପଣଙ୍କୁ ମୋ ଘରକୁ ଆସିବାକୁ ହେବ । ମୋ ସ୍ତ୍ରୀକୁ ଗଣିତ ପଢ଼ାଇ ଦେବା ପାଇଁ ।

— ଗଣିତ ? ଗଣିତ ତ ମୁଁ ଛାଡିଲିଣି ଅନେକବର୍ଷ ହେଲା ।

— କିନ୍ତୁ ଆପଣଙ୍କ ପୁତ୍ର କହୁଥିଲେ ଯେ ଆପଣ ତାଙ୍କୁ ଗଣିତ ପଢ଼ାଇଥିଲେ ବୋଲି ।

— ସିଏ ତ ସ୍କୁଲ୍‌ପାଠ । ବବି ମାଟ୍ରିକ୍ ପରୀକ୍ଷା ଦେଲାବେଳେ । ଆପଣଙ୍କ ପତ୍ନୀ ତ କଲେଜର ଛାତ୍ରୀ ।

ବବି ଟୀପଣୀ କାଟିଲା — ସାନ ସ୍କୁଲ ପିଲାଙ୍କ ପାଇଁ ଉଦ୍ଦିଷ୍ଟ ଅତି ସହଜ ଏଲିମେଣ୍ଟାରୀ ଗଣିତର କୋର୍ସଟିଏ ମାମା । ମୁଁ ବହି ଦେଖିଛି । ରିକ୍ ମତେ କହୁଥିଲେ ପଢ଼ାଇଦେବା ପାଇଁ । କୋର୍ସଟି ଏତେ ସହଜ ଯେ ମୁଁ ତାଙ୍କୁ କହିଲି ମୋ ମାମା ଆସୁଛନ୍ତି, ସେଇ ପଢ଼େଇ ଦେବେ ଖୁସିରେ । ତମେ ଦେଖିବ, ତମକୁ ଜମା ଅସୁବିଧା ହବନି । ନିଇତି

Digitized by srujanika@gmail.com

ଘରେ ବସି ବୋର୍ ହେବା ଅପେକ୍ଷା ବେଶ୍ କେତୋଟି ଅନୁଭୂତିସଂପନ୍ନ ସନ୍ଧ୍ୟା ବରଂ ତମକୁ ମିଳିଯିବ ।

ଅବଶୋଷର କଥା, କ୍ରିସ୍‌ଟିନାକୁ ଗଣିତ ପଢ଼ାଇବାପାଇଁ ପ୍ରତିଜ୍ଞାବଦ୍ଧ ହୋଇଥିଲେ ସୁଦ୍ଧା ମୋର ପ୍ରତିଜ୍ଞା ମୁଁ ରଖିପାରି ନଥିଲି । କାରଣ ଅଳ୍ପ କେଇଦିନପରେ ମୋ ସ୍ୱାମୀ ଅସୁସ୍ଥ ହୋଇ ପଡିଥିଲେ ଓ ବେଶ୍ ସଂକଟାପନ୍ନ ଅବସ୍ଥାରେ ତାଙ୍କୁ ହସ୍‌ପିଟାଲ୍‌ରେ ଦାଖଲ କରିବାକୁ ପଡିଥିଲା । ବସ୍ତୁତଃ ଆମର ଆମେରିକା ରହଣୀର ପୂରାପୂରି ସମୟ କଟିଥିଲା ହସ୍‌ପିଟାଲ୍‌କୁ ଘନ ଘନ ଦୌଡ଼ିବାରେ ଏବଂ ମୋତେ ହସ୍‌ପିଟାଲ୍ ନେବା ଆଣିବା କରିବାରେ ରିକ୍‌ଙ୍କର ସାହଚର୍ଯ୍ୟ କିଛି କମ୍ ନଥିଲା ।

ବିନୟଙ୍କର ସ୍ୱାସ୍ଥ୍ୟୋନ୍ନତି ହେଲାବେଳକୁ ଆମର ଫେରିବା ଦିନ ପାଖେଇ ଆସିଥିଲା । ଦିନେ ସନ୍ଧ୍ୟାରେ ରିକ୍‌ଙ୍କ ସହିତ ଗପ କରୁ କରୁ ବିନୟଙ୍କ ଅସୁସ୍ଥତା ହେତୁ ବିଶେଷ କୁଆଡ଼େ ଯାଇ ପାରିଲିନି ବୋଲି ମନ୍ତବ୍ୟ କରିବାରୁ ଅଚାନକ ରିକ୍ କହିଥିଲେ – ପ୍ରତ୍ୟେକ ବୁଧବାର ଦିନ ମୁଁ ଗୋଟିଏ ଧ୍ୟାନକେନ୍ଦ୍ର ଯାଏ – ରୋଜ୍‌ଗେଟ୍ ମେଡିଟେସନ୍ ସେଣ୍ଟର । ମୋର ବନ୍ଧୁ ଡନ୍ ଡେଭିସ୍ ତାହା ପରିଚାଳନା କରେ । କାଲିତ ବୁଧବାର । ଆସନ୍ତୁ ନା ମୋ ସହିତ !

ମେଡିଟେସନ୍ ସେଣ୍ଟର ? ଆମେରିକାରେ ? ବେଶ୍ ଉତ୍ସୁକତାର ସହିତ ଯିବା ପାଇଁ ଆଗ୍ରହ ପ୍ରକାଶ କରିଥିଲି । ରୋଜ୍‌ଗେଟ୍ ମେଡିଟେସନ୍ ସେଣ୍ଟରକୁ ଆସିବା କାହାଣୀର ଏଇଥିଲା ପୂର୍ବାଭାସ ଏବଂ ନିର୍ଦ୍ଦିଷ୍ଟ ଦିନ ରଂଗିନ ପୁଷ୍ପସ୍ତବକ ମଣ୍ଡିତ ସୁରକ୍ଷିତ ଚଲାପଥ ଦେଇ ଯାଇ ପହଞ୍ଚିଥିଲି ଡନ୍ ଡେଭିସ୍‌ଙ୍କ ଘରେ ।

ଘର ସାମ୍‌ନାର କାଚକବାଟ ଖୋଲା ଥିଲା । ଆମକୁ ଦେଖି ଏରୁଣ୍ଡିବନ୍ଧ ପାଖରେ ଠିଆ ହୋଇଥିବା ସ୍ୱେଟର ପିନ୍ଧା ସୁଦର୍ଶନ ଯୁବକଜଣକ ଅଭ୍ୟର୍ଥନାର ହସ ହସି ହାତଯୋଡି ପରିଷ୍କାର ଭାବରେ କହିଲେ 'ନମସ୍ତେ' । ରିକ୍ ଚିହ୍ନା କରାଇ ଦେଲେ - ଡନ୍ ଡେଭିସ୍, ମୋର ବନ୍ଧୁ । ଆଉ ଇଏ କାନନ । ଭ୍ରମଣାର୍ଥୀ ଏବଂ ଭାରତୀୟ । ଡନ୍ ପୁଣିଥରେ ହସିଲେ ମୋ' ଆଡେ ଚାହିଁ ଏବଂ ଲକ୍ଷ୍ୟ କଲି ହସିଦେଲେ ଡନ୍‌ଙ୍କ ଗାଲରେ ଭଉଁରୀ ଖେଳି ଭାରି ମୋହମୟ ଦିଶେ ତାଙ୍କ ମୁହଁଟି ।

ସନ୍ଧ୍ୟା ଆସନ୍ନପ୍ରାୟ । ଅତିଥିମାନେ ଜଣେ ଦୁଇଜଣ ହୋଇ ଆସିବାକୁ ଆରମ୍ଭ କରିଥିଲେ । ଘରେ ନ ବସି ଗୋଧୂଳିର ଫିକା ଆଲୋକରେ ମୁଁ ଯାଇ ବଗିଚାରେ ବୁଲିବାକୁ ଲାଗିଲି । ମାଇଲ୍ ମାଇଲ୍ ପରିବ୍ୟାପ୍ତ ପରିଚ୍ଛନ୍ନ ଉପବନ । ବଡ ବଡ ଗଛ ପାଇନ୍ ବୃକ୍ଷର ଛାୟାରେ ପ୍ରାୟାନ୍ଧକାରଓ ଶୀତଳ । ତଳେ ଆରାମପ୍ରଦ ସବୁଜ ଘାସର ମୁଲାୟମ୍ ଗାଲିଚା । ରକ୍ଷଣାବେକ୍ଷଣ ଏଭଳି ନିପୁଣ ଯେ ଶୁଖିଲା ପତ୍ରଟିଏ ବି କେଉଁଠାରେ ଦେଖିବାକୁ ମିଳିଲାନି । ଲନ୍ ମଝିରେ ଏଠି ସେଠି ସାନ, ବଡ ଫୁଲଗଛର ବୁଦା ଓ କୁସୁମିତ ବଲ୍ଲରୀ ।

Digitized by srujanika@gmail.com

ନୀରବ, ନିର୍ଜନ, ପରିବେଶ, ଗଛରୁ ପତ୍ରଟିଏ ଖସି ପଡିଲେ ତା'ର ଟୁପ୍ ଶବ୍ଦଟି ଶୁଭିଯିବ ଅବା !

ବଗିଚା ଭିତରେ ଏକାଧିକ କାଷ୍ଠନିର୍ମିତ ବେଦୀ ଉପରେ ସୁସଜ୍ଜିତ ଚୌକିମାନ । ବସି ଆରାମ୍ କରିବାପାଇଁ । ଆଣ୍ଠୁଏ ଉଚ୍ଚ ଛାତବାଲା ପଥର ଖୁଣ୍ଟମାନଙ୍କ ଉପରେ ଯତ୍ରତତ୍ର ଜଳୁଛି ବିଜୁଳିବତୀ । ସାରା ଉଦ୍ୟାନ ତା'ର ମୃଦୁ ବିକିରଣରେ ଉଦ୍‌ଭାସିତ । ମନେ ହେଲା କେଉଁ ଆଦିମଯୁଗର ମୁନିଋଷିମାନଙ୍କର ତପୋବନ ଅବା !

ଠିକ୍ ସାତଟା ବେଳକୁ ଡନ୍ ଡାକିନେଲେ ମୁଖ୍ୟଘରକୁ ଲାଗି ରହିଥିବା ଏକ ପ୍ରଶସ୍ତ ପ୍ରକୋଷ୍ଠକୁ । ପ୍ରକୋଷ୍ଠସାରା ଚଟାଣରେ ବସିବାପାଇଁ ରଖା ଚଉଖୁଣିଆ ସାନ ସାନ ତୁଳା ଗଦିଟି ମାନ । ଗଦି ପଛରେ ମେରୁଦଣ୍ଡ ଓ ପିଠି ସିଧାରଖିବା ପାଇଁ କାଠର ଷ୍ଟାଣ୍ଡ୍ । ଧୂପଦାନୀରେ ଜ୍ୱଳନ୍ତ ଅଗରବତୀ । ଘରସାରା ଭଗବାନ ବୁଦ୍ଧଙ୍କର ବିଭିନ୍ନ ଭଙ୍ଗିମାର ଧାତବ ମୂର୍ତ୍ତିମାନ । ଘରକାନ୍ଥକୁ ଲାଗି ରହିଥିବା କାଚ ଆଲମାରୀଟି ଠେସା ହୋଇଥିଲା ଯୋଗ ଓ ଦର୍ଶନତତ୍ତ୍ୱ ସମ୍ବଳିତ ସୁଦୃଶ୍ୟ ବହିମାନଙ୍କରେ । ଘରେ ବିଜୁଳିବତୀ ଜଳୁନଥିଲା । ସୁଶୋଭନ କାଚଷ୍ଟାଣ୍ଡମାନଙ୍କରେ ଜଳୁଥିଲା ଅନେକଗୁଡିଏ ମୋଟା ମୋଟା ମହମ୍‌ବତୀ । ସେ ମହମର ଦିକିଦିକି ନିଷ୍ପ୍ରଭ ଆଲୋକଶିଖା ପ୍ରକୋଷ୍ଠଟିକୁ ପ୍ରଦାନ କରିଥିଲା ଏକ ଐଶୀ ଓ ଅପାର୍ଥିବ ଚେହେରା ।

ସଭ୍ୟମାନେ ପ୍ରତ୍ୟେକ ଗୋଟିଏ ଗୋଟିଏ ଆସନ ଦଖଲ କରି ସାରିବା ପରେ ଡନ୍ ଯାଇ ବସିଲେ ସବା ସାମ୍ନାରେ - ଗୋଟିଏ ବହଳ ଶେଯରେ । ହାତଯୋଡି ଆଖିବୁଜି କିଛି ସମୟ ପ୍ରାର୍ଥନା କରି ତଥା ସଭ୍ୟମାନଙ୍କୁ ସ୍ୱାଗତ ଜଣାଇ ଆରମ୍ଭ କଲେ ସେଦିନର କାର୍ଯ୍ୟକ୍ରମ, ଓମ୍ ଶବ୍ଦଟି ତିନିଥର ଉଚ୍ଚାରଣ କରି । ଧ୍ୟାନର କାର୍ଯ୍ୟକାରୀତା ସଂପର୍କରେ ସଭ୍ୟମାନଙ୍କୁ ଅବଗତ କରାଇ ପ୍ରାୟ ଦଶମିନିଟ୍ ବୁଦ୍ଧଙ୍କର ବାଣୀ ପଢ଼ି ଶୁଣାଇଲେ ଏବଂ ତା'ପରେ ନିର୍ଦ୍ଦେଶ ଦେଲେ ଧ୍ୟାନ କରିବାକୁ ।

ସଂକ୍ଷେପରେ ନିର୍ଦ୍ଦେଶ ଥିଲା – ପଦ୍ମାସନରେ କିମ୍ବା ନକରିପାରିଲେ ଆରାମ ଦାୟକ ମୁଦ୍ରାରେ ଗୋଡ ମୋଡି ବସି, ନାଭିତଳକୁ ପେଟପାଖରେ ଡାହାଣ ହାତ ପାପୁଲି ଉପରେ ବାମ ହସ୍ତର ପାପୁଲିକୁ ନ୍ୟସ୍ତ କରି ଓ ମେରୁଦଣ୍ଡ ସିଧାରଖି, ସାମ୍ନାରେ ତିନିଚାରିଫୁଟ ଦୂର ଚଟାଣକୁ ଅର୍ଦ୍ଧନିମ୍ମୀଳିତ ନେତ୍ରରେ ଚାହିଁ ତଥା ଅନ୍ୟାନ୍ୟ ଚିନ୍ତାଠାରୁ ମନକୁ ଦୂରରେ ରଖି, କେବଳ ସ୍ୱ ଶ୍ୱାସକ୍ରିୟା ପ୍ରତି ମନୋନିବେଶ କରିବା । ବାହାରେ ରାତି ଜମାଟ୍ ବାନ୍ଧି ଆସୁଥିଲା । ଝର୍କା ସେ ପଟେ ଛାଇ ଛାଇଆ ଭୌତିକ ଅନ୍ଧକାର । ଘର ଭିତରେ ସ୍ତବ୍ଧ, ସୁଗନ୍ଧିତ ବାତାବରଣ । ଆଖି ବୁଜି ସିଧାସଳଖ ଧ୍ୟାନମୁଦ୍ରାରେ ବସି ରହିଲେ ଚାଳିଶ ଜଣ ବୃଦ୍ଧ ଓ ତରୁଣ ଆମେରିକାନ୍ ।

Digitized by srujanika@gmail.com

ପଇଁଚାଳିଶ ମିନିଟ୍‌ପରେ ଆମ୍ଭମାନଙ୍କର ଦେବାରତି ସମୟରେ ବଜାଉ ଥିବା ପିତଳର ଘଣ୍ଟିପରି କୁନି ଘଣ୍ଟିଟିଏ 'ଟୁଂ' କରି ତନ୍ ବଜାଇଲେ ଓ ସଭିଏଁ ଆଖି ଖୋଲିଲେ ଏକାସାଥିରେ । ପୁଣି କିଛି ସମୟ ଦାର୍ଶନିକ ତତ୍ତ୍ୱାଲୋଚନା, ଆସନ୍ତା ସପ୍ତାହ ପାଇଁ କାର୍ଯ୍ୟନିର୍ଘଣ୍ଟର ପ୍ରସ୍ତୁତି ଏବଂ ତା'ପରେ ବିରତି ।

ଧ୍ୟାନକ୍ଲାସ୍ ଶେଷ ହେବାପରେ ତନ୍ ସମସ୍ତ ଅତିଥିମାନଙ୍କୁ ଡାକି ନେଇଗଲେ ନିଜ ରୋଷେଇଶାଳକୁ । ପ୍ରଶସ୍ତ ଓ ସୁସଜ୍ଜିତ ଲିଭିଙ୍ଗରୁମ୍‌ର ଗୋଟିଏ ପାଖରେ ଅଣ୍ଟେ ଉଚ୍ଚ ବାଡ ଦିଆହୋଇ ଅଲଗା କରା ହୋଇଥିଲା କିଚେନ୍‌ର ପରିସର, ଉଜ୍ଜ୍ୱଳ, ଝକ୍‌ଝକ୍ ଓ ଅତି ମାତ୍ରାରେ ପରିଚ୍ଛନ୍ନ । ବିଭିନ୍ନ ଟ୍ରେରେ ସଜା ହୋଇ ରଖା ହୋଇଥିଲା ପେସ୍‌ଟ୍ରି, ଡୋନଟ୍ ଓ କ୍ରାକର । ଅତିଥି ମାନେ ନିଜେ ନିଜେ ନିଜ ପସନ୍ଦ ମୁତାବକ ଚା' ଓ କଫି ବନାଇବାକୁ ଲାଗିଲେ । କେହି କେହି ଫ୍ରିଜ୍‌ରୁ କାଢ଼ି ଜୁସ୍ ପିଇଲେ ମଧ୍ୟ । ମତେ ନୀରବରେ ଠିଆ ହୋଇଥିବାର ଦେଖି ତନ୍ ପଚାରିଲେ – ଆପଣ କଅଣ ପିଇବେ ? ଚା' ନା କଫି ?

– ମୁଁ ଚା' ପସନ୍ଦ କରିବି, ମୁଁ କହିଲି ।

– ଆପଣ ଗ୍ରିନ୍ ଟି ପିଇବେକି ? ତନ୍ ପଚାରିଲେ ଓ ଗ୍ରୀନ୍‌ଟି ମୋ ପାଇଁ ଏକ ନୂତନ ପାନୀୟ ହୋଇଥିବାରୁ ତାହାର ସ୍ୱାଦ ନେବାପାଇଁ ଆଗ୍ରହୀ ହୋଇ ମୁଁ ମୁଣ୍ଡ ଟୁଙ୍ଗାରିଲି ଏବଂ ତନ୍ ଯେଉଁଭଳି ଭାବରେ ଗ୍ରୀନ୍‌ଟି ତିଆରି କଲେ, ତାହା ଦେଖି ଅବାକ୍ ହେଲି ମଧ୍ୟ । କିଛି ସବୁଜାଭ ଲମ୍ୱ ଲମ୍ୱ ଚାହାପତ୍ର ନେଇ ଗୋଟିଏ କପ୍‌ରେ ରଖି ତନ୍ ତା'ଉପରେ ଫୁଟନ୍ତା ଗରମ ପାଣି ଢ଼ାଳିଲେ ଓ କପ୍‌ଟି ମୋ ହାତକୁ ବଢାଇ ଦେଲେ । କପ୍‌ର ଉଷ୍ଣଜଳ ସବୁଜ ଓ ସୁନେଲୀର ମିଶା ମିଶି ରଂଗ ଧରିଥିଲା । ଚା'ରେ କ୍ଷୀର ବା ଚିନି ଗୋଳା ହୋଇ ନଥିଲା । ଚାଖି ଦେଖିଲି ବିସ୍ୱାଦ । କିନ୍ତୁ ନିଜେ ପିଇବାକୁ ଚାହିଁଥିବାରୁ କୌଣସି ମତେ ଗଳାଧଃକରଣ କରିଥିଲି ।

ହଠାତ୍ ନିମନ୍ତ୍ରିତ ଅତିଥିମାନଙ୍କ ମଧ୍ୟରୁ ଦୁଇଟି ଝିଅ - ଲରା ଓ ଜୁଡି - ନିଜ ନିଜର ପରିଚୟ ପ୍ରଦାନ କରି ମୋ ସହିତ ବାର୍ତ୍ତାଳାପ କରିବାକୁ ଆରମ୍ଭ କଲେ । ହସ୍‌କୁରୀ ଲରା ଥିଲା ବିବାହିତା । ଦୁଇ ସନ୍ତାନର ଜନନୀ । ଜୁଡ଼ି ଥିଲା ଅପେକ୍ଷାକୃତ ଅଳ୍ପବୟସ୍କା, ଅବିବାହିତା । ଦିହେଁ ନିୟମିତ ଧ୍ୟାନକେନ୍ଦ୍ରକୁ ଆସନ୍ତି ବୋଲି କହିଲେ । ଶୁଣିଥିଲେ ଭାରତବର୍ଷ ଧ୍ୟାନ ଓ ଯୋଗର ଦେଶ ଏବଂ ସେଇ ସଂପର୍କରେ ଆହୁରି କିଛି ଜାଣିବା ପାଇଁ ମୋତେ ପ୍ରଶ୍ନ ପଚାରିବାକୁ ଲାଗିଲେ । ଯୋଗ ଏବଂ ଧ୍ୟାନ ସଂପର୍କରେ ମୁଁ ଯେ ବିଲ୍‌କୁଲ୍ ଅନାଡି ତାହା ସଲ୍ଲଜ ଭାବରେ ସେମାନଙ୍କ ଆଗରେ ସ୍ୱୀକାର କରିଥିଲି ।

ଅଚାନକ ଜୁଡି, ମୋ ଖୋଷାରେ ଗୁଡା ହୋଇଥିବା କନା ଢାଇଟି ପ୍ରତି ମୋର ଦୃଷ୍ଟି ଆକର୍ଷଣ କରି କହିଲା - କି ଚମତ୍କାର ! ମୁଁ ଏ ଗୋଟିକ ବ୍ୟବହାର କରିପାରେକି ?

Digitized by srujanika@gmail.com

— ନିଶ୍ଚୟ । ଏହାତ ନିହାତି ସାଧାରଣ ଜିନିଷଟିଏ । ଆମ ଦେଶରେ ଭଳି ଭଳି କିସମର ମିଳେ । ଝିଅମାନେ ବହୁତ ବ୍ୟବହାର କରନ୍ତି । ତୁମେ ଏଇଟା ନିଅ । ଇଏ ମୋର ତୁମକୁ ଉପହାର ।

ଜାଲିଟି କିନ୍ତୁ ଜୁଡିରେ କୌଣସି କାମରେ ଲାଗି ପାରିଲା ନାହିଁ । କାରଣ ଜୁଡି ତା'ର କାନ୍ଧ ଛୁଉଁଥିବା ଓ ଅସମାନ ଭାବରେ କଟା ହୋଇଥିବା କେଶଦାମକୁ ଟାଣି ଓଟାରି ଗଣ୍ଠିଟିଏ ପକାଇ ତହିଁରେ ଜାଲିଟି ଖଞ୍ଜିବା ପାଇଁ ଶତଚେଷ୍ଟା କରିଥିଲେ ସୁଦ୍ଧା ତହିଁରେ ସଫଳ ହୋଇପାରି ନଥିଲା ଓ ଶେଷ ପର୍ଯ୍ୟନ୍ତ ନିରାଶ ମନରେ ମୋ ଜାଲିଟି ମୋତେ ଫେରାଇ ଦେବାପାଇଁ ବାଧ ହୋଇଥିଲା ।

ଡନ୍ ପାଖରେ ଠିଆହୋଇ ମୃଦୁମନ୍ଦ ହସ ହସି ଦୃଶ୍ୟଟି ଉପଭୋଗ କରୁଥିଲେ । ତାଙ୍କୁ କହିଲି, କ୍ଷମା କରିବେ । ଆପଣଙ୍କର ଅନେକ ଅତିଥି ଏଠି । ତେବେ ବି ଦୟା କରି ଦଶମିନିଟ୍ ସମୟ ମତେ ଦେଇପାରିବେକି ? ଆପଣଙ୍କୁ କିଛି ପ୍ରଶ୍ନ ପଚାରିବାର ଥିଲା । ଡନ୍ କଡିକିଆ ହୋଇ ପଡିଥିବା ସୋଫାଟିରେ ବସି ଓ ମତେ ଆସନଟିଏ ଅର୍ପଣ କରି କହିଲେ, ପଚାରନ୍ତୁ କଅଣ ପଚାରିବେ ।

— ଆପଣ ଏ ଧ୍ୟାନକେନ୍ଦ୍ରଟି କେବେଠୁ ଆରମ୍ଭ କଲେ ?

— ଅକ୍ଟୋବର, ଉଣିଶଶହ ଅଠାନବେ ମସିହାରୁ ।

— ହଠାତ୍ ଧ୍ୟାନ୍‌ପ୍ରତି ଏଭଳି ମନଯୋଗ ?

— ଆପଣ ମୋର ଘରଦ୍ୱାର ଦେଖି ଜାଣିପାରୁଥିବେ ଯେ ମୋ'ର ପଇସାର ଅଭାବ ନାହିଁ । ମୁଁ ଫର୍ଣିଚର ବ୍ୟବସାୟ କରେ । ମୋ ଜୀବନ ବେଶ୍ କାର୍ଯ୍ୟବ୍ୟସ୍ତତା ଭିତରେ ଗତି କରୁଥିଲା । ପାଗଳଙ୍କ ପରି ପଇସା ରୋଜଗାର କରୁଥିଲି । ବ୍ୟବସାୟ ସୂତ୍ରରେ ଘୁରିବୁଲୁଥିଲି ପୃଥିବୀର ଅର୍ଦ୍ଧାଂଶ । ହଠାତ୍ ଦିନେ କେଜାଣି କାହିଁକି ଭାରି ଅବସନ୍ନ ମନେ ହେଲା ନିଜକୁ । ମନେ ହେଲା କଅଣ ପାଇଁ ମୁଁ ଛୁଟିଚାଲିଛି ଏପରି ଅଦିନ ଧୂମକେତୁ ପରି ? କଅଣ ପାଇଁ ? ଅଜସ୍ର ଡଲାରର୍ ପୁଞ୍ଜି ହାତରେ ଥାଇ ସୁଦ୍ଧା ମନ ହେଲା ଅଶାନ୍ତ, ଅପ୍ରସନ୍ନ ।

— ତା'ପରେ ?

— ପ୍ରାୟ ଆଠବର୍ଷ ଧରି ମନସ୍ତତ୍ତ୍ୱ, ଦର୍ଶନ ଓ ଯୋଗଶାସ୍ତ୍ର ସମ୍ବନ୍ଧରେ ପଢ଼ାପଢ଼ି କଲି । ପଢ଼ିଲି ବିଭିନ୍ନ ଧର୍ମଗ୍ରନ୍ଥ ଓ ବୁଦ୍ଧଙ୍କର ବାଣୀ । ଦେଖିଲି ଚହଲା ମନ ଅନେକଟା ଶାନ୍ତ ପଡିଯାଇଛି । ଏବେ ମୋର ମନ ଅନେକାଂଶରେ ସୁସ୍ଥ । ନିଜେ ଏହି ଶାନ୍ତି ଆସ୍ୱାଦନ କରିସାରିବା ପରେ ଅନ୍ୟମାନଙ୍କ ଭିତରେ ତାହା ବାଣ୍ଟିବା ପାଇଁ ଏହି ଧ୍ୟାନକେନ୍ଦ୍ରର ପ୍ରତିଷ୍ଠା ।

Digitized by srujanika@gmail.com

– ଏ ଘରଟି ତ ରାଜପ୍ରାସାଦ ସଦୃଶ, ଘରଟି କଅଣ ପୈତୃକ ?

– ନା ନା, ଜମି କଣି ଘରଟି ମୁଁ ନିଜେ କରିଛି । ମୋର ଦୁଇଭାଇ ଓ ଗୋଟିଏ ଭଉଣୀ । ସଭିଏଁ ପ୍ରତିଷ୍ଠିତ । ବାପା ମା' ଅନ୍ୟ ସହରରେ ରହନ୍ତି ।

–ଆଚ୍ଛା ! ଆପଣଙ୍କ ଏତାଦୃଶ ଜୀବନଶୈଳୀ ବିଶେଷରୂପେ କାହାଦ୍ୱାରା ପ୍ରଭାବିତ ?

– ଦଲାଇଲାମା, ମହାତ୍ମାଗାନ୍ଧୀ ଓ ନୋଏଲ୍ ଗୋଲ୍ଡସ୍ମିଥ୍‌କୁ ମୁଁ ଭାରି ମାନେ । ଜେନ୍ ବୁଦ୍ଧିଜମ୍ ମଧ ମତେ ବହୁତ ପ୍ରଭାବିତ କରିଛି । ଶ୍ରୀଲଙ୍କାର ଶ୍ରୀ ଦୀନେଶ୍ ପରେରା ମୋର ଗୁରୁ । ଏ ସଂପର୍କୀୟ ମୋର ସବୁ ଶିକ୍ଷାଦୀକ୍ଷା ତାଙ୍କରି ପାଖରେ ।

– ଯଦି କିଛି ମନେ ନକରନ୍ତି, ଆପଣଙ୍କର ବୟସ କେତେ ଜାଣିପାରେ କି ?

– ମୋର ବୟସ ପଇଁଚାଳିଶ ।

– ଏତେ ସଂପରି ! ମାନସିକ ସ୍ତରରେ ବି ଆପଣ ପ୍ରବୁଦ୍ଧ । ବାହା ହେଉ ନାହାନ୍ତି କାହିଁକି ?

– ସେ ପ୍ରସଙ୍ଗ ଏବେ ମନକୁ ଆସିନି । ମୋର ଗୋଟିଏ ଗାର୍ଲଫ୍ରେଣ୍ଡ୍ ଅଛି - ବର୍ତ୍ତମାନ ପାଇଁ । ଭବିଷ୍ୟତରେ ହୁଏତ ମୋର ବିଭାଘର ହୋଇପାରେ । କିଏ ଜାଣେ ?

– ଏବେ ବି ବ୍ୟବସାୟ କରନ୍ତି ?

– ହଁ, ହଁ । ଜୀବିକାର୍ଜନ ପାଇଁ ପରମୁଖାପେକ୍ଷୀ ନହୋଇ କିଛି ହେଲେ ତ କରିବାକୁ ପଡିବ । ଟଙ୍କା ଆସୁଥିଲା ଓ ଆସୁଛି, କିନ୍ତୁ ସଂପରି ଲାଳସା କମିଛି । କିଛିଟା ମୋହ ଭଗ୍ନ ହେଲାପରି ।

ମୋ ସହିତ ବାର୍ତ୍ତାଳାପ କରିସାରିବା ପରେ ଅତିଥି ମାନଙ୍କର ଆପ୍ୟାୟନ ପାଇଁ ତନ୍ ତତ୍ପର ହୋଇ ଉଠିଲେ । ଧ୍ୟାନକେନ୍ଦ୍ରର ସଭ୍ୟଗଣ ସାରା ହଲ୍‌ରେ ବିଚ୍ଛୁରିତ ହୋଇ ମୃଦୁସ୍ୱରରେ ଖୁସି ଗପ କରୁଥିଲେ । ଫେରିଯିବାର ତତ୍ପରତା କାହାରି ପାଖରେ ବି ନଥିଲା ।

ବିନୟଙ୍କର ଅସୁସ୍ଥତାର ସୂଚନା ଦେଇ ଘରକୁ ଶୀଘ୍ର ଫେରିଯିବା ପାଇଁ ମୁଁ ଉତ୍ସୁକ ବୋଲି ତନ୍‌କୁ ଜଣାଇଲି । ଧ୍ୟାନ ଓ ଯୋଗ ସଂପର୍କରେ ଆମେରିକାରେ ଥିବା ଅନ୍ୟାନ୍ୟ କେନ୍ଦ୍ର ଗୁଡିକରେ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ଅନେକଗୁଡିଏ ପୁସ୍ତିକା ଓ ପାମ୍ପଲେଟ୍ ତନ୍ ଖୋଜି ଆଣି ମୋ ହାତକୁ ବଢ଼ାଇଦେଲେ । କହିଲେ - ଆପଣ ଆଜି ଆସିଥିବାରୁ ମୁଁ ବହୁତ ଆନନ୍ଦିତ । ଆଉଥରେ ଆସିବେ । ରୋଜ୍‌ଗେଟ୍ ମେଡିଟେସନ୍ ସେଣ୍ଟର୍ ନିଶ୍ଚିତରୂପେ ଆପଣଙ୍କୁ ମନେରଖିବ ।

Digitized by srujanika@gmail.com

ରିକ୍ ଓ ମୁଁ ଅତିଥିମାନଙ୍କଠାରୁ ବିଦାୟ ନେଇ ଘର ବାହାରକୁ ପାଦ ବଢ଼ାଇଲୁ । ତନ୍ ଆସିଲେ ପାଏ ବାଟଯାଏ ବାଟେଇ ଦେବାପାଇଁ । କୁସୁମିତ ଚଲାପଥରେ ପାଦଥାପି ଫେରୁଫେରୁ ତନ୍‌କୁ କହିଲି – ଆପଣ ଆଉ ଆସନ୍ତୁନି । ଘରେ ଆପଣଙ୍କର ଅପେକ୍ଷମାଣ ଅତିଥିବୃନ୍ଦ ।

ମୃଦୁହସି ତନ୍ କହିଲେ – ଆପଣ ଠିକ୍ କହିଛନ୍ତି । ଏବଂ ତାପରେ ଠିଆହୋଇ ଦୁଇ ହାତ ଛାତିପାଖରେ ଯୋଡ଼ି ଧରି ସ୍ୱଚ୍ଛ ଉଚ୍ଚାରଣରେ କହିଲେ – 'ନମସ୍ତେ', ଠିକ୍ ଯେମିତି ପ୍ରଥମେ ଦେଖାହେଲାବେଳେ କହିଥିଲେ ।

ପ୍ରତିନମସ୍କାର କରି ରିକ୍ ଓ ମୁଁ ଦ୍ରୁତ ପଦଚାଳନା କଲୁ । କେଇ ପାହୁଣ୍ଡ ଆସିବାପରେ ପଛକୁ ଚାହିଁ ଦେଖିଲି । ନିର୍ଜନ ଉପବନର ଛାୟାନ୍ଧକାର ଭିତରେ ଏକ ସିଲ୍‌ହଟ ଛବିପରି ଶାନ୍ତ, ସମାହିତ ଭଙ୍ଗୀରେ କୃତାଞ୍ଜଳି ପୁଟରେ ଠିଆ ହୋଇ ରହିଥିଲେ ତନ୍ ଡେଭିସ୍ । ଜୀବନରେ ଯାହା କିଛି ଜଣେ ସାଧାରଣ ମଣିଷ ଖୋଜେ - ଗାଡ଼ି, ଘର, ବିଷୟ ସମ୍ପତ୍ତି ଏବଂ ଏପରିକି ପ୍ରିୟ ବାନ୍ଧବୀଟିଏ ମଧ୍ୟ - ସବୁ କିଛି ଅପର୍ଯ୍ୟାପ୍ତ ଭାବରେ ପାଇ ସୁଦ୍ଧା, ପିପାସିତ ମନରେ ପାଗଳ ପରି ଶାନ୍ତିପଛରେ ଘୁରିବୁଲୁଥିବା ବିଲ୍‌କୁଲ୍ ଏକ୍‌ଲା ଅସହାୟ ମଣିଷଟିଏ ।

ମନେ ମନେ କହିଲି, ଜୀବନ ! ତୁମେ ଏବେ ବି ରହିଗଲ ମୋ ପାଇଁ ପ୍ରଶ୍ନବାଚୀ ହୋଇ ।

*ନଭେମ୍ବର, ୨୦୦୦*

❑❑❑

Digitized by srujanika@gmail.com

# ଗାର୍ଲିକ୍ ଚିକେନ୍ ଓ ହବିଷ ଭାତ

ବେବୀ ସାୱାର୍ ଶବ୍ଦଟି ପ୍ରଥମଥର ପାଇଁ ଶୁଣିଥିଲି ଯୁକ୍ତରାଷ୍ଟ୍ର ଆମେରିକାରେ । ବବି ମୁହଁରୁ ।

ସେଦିନ ବେଶ୍ ବିଳମ୍ବରେ ଫେରିଥିଲା ସିଏ ବିଶ୍ୱବିଦ୍ୟାଳୟରୁ ।

– ଏତେ ଡେରି କଲୁ ଯେ !

– ଆଜି ଆମେ ବିନ୍‌କୁ ସର୍‌ପ୍ରାଇଜ୍ ବେବୀସାୱାର୍ ଦେଲୁ ତ ! ସେଇଥିପାଇଁ ।

– ବେବୀ ସାୱାର୍ ? ସିଏ ପୁଣି କି ଜିନିଷ ? ଆଉ ବିନ୍ ବା କିଏ ?

ଉତ୍ତରରେ ବବିଠାରୁ ଶୁଣିଥିଲି 'ବେବୀସାୱାର' ଶବ୍ଦଟିର ବିଶଦ୍ ବ୍ୟାଖ୍ୟା ଓ ବିବରଣୀ । ପରିଚୟ ପାଇଥିଲି ବିନ୍‌ର ମଧ ।

ଆମେରିକାର ବେବୀସାୱାର୍ କାର୍ଯ୍ୟକ୍ରମଟି ଅନେକାଂଶରେ ଆମ ଓଡ଼ିଆ ଘରର ସାଦଖିଆ ପର୍ଯ୍ୟାୟଭୁକ୍ତ । ଅନ୍ତଃସତ୍ତ୍ୱା କନ୍ୟା ବା ବଧୂଟିକୁ ତା'ମନଲାଖି ସ୍ୱାଦିଷ୍ଟ ବ୍ୟଞ୍ଜନ ଓ ପାୟସାନ୍ନ ଖୁଆଇବାର ବିଧି । ସେଠାରେ ଅବଶ୍ୟ ଶୁଭେଚ୍ଛୁ ସାଙ୍ଗସାଥୀ, ବନ୍ଧୁକୁଟୁମ୍ବ - ସଭିଙ୍କର ମିଳିତ ସହଯୋଗରେ ପାଳିତ ହୁଏ ଏ ଉତ୍ସବଟି । ସ୍ୱ ସ୍ୱ ଆର୍ଥିକ ଅବସ୍ଥାକୁ କଳନା କରି ସଭିଏଁ କିଛି ନା କିଛି ଉପହାର ମଧ ଆଣନ୍ତି ନୂଆକରି ପୃଥିବୀର ଜମିରେ ପାଦ ରଖିବାକୁ ଆସୁଥିବା ସୁକୁମାର ନବଜାତକଟି ପାଇଁ।ଉତ୍ସବଟି ପାଳିତ ହୁଏ ମୁଖ୍ୟତଃ ପ୍ରିୟପରିଜନ ମାନଙ୍କର ହର୍ଷ ଓ ଉଲ୍ଲାସ ଭିତରେ - ଆଗନ୍ତୁକ ନୂତନ ଅତିଥିଟିକୁ ଅଭିନନ୍ଦନ ଜଣାଇ ।

ବବି କହିଲା, ସେଦିନ ସନ୍ଧ୍ୟାରେ ଥିଲା ଚାଇନିଜ୍ ଝିଅ ବିନ୍ ପାଇଁ ବନ୍ଧୁମାନଙ୍କ ଦ୍ୱାରା ଆୟୋଜିତ ବେବୀ ସାୱାର୍ । ବିନ୍‌ର ସ୍ୱାମୀ ଥିଲେ ବେଇଜିଂର କୌଣସି ଏକ ବିଦ୍ୟାଳୟରେ ଶିକ୍ଷକ । ଏଜୁକେସନାଲ୍ ଟେକ୍‌ନୋଲୋଜିରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିବା ପାଇଁ ଆସିଥିଲେ ଆମେରିକା - ମିସିଗାନ୍ ଷ୍ଟେଟ୍ ୟୁନିଭର୍ସିଟି । ସାଥିରେ ନବବିବାହିତା ତରୁଣୀ ପତ୍ନୀ । ଛାତ୍ରବୃତ୍ତି ହିସାବରେ ମିଳୁଥିବା ସୀମିତ ପରିମାଣ ମୁଦ୍ରାରେ ଦୁହିଁଙ୍କର ଚଳିବା ଥିଲା କଷ୍ଟସାଧ । ବିନ୍ ତେଣୁ ପାର୍ଟଟାଇମ୍ ଚାକିରି କରୁଥିଲେ କଂପ୍ୟୁଟର ଗ୍ରାଫିକ୍‌ସ୍ ବିଭାଗରେ । ଏବଂ ଆସିବାର ବର୍ଷକ ପରେ ବିନ୍ ହେଲେ ଅନ୍ତଃସତ୍ତ୍ୱା । କଣ୍ଢେଇ ପରି ଗୁଲୁଗୁଲିଆ ଲଜ୍ଜ୍ୟାବତୀ କନ୍ୟାଟିର ଏତାଦୃଶ ସୌଭାଗ୍ୟରେ ଉତ୍‌ଫୁଲ୍ଲ ହେବାପାଇଁ

Digitized by srujanika@gmail.com

ପରିବାର ବର୍ଗ ନଥିଲେ ପାଖରେ । ସହୃଦୟ ଅଧ୍ୟାପକଗଣ ତଥା ଅଫିସ୍‌ର ଷ୍ଟାଫ୍ ମିଶି ତେଣୁ ତାଙ୍କ ପାଇଁ ଅନୁଷ୍ଠିତ କରିଥିଲେ ବେବୀସାୱାର୍ । ନିଜ ନିଜ ଭିତରେ ଚାନ୍ଦା ଉଠାଇ ।

— କଅଣ ଉପହାର ଦେଲା ବିନ୍‌କୁ ?

— ଷ୍ଟ୍ରୁଲର୍ ।

— କଅଣ ?

— ଚକଲଗା ଠେଲାଗାଡି, ସାନଛୁଆଟିକୁ ବାହାରକୁ ବୁଲାଇ ନେବାପାଇଁ । ତମେ ଯାହାକୁ ପ୍ରାମ୍ କହ ।

— ଭଲ ଜିନିଷଟିଏ ଦେଇଚ, ବେଶ୍ କାମରେ ଲାଗିଯିବ ଝିଅଟିର ।

— ତମେ ଜାଣ ମାମା ? ଏତେ ଖୁସି ହୋଇଗଲା ବିନ୍ ଷ୍ଟ୍ରୁଲର୍‌ଟି ଦେଖି ! ଆମେ ଜାଣିଥିଲୁ ଏଭଳି ଗାଡିଟିଏ କିଣିବାର ଆର୍ଥିକ ସଙ୍ଗତି ତା'ର ନାହିଁ । ବହୁତ ଭାବିଚିନ୍ତି ତେଣୁ ଏଇ ଉପହାରଟି ବାଛିଥିଲୁ । ବିନ୍ ଭାରି ପିଜ୍‌ଜା ଖାଇବାକୁ ଭଲପାଏ । କଣ୍ଟିବଫେ ରେଷ୍ଟୁରାଣ୍ଟରୁ ଅର୍ଡର କରି ଆଣିଥିଲୁ ପିଜ୍‌ଜା ଓ ଚିଜ୍‌କେକ୍ । ବିନ୍ ଖୁସିରେ କାନ୍ଦି ପକାଇଲା । ତାକୁ ଆମେ ଆଗରୁ କିଛି କହି ନଥିଲୁତ !

— ଆହା ! ମତେ ଟିକିଏ ଆସି ନେଇଗଲୁନି ଘରୁ ? ତୋ ୟୁନିଭର୍ସିଟି ତ ଏଇଠି ପାଖରେ । ଆମେରିକା ଆସିଲି ଅଥଚ ବେବୀ ସାୱାର୍ ଦେଖିପାରିଲିନି । ମନଦୁଃଖ କରି କହିଲି !

ସ୍ମିତା ରୋଷେଇ ଘରେ ଗୋଲାପଜାମୁ ତିଆରି କରୁ କରୁ ବଡପାଟିରେ କହିଲା - ମାମା ! ବେବୀ ସାୱାର୍‌ପରି ଏଠି ବ୍ରାଇଡାଲ୍ ସାୱାର୍ ବି ହୁଏ । ବାହାହେବାକୁ ଯାଉଥିବା ପୁଅଝିଅଙ୍କ ପାଇଁ ।

ବବି କହିଲା — ବଢ଼ିଆ କଥା ସ୍ମିତା ମନେ ପକାଇ ଦେଇଛି । ଆରମାସରେ ମୋ'ର ଗୋଟିଏ ଛାତ୍ରୀ 'ଜାରା'ର ବାହାଘର । ୟାରି ଭିତରେ ତା'ର ବ୍ରାଇଡାଲ୍ ସାୱାର୍ ହବାର ଅଛି । ବେଶ୍ ଖିଆପିଆ ମଉଜମସ୍ତି ହବ । କିଛି ଉପହାର ବି ଦବାକୁ ପଡିବ, ତମେ ଜାଣ ତ ମାମା ? ଏଠି ଯୌତୁକପ୍ରଥା ନାହିଁ । ବରକନ୍ୟା ଦୁହିଁଙ୍କୁ ତେଣୁ ଘରକରଣାର ସବୁଜିନିଷ ନିଜେଇ ଯୋଗାଡ କରିବାକୁ ପଡେ । ମୁଁ ଜାରାକୁ ପଚାରିଥିଲି ତାର କଅଣ ଦରକାର । ସିଏ କହିଛି ତାକୁ ଗୋଟିଏ ଟୋଷ୍ଟର ଦେବାପାଇଁ । ମୁଁ ତାହେଲେ ତମକୁ ତା ବ୍ରାଇଡାଲ୍ ସାୱାର୍‌କୁ ନେଇଯିବି । ତମେ ଗଲେ ସତରେ ବହୁତ ଖୁସି ହେବ ଜାରା ।

— ଯାହା କହ ପଛେ ! ଆଜିତ ବେବୀସାୱାର୍ ଦେଖେଇ ପାରିଲୁନି ମତେ ! ମୁଁ ଟିପ୍ପଣୀ କାଟିଲି ।

Digitized by srujanika@gmail.com

– ତମେ ବର୍ଷଟେ ରହିଯାଅ । ତାରାକୁ କହି ବର୍ଷକ ଭିତରେ ବ୍ରେବୀସାଓ୍ୱାର୍‌ର ବନ୍ଦୋବସ୍ତ କରିଦେବା । ବବି ପରିହାସ କଲା ।

ଏବଂ ଆଶ୍ଚର୍ଯ୍ୟଜନକ ଭାବରେ ଏଇ ଆଲୋଚନାର ମାତ୍ର କେତୋଟି ଦିନପରେ ଅଚାନକ ମୋ'ପାଖକୁ ନିମନ୍ତ୍ରଣଟିଏ ଆସିଲା ଗୋଟିଏ ବେବୀସାଓ୍ୱାର୍‌ରେ ସାମିଲ୍ ହେବା ପାଇଁ । ନିମନ୍ତ୍ରଣଟି ଆସିଥିଲା ଶ୍ରୀମତୀ ମିଶ୍ରଙ୍କ ପାଖରୁ ।

ଶ୍ରୀମତୀ ମିଶ୍ରଙ୍କ ସହିତ ଆଗରୁ ଥରଟିଏ ଦେଖା ହୋଇଥିଲା - ଭାରତୀୟମାନଙ୍କ ଦ୍ୱାରା ପାଳିତ ଅଗଷ୍ଟ ପନ୍ଦର ସମାରୋହରେ । କୃଷାଙ୍ଗୀ, ସ୍ଥୂଳକାୟା, ମଧ୍ୟବୟସ୍କା ଗୃହିଣୀ । ଥିଲେ ଦାମୀ ବମ୍‌କାଇ ସିଲ୍କଶାଢ଼ୀ ତଥା ପର୍ଯ୍ୟାପ୍ତ ପରିମାଣରେ ସ୍ୱର୍ଣ୍ଣାଳଙ୍କାରରେ ଭୂଷିତା । ସ୍ୱଭାବରେ ଥିଲେ ବେଶ୍ ସପ୍ରତିଭ ଓ ମେଳାପୀ । ଦୁଇମାସ ରହଣି ଭିତରେ, ପ୍ରାୟ ସବୁ ଭାରତୀୟ ପରିବାରମାନଙ୍କ ସହିତ ବନ୍ଧୁତ୍ୱ ସ୍ଥାପନ କରିନେଇଥିଲେ । କହୁଥିଲେ ସନ୍ତାନସମ୍ଭବା କନ୍ୟାଟିର ଦେଖାଶୁଣା କରିବା ପାଇଁ ଆମେରିକା ଆସିଛନ୍ତି ବୋଲି ।

ଶ୍ରୀମତୀ ମିଶ୍ର ଫୋନ୍ କରି ସ୍ନିଗ୍ଧ ସ୍ୱରରେ କହିଥିଲେ – କାଲି ବୁଲ୍‌ବୁଲୀର ବେବୀ ସାଓ୍ୱାର୍ । ମିଷ୍ଟର ମିଶ୍ରଙ୍କୁ ନେଇ ନିଶ୍ଚୟ ଆସିବେ । ଲଞ୍ଚ୍ ଖାଇବେ ଏଇଠି ।

– ଆପଣଙ୍କୁତ କହିଥିଲି ବିନୟଙ୍କର ଅସୁସ୍ଥତାର କଥା । ସାତଦିନ ହେଲା ଫେରିଛନ୍ତି ହସ୍‌ପିଟାଲ୍‌ରୁ । ମୁଁ ଅବଶ୍ୟ ଯାଇପାରିଲେ ନିଶ୍ଚିତରୂପେ ଖୁସି ହୁଅନ୍ତି । କିନ୍ତୁ ସାମାନ୍ୟ ଅସୁବିଧା ଅଛି । ଯିବା ସମ୍ଭବ ହେଲାଭଳିଆ ଲାଗୁନି । ମୁଁ ଉତ୍ତର ଦେଲି ।

– କଅଣ ଅସୁବିଧା କୁହନ୍ତୁ ନା ! ଶ୍ରୀମତୀ ମିଶ୍ର ପଚାରିଲେ ।

– ବବି ନାହିଁ । କାଲିଠୁ ଇଲିନୟ୍ ୟୁନିଭର୍ସିଟି ଯାଇଛି । କାଲି ମତେ ଗାଡିରେ ଆପଣଙ୍କ ଘରକୁ ନେଇଯିବ କିଏ ? ଆପଣ ତ ରହୁଛନ୍ତି ବହୁତ ଦୂରରେ ! ସ୍ମିତା ଅବଶ୍ୟ ନେଇଯାଇପାରନ୍ତା । କିନ୍ତୁ ଦୁଇଟି ସାନଛୁଆ ଓ ବିନୟଙ୍କୁ ଏକଲା ଘରେ ଛାଡି ସିଏ ବି ଏତେସମୟ ବାହାରେ ରହିପାରିବନି ।

– ଏଇଟା କୌଣସି ସମସ୍ୟାଇ ନୁହେଁ । ଆପଣଙ୍କ ଘରପାଖରୁ ମିଷ୍ଟର ଓ ମିସେସ୍ ମହାନ୍ତି ମଧ ଆସୁଛନ୍ତି ଏଠିକି । କାଲି ରବିବାରତ ! ଦୁହିଁଙ୍କର ଅଫିସ୍ ଛୁଟି । ମୁଁ ସେମାନଙ୍କୁ ଫୋନ୍ କରି କହିଦେବି ଆପଣଙ୍କୁ ସାଥିରେ ନେଇ ଆସିବା ପାଇଁ । ମୋ ଦୁରୂହ ସମସ୍ୟାଟିର ସରଳ ସମାଧାନ କରି ଶ୍ରୀମତୀ ମିଶ୍ର ଜବାବ୍ ଦେଲେ ।

ଏବଂ ତା'ପର ଦିନ ସକାଳେ, ସ୍ମିତାର ସହାୟତାରେ ବୁଲ୍‌ବୁଲୀ ପାଇଁ କିଛି ଗାର୍ଲିକ୍‌ଚିକେନ୍ ବନାଇ ଓ ଭାବୀ ନବଜାତକଟି ପାଇଁ ନୂଆ ପୋଷାକଟିଏ କିଣି ଯାଇ ପହଞ୍ଚିଥିଲି ପାଖ ସହର ଡ୍ରେଟିଅଟ୍‌ସ୍ଥିତ ଶ୍ରୀମତୀ ମିଶ୍ରଙ୍କ ଜାମାତାଙ୍କ ଘରେ – ମହାନ୍ତି

Digitized by srujanika@gmail.com

ଦଂପତିଙ୍କ ସହିତ । ଶ୍ରୀମତୀ ମହାନ୍ତି ସାଥିରେ ତିଆର କରି ନେଇ ଯାଇଥିଲେ ସପୁରୀଖଟା ଓ ପଣସ ତରକାରୀ । ତାଙ୍କଠାରୁ ଶୁଣିଲି ସପୁରୀଖଣ୍ଡ ଓ କଞ୍ଚାପଣସର ଟୁକୁଡା ସୁରକ୍ଷିତ ଅବସ୍ଥାରେ ଟିଣମାନଙ୍କରେ ପ୍ୟାକ୍ ହୋଇ ସେଠି ବଜାର୍‌ରେ ବିକ୍ରୀ ହୁଏ ।

ପହଞ୍ଚି ଦେଖେ, ତୁଲୁବୁଲୀପାଇଁ ଉଦ୍ଦିଷ୍ଟ ବେବୀ ସାୱାର୍‌ଟି ଅନୁଷ୍ଠିତ ହେଉଛି ବେଶ୍ ଜାକ୍‌ଜମକ ଓ ଆଡମ୍ବର ସହିତ । ଶ୍ରୀମତୀ ମିଶ୍ର ଓ ପାଖାପାଖି କେତୋଟି ଭାରତୀୟ ପରିବାରଙ୍କ ମିଳିତ ଉଦ୍ୟମରେ । ପରିଚିତ ସାଙ୍ଗସାଥିମାନଙ୍କର ଜମ୍‌ଜମାଟ ଆସର । ଏକା ସାଥିରେ ଭୋଜିଖିଆ ଓ ବନ୍ଧୁମିଳନ । ଆୟୋଜନ ବେସ୍‌ମେଣ୍ଟରେ । ଆମେରିକାନ୍ ଘରଗୁଡିକ କାଠରେ ତିଆରି ଏବଂ ମାଟିତଳେ ସାଧାରଣତଃ ଗୋଟିଏ ମହଲା ଥାଏ । ବିନାକାଛର ପ୍ରଶସ୍ତ ହଲ୍‌ଘରଟିଏ ପରି ।

ପରିଚିତ ଅନେକ ଭାରତୀୟ ପରିବାର ଆସିଥିଲେ ଉତ୍ସବରେ ଯୋଗଦେବା ପାଇଁ । ଅଳ୍ପଦୂରରେ ଥିବା ସାନ ସାନ ସହରମାନଙ୍କରୁ ମଧ ଅତିଥିମାନଙ୍କର ସମାଗମ ହୋଇଥିଲା । ସଂପୂର୍ଣ୍ଣ ଭାରତୀୟ ପରିବେଶ । ରଂଗବେରଂଗୀ ଶାଢ଼ୀ, ସଲୱାର୍ କମିଜ୍ ଓ ଚିକନ୍ କୁର୍ତ୍ତାରେ ବର୍ଣ୍ଣମୟ । ଅନେକ ମହିଳା ବିଭିନ୍ନ ପ୍ରକାର ବ୍ୟଞ୍ଜନ ଓ ମିଷ୍ଟାନ୍ନ ରାନ୍ଧି ଆଣିଥିଲେ ତୁଲୁବୁଲୀପାଇଁ । ତା'ର ଭାବୀ ସନ୍ତାନଟି ପାଇଁ ସଭିଙ୍କ ହାତରେ କିଛି ନା କିଛି ଉପହାର କିମ୍ୱା ଡଲାର୍ ଭର୍ତ୍ତି ଲଫାପା । ଖାଦ୍ୟପେୟର ବିପୁଳ ଆୟୋଜନ । ପ୍ରଶସ୍ତ ଡାଇନିଂ ଟେବୁଲ୍‌ଟି ଉପୁଡି ପଡୁଥିଲା ପଲାଓ, ପନୀର ଓ ରସ୍‌ମଲାଇରେ । ବିଭିନ୍ନ ସ୍ୱାଦର, ବିଭିନ୍ନ ସୁଗନ୍ଧିର ଭୋଜ୍ୟବସ୍ତୁମାନ । ସୁଖୀ, ଶ୍ୟାମଳୀ ତୁଲୁବୁଲୀ ଶ୍ଲଥଗତିରେ ଓ ସଲ୍ଲଜ ଭଙ୍ଗୀରେ ଘୁରିବୁଲୁଥିଲା ହଲ୍‌ଭିତରେ ସ୍ୱାମୀ ସହିତ । ମୁହଁରେ ଆସନ୍ନ ମାତୃତ୍ୱର ଦୀପ୍ତଆଭା ।

ଶ୍ରୀମତୀ ମିଶ୍ର ପରିଚୟ କରାଇଦେଲେ ଜାମାତା ସୁଦର୍ଶନଙ୍କ ସହିତ । ହୃଷ୍ଟପୁଷ୍ଟ, କୁଞ୍ଚିତକେଶୀ, ଖର୍ବକାୟ ଯୁବକଟିଏ । ଶୁଣିଲି ସ୍ଥାନୀୟ ଏକ ସଫ୍‌ଟୱେୟାର କଂପାନୀରେ କାମ କରନ୍ତି । ଚାରିବର୍ଷ ପାଇଁ ଚୁକ୍ତିବଦ୍ଧ ହୋଇ କୌଣସି ଏକ ପୋଜେକ୍ଟ କାମରେ ଆମେରିକା ଆସିଛନ୍ତି ।

ଲଞ୍ଚ୍ ଖାଉ ଖାଉ ଶ୍ରୀମତୀ ମିଶ୍ରଙ୍କୁ କହିଲି — ଭାରି ଗେହ୍ଲା ଝିଅଟ ଆପଣଙ୍କର ! ଶ୍ରୀଯୁକ୍ତ ମିଶ୍ରଙ୍କୁ ଏକାଛାଡ଼ି ଦେଇ ପୌତ୍ରର ଜନ୍ମପାଇଁ ଆମେରିକା ପଳାଇ ଆସିଛନ୍ତି ।

ଶ୍ରୀମତୀ ମିଶ୍ର ହସିଲେ, କହିଲେ ଝିଅଟି ମୋ'ର ଅନେକ ଦୁଃଖ ପାଇସାରିଲା ପରେ ଏବେ ସୁଖର ମୁହଁ ଦେଖୁଛି । ଆସି ନଥାନ୍ତି କେମିତି ?

— ଦୁଃଖ କାହିଁକି କହୁଛନ୍ତି ? ଝିଅଟି ବରଂ ଭାରି ସୌଭାଗ୍ୟବତୀ । ସୁଦର୍ଶନ ଚମତ୍କାର ପିଲା ।

Digitized by srujanika@gmail.com

- ତା' ଯାହା କହିଲେ । ନହେଲେ କଅଣ ଚୁଲ୍‌ବୁଲୀକୁ ସବୁକିଛି ଜାଣିଶୁଣି ବାହା ହୋଇଥାଆନ୍ତା ।

—ମାନେ ? ମୁଁ ପଚାରିଲି ଏବଂ ଉତ୍ତରରେ ଶ୍ରୀମତୀ ମିଶ୍ରଙ୍କଠାରୁ ଶୁଣିଥିଲି ଚୁଲ୍‌ବୁଲୀର ବେବୀ ସାୱାର ଉତ୍ସବର ପ୍ରଚ୍ଛଦପଟର କାହାଣୀ ।

କେଇବର୍ଷ ତଳେ ଏକ ମର୍ମାନ୍ତିକ କାର୍ ଦୁର୍ଘଟଣାରେ ଶ୍ରୀମତୀ ମିଶ୍ରଙ୍କର ପୁତ୍ର ଓ ଜାମାତା ଉଭୟ ପ୍ରାଣହରାନ୍ତି । ଏକାସାଥିରେ । ପୁତ୍ର ଘଟଣାସ୍ଥଳରେ ଏବଂ ଜାମାତା ଦଶଦିନପରେ ହସ୍‌ପିଟାଲ୍‌ରେ । ବୈଧବ୍ୟବରଣପରେ ଚୁଲ୍‌ବୁଲୀ ବର୍ଷଟିଏ ଶିକ୍ଷିକା ଚାକିରି କରିଥିଲା । ପରେ ସୁଦର୍ଶନଙ୍କ ସହିତ ପ୍ରେମ ଏବଂ ବିବାହ । ସୁଦର୍ଶନ ଥିଲେ ଶ୍ରୀମତୀ ମିଶ୍ରଙ୍କର ସାନଭଉଣୀର ଦୂରସଂପର୍କର ଦିଅର । ସେଇ ସୂତ୍ରରେ ଘରକୁ ଯିବା ଆସିବା ଓ ଚୁଲ୍‌ବୁଲୀ ସହିତ ଆଳାପ ଓ ଅନ୍ତରଂଗତା । ଯୁବକଟି ନିର୍ଦ୍ଧନ ପରିବାରର ହୋଇଥିଲେ ସୁଦ୍ଧା ସ୍ୱପ୍ରଚେଷ୍ଟା ଫଳରେ ଥିଲେ ସୁପ୍ରତିଷ୍ଠିତ । ଏବଂ କହିବା ବାହୁଲ୍ୟ ଯେ ଏଇ ପ୍ରସ୍ତାବଟିରେ ଉଭୟ ଶ୍ରୀ ଓ ଶ୍ରୀମତୀ ମିଶ୍ର ଥିଲେ ଅତିମାତ୍ରାରେ ସୁଖୀ ଓ ସନ୍ତୁଷ୍ଟ ।

ଉପାଖ୍ୟାନଟି ଶୁଣିସାରିଲାପରେ ସୁଦର୍ଶନଙ୍କ ପ୍ରତି ସ୍ନେହ ଓ ଶ୍ରଦ୍ଧାରେ ଆର୍ଦ୍ର ହୋଇ ଉଠିଲା ମୋ ମନ । ବୈଧବ୍ୟ ତଥା ଏକାକୀତ୍ୱର କଠୋର ନିଗଡ ଭିତରେ ଅଚାନକ ବନ୍ଦୀ ହୋଇ ରହି ଯାଇଥିବା ଝିଅଟିକୁ ଯିଏ ଦେଖାଇ ପାରିଛି ଏକ ସ୍ୱତନ୍ତ୍ର, ଆଶାବାଦୀ ଜୀବନର ସ୍ୱପ୍ନ, ଯିଏ ଉପହାର ଦେଇ ପାରିଛି ନିରୁତା ଭଲପାଇବାର ଏକ ବର୍ଣ୍ଣାଢ୍ୟ, ଛାୟାଶୀତଳ ଆଶ୍ରୟ, ସିଏ ଯେ ନିଃସନ୍ଦେହରେ ଏକ ହୃଦୟବାନ୍ ପୁରୁଷ, ଏଥିରେ ମତାନ୍ତର ହୋଇ ନପାରେ ।

— ଅନେକ ଭାଗ୍ୟ ସୁଦର୍ଶନ ପରି ପିଲା ପାଇଛନ୍ତି । ଜାମାତା ଯେ ଆପଣଙ୍କର ଦେବତୁଲ୍ୟ । ମୁଁ କହିଲି ।

ଶ୍ରୀମତୀ ମିଶ୍ର ପ୍ରାପ୍ତି ଓ ଉଲ୍ଲାସର ହସ ହସି କହିଲେ - ଆପଣ ଠିକ୍ କହିଛନ୍ତି । ସେଇତ ମତେ ଟିକେଟ ପଠାଇ ଜବରଦସ୍ତି ଆମେରିକା ନେଇ ଆସିଛି । ଚୁଲ୍‌ବୁଲୀ ଅପେକ୍ଷା ସିଏ ବେଶୀ ବିବ୍ରତ ଭାବୀ ସନ୍ତାନଟି ପାଇଁ ।

— ତାହା ତ ସ୍ୱାଭାବିକ । ଦୂର ଦେଶରେ ଏକା ଏକା । ତହିଁରେ ପୁଣି ପ୍ରଥମ ସନ୍ତାନ ।

— କେମିତି ଭଲରେ ଭଲରେ ଯା ଭିତରେ ଛୁଆଟି ହୋଇଗଲେ ଇ ରକ୍ଷା । ଚୁଲ୍‌ବୁଲୀର ବାପା ଡାଏବେଟିସ୍ ରୋଗୀ । ଏକା ଛାଡ଼ିକି ଆସିଛି । ଘରେ ତ ବୋହୂ ଛଡା ଆଉ କେହି ନାହାନ୍ତି । ଅବଶ୍ୟ ବୋହୂଟି ଭାରି ଭଲ । କାମିକା ମଧ । ଘର ସମ୍ଭାଳିନେଉଛି ଠିକ୍ ଠାକ୍ ।

Digitized by srujanika@gmail.com

– ବୋହୂ ? ସେଇ ଯେଉଁ ପୁଅଟିର ଦୁର୍ଘଟଣା ହୋଇଥିଲା, ତାହାରି ସ୍ତ୍ରୀ ?

– ହଁ, ସେଇ ପୁଅର ସ୍ତ୍ରୀ । କି ଭାଗ୍ୟ ଦେଖନ୍ତୁ ! ସୁନ୍ଦର ଦେଖି ବୋହୂ କରିଥିଲି । ଚୁଲ୍‌ବୁଲୀଠୁ ବୟସରେ ସାନ । କାହାର ନଜର୍ ଲାଗିଗଲା ବୋଧହୁଏ । ବାହାଘର ଛମାସ ନଯାଉଣୁ ଏଇ ବିପତ୍ତି । ଏକୁଟିଆ ରଖିକି ଆସିଛି ତାକୁ । ବ୍ୟସ୍ତ ଲାଗିଯାଉଛି ବେଳେବେଳେ ଘରକଥା ମନେପଡି । ଆରମାସରେତ ଦଶହରା । ଯେମିତି ହେଲେ କାର୍ତ୍ତିକମାସ ଆଗରୁ ମତେ ଫେରିବାକୁ ହେବ ।

– ଫେରିଯିବା ପାଇଁ ଏତେ ବ୍ୟସ୍ତ ହେଉଛନ୍ତି କାହିଁକି ? ଘରତ ସେଠି ସୁରୁଖୁରୁରେ ଚାଲିଛି ବୋଲି କହୁଛନ୍ତି । ଚୁଲ୍‌ବୁଲୀର ବରଂ ଆପଣଙ୍କର ସାହଚର୍ଯ୍ୟ ଏବେ ବେଶୀ ଦରକାର । ଆଉ ତା'ଛଡ଼ା କାର୍ତ୍ତିକମାସ ସହିତ ଆପଣଙ୍କ ଫେରିଯିବାର ସଂପର୍କ ବା କଅଣ ?

– ନାହିଁ ଆଉ କିଛି ନୁହେଁ । ମୁଁ ଏଠି ଗଲେ ବୋହୂ ହବିଷ କରିବାକୁ ପୁରୀ ଯିବତ !

– ହବିଷ ? ଆପଣ ପରା କହୁଥିଲେ ସାନଝିଅଟିଏ । ଚୁଲ୍‌ବୁଲୀଠୁ ବି ବୟସରେ ସାନ ।

– ହେଲେ କଅଣ ହେଲା ? ବ୍ରାହ୍ମଣ ଘର । ନୀତିନିୟମ ତ ମାନିବାକୁ ପଡିବ ।

ଶ୍ରୀମତୀ ମିଶ୍ର ନିରୁତ୍ତାପ କଣ୍ଠରେ ଉତ୍ତର ଦେଲେ ।

ଏବଂ ତାଙ୍କ କଥା ମଝିରେ ଝଲମଲ୍ ସିଫନ୍ ଓଢ଼ଣୀ ସମ୍ଭାଳୁ ସମ୍ଭାଳୁ ଖାଇବା ପ୍ଲେଟ୍ ହାତରେ ଧରି ଚୁଲ୍‌ବୁଲୀ ଆସି କହିଲା । ମା ! କାନନ୍ ମାଉସୀ ବନାଇ ଆଣିଥିବା ଗାର୍ଲିକ୍ ଚିକେନ୍‌ର ସ୍ୱାଦ ସତରେ ଅପୂର୍ବ ।

ଝିଅଟିକୁ ବିମୁଗ୍ଧ ଓ ପରିପୂର୍ଣ୍ଣ ଆଖିରେ ଅନାଇ ଶ୍ରୀମତୀ ମିଶ୍ର ମତେ କହିଲେ - କେମିତି ରାନ୍ଧିଛନ୍ତି କହିଦେବେତ ! ମୁଁ ମଝିରେ ମଝିରେ ଚୁଲ୍‌ବୁଲୀପାଇଁ ବନେଇ ଦେବି । ଚୁଲ୍‌ବୁଲୀର ମୁଣ୍ଡ ଆଉଁଷି ମୁଁ ଉତ୍ତର ଦେଲି - ନିଶ୍ଚୟ ।

ଶ୍ରୀମତୀ ମିଶ୍ର ତରବର ହୋଇ ଉଠି ଡାଇନିଂ ଟେବୁଲ୍‌ରୁ ତରକାରୀ କଂସାଟି ଆଣି ଅନେକଗୁଡିଏ ମାଂସର ଟୁକୁଡା ସ୍ନେହରେ ପରଶିଦେଲେ ଚୁଲ୍‌ବୁଲୀର ପ୍ଲେଟ୍‌ରେ । ଏବଂ ଚୁଲ୍‌ବୁଲୀର ଗାର୍ଲିକ୍ ଚିକେନ୍ ଖାଉଥିବା ପ୍ରସନ୍ନ ଓ ପରିତୃପ୍ତ ମୁହଁପାଖରେ ମୁଁ ଯେମିତି ଅଚାନକ ଦେଖିବାକୁ ପାଇଲି ଦୂରଦୂରାନ୍ତରରେ ଥିବା ଏକ ସାନ ସହରର ମନ୍ଦିର ବେଢ଼ାସ୍ଥିତ ଶିଉଳିଲଗା ପଥରଚଟାଣରେ ବସି ଦରଶୁଖିଲା କଦଳୀପତ୍ର ପକାଇ, ଦିନାନ୍ତେ ବଇଟିଏ ହବିଷଭାତ ଖାଉଥିବା ଗୋଟିଏ ହତଭାଗ୍ୟ ତରୁଣୀର ଶୀର୍ଣ୍ଣ ଓ ଅବସନ୍ନ ମୁହଁ ।

*ଅକ୍ଟୋବର, ୨୦୦୦*

ଦଦଦ

Digitized by srujanika@gmail.com

# ଲିଣ୍ଡା, ମୋତେ କ୍ଷମା କର

ଲିଣ୍ଡାଙ୍କ ସହିତ ମୋର କହଳର ସୂତ୍ରପାତ ହୋଇଥିଲା ପ୍ରଥମରୁ ଭ । ବିନୟ ହସ୍‌ପିଟାଲ୍‌ରେ ଦାଖଲ୍ ହେବା ଦିନଠାରୁ ।

ମୁଁ ହସ୍‌ପିଟାଲ୍‌ରେ ରାତିରେ ରହିବାପାଇଁ ଚାହିଁଥିଲି ଏବଂ କାର୍ଯ୍ୟଟି ନିୟମବିରୁଦ୍ଧ ହେବ ବୋଲି ଦର୍ଶାଇ ଲିଣ୍ଡା ଏହାର ପୂର୍ଣ୍ଣରୂପେ ବିରୋଧ କରିଥିଲେ ।

ସ୍ଥୂଳକାୟା, ମାର୍ଜାରନୟନା ଲିଣ୍ଡା ଥିଲେ ବିନୟ ରହୁଥିବା ପ୍ରକୋଷ୍ଠ - ରୁମ୍ ନମ୍ବର ସତରର ଦାୟିତ୍ୱରେ ଥିବା ପ୍ରୌଢ଼ା ଓ ଅଭିଜ୍ଞା ସେବିକା । କଥା କହୁଥିଲେ ସିଧା ମୁହଁକୁ ଅନାଇଁ - ଧୀର କିନ୍ତୁ ଜଳଦଗମ୍ଭୀର ସ୍ୱରରେ । ମୁହଁଟି ଥିଲା ହାସ୍ୟରହିତ । ସଳଖ ଗୋଲାପି ନାକ ଅଗରେ କଳାଫ୍ରେମ୍‌ର ଚଶମା । ସୁନେଲୀ ରଂଗର କେଶତକ କଟା ହୋଇଥିଲା ମାତ୍ର ଇଞ୍ଚେ ଇଞ୍ଚେ ଲମ୍ବରେ । ସ୍ଫୀତୋଦର ହେତୁ ଚାଲୁଥିଲେ ବତକପରି ଦୋହଲି ଦୋହଲି - ମନ୍ଥର ଗତିରେ । ପିନ୍ଧୁଥିଲେ ଢ଼ୋଲା ଲହୁଣୀରଂଗର ଫୁଲ୍‌ପ୍ୟାଣ୍ଟ୍ ଓ ରଂଗବେରଂଗୀ ଛିଟସାର୍ଟ । ସ୍ପାରୋ ହସ୍‌ପିଟାଲ୍‌ରେ ନର୍ସମାନଙ୍କର ୟୁନିଫର୍ମ ପିନ୍ଧିବାର ନିୟମ ନଥିଲା । ଯାହାର ଯାହା ମର୍ଜି ପିନ୍ଧି ଆସୁଥିଲେ ଡିଉଟିକୁ ।

– ଦେଖନ୍ତୁ । ଏଠି ଦାଖଲ୍ ହୋଇଥିବା ରୋଗୀଟିର ସଂପୂର୍ଣ୍ଣ ଦାୟିତ୍ୱ ଆମର । ଏବଂ ଆମ କର୍ତ୍ତବ୍ୟ ଆମେ ତ୍ରୁଟିହୀନ ଭାବରେ ସଂପାଦନ କରିଥାଉ । ତେଣୁ ଅସୁସ୍ଥ ମଣିଷଟିକୁ ଜଗିବା ପାଇଁ ରାତିରେ କେହି ରହିବା ନିଷ୍ପ୍ରୟୋଜନ । ଆଉ ସେଇଥିପାଇଁ ପ୍ରକୋଷ୍ଠଟିରେ କୌଣସି ବଖରାରେ ଦ୍ୱିତୀୟ ବ୍ୟକ୍ତିଟିର ରାତ୍ରିଯାପନ ନିମନ୍ତେ ହସ୍‌ପିଟାଲ୍ ଅଲଗା ଖଟର ପ୍ରବନ୍ଧ କରିନି । ମୋର ରାତିରେ ରହିବାର ଅଭିପ୍ରାୟ ଜାଣି ସାରିଲା ପରେ ଲିଣ୍ଡା ମୋତେ ଦୃଢ଼ସ୍ୱରରେ ଅବଗତ କରାଇଥିଲେ ।

– କିନ୍ତୁ ଯଦି ଅଧରାତିରେ ଅସୁସ୍ଥ ଲୋକଟିର ଅବସ୍ଥା ସଂକଟାପନ୍ନ ହୋଇପଡ଼େ ?

– ହସ୍‌ପିଟାଲ୍ ଫାଇଲ୍‌ରେ ଆପଣଙ୍କ ଘରର ଟେଲିଫୋନ୍ ନମ୍ବର ଲେଖା ଅଛି । ଆପଣଙ୍କୁ ସାଙ୍ଗେ ସାଙ୍ଗେ ଖବର ଦିଆଯିବ ଓ ଆପଣ ଚାଲି ଆସି ପାରିବେ ତତ୍‌କ୍ଷଣାତ୍ ।

– ଏ ନିୟମଟି ଆପଣଙ୍କ ଆମେରିକାନ୍ ନାଗରିକମାନଙ୍କ ପାଇଁ ଲାଗୁ ହୋଇପାରେ । ମୁଁ କିନ୍ତୁ ଏଠାରେ ଭ୍ରମଣାର୍ଥୀ । ଏ ସହରର ରାସ୍ତା ଘାଟ ଓ ଯାନବାହାନ ଚଳାଚଳ

Digitized by srujanika@gmail.com

ସଂପର୍କରେ ସଂପୂର୍ଣ୍ଣ ଅଜ୍ଞ । ଅନ୍ୟମାନଙ୍କ ପରି ଏଠି ମୁଁ ନିଜେ ଗାଡିଚଳାଇ ଆସିପାରିବିନି । ମଧ୍ୟରାତ୍ରିରେ ଏତେ ଦୂରରୁ ହସ୍ପିଟାଲ୍ ପହଞ୍ଚିବି କେମିତି ?

— କିନ୍ତୁ ଏପର୍ଯ୍ୟନ୍ତ ଆମେ କାହାକୁ ରୁମ୍ ଭିତରେ ରହିବାକୁ ଦେଇନୁ ଏବଂ ପ୍ରଚଳିତ ନିୟମଟିକୁ ବର୍ତ୍ତମାନ୍ ଭୋହଳ କରିବାର କୌଣସି ଅର୍ଥ ବି ମୁଁ ଦେଖୁନି ।

— ଆପଣ ଏଯାବତ୍ କାହାରିକୁ ରହିବାକୁ ଅନୁମତି ନଦେବାର କାରଣ ହେଲା ଏଯାବତ୍ ଏ ଭଳି ଉଦ୍‌ବେଗଜନକ ଅବସ୍ଥାରେ କୌଣସି ବିଦେଶୀ ମଣିଷ ହୁଏତ ଆପଣଙ୍କ ହସ୍ପିଟାଲ୍‌ରେ ଦାଖଲ ହୋଇ ନାହାନ୍ତି । ଦ୍ୱିତୀୟରେ ଏଇ ବଖରାଟି ଯଦି ଇଣ୍ଟେନ୍‌ସିଭ୍ କେୟାର ୟୁନିଟ୍‌ର ଅଂଶ ବିଶେଷ ହୋଇଥାଆନ୍ତା, ତାହେଲେ ନିଶ୍ଚିତରୂପ ମୁଁ ଏତାଦୃଶ ଅନୁରୋଧଟିଏ ରଖିନଥାନ୍ତି ଆପଣଙ୍କ ସାମ୍‌ନାରେ । କିନ୍ତୁ ଏହା ଆଇ.ସି.ୟୁ. ନୁହେଁ ।

ଲିଣ୍ଡା ଓ ମୋ ଭିତରେ ହେଉଥିବା ଜବାବ୍‌ସୁଆଲର ପ୍ରବହମାନ ଧାରାଟି କ୍ରମଶଃ ଜଟିଳତର ହେବାକୁ ବସିଥିଲା ଏବଂ ଲିଣ୍ଡା ସାମାନ୍ୟ ଉତ୍ୟକ୍ତ ହୋଇ କହିଉଠିଲେ - ଦେଖନ୍ତୁ । ମୋ'ର ଅନ୍ୟକାମ ଅଛି ଏବଂ ଆପଣ ଅଯଥା ଯୁକ୍ତିତର୍କ କରି ମୋର ସମୟ ନଷ୍ଟ କରୁଛନ୍ତି ।

— ଠିକ୍ ଅଛି । ପ୍ରକୋଷ୍ଠ ଭିତରେ ରହିବାପାଇଁ ଆପଣ ଅନୁମତି ନଦେଇ ପାରନ୍ତି । ଆପଣଙ୍କ ଇଚ୍ଛା । ମୁଁ କିନ୍ତୁ ଏଇ ସାମ୍‌ନା ପିଣ୍ଡାରେ ବସି ରହିବି ରାତିସାରା । ଏଭଳି ଅସୁସ୍ଥ ଅବସ୍ଥାରେ ମୋ ସ୍ୱାମୀକୁ ଏଠି ଏକା ଛାଡି ଅନ୍ୟକୁଆଡ଼େ ଯିବା ମୋ ପକ୍ଷରେ ବିଲ୍‌କୁଲ୍ ଅସମ୍ଭବ । ଏବଂ ଏ ସଂପର୍କରେ ଡକ୍ଟର ଓ୍ୱେନ୍‌ଖର୍ଟ କିମ୍ବା ହସ୍ପିଟାଲ୍‌ର ପରିଚାଳକଙ୍କ ସହିତ କଥା କହିବାକୁ ମୁଁ ପ୍ରସ୍ତୁତ । ମୁଁ ଜବାବ୍ ଦେଲି ଓ ଲିଣ୍ଡା ଗମ୍ଭୀର ବଦନରେ ସେ ସ୍ଥାନ ତ୍ୟାଗ କରି ଚାଲିଗଲେ ।

ଅବଶ୍ୟ କିଛି ସମୟ ପରେ, ଦୁଇଟି ଓ୍ୱାର୍ଡବୟଙ୍କ ସହାୟତାରେ ଗୋଟିଏ ଚମତ୍କାର ବହଳଗଦିଯୁକ୍ତ ସ୍ପ୍ରିଂ ଦିଆ ଖଟ ଏବଂ ତକିଆ, ଚାଦର ଏବଂ କମ୍ବଳ ଇତ୍ୟାଦି ଅନ୍ୟାନ୍ୟ ଆନୁସଙ୍ଗିକ ସରଞ୍ଜାମ ଆଣି ପ୍ରକୋଷ୍ଠରେ ରଖିଦେଇ ଯାଇଥିଲେ । ମୋର ବ୍ୟବହାର ପାଇଁ କେତୋଟି ସାନବଡ ପରିଚ୍ଛନ୍ନ ତଉଲିଆ ମଧ । ମୁହଁ ଥିଲା ଥମ୍ ଥମ୍ । ସେ ମୁହଁର ଅଭିବ୍ୟକ୍ତି ବତାଇ ଦେଉଥିଲା ଯେ ମୋର ଏତାଦୃଶ ଜୋର୍‌ଜବରଦସ୍ତି ଓ ରୋକ୍‌ଠୋକ୍ ବାର୍ତ୍ତାଳାପ, ତାଙ୍କର ପସନ୍ଦ ହୋଇ ନଥିଲା ।

ତଥାକଥିତ ଦ୍ୱିତୀୟ କଳହଟି ହୋଇଥିଲା ତା'ପରଦିନ - ସକାଳେ । ବଡିଭୋର୍‌ରୁ ଆସି ବିନୟଙ୍କ ବ୍ଲଡ୍‌ପ୍ରେସର୍ ମାପିସାରି ଲିଣ୍ଡା ଯେତେବେଳେ ତାଙ୍କ ପିଠିରେ ହାତରଖି "ହାଓ ଆର୍ ୟୁ ହନି ?" ବୋଲି ମଧୁର ସ୍ୱରରେ ପଚାରିଥିଲେ, ସେତେବେଳେ ବିନୟ

Digitized by srujanika@gmail.com

କିଛି କହିବା ପୂର୍ବରୁ, ତାଙ୍କ ଶାରୀରିକ ଅସୁସ୍ଥତା ସଂପର୍କୀୟ ଦୀର୍ଘ ବିବରଣୀଟି ମୁଁ ଦେଇ ଦେଇଥିଲି ।

ଲିଣ୍ଡା ମୋ ଆଡକୁ ଘୂରି ସାମାନ୍ୟ ଅସହିଷ୍ଣୁ ଗଳାରେ ମତେ କହିଲେ - ଦେଖନ୍ତୁ । ପ୍ରଶ୍ନଟି ମୁଁ ଆପଣଙ୍କ ସ୍ୱାମୀଙ୍କୁ ପଚାରିଥିଲି । ଆପଣଙ୍କୁ ନୁହେଁ । ଆପଣ କାହିଁକି ଉତ୍ତର ଦେଉଛନ୍ତି ।

– କାରଣ କାଲି ସାରାରାତି ମୁଁ ତାଙ୍କ ପାଖରେ ବସିଛି ଏବଂ ତାଙ୍କ ଅଶ୍ୱସ୍ତିର ଖବର ଟିକିନିଖି ଭାବରେ ଜାଣେ । ଦ୍ୱିତୀୟରେ ଆପଣ ଦେଖୁଛନ୍ତି ତାଙ୍କ ନାକରେ ଅକ୍ସିଜେନ୍‌ର ନଳି ଲାଗିଛି ଓ ତାଙ୍କର ଶ୍ୱାସକ୍ରିୟା ସାଧାରଣ ନୁହେଁ । ଏକାଥରକେ ଅନେକ ଗୁଡିଏ କଥା କହିଲେ ତାଙ୍କର ଅଣନିଃଶ୍ୱାସୀ ହୋଇ ପଡିବାର ସମ୍ଭାବନା ଅଛି । ମୁଁ ଉତ୍ତର ଦେଲି । ଲିଣ୍ଡା କିନ୍ତୁ ମୋ ଉତ୍ତରଟିକୁ ସଂପୂର୍ଣ୍ଣ ଉପେକ୍ଷା କରି ପୁନର୍ବାର ବିନୟଙ୍କ ପ୍ରତି ଉଦ୍ଦିଷ୍ଟ ତାଙ୍କର ''ହାଓ ଆର୍ ୟୁ ହନି'' ବାକ୍ୟଟି ଦୋହରାଇଥିଲେ ଓ ତାଙ୍କ ସହିତ ସାମାନ୍ୟ ବାର୍ତ୍ତାଳାପ କରି ବିଦାୟ ନେଇଥିଲେ । ଏବଂ ମୋ ପ୍ରତି ତାଙ୍କର ଏତାଦୃଶ ଉପେକ୍ଷାରେ ମୁଁ କିଞ୍ଚିତ୍ ଅପମାନିତ ବୋଧ କରିଥିଲି ।

ତୃତୀୟ ମତାନ୍ତର ହୋଇଥିଲା ଠିକ୍ ଯା ପରେ ପରେ । ବିନୟଙ୍କୁ ଇଞ୍ଜେକ୍ସନ୍ ଦେବାପାଇଁ ସିରିଞ୍ଜଟି ଧରି ଆସିଲାବେଳକୁ ବିନୟଙ୍କ ପାଦଦେଶରେ ତାଙ୍କ ଖଟଉପରେ ମୁଁ ବସିଥିବା ଦୃଶ୍ୟଟି ଲିଣ୍ଡାଙ୍କର ଦୃଷ୍ଟିଗୋଚର ହୋଇଥିଲା ଏବଂ ଇଞ୍ଜେକ୍ସନ୍‌ଟି ଦେଇ ସାରିଲାପରେ ମତେ କହିଲେ - ଆପଣ ଚିକେନ୍‌ପକ୍ସ ରୋଗୀକୁ ସ୍ପର୍ଶ କରୁଛନ୍ତି । ଭାଇରସ୍‌ର ସଂକ୍ରମଣ ରୋକିବାପାଇଁ ଆଲ୍‌ମାରୀ ଭିତରେ ଥିବା, ମୁଖା, ଗାଉନ୍, ଗ୍ଲୋଭ୍‌ସ ଓ ମୋଜା ଆପଣ ସଦାସର୍ବଦା ପିନ୍ଧୁନାହାନ୍ତି କାହିଁକି ?

– କାରଣ ମୋତେ ଆଗରୁ ଥରେ ଚିକେନ୍‌ପକ୍ସ ହୋଇ ଯାଇଛି, ପୁନର୍ବାର ହେବାର ଭୟ ନାହିଁ । ସେଇଥିପାଇଁ ତ ଡକ୍ଟର ବ୍ରୋନ୍ ମୋ ପୁଅକୁ ଏଠି ରହିବାର ଅନୁମତି ନଦେଇ ମୋତେ ଅନୁମତି ଦେଇଛନ୍ତି । ଏବଂ ତାଙ୍କ ସହିତ ଏଇ କଥାବାର୍ତ୍ତା ହେଲାବେଳେ ଆପଣ ସେଠାରେ ଉପସ୍ଥିତ ଥିଲେ ମଧ ।

– କିନ୍ତୁ ଆପଣ ଯେ ବେଳେ ବେଳେ ଆମ୍ଭମାନଙ୍କୁ ଡାକିବା ପାଇଁ ପ୍ରକୋଷ୍ଠ ବାହାରକୁ ଚାଲିଯାଉଛନ୍ତି । ଆପଣ ଭୁଲିଯାଉଛନ୍ତି ଯେ ଆପଣଙ୍କ ଦ୍ୱାରା ଭାଇରସ୍ ବାହାରକୁ ଯାଇ ହସ୍‌ପିଟାଲ୍‌ରେ ଅନ୍ୟାନ୍ୟ ରୋଗୀମାନଙ୍କୁ ଆକ୍ରମଣ କରିବାର ସମ୍ଭାବନା ମଧ ଅଛି । କେବଳ ଏଇ ସଂକ୍ରମଣ ରୋକିବାପାଇଁ ଆପଣଙ୍କ ସ୍ୱାମୀଙ୍କୁ ଅନ୍ୟମାନଙ୍କ ଠାରୁ ଅଲଗା କରି ଆଇସୋଲେଟ୍‌ଡ୍ ରୁମ୍‌ରେ ରଖା ହୋଇଛି । ଏବଂ ଆପଣ ତାହା ଭଲଭାବରେ ଜାଣନ୍ତି । ମୃଦୁ ଧମକର ସ୍ୱରରେ ଲିଣ୍ଡା ମତେ କହିଲେ ।

Digitized by srujanika@gmail.com

ଲିଣ୍ଡାଙ୍କ କଥାରେ ଅବଶ୍ୟ ଯଥାର୍ଥତା ଥିଲା । କାରଣ ପୂର୍ବଦିନ ସଂକ୍ରାମକ ରୋଗ ବିଶେଷଜ୍ଞ ଡକ୍ଟର କ୍ରୋନ୍ ହସ୍‌ପିଟାଲ୍‌ରୁ ଖବର ପାଇ ବିନୟଙ୍କୁ ଦେଖିବାକୁ ଆସିଥିଲେ ଏବଂ ତାଙ୍କ ସହରରେ ଚିକେନ୍‌ପକ୍ସର ଜୀବାଣୁ ପ୍ରବେଶ କରିଥିବାର ପ୍ରମାଣ ପାଇ ବେଶ୍ ଉଦ୍‌ବିଗ୍ନ ହୋଇପଡିଥିଲେ ।

ଜନସାଧାରଣ ଓ ଡାକ୍ତରମାନଙ୍କୁ ଏ ସଂପର୍କରେ ଚେତାବନୀ ଦେବାପାଇଁ ବିଭିନ୍ନ ହସ୍‌ପିଟାଲ୍ ତଥା ସ୍ୱାସ୍ଥ୍ୟକେନ୍ଦ୍ରମାନଙ୍କୁ, ତାଙ୍କ ବିଭାଗ ତରଫରୁ ଇ-ମେଲ୍ ପଠା ଯାଇଥିଲା ମଧ । ଏଭଳି ବାତାବରଣରେ ଲିଣ୍ଡା ମୋ ଉପରେ ରୁଷ୍ଟ ହେବାର କାରଣ ଥିଲା ଏବଂ ମୋର ସଙ୍କୁଚିତ ଉତ୍ତର – ପ୍ରକୋଷ୍ଠ ବାହାରକୁ ଗଲେ ନିଶ୍ଚୟ ଆପଣଙ୍କ ଉପଦେଶଟି ମନେ ରଖିବି - ତାଙ୍କୁ କିଞ୍ଚିତ୍ ପ୍ରୀତ କରିଥିବାପରି ମନେହେଲା ।

ତେବେ ବି, ହସ୍‌ପିଟାଲ୍ ରହଣି କାଳ ମଧରେ ଲିଣ୍ଡାଙ୍କ ସହିତ ମୋର ସଂପର୍କ କେବେ ବି ସହଜ ଓ ସ୍ୱଚ୍ଛନ୍ଦ ହୋଇପାରି ନଥିଲା । ମୋ'ର କ୍ରିୟାକଳାପ - ଯେମିତିକି ବିନୟଙ୍କୁ ଦିଆଯାଉଥିବା ଔଷଧ ଗୁଡିକର ଉପକାରୀତା ସଂପର୍କରେ ତାଙ୍କୁ ପୁନଃପୁନଃ ପ୍ରଶ୍ନ ପଚାରିବା, ଆଠ ଘଣ୍ଟିଆ 'ଏସାଇକ୍ଲୋଭିର୍' ଡ୍ରିପ୍‌ଟି ଚାଲୁ ହେବାର ନିର୍ଦ୍ଧାରିତ ସମୟ ପୂର୍ବରୁ ସେ ସଂପର୍କରେ ତାଙ୍କୁ ମନେ ପକାଇଦେବା ତଥା ବିନୟଙ୍କର ସାମାନ୍ୟତମ ଶାରୀରିକ ଅସ୍ୱସ୍ଥି ହେଲେ ପେଜର୍‌ରେ ଡକ୍ଟର ଓ୍ୱେନ୍‌ଷର୍ଟଙ୍କୁ ତତ୍‌କ୍ଷଣାତ୍ ଡାକିବା ପାଇଁ ଅନୁରୋଧ କରିବା ଇତ୍ୟାଦି – ଲିଣ୍ଡାଙ୍କୁ ମୋ ଉପରେ ଅସନ୍ତୋଷ ଜାହିର୍ କରିବା ପାଇଁ ପ୍ରରୋଚିତ କରୁଥିଲା । ତାଙ୍କର କହିବା କଥା ଥିଲା ଯେ ତାଙ୍କ କର୍ତ୍ତବ୍ୟ ତଥା ଦାୟିତ୍ୱ ସଂପର୍କରେ ସିଏ ପୂରାମାତ୍ରାରେ ସଚେତନ । ମୁଁ ବରଂ ତାଙ୍କର କାର୍ଯ୍ୟନିର୍ଘଣ୍ଟ ତଥା କାର୍ଯ୍ୟପଦ୍ଧତିରେ ଅଯଥା ହସ୍ତକ୍ଷେପ କରୁଛି । ଫଳସ୍ୱରୂପ ଶେଷପର୍ଯ୍ୟନ୍ତ ଆମେ ଦୁହେଁ ପରସ୍ପର ସହିତ ରୀତିମତ୍ ଅସହଯୋଗ ଆନ୍ଦୋଳନ କରିବାକୁ ଆରମ୍ଭ କରିଦେଇଥିଲୁ ଓ ଆମ ଭିତରେ ବ୍ୟବଧାନ ଓ ଭୁଲ୍ ବୁଝାମଣାର ଏକ ସୁଉଚ୍ଚ ତଥା ସୁଦୃଢ଼ ବରଫ-ଶୀତଳ ପାଚିରୀର ସୃଷ୍ଟି ହୋଇଥିଲା କହିଲେ ଅତ୍ୟୁକ୍ତି ହେବନାହିଁ ।

ଲିଣ୍ଡା ମୋ'ପ୍ରତି ସଦୟ ନହେଲେ ସୁଦ୍ଧା, ବିନୟଙ୍କ ପ୍ରତି ଥିଲେ ଅତିମାତ୍ରାରେ ସ୍ନେହଶୀଳା ।

ଦିନେ ପ୍ରକୋଷ୍ଠ ଭିତରକୁ ପଶିଆସି ହଠାତ୍ କହି ଉଠିଲେ – ବିନୟ ! ତୁମେ ଠିକ୍ ମୋ ପୁଅ ପରି ଦିଶୁଛ । ମୁଁ ଫିକ୍ କରି ହସି ଉଠିଲି ଏବଂ ବିନୟ ଲାଜଲାଜ କରି କହିଲେ "ଯାଃ" ।

ଲିଣ୍ଡା କହିଲେ - ସତରେ ! ସିଏ ଯେତେବେଳେ ସାନଟିଏ ଥିଲା, ତାକୁ ବି ଚିକେନ୍‌ପକ୍ସ ହୋଇଥିଲା । ମୁହଁ ଭର୍ତ୍ତି ଦାଗ । ଏବେ ତୁମ ମୁହଁକୁ ଦେଖି, ମୋ'ର ତା ମୁହଁକଥା ମନେ ପଡିଗଲା ।

Digitized by srujanika@gmail.com

ବିନୟଙ୍କର ଜ୍ୱର ଉତୁରିଗଲେ ସୁଦ୍ଧା ଦେହରେ ସାମାନ୍ୟ ତାତି ରହୁଥିଲା। ସଦାସର୍ବଦା। ଲିଣ୍ଡା କିନ୍ତୁ ଔଷଧ ଦେବାପାଇଁ ରାଜି ନଥିଲେ। ବିନୟଙ୍କୁ ବୁଝାଉଥିଲେ - ଅନେଶ୍ୱତ ଡିଗ୍ରୀ ଗୋଟେ ଜର ? ଅନେକ ଔଷଧ ଖାଇଲଣି। ଅଯଥା ଆଉ ମେଡିସିନ୍ ମୁଁ ଦେବିନି। ଫ୍ଲୁଇଡ୍ ପିଅ - ଫ୍ଲୁଇଡ୍। ଦେହର ବିଷାକ୍ତ ପଦାର୍ଥ ବାହାରିଯିବ। ଜର ବି କମିଯିବ। ଏବଂ ପ୍ରତ୍ୟେକ ଦିନ ସନ୍ଧ୍ୟାରେ, ଛଅ ଗ୍ଲାସ୍ ପାନୀୟ – ଦୁଇ ଗ୍ଲାସ୍ ଅଙ୍ଗୁରରସ, ଦୁଇଗ୍ଲାସ୍ ଆପଲ୍‌ରସ ଓ ଦୁଇଗ୍ଲାସ୍ କମଳାରସ – ଆଣି ଧାଡିକରି ରଖିଯାଉଥିଲେ ଟେବୁଲଉପରେ। ମିଠା ଧମକ୍ ଦେଇଥିଲେ ବିନୟଙ୍କୁ – ଏବେ ସନ୍ଧ୍ୟା ଛଅଟା। ରାତି ବାରଟା ସୁଦ୍ଧା ଗ୍ଲାସ୍ ଗୁଡିକୁ ମୁଁ ଖାଲି ଦେଖିବାକୁ ଚାହେଁ। ସତକୁ ସତ ବିନୟଙ୍କର ତାତି ଉତୁରି ଯାଇଥିଲା ଦୁଇଦିନ ପରେ, ସେ ଫଳରସ ପିଇ।

ବିନୟଙ୍କ ଖାଦ୍ୟପେୟ ପ୍ରତି ଲିଣ୍ଡା ଥିଲେ ଅତ୍ୟନ୍ତ ଯତ୍ନବାନ୍। ବ୍ରେକ୍‌ଫାଷ୍ଟ, ଲଞ୍ଚ୍ ଓ ଡିନର୍ ପୂର୍ବରୁ ଲମ୍ବା ଲମ୍ବା ମେନୁକାର୍ଡ ଆଣି ପଚାରି ବୁଝି ଯାଉଥିଲେ ଭୋଜ୍ୟବସ୍ତୁର ତାଲିକା। ଅନେକ ଆମେରିକୀୟ ଖାଦ୍ୟ ବିନୟଙ୍କୁ ରୁଚିକର ମନେ ହେଉନଥିବାରୁ ତା'ବଦଳରେ ତାଙ୍କ ପସନ୍ଦ ମୁତାବକ ସୁପ୍ ବା ବ୍ୟଞ୍ଜନଟି ତିଆରି କରି ଦେବାପାଇଁ ହସ୍‌ପିଟାଲ୍ ରୋଷେଇଶାଳକୁ ଫୋନ୍‌କରି ଖବର ଦେଉଥିଲେ। ଏବଂ 'ବୁଷ୍ଟ' ନାମକ ଶକ୍ତିବର୍ଦ୍ଧକ ଏକ ପାନୀୟର ଟିଣ, ଅନବରତ ପଠାଇଲାଗି ଥିଲେ ଦୁର୍ବଳ ଓ ଅସୁସ୍ଥ ମଣିଷଟି ପାଇଁ।

ଆମେ ହସ୍‌ପିଟାଲ୍ ଛାଡି ଆସିବା ଦିନ, ସକାଳୁ ସକାଳୁ ସମସ୍ତ ଫାଇଲ୍ ଓ କାଗଜପତ୍ର ଠିକ୍‌ଠାକ୍ କରି, ବିନୟଙ୍କୁ ସଂପୂର୍ଣ୍ଣ ଆରୋଗ୍ୟଲାଭର ଶୁଭେଚ୍ଛା ଜଣାଇ ଯାଇଥିଲେ ଲିଣ୍ଡା। ନୀରବରେ, ମୋ ହାତକୁ ବଢ଼ାଇ ଦେଇଥିଲେ ହସ୍‌ପିଟାଲ୍‌ର ନାମାଙ୍କିତ ଦୁଇଟି ବଡ ବଡ ପ୍ଲାଷ୍ଟିକ୍ ଥଳି - ବ୍ୟବହାର୍ଯ୍ୟ ଜିନିଷପତ୍ର ତହିଁରେ ଭର୍ତ୍ତି କରି ଘରକୁ ନେଇଯିବା ପାଇଁ।

ହସ୍‌ପିଟାଲ୍‌ରୁ ଠିକ୍ ଆସିବା ଆଗରୁ, ମୋ ପୁଅ ବବି ସୌଜନ୍ୟମୂଳକ ଭାବରେ ଯାଇଥିଲା ଲିଣ୍ଡାଙ୍କ ସହିତ ଦେଖାକରିବା ପାଇଁ - ତାଙ୍କର ସେବା ଓ ସାହଚର୍ଯ୍ୟ ଲାଗି ତାଙ୍କୁ ଧନ୍ୟବାଦ୍ ଦେବାକୁ। ମୁଁ କିନ୍ତୁ ତା ସହିତ ଯିବାପାଇଁ ଆଗ୍ରହ ପ୍ରକାଶ କରି ନଥିଲି। କାରଣ ମୋର ଧାରଣା ଥିଲା ଲିଣ୍ଡା ହୁଏତ ମତେ ଦେଖି ଖୁସି ହେବେନି।

ଫେରନ୍ତା ବାଟରେ ଗାଡି ଚଲାଉ ଚଲାଉ ବବି କହିଲା

– ମାମା ! ତମେ ସିନା ଗଲନି। ଲିଣ୍ଡା କିନ୍ତୁ ତମକଥା ବହୁତ ପଚାରୁଥିଲେ।

– ଯାଃ ! ତାଙ୍କ ସାଥିରେ ତ ମୋର ମୂଳରୁ ଅପତ।

– ନାଇଁ ମାମା। ସତରେ। ଭାରି ପ୍ରଶଂସା କରୁଥିଲେ ତମର।

Digitized by srujanika@gmail.com

– ପ୍ରଶଂସା କରୁଥିଲେ ମୋର ? କଅଣ କରୁଥିଲେ ମୋ ବିଷୟରେ ଶୁଣେ ।

– କହୁଥିଲେ ତୁମ ମା' ଭାରି ପିଲାଳିଆ ଓ ଭାରି ଅଧୈର୍ଯ୍ୟ ସ୍ୱଭାବର । ଟିକିଏ ଟିକିଏ କଥାରେ ରାଗିଯାଆନ୍ତି ଓ ରୁଷିଯାଆନ୍ତି । ପ୍ରଶ୍ନ ପଚାରନ୍ତି ବହୁତ ଓ ଯୁକ୍ତି କରନ୍ତି ତା'ଠୁ ବେଶୀ । କିନ୍ତୁ ପ୍ରକୃତରେ କହିବାକୁ ଗଲେ ତାଙ୍କପରି ମହିଳାଟିଏ ମୁଁ ମୋ ଜୀବନକାଳ ଭିତରେ ଦେଖିନି । ଆଜି ଯଦି ରୋଗୀଟିଏ ହୋଇ ସତର ନମ୍ବର ରୁମ୍‌ର ଖଟଟିରେ ମତେ ଶୋଇବାକୁ ପଡେ, ମୋର ଶୁଶ୍ରୂଷା ଓ ପରିଚର୍ଯ୍ୟା ପାଇଁ ଠିକ୍ ସେଇଭଳି ମଣିଷଟିଏ ମୋ ପାଖରେ ଥାଉ ବୋଲି ମୁଁ ପ୍ରାର୍ଥନା କରିବି ।

ବବିର କଥା ଶୁଣି ଆଶ୍ଚର୍ଯ୍ୟ ହୋଇଥିଲି । ହତବାକ୍ ମଧ୍ୟ । ଗାଡି ବାହାରକୁ ଚାହିଁ ଦେଖିଲି । ଯା ଭିତରେ ଅନେକ ରାସ୍ତା ପାର୍ ହୋଇ ଆସିଥିଲୁ ଆମେ । ହସ୍‌ପିଟାଲ୍ ଫେରିଯାଇ ''ଲିଣ୍ଡା, ମତେ କ୍ଷମାକର'' ବୋଲି କହିବା ଆଉ ସମ୍ଭବ ନଥିଲା ।

*ଅକ୍ଟୋବର, ୨୦୦୦*

□□□

Digitized by srujanika@gmail.com

# ନବବଧୂ

ଅଜା ଘରେ ଥିଲେ ପାଞ୍ଚ ପ୍ରାଣୀ – ଅଜା, ଆଈ, ମାମୁଁ, ମାଇଁ ଓ କୋକିଳ ମାଉସୀ ଉର୍ଫ କୋକନାନୀ । ଘରେ ଅନ୍ୟକେହି ଶିଶୁ ନଥିଲେ । ବସ୍ତୁତଃ, ଅଜା, ଆଈଙ୍କର ପରିଣତ ହୃଦୟରୁ ଉପୁଡି ପଡୁଥିବା ସବୁତକ ବାତ୍ସଲ୍ୟ ରସ ଅଯାଚିତ ଭାବରେ ଅଜାଡି ହୋଇ ପଡୁଥିଲା ମୋ'ଉପରେ । ମାମୁଁଙ୍କର ବଦ୍‌ନାମ୍ ଥିଲା ରାଗୀ ମଣିଷ ବୋଲି । ଘରେ ସଭିଏଁ ଥିଲେ ତାଙ୍କ କଡା ମିଜାଜ୍ ପାଖରେ ତଟସ୍ଥ । କିନ୍ତୁ ସେଇ ରାଗୀମଣିଷଟି ମୋ'ପ୍ରତି ଥିଲେ ଅହେତୁକ ଭାବରେ କୋମଳ । ସାଥିରେ ନେଇ ମହାନଦୀକୁ ଯାଉଥିଲେ ସ୍ନାନ ପାଇଁ । ପାଖରେ ବସାଇ ଭାତ ଖୁଆଉଥିଲେ ଏକାଥାଳିରୁ । ଆଉ ହାଟରୁ କିଣାଇ ଦେଉଥିଲେ ଖଣ୍ଡ ଘୋଡା ଓ ନାଲି ରିବନ୍ । ଆଉ ମୋ ମାଇଁ – ଚିନି କଣ୍ଢେଇ ପରି ଚକ୍ ଚକ୍ ଗୋରୀ, ବାଦାମୀନୟନା ମୋ ମାଇଁ ଥିଲେ ମୋ'ପ୍ରତି ଅତ୍ୟନ୍ତ ସମ୍ବେଦନଶୀଳ । କେବଳ ବାଦ ସାଧୁଥିଲେ କିଶୋରୀ ବୟସୀ କୋକନାନୀ ।

କୋକନାନୀ ଥିଲେ ମୋ'ଠାରୁ ପ୍ରାୟ ସାତବର୍ଷ ବଡ – ଚଉଦ ବର୍ଷର ପିନ୍ ପିନ୍ ପତଳା ଖରିକା କାଠି ପରି ନହକା ଶରୀର । ଚାପା ନାକରେ ଚିକ୍‌ମିକ୍ ସୁନା ନୁଦୁକଟିଏ । ସୁନ୍ଦା କାଟୁଥିଲେ ବାଁ ପଟେ । ଖାସା ଝିଅଟିଏ ଥିଲେ କୋକନାନୀ । ହେଲେ ମିଜାଜ୍ ଥିଲା ପାରଦ ପରି ସ୍ପର୍ଶକାତର । ଉଠୁଥିଲା ପଡୁଥିଲା ଅନବରତ । କଥା କଥାକେ ରାଗି ଲାଲ୍ ହୋଇ ଯାଉଥିଲେ ମୋ'ଉପରେ ।

କୋକନାନୀଙ୍କର ମୋ ଉପରେ ରାଗିବାର କାରଣ ଅବଶ୍ୟ ଥିଲା । ବହୁ ବର୍ଷ ଧରି ରହିଥିଲେ କୋଡପୋଛା ସନ୍ତାନ ହୋଇ । ଗେଲବସର ଝିଅ । ସରଲବଣୀ ଖାଇ ବଢୁଥିଲେ । ଆଈ ଥିଲେ କନିଷ୍ଠା କନ୍ୟାଟି ପ୍ରତି ଅତ୍ୟନ୍ତ ସ୍ନେହପ୍ରବଣ । ଆଈଙ୍କର ପ୍ରଶ୍ରୟ ପାଇ ବେଶ୍ ବିଗିଡି ଯାଇଥିଲେ କୋକନାନୀ । ପ୍ରତିକଥାରେ ଜିଦ୍, ପ୍ରତିକଥାରେ ରୁଷା, ଘରେ ସଭିଏଁ ବେଶ୍ ମନଜଗି ଚଳୁଥିଲେ ତାଙ୍କର । କିନ୍ତୁ ମୁଁ ଅଜାଘରେ ପହଞ୍ଚିବାପରେ, ତାଙ୍କପ୍ରତି ପରିବାରର ସଦସ୍ୟମାନଙ୍କ ସ୍ନେହନଜର ଆପାତତଃ ଟିକିଏ ଊଣା ହେଲାପରି ତାଙ୍କୁ ମନେ ହୋଇଥିଲା । ତାଙ୍କ ବଦଳରେ ସାରା ଘରର କେନ୍ଦ୍ରବିନ୍ଦୁ ହୋଇଗଲି ମୁଁ । ଏବଂ ସେଇଠୁ ଆସିଲା କୋକନାନୀଙ୍କ ମନରେ ପ୍ରତିକ୍ରିୟା । ମୁଁ ହୋଇଗଲି ତାଙ୍କର ଚକ୍ଷୁଶୂଳ ।

ରାଗିଗଲେ ମୋ ଉପରେ ବେଶ୍ ଅକୃପଣ ଭାବରେ ବିଧାଚାପୁଡା ବର୍ଷଣ କରୁଥିଲେ କୋକନାନୀ । ବୟସରେ ଯଥେଷ୍ଟ ସାନଥିଲି ତାଙ୍କଠାରୁ । ମାଡଗୋଳରେ

Digitized by srujanika@gmail.com

ପାରୁନଥିଲି ତାଙ୍କ ସହିତ । ମନେ ଅଛି ଥରେ ତାଙ୍କ ଭାଗରୁ ଟିକିଏ ନଡିଆ କୋରା ମାଗିଥିଲି ବୋଲି ବେଶ୍ ନିର୍ଦ୍ଦୟ ଭାବରେ ନଡିଆ ସଢ଼େଇରେ ମୋ ମୁଣ୍ଡକୁ ଆଘାତ କରିଥିଲେ କୋକନାନୀ । ଆଉ ସେ ଆଘାତ ଫଳରେ ମୁଣ୍ଡରେ ଗଜୁରି ଉଠିଥିଲା ବରକୋଳି ପ୍ରମାଣର ଆବୁଟିଏ । ସେଦିନ ନାନୀଙ୍କ ଉପରେ ବିରକ୍ତ ହୋଇ, ତାଙ୍କ ପଣସକାଠର ନକ୍ସାକଟା ପଲଙ୍କରେ ନିଜ ପାଖରେ ଅଜା ମୋତେ ଶୁଆଇ ଥିଲେ, ସାରାରାତି ଅନିଦ୍ରା ରହି ଆଉଁଷି ଦେଇଥିଲେ ମୋ ମୁଣ୍ଡକୁ ।

ଗାଁଗହଳରେ ସେତେବେଳେ ପିଲାକନିଆ ବହାଘର ହେଉଥିଲା । ଶୁଣିଥିଲି କୋକନାନୀ ବାହା ହୋଇଥିଲେ ସାନଟିଏ ଥିଲାବେଳେ । ମୁଁ ଯିବାର କେଇମାସ ପରେ ଆଈ କହିଲେ କୋକନାନୀ ଏବେ କୁଆଡ଼େ ବଡ ହୋଇଗଲେଣି ଓ ଖୁବ୍‌ଶୀଘ୍ର ଶାଶୁଘରକୁ ଯିବେ । ନାନୀଙ୍କର ଶାଶୁଘର ଗମନର ପ୍ରସ୍ତୁତିପର୍ବ ମଧ୍ୟ ଅଳ୍ପଦିନ ଭିତରେ ଆରମ୍ଭ ହୋଇଗଲା ଘରେ ।

ଅଜା ପ୍ରତି ହାଟପାଳି ବଜାର ଯାଇ କିଣି ଆଣିଲେ ନୂଆ ଶେଯମାଣ୍ଡି, କଂସାବାସନ, ପିରଳ ଗରା, ପଥର କୁଣ୍ଡ, ଲୁଗାପଟା ଓ ସୁନାରୂପା ଅଳଙ୍କାର । ଖୋସଣୀରେ ଗୁଞ୍ଜା ଖଡି ଗୋଟାଳି ନେଇ ମାଟିଲିପା ଚଟାଣରେ ହର୍‌ଦମ୍ କରିଲାଗିଲେ ଟଙ୍କା ପଇସାର ହିସାବ । ଘରେ ଆଈ ବ୍ୟତିବ୍ୟସ୍ତ ବଡି, ମୁଗଜାଇ ଓ ମୁଆଁମୁଦ୍‌କି ସଜିଲ୍ କରିବାରେ । ନାହାକ ଆସି ଖଡିପକାଇ ଗଣନା କରିଗଲେ ଶାଶୁଘରକୁ ନାନୀଙ୍କ ଯିବାର ଶୁଭମୁହୂର୍ତ୍ତ ଆଉ ଠିକ୍ ତା'ପରେ ପରେ, ଆରମ୍ଭ ହୋଇଗଲା କୋକନାନୀଙ୍କ କାନ୍ଦଣାପର୍ବ ।

ସେତେବେଳେ, ଆଜିଠୁ ଅର୍ଦ୍ଧଶତାବ୍ଦୀ ଆଗେ, ଗାଁ ଗହଳରେ ଶାଶୁଘରକୁ ଯିବା ଆଗରୁ, ଗ୍ରାମ୍ୟ କିଶୋରୀମାନଙ୍କୁ ବେଶ୍ ସୁର୍‌କରି ଗୀତଗାଇ ଗାଇ କାନ୍ଦିବାକୁ ପଡୁଥିଲା । ସେ କାନ୍ଦଣା ପୁଣି ଚୁପ୍‌ଚାପ୍ ସୁକୁସୁକୁ ହୋଇ କାନ୍ଦିଲେ ଚଳୁ ନଥିଲା । କାନ୍ଦିବାକୁ ପଡୁଥିଲା ବେଶ୍ ଉଚ୍ଚସ୍ୱରରେ, ଛନ୍ଦ ଓ ଯତିପାତ ସହିତ ସାରା ସାହି କଂପାଇ । ଏଭଳି ନକାନ୍ଦିଲେ ବୁଝା ପଡୁଥିଲା ଝିଅ କାଳେ ଅଳାକୁକୀ । ଗୋଡ ଟେକି ବସିଥିଲା ଶାଶୁଘରକୁ ଯିବାପାଇଁ । ଗ୍ରାମ୍ୟ ମହିଳାମାନଙ୍କ ମଧ୍ୟରେ, କେଉଁ ଝିଅ କେତେ ଉଚ୍ଚସ୍ୱରରେ ତଥା କେତେ ସୂକ୍ଷ୍ମାତିସୂକ୍ଷ୍ମ ବର୍ଣ୍ଣନା ମାଧ୍ୟମରେ ସ୍ୱ ମର୍ମବେଦନା ପ୍ରକଟ କରି କାନ୍ଦି ପାରିଲା, ସେ ସଂପର୍କରେ ବେଶ୍ ରସୋତ୍ତୀର୍ଣ୍ଣ ଆଲୋଚନା ମଧ୍ୟ ଚାଲୁଥିଲା ଅନେକଦିନ ଧରି ।

ଏଇ ଅବସର ପାଇଁ ଉଦ୍ଦିଷ୍ଟ କାନ୍ଦଣା ଗୀତ ଗୁଡିକ ମୁଖ୍ୟତଃ ରଚିତ ହୋଇଥିଲା ଲୋକଗୀତ ଢ଼ାଞ୍ଚାରେ । କେହି ତାକୁ ପ୍ରୟାସ କରି ଶିଖୁନଥିଲେ । ଝରଝର ଗିରି ସ୍ରୋତସ୍ୱିନୀ ପରି ଗୋଟିଏ ପିଢ଼ିରୁ ଅନ୍ୟ ପିଢ଼ିକୁ ଆପେ ଆପେ ଗଡି ଆସୁଥିଲା ସେ ସଂଗୀତର ଧାରା । ଶାଶୁ ଘରକୁ ଯାଉଥିବା କିଶୋରୀମାନଙ୍କଠୁ ଶୁଣି, ସାନ ସାନଝିଅମାନେ ଶିଖି ଯାଉଥିଲେ

Digitized by srujanika@gmail.com

ସେ ଗୀତ । ଗୀତ ଗାଇଲା ବେଳେ ସୁଯୋଗ ବୁଝି ବାଳିକାମାନେ ନିଜ ମନରୁ ବି ଯୋଖି ଦେଉଥିଲେ କେଇ ଧାଡି । ଗୀତଗୁଡିକ ପାରଂପାରିକ ହୋଇଥିଲେ ମଧ ପରିବର୍ତ୍ତିତ ହେଉଥିଲେ ବାରମ୍ବାର ।

କୋକନାନୀ ଅବଶ୍ୟ କାନ୍ଦଣାଗୀତରେ ବେଶ୍ ପ୍ରବୀଣା ଥିଲେ ଓ ସେ ଗୀତ ପାଇଁ ବେଶ୍ ପ୍ରଶଂସାର ପାତ୍ରୀ ହୋଇ ଉଠିଥିଲେ ଗାଁରେ । ଘରର ବିଭିନ୍ନ ସଦସ୍ୟମାନଙ୍କୁ ସମ୍ବୋଧନ କରି ବେଶ୍ ତାରସ୍ୱରରେ ବୋବାଳି ପକାଇ ଗୀତଗୁଡିକ ଗାଉଥିଲେ ଏବଂ ଏକ ନିପୁଣା ଅଭିନେତ୍ରୀ ପରି ଧାର ଧାର ଲୁହ ମଧ ଆଖିରୁ ନିଗାଡି ପାରୁଥିଲେ ସେ ଗୀତ ସହିତ । ତାଙ୍କ ଗାଇବା ଗୀତଗୁଡିକ ମୁଖ୍ୟତଃ ଥିଲା କରୁଣ ରସାତ୍ମକ, ଯେଉଁଥିରେ କି ପୁନଃ ପୁନଃ ଭାବରେ ବାପଘରକୁ ଏକ ସ୍ୱର୍ଗପୁରୀ ଏବଂ ଶାଶୁଘରକୁ ଏକ ନର୍କପୁରୀ ସହିତ ତୁଳନା କରାଯାଉଥିଲା । ପିଲାଦିନର ବିଭିନ୍ନ ମୋହମୟ ସ୍ମୃତିର ଅଂଶବିଶେଷ ଯଥା ନଈପହଁରା, ଦୋଳିଖେଳ, ଖୁଦୁରୁକୁଣୀ ଓଷା ଓ ଝାମୁଯାତ - ଇତ୍ୟାଦି ମଧ ସେ ଗୀତରେ ସାମିଲ୍ ହେଉଥିଲା ।

ଏଇ ସବୁ ସ୍ମୃତିକୁ ଚିରଦିନ ଲାଗି ବିଦାୟ ଦେଇ କିପରି ସିଏ ଏକ ରାକ୍ଷସ ପୁରୀକୁ ଗମନ କରୁଛନ୍ତି ଯେଉଁଠିକି ଶତ୍ରୁମାନ ମାନ, ଯାଉଣୁ ଆସୁଣୁ ସଞ୍ଜଣା ଏବଂ ସ୍ଥଳ ବିଶେଷରେ ହାତରୁ ପଖାଳକଂସା ଛଡାଇ ନେଲା ପରି ଲୋକ ବି ମହଜୁଦ୍ ଅଛନ୍ତି, ତା'ର ପୁଙ୍ଖାନୁପୁଙ୍ଖ ବିବରଣୀ ଦେଇ, ବେଶ୍ ଚମତ୍କାର ଢ଼ଙ୍ଗରେ ଓ ମନକୁ ଦ୍ରବୀଭୂତ କଲା ଭଳିଆ ଶୈଳୀରେ, କାନ୍ଦଣାଗୀତ ଗୁଡିକ ପରିବେଷଣ କରୁଥିଲେ କୋକନାନୀ । ପ୍ରତିଟି ଗୀତରେ, କେଜାଣି କାହିଁକି ଶାଶୁ ମହୋଦୟାଙ୍କୁ ଏକ ରକ୍ତପିପାସୁ ଡାକିନୀ ସଦୃଶ ଏବଂ ଶାଶୁଘରକୁ ଏକ ଦମ୍ ରୁନ୍ଧି ହୋଇ ଆସୁଥିବା ବନ୍ଦୀଶାଳା ସହିତ ତୁଳନା କରାଯାଉଥିଲା । ବୋଧହୁଏ ସେ ଯୁଗରେ ନବବଧୂମାନଙ୍କୁ ଅନେକ କଟକଣା ଭିତରେ ବାନ୍ଧି ହୋଇ ରହିବାକୁ ପଡୁଥିଲା ଯାହାକି ପ୍ରତିଫଳିତ ହେଉଥିଲା – କିଛିଟା ଅତିଶୟୋକ୍ତି ସହିତ - ଏଇ କାନ୍ଦଣା ଗୀତ ଗୁଡିକରେ ।

ମୋ' ପ୍ରତି ସଦା ବିମୁଖ ଥିବା କୋକନାନୀ ଥରଟିଏ ମତେ ଜବରଦସ୍ତ ଭାବରେ ତାଙ୍କର କଣ୍ଠଲଗ୍ନା କରି ଓ ପ୍ରତ୍ୟେକ ପଂକ୍ତି ଶେଷରେ ମୋ ନାଁଟିକୁ ସମ୍ବୋଧନ କରି ବେଶ୍ କରୁଣରସାତ୍ମକ ଗୀତଟିଏ ଗାଇଥିଲେ । ସେ ଗୀତଶୁଣି ନାନୀଙ୍କ ଶାଶୁଘର ପ୍ରତି ମୋ' ମନରେ ମଧ କିଛିଟା ବିତୃଷ୍ଣା ତଥା ଭୟର ଉଦ୍ରେକ ହୋଇଥିଲା । କିଶୋରୀ ମାଉସୀଟି ପ୍ରତି ମୋ ସାନ ହୃଦୟଟି କିଛି ପରିମାଣରେ ଦୟାର୍ଦ୍ର ହୋଇ ଉଠିଥିଲା ମଧ । ସେ ଗୀତଟି ଏତେ ମନୋରମ ଥିଲା ଏବଂ ଏଭଳି ଉଚ୍ଚ ପର୍ଦ୍ଦାରେ କୋକନାନୀ ଗାଇଥିଲେ ଯେ ନଈତୁଠ ପର୍ଯ୍ୟନ୍ତ ତା'ର ସ୍ୱରଲହର ପହଞ୍ଚିଥିଲା । ଏବଂ ପଡିଶାଘର ଭଜମନ ପଣ୍ଡାଙ୍କର ବିଧବା ଖୁଡୀ ସାମ୍ନାସାମ୍ନି ବସି ସେ ଗୀତର ମଜା ଲୁଟିବାପାଇଁ ତରତର ଭାବରେ ସ୍ନାନ ସାରି,

Digitized by srujanika@gmail.com

ସପ୍‌ସପ୍ ଓଦା ଲୁଗାରେ ଆସି ଆମଘରେ ହାଜର ହୋଇଥିଲେ । କୋକନାନୀ ଅବଶ୍ୟେ ସେତେବେଳକୁ କାନ୍ଦଣା ଭୁଲି ସାଙ୍ଗସାଥିମାନଙ୍କ ସହିତ ଢ଼ିଙ୍କିଶାଳରେ କଉଡି ଖେଳରେ ନିମଗ୍ନ ହୋଇ ସାରିଥିଲେ । ଅଗତ୍ୟା ଭଜମନ ପଣ୍ଡାଙ୍କ ଖୁଡୀଙ୍କୁ ବେଶ୍ ହତୋତ୍ସାହ ହୋଇ ନିରାନନ୍ଦ ମନରେ ବିଦାୟ ନେବାକୁ ପଡିଥିଲା ।

ଯାହାହେଉ, ନିର୍ଦ୍ଦିଷ୍ଟ ଦିନ, ନାକରେ ନୋଥ, ବାହୁରେ ଅନନ୍ତ, ମଥାରେ ଅଳକା ଓ ବେକରେ ମୋହର ମାଳ ପିନ୍ଧି ପୁଆଣି ହୋଇ କୋକନାନୀ ଗଲେ ଶାଶୁଘରକୁ । କୁମ୍ଭ ଧଡିଆ ବ୍ରହ୍ମପୁରୀ ପାଟର ପଣତ ଭିଜିଗଲା ଆଖିଲୁହରେ । ଗାଁର ଶକ୍ତସମର୍ଥ ଗଉଡ ଟୋକାମାନେ 'ହୁଁ ମେରା ଭାଇରେ' ଡାକ ସହିତ ଫୁଙ୍ଗୁଳା ପାଦରେ ମାଟି ଉପରେ ତାଳ ପକାଇ, କାନ୍ଧର ଡିମାଡିମା ମାଂସ-ପେଶୀ ଉପରେ ସବାରୀ ନଚାଇ ନାନୀଙ୍କୁ ବୋହି ନେଇଗଲେ ଦୂରଦେଶ । ଆଉ ଜୀବନରେ ପ୍ରଥମଥର ପାଇଁ ମୋ' ମନ ବିଷନ୍ନ ହେଲା, ମୋ'ର କିଶୋର ବୟସୀ ମୁଖରା ମାଉସୀଟି ପାଇଁ । ଆହା ! ଶାଶୁଘରଟା ସତରେ ଭାରି ଖରାପ ! ଯାହା ସବୁ ବର୍ଣ୍ଣନା ନାନୀ ଦିଅନ୍ତି ଗୀତରେ ! ଆଉ କଅଣ ନାନୀ ରୂପାଫୁଲ ଲଗା ଫେସନଖୋଷା ପକାଇ ସାହିବୁଲି ପାରିବେ ଦିନଯାକ ? ସଅରୁଣୀ ସାଥୀରେ କଳି କରି ଆଉ କଅଣ ନାନୀ ଗାଆଁ ଦାଣ୍ଡରୁ କିଣିପାରିବେ କେନ୍ଦୁକୋଳି ବା ଭଇଁଚ କୋଳି ? ଶାଶୁଘରେ ଯେ ସାତହାତୀ ଓଢ଼ଣା ପକାଇ ଅନ୍ଧାରୁଆ ଗମ୍ଭିରୀ ଘରେ ବସିବାକୁ ପଡେ ସାରାଦିନ । ସେଠି ଯେ ଦିନର ସୂର୍ଯ୍ୟାଲୋକ ବି ଦେଖିବାକୁ ମିଳେନି ମାସ ମାସ ଧରି ।

ମୋ'ର ଏତାଦୃଶ ବିଷନ୍ନତାକୁ ଦୂର କରି ନାନୀ କିନ୍ତୁ ଶାଶୁଘରୁ ଫେରି ଆସିଲେ କେଇଟା ଦିନପରେ । ଅଜା ଯାଇଥିଲେ ଡାକିବାକୁ।ଏବଂ ଆଶ୍ଚର୍ଯ୍ୟର କଥା - ସ୍ୱଭାବରେ ସଂପୂର୍ଣ୍ଣରୂପେ ବଦଳି ଯାଇଥିଲେ ସିଏ ଏଇ କେଇଟା ଦିନରେ । ତୁଚ୍ଛା କଥାରେ ରାଗୁ ନଥିଲେ କି ରୁଷୁ ନଥିଲେ । ମତେ ମାରଧର ବି କରୁ ନଥିଲେ ଜମା । ମୁହଁରେ ମୁରୁକି ହସ । ଦିଶୁଥିଲେ ବି ଆହୁରି ଡୋରା । ଆହୁରି ଡଉଲ । ମଇ ରୁଣୁଝୁଣୁ କରି ପ୍ରାୟ ସମୟ ଦୌଡୁଥିଲେ ପଡିଶାଘରର ସମବୟସୀ ସଙ୍ଗାତ ସହିତ ଗପ କରିବା ପାଇଁ । ଦିହେଁ ଅନେକ ସମୟ ଧରି ଫିସ୍ ଫିସ୍ ଭାବରେ ସୁଖଦୁଃଖ ହେଉଥିଲେ ମଧ ।

ମୋ ମୁଣ୍ଡ କୁଣ୍ଡାଇ ଦେଇ ଅନେକ ସମୟରେ ମୋ' ସହିତ ମଧ ଖୁସିଗପ କରୁଥିଲେ କୋକନାନୀ । କହୁଥିଲେ ଶାଶୁଘରର କାହାଣୀ, ସେଠାକାର ଗାଈବାଛୁରୀ, ଖଳାବାରି ଓ ପଦ୍ମପୋଖରୀ କଥା । ମୁଁ ଅବାକ୍ ହୋଇ କୋକନାନୀଙ୍କ ମୁହଁକୁ ଅନାଇ କଥା ଶୁଣୁଥିଲି । ଭାବୁଥିଲି - ଆହା ! ଗୋଟେ ଗାଈବାଛୁରୀ ନାନୀ ଶାଶୁଘରେ । ହାଣ୍ଡି ହାଣ୍ଡି କ୍ଷୀରଦହି । ହେଲେ ନାନୀଙ୍କୁ କିନ୍ତୁ ଠୋପାଟେ ବି କ୍ଷୀର ଦେଉନଥିବେ । ଶାଶୁଘରେ ଯେ ମାଳମାଳ ଶତ୍ରୁ । ହାତରୁ ପଖାଳକଂସା ଛଡାଇ ନିଅନ୍ତି ବୋଲି ନାନୀ ଗୀତରେ ଗାଉଥିଲେ ନା !

Digitized by srujanika@gmail.com

କୋକନାନୀଙ୍କ ସହିତ ମାସଟିଏ ବିତିଗଲା ବହୁତ ଶୀଘ୍ର ଏବଂ ନାନୀ ପୁଣି ଥରେ ବାହାରିଲେ ଫେରିଯିବା ପାଇଁ ଶାଶୁଘରକୁ । ଏଥରକ କିନ୍ତୁ ସବାରୀରେ ନୁହେଁ, ଗଲେ ଶଗଡରେ । ପରଂପରା ଅନୁଯାୟୀ ମାମୁଁ ଗଲେ ଭଉଣୀକୁ ଛାଡ଼ି ଏବଂ କୋକନାନୀ ତାଙ୍କ ଶାଶୁଘର ବୁଲି ଆସିବା ପାଇଁ ଜିଦ୍‌କରି ମତେ ବି ନେଲେ ସାଥିରେ । କଥା ଥିଲା - ନାନୀଙ୍କୁ ତାଙ୍କ ଗାଁରେ ଛାଡି ମାମୁଁ ଓ ମୁଁ ଫେରି ଆସିବୁ ସେଇଦିନ ।

ଶଗଡରେ ଲଦାହେଲା ଖଜା ମୁଆଁ, କଦଳୀ କାନ୍ଦି ଓ ପରିବାପତ୍ରର ବସ୍ତା । ବଳଦ ଅଡାଇଲେ ପୁରୁଖା ହଳିଆ ଲିଙ୍ଗାମାମୁଁ । ନୃସିଂହ ମାମୁଁ ଚାଲିଲେ ପଛେ ପଛେ, ଶଗଡର ଦଣ୍ଡା ଧରି ।

ଏଥରକ ବି ଗାଁ ଛାଡିଲା ବେଳକୁ ସ୍ୱର୍‌କରି କାନ୍ଦଣା ଗୀତ ଗାଇବାକୁ ଆରମ୍ଭ କଲେ ନାନୀ । ସେ କାନ୍ଦଣାର କାରୁଣ୍ୟ ପୁଣିଥରେ ମତେ ବିବ୍ରତ ଓ ବ୍ୟଥିତ କଲା । ରାଗ ଲାଗିଲା ଅଜା ଆଈଙ୍କ ଉପରେ । ଶାଶୁଘରକୁ ଯିବାପାଇଁ ଅନିଚ୍ଛୁକ କୋକନାନୀଙ୍କୁ ସେମାନେ ଜବରଦସ୍ତି ସେଠାକୁ ପଠାଇ ଦେଉଥିବା ହେତୁ ।

ତଳକୁ ମୁହଁପୋତି ବିଷନ୍ନଚିତ୍ତରେ ତଥା ଅନ୍ୟମନସ୍କ ଭାବରେ ଶଗଡ ଭିତରେ ବସିଥିଲି । ଧ୍ୟାନ ଭାଙ୍ଗିଲା କୋକନାନୀଙ୍କ ଡାକରେ । ଚାହିଁ ଦେଖିଲି -ଆମେ ଗାଁ'ମୁଣ୍ଡ ପାର୍ ହୋଇ ଆସିଲୁଣି ଅନେକବେଳୁ । ଶଗଡ ଚାଲିଛି ଗହୀର କଡେ କଡେ, ନିରୋଳା ରାସ୍ତାରେ । ଡାହାଣପଟେ ଘଞ୍ଚ ଆମ୍ବତୋଟା ଓ ତାଳବନ । ନାନୀ ଚମତ୍କାର ହସ ହସି ମତେ ତାଙ୍କ କୋଳକୁ ଟାଣିନେଇ କହିଲେ ''ହେଇଟି ଲୋ ଝିଅ, ଦେଖ୍, ଏଇ ହେଲା ଆମ ଆମ୍ବତୋଟା, ସେଇ ଯେଉଁ ଉଞ୍ଚ ଗଛଟା ନା ! ସେଥିରେ ବଡ଼ିଆ ଗୁରୁଡି ଆମ୍ବ ଫଳେ । ଭାରି ମିଠା ତା'ରସ ।

ମୁଁ ଆଶ୍ଚର୍ଯ୍ୟ ହୋଇ କୋକନାନୀଙ୍କ ହସ୍‌କୁରା ମୁହଁକୁ ଚାହିଁଲି । ନାନୀଙ୍କ କାନ୍ଦ ସଂପୂର୍ଣ୍ଣ ରୂପେ ବନ୍ଦ ହୋଇଯାଇଥିଲା । ଦୁଃଖର ଲେଶମାତ୍ର ଚିହ୍ନ ନଥିଲା ସେ ମୁହଁରେ । ହଳଦୀ ଗୁରୁଗୁରୁ ମୁହଁଟି ବରଂ ଦିଶୁଥିଲା ଭାରି ତୋଫା, ଭାରି ଉଜ୍ଜ୍ୱଳ । ଆଖିର ତାରା ଦୁଇଟି ଖୁସିରେ ଝଲ୍‌ମଲ୍ କରୁଥିଲେ ।

ହଠାତ୍ ଗୋଟିଏ କଥା ବେଶ୍ ସ୍ପଷ୍ଟ ହୋଇ ଉଠିଲା ମୋ'ପାଇଁ । ମୋର ଅଳ୍ପ ବୟସ ସତ୍ତ୍ୱେ ବି ବୁଝିପାରିଲି - ନାନୀ ଶାଶୁଘରକୁ ଯିବାପାଇଁ ଆଦୌ ଅନିଚ୍ଛୁକ ନଥିଲେ । ତାଙ୍କର କ୍ରନ୍ଦନ ଥିଲା ତାଙ୍କର ଅଭିନୟ ମାତ୍ର । ଗ୍ରାମ୍ୟ ମହିଳା ମାନଙ୍କର ନିନ୍ଦା ଓ ସମାଲୋଚନାରୁ ତ୍ରାହି ପାଇବା ପାଇଁ । ବରଂ ବାପଘର ଛାଡି ସ୍ୱ ସ୍ୱାମୀଗୃହକୁ ଯିବାପାଇଁ ନାନୀ ଥିଲେ ବେଶ୍ ଆଗ୍ରହୀ ।

କିନ୍ତୁ କାନ୍ଦଣାଗୀତରେ ବର୍ଣ୍ଣିତ ଭୟଙ୍କର ରାକ୍ଷସପୁରୀକୁ ଯିବାପାଇଁ କାହିଁକି ଯେ ନାନୀ ଏତେ ଆଗ୍ରହୀ, ସେ ରହସ୍ୟର ସମାଧାନ, ଯେତେ ମୁଣ୍ଡ ଖେଳାଇଲେ ବି ସେତେବେଳେ ମୁଁ କରିପାରି ନଥିଲି ।

*ଅଗଷ୍ଟ, ୨୦୦୦*

ମମମ

Digitized by srujanika@gmail.com

# ଚାଳିଶ ବର୍ଷ ତଳେ

କାହାଣୀଟିର ଆରମ୍ଭ ଥିଲା ପୂରାପୂରି ହିନ୍ଦୀଫିଲ୍ମ ଷ୍ଟାଇଲ୍‌ରେ । ପରିଚୟ ହୋଇଥିଲା କବିରୁ ।

କଲେଜରେ ଆମର ପ୍ରଥମ ଦିନର ପ୍ରଥମ କ୍ଲାସ୍ । ବିଦ୍ୟାଳୟର ଜୀବନ ଅତିକ୍ରମ କରି କଲେଜରେ ଦାଖଲ ହୋଇଥିବା ନିଶାରେ ଆମେ ସବୁ ମସ୍‌ଗୁଲ୍ । ପିରିୟଡ୍ ଥିଲା ଇଂରାଜୀ କବିତାର । ଅଧାପକ କବିତା ବହି ଖୋଲି କବିତା ପଢ଼ାଇବା ଆଗରୁ ଶ୍ରେଣୀରେ ପଚାରିଲେ – ''କବିତାର ସଂଜ୍ଞା ତୁମ ଭିତରୁ କେହି ଜଣେ କହିପାରିବ ?'' ଉତ୍ତର ଆମେମାନେ କେହି ଜାଣିନଥିଲୁ । ମୁଁ କବିତା ଲେଖୁଥିଲେ ମଧ୍ୟ କବିତା କାହାକୁ କୁହାଯାଏ, ସେ ସଂପର୍କରେ ଥିଲି ସଂପୂର୍ଣ୍ଣରୂପେ ଅଜ୍ଞ ।

ପ୍ରାୟ ମିନିଟିଏ ପରେ ଶ୍ରେଣୀର ନିସ୍ତବ୍ଧତା ଭାଙ୍ଗି ପିଲାଟିଏ ଠିଆ ହେଲା ଓ ଆମ ସଭିଙ୍କର ଆଖି ନିବଦ୍ଧ ହେଲା ତା'ଉପରେ । ଆମରି ବୟସର କୋମଳ ମୁଖଶ୍ରୀର ତରୁଣଟିଏ । ଲମ୍ବା ମୁହଁ, ସଫା ଗୋରା ଚମଡା, ଓ ମୋଟା ଭୂଲତା ତଳେ ଉଜ୍ଜ୍ୱଳ ନୀଳଆଖି । ଆଖିର ରଂଗ ସିଏ ପିନ୍ଧିଥିବା ନୀଳ ଜାମା ସହିତ ମିଶି ଯାଉଥିଲା । ପିଲାଟିର ମୁହଁରେ ଯାହା ଆମକୁ ଆଶ୍ଚର୍ଯ୍ୟ ଲାଗିଥିଲା, ତାହା ହେଲା ତାର ଅସମ୍ଭବ ଗୋଲାପି ରଂଗର ଓଠ । କୌଣସି ପୁଅ ପିଲାର, ବିଶେଷତଃ ବୟଃସନ୍ଧି ସମୟରେ, ଏଭଳି ଗୋଲାପ ପାଖୁଡା ପରି ଓଠ ସଚରାଚର ଦେଖାଯାଏନି ।

ଅଧାପକ ମୁହଁ ଘୂରାଇ ପିଲାଟି ଆଡକୁ ଚାହିଁଲେ ଓ ଈଷତ୍ ଲାଜକୁଳା ଢଙ୍ଗୀରେ ଓ ଭଙ୍ଗା ଭଙ୍ଗା ସ୍ୱରରେ ପିଲାଟି କବିତାର 'ଡେଫିନେସନ୍' ଦେଲା - ପୋଏଟ୍ରି ଇଜ୍ ସ୍ପଣ୍ଟାନିୟସ୍ ଓଭରଫ୍ଲୋ ଅଫ୍ ପାୱାରଫୁଲ୍ ଫିଲିଙ୍ଗସ୍ ଅଫ୍ ହାର୍ଟ'' । ''ଗୁଡ୍ । ଏ କଥାଟି କିଏ କହିଛନ୍ତି ଜାଣଛ ?'' ଅଧାପକ ପଚାରିଲେ ଓ ପିଲାଟି ମୁଣ୍ଡ ହଲାଇଲା, ନାହିଁ କରିବା ଢଙ୍ଗୀରେ । ଅଧାପକ ତା'ପରେ ନିଜେ ହିଁ ଉତ୍ତରଟି ଦେଇଦେଲେ - ''ୱର୍ଡସ୍‌ୱର୍ଥ'' ।

ଆମେ ସବୁ ପିଲାଟିର ଜ୍ଞାନର ନମୂନା ଦେଖି କିଛିଟା ଚମତ୍କୃତ ହେଲୁ ଓ ପ୍ରଥମ ଦିନରୁ ହିଁ ପିଲାଟିର ମୁହଁ ସହିତ ପରିଚିତ ହୋଇଗଲୁ ।

ପର ପିରିୟଡ୍‌ରେ ରୋଲ୍‌କଲ୍ ବେଳେ ଜାଣିଗଲୁ ତା' ରୋଲ୍ ନମ୍ବରଟି ମଧ୍ୟ - ଛଣିଶ୍ ।

Digitized by srujanika@gmail.com

ମୋର ଗୋଟିଏ ଦୂର ସଂପର୍କର ଭାଇ ପଢୁଥିଲା ମୋ ସହିତ କଲେଜରେ - ପ୍ରମୋଦ । ରହୁଥିଲା ହଷ୍ଟେଲରେ, ଯା'ଆସ ଥିଲା ଆମ ଘରକୁ । ନିରୀହ ଧରଣର ଭଦ୍ର ପିଲାଟିଏ । ପଢାଶୁଣାରେ ବି ଆଗୁଆ । ମୋ ସହିତ ବନ୍ଧୁତ୍ୱ ଥିଲା ନିବିଡ ।

କ୍ଲାସ୍ ଆରମ୍ଭ ହେବାର ପ୍ରାୟ ମାସକପରେ ପ୍ରମୋଦ ଦିନେ ଆସିଲା ଆମ ଘରକୁ - ରବିବାରିଆ । ମୋ ପଢ଼ାଟେବୁଲ୍ ପାଖରେ ବସି ଦିହେଁ ପାଠ ଆଲୋଚନା କଲୁ । ଏଣୁ ତେଣୁ କଲେଜ ବିଷୟରେ ଗପ କଲୁ ବି । କଥା ପ୍ରସଙ୍ଗରେ ପ୍ରମୋଦ୍‌କୁ ପଚାରିଲି ''ଆଉ ରୋଲ୍ ନମ୍ବର ଉଣିଶ୍‌ର ଖବର କଅଣ ?'' କଥାଟି ପଚାରିଥିଲି ଦୁଇଟି କାରଣ ହେତୁ। ପ୍ରଥମତଃ ଅନ୍ୟ କୌଣସି ପୁଅ ପିଲାର ରୋଲ୍ ନମ୍ବର ଜାଣିନଥିଲି, ଦ୍ୱିତୀୟତଃ କବିତାର ସଂଜ୍ଞା ଦେଇସାରିବାପରେ କେଜାଣି କେମିତି ମନ ଭିତରେ ଗୋଟିଏ ଧାରଣା ବଦ୍ଧମୂଳ ହୋଇଥିଲା ଯେ ପିଲାଟି ବହୁତ ବୁଦ୍ଧିମାନ୍ । ରୋଲ୍ ନମ୍ବର ଉଣିଶ୍ ବି ଥିଲା ପ୍ରମୋଦ ସହିତ ହଷ୍ଟେଲରେ ଏବଂ ଅନେକ ସମୟରେ ଦୁହିଁଙ୍କୁ ଏକାସାଥିରେ ଘୂରିବୁଲିବାର ଦେଖୁଥିଲି କଲେଜରେ ।

କିନ୍ତୁ ପ୍ରମୋଦର ଉତ୍ତରଟି ମତେ କିଞ୍ଚିତ୍ ଆଶ୍ଚର୍ଯ୍ୟାନ୍ୱିତ କଲା । ପ୍ରମୋଦ କହିଲା ''ବାଃ ! ସିଆଡେ ରୋଲ୍ ନମ୍ବର ଉଣିଶ କହୁଛି ତମ କଥା, ଆଉ ତମେ ବି ପଚାରୁଛ ତା'କଥା ।'' ''ମୋ' କଥା ? ମୋ' କଥା କଅଣ କହୁଛି ରୋଲ୍ ନମ୍ବର ଉଣିଶ ?'' ପଚାରିଲି ''ଏଇ ଏମ୍ତି, କହୁଛି ମାଟ୍ରିକ୍ ପରୀକ୍ଷାବେଳେ ତମ ସିଟ୍ ଠିକ୍ ତା ପଛରେ ପଡିଥିଲା । ତମକୁ କୁଆଡେ ଅଙ୍କ ନ ଆସିବାରୁ ବହୁତ କାନ୍ଦିଲ । ସିଏ ତା ଖାତାଟି ଖୋଲି ଦେଖେଇଲାରୁ ତୁମେ କୁଆଡେ ଅଙ୍କତକ ତା'ଠାରୁ କପି କରିଥିଲ'' ।

''ସିଏ କଅଣ କଟକର କେଉଁ ସ୍କୁଲ୍‌ର ?''

''ନାହିଁ ତ ! ସିଏ କେଉଁ ଗାଁ ସ୍କୁଲ୍‌ରୁ ପାଶ୍ କରିକି ଆସିଛି'' ।

''ତାହେଲେ ମୁଁ କେମିତି ତା'ଠୁ କପି କଲି ?'' ମୁଁ ରାଗିକି ଉତ୍ତର ଦେଲି । ''ତା'ର ତ ପରୀକ୍ଷା କେନ୍ଦ୍ର ଅଲଗା ଜାଗାରେ ପଡିଥିବ । ମୁଁ ତ ପରୀକ୍ଷା ଦେଇଛି କଲେଜିଏଟ୍ ସ୍କୁଲ୍ ସେଣ୍ଟର୍‌ରୁ ।''

ମୁଁ ଯୌକ୍ତିକ ଭାବରେ କଥାଟି ପ୍ରମୋଦ୍‌କୁ ବୁଝାଇବାକୁ ଚେଷ୍ଟା କଲି । ପ୍ରମୋଦ ବେଶ୍ ଗମ୍ଭୀର ଭାବରେ ଉତ୍ତର ଦେଲା ''ମୁଁ ସେକଥା ଆଉ ବୁଝୁନି ନା ! ହେଲେ ସିଏ ଏମ୍ତି ସମସ୍ତଙ୍କ ଆଗରେ କହି ବୁଲୁଛି ।''

''ଆଚ୍ଛା ଠିକ୍ ଅଛି, ତାକୁ ଟିକିଏ କହିବତ କଲେଜରେ ମୋ ସହିତ ଦେଖା କରିବା ପାଇଁ । କଅଣ କଥା ପଚାରିବି ତାକୁ'' ।

Digitized by srujanika@gmail.com

"ଆଚ୍ଛା" ପ୍ରମୋଦ ଉତ୍ତର ଦେଲା ।

ତା'ପରେ କଥାଟି ମୁଁ ସଂପୂର୍ଣ୍ଣରୂପେ ଭୁଲିଗଲି । କେଇଦିନ ପରେ ରିସେସ୍ ବେଳେ ମୁଁ ଓ ମୋ ସାଙ୍ଗ ଗୀତା କମନ୍‌ରୁମ୍ ସାମ୍ନାରେ ଛିଡା ହୋଇଛୁ - ଦେଖିଲି ରୋଲ୍‌ନମ୍ବର ଉଣିଶ୍ ଆମ ଆଡକୁ ଚାଲିଚାଲି ଆସୁଛି । ଧୋବ ଫରଫର ସାର୍ଟପ୍ୟାଣ୍ଟ । ତତୋଽଧିକ ସଫେଦ୍ ରଂଗର ଦାନ୍ତ ଦେଖାଇ ଓ ଗୋଲାପି ଓଠରେ ମୃଦୁହସ ହସି ଆମ ସାମନାରେ ଆସି ଠିଆହେଲା ଏବଂ ଈଷତ୍ ଲାଜକୁଳା ଭଙ୍ଗୀରେ ମତେ ଅନାଇ ପଚାରିଲା "ତମେ କୁଆଡ ମୋତେ ଡାକିଥିଲ" ?

"କାଇଁ ନାଇଁ ତ ! ମୁଁ କାହିଁକି ତମକୁ ଡାକିବି ? ଜବାବ ଦେଲି ।

"ପ୍ରମୋଦ କହୁଥିଲା -"

ମୋର ଏବେ କଥାଟି ମନେ ପଡିଗଲା — ପ୍ରମୋଦ ସାଥିରେ ହୋଇଥିବା କପି ସଂପର୍କୀୟ ଆଲୋଚନାର କଥା ।

"ତମେ କୁଆଡେ ସମସ୍ତଙ୍କୁ କହି ବୁଲୁଛ ଯେ ମାଟ୍ରିକ୍ ପରୀକ୍ଷାରେ ତମ ଖାତାରୁ ମୁଁ ଅଙ୍କ କପି କରିଥିଲି ବୋଲି । ତମକୁ ମୁଁ ଜୀବନରେ ଦେଖିନି, ଅଥଚ ତମେ କହୁଛ ମତେ ଅଙ୍କ ବତେଇଥିଲ ପରୀକ୍ଷାରେ । ତମେ ଜାଣ ମୁଁ ଅଙ୍କରେ ଶହେରୁ ଅଠାନବେ ପାଇଛି" ?

"ନାଇଁ, ନାଇଁ, - ପ୍ରମୋଦର ବୁଝିବାରେ ଟିକିଏ ଭୁଲ୍ ହୋଇ ଯାଇଛି, ସତରେ ଗୋଟିଏ ଝିଅକୁ ମୁଁ ଅଙ୍କ ବତେଇଥିଲି । ପ୍ରମୋଦକୁ କହିଥିଲି ଯେ ସେ ଝିଅଟି ଅନେକଟା ତୁମ ପରି ଦେଖିବାକୁ । ପ୍ରମୋଦ ବୋଧେ ଠିକ୍ କି ବୁଝିପାରିଲାନି ।" ରୋଲ୍ ନମ୍ବର ଉଣିଶ୍ ମତେ ବୁଝାଇବାର ପ୍ରୟାସ କଲା । କିନ୍ତୁ ତା'ର ଅପ୍ରସ୍ତୁତ ଭଙ୍ଗୀ ଓ ଥଙ୍ଗେଇ ଥଙ୍ଗେଇ କଥା କହିବାର ଠାଣୀରୁ ମୁଁ ଠିକ୍ ବୁଝିପାରିଥିଲି ସିଏ ତାହା ମିଛିକଥା କହୁଛି ବୋଲି ।

"ଠିକ୍ ଅଛି, ଆଉ ଦିନେ ଯଦି ଏଭଳି କଥା ତମ ମୁହଁରୁ ଶୁଣେ ଜାଣିଥା । ମିଛୁଆ କେଉଁଠିକାର !" ବେଶ୍ ଉତ୍ତେଜିତ ହୋଇ ରାଗିକରି ମୁଁ କହିଲି ଓ ରୋଲ୍‌ନମ୍ବର ଉଣିଶ କିଛି ନକହି ଚୁପଚାପ୍ ମୁହଁପୋତି ସେଠୁ ଚାଲିଗଲା ।

"ହେଃ ! ତୁ ବଡ ବେଶୀ ରାଗିଲୁ ତା ଉପରେ । ବିଚରାର ମୁହଁଟି କଳା ପଡିଗଲା" ସିଏ ଗଲାପରେ ଗୀତା ମତେ କହିଲା ।

ଯା'ର କିଛି ଦିନପରେ ପୁଣି ଥରେ ପ୍ରମୋଦ ଆସିଲା ଆମ ଘରକୁ । ତାକୁ ଦେଖୁ ଦେଖୁ ଉତ୍ତେଜନାରେ ଟଗ୍‌ମଗ୍ ହୋଇ ମୁଁ ଆରମ୍ଭ କରିଦେଲି" ବୁଝିଲ ପ୍ରମୋଦ ! ରୋଲ୍ ନମ୍ବର ଉଣିଶକୁ ମୁଁ ବେଶ୍ ଭଲକରି ଶୁଣେଇ ଦେଇଛି । ନିଶ୍ଚୟ ଡରିଯାଇଥିବ ସିଏ" ।

Digitized by srujanika@gmail.com

''ଶୁଣେଇ ଦେଇଛ ? ସିଏ ତ କଅଣ ଓଲଟା କଥା କହୁଛି'' ମୋ କଥାକୁ କାଟି ପ୍ରମୋଦ ଜବାବ୍ ଦେଲା ।

''କଅଣ କହୁଛି ?'' ବିସ୍ମୟରେ ମୁଁ ପଚାରିଲି ।

''କହୁଛି ତମେ କୁଆଡେ ତା ଆଗରେ ବହୁତ କାନ୍ଦିଲ, ତାକୁ କୁଆଡ଼େ ଅନୁରୋଧ କଲ କପି କଥା ଆଉ କାହାକୁ ନକହିବା ପାଇଁ'' ।

ପ୍ରମୋଦ କଥା ଶୁଣି ମୁଁ ଏକରକମ ଥାଣ୍ଣୁ ପାଲଟିଗଲି ଓ ଏବେ ମତେ ସତରେ କାନ୍ଦ ଲାଗିଲା । ରୋଲ୍‌ନମ୍ବର ଉଣିଶର ଏଭଳି କ୍ରିୟାକଳାପ ମୋ ପକ୍ଷରେ ଥିଲା ସଂପୂର୍ଣ୍ଣରୂପେ ପ୍ରହେଳିକାମୟ ।

''ଆରେ ପୁଅ ପିଲାମାନେ ଝିଅମାନଙ୍କୁ ନେଇ ସେମିତି ଫୁଟାଣି କାଢ଼ନ୍ତି । ତମେ ତୁଚ୍ଛାଟାକୁ ବ୍ୟସ୍ତ ହେଉଛ'' ମୋତେ ବୁଝାଇବାକୁ ଚେଷ୍ଟା କଲା ଏବଂ ତା'ପରଦିନ କ୍ଲାସ୍‌ରେ ପ୍ରଥମଥର ପାଇଁ ମୁଁ ରୋଲ୍‌ନମ୍ବର ଉଣିଶକୁ ଲକ୍ଷ୍ୟକଲି ।

ବସିଥିଲା ମୋଠାରୁ ଅଳ୍ପଦୂରରେ । ଏବଂ ଆଶ୍ଚର୍ଯ୍ୟ କଥା ମୁଁ ତାକୁ ଯେତେବେଳେ ଚାହିଁଲି ଦେଖିଲି ସିଏ ମଧ ମତେ ଚାହିଁଛି । ମୋ ଆଖିରେ ଆଖି ପଡିଯିବାରୁ ଲାଜକୁଳା ହସ ହସି ମୁହଁ ବୁଲାଇ ନେଲା । ଘଟଣାଟି ଥିଲା ମୋ ପାଇଁ ଅଭୂତପୂର୍ବ । କିଛି ସମୟପରେ କୌତୁହଳ ବଶତଃ ମୁଁ ପୁଣି ଥରେ ତା' ଆଡକୁ ଚାହିଁଲି ଏବଂ ଏଥରକ ମଧ ସେ ମୋତେ ଚାହିଁଥିବାର ଦେଖିଲି ଓ ଧରାପଡିଯିବାର ପ୍ରତିକ୍ରିୟା ଥିଲା ଠିକ୍ ପୂର୍ବପରି - ଈଷତ୍ ହସି ମୁହଁ ତଳକୁ କରିବା । ଷୋଳବର୍ଷ ବୟସରେ ଘଟଣାଟି ବେଶ୍ କୌତୁହଳମୟ ଓ ସମ୍ମୋହକ ମନେ ହେଉଥିଲା । ଏବଂ ଯା ପରେ ପ୍ରାୟ ପ୍ରତିଦିନ ରୋଲ୍ ନମ୍ବର ଉଣିଶର ଚାହାଣୀ ବିନିମୟର ପ୍ରହସନ ଏକ ବିଧିବଦ୍ଧ ରୁଟିନ୍‌ରେ ପରିଣତ ହୋଇଥିଲା ।

କାଳକ୍ରମେ ରୋଲ୍‌ନମ୍ବର ଉଣିଶ ଉଚ୍ଚତର ଶିକ୍ଷାପାଇଁ ଓଡ଼ିଶା ବାହାରକୁ ଚାଲିଗଲା । ମୁଁ ରହିଗଲି ସେଇ କଲେଜ୍‌ରେ । ଉପଯୁକ୍ତ ସମୟରେ ମୋର ବିବାହ ସଂପନ୍ନ ହେଲା ଓ ଓଡ଼ିଶା ବାହାରେ ଅନେକ ଅନେକ ବର୍ଷ ବିତାଇ ସ୍ୱାମୀଙ୍କର ଚାକିରିରୁ ଅବସର ଗ୍ରହଣ ପରେ ଫେରି ଆସିଲି ଭୁବନେଶ୍ୱର ।

ଏଠାକୁ ଫେରିଆସିବାର କିଛି ଦିନପରେ ଅଚାନକ ଗୋଟିଏ କଲେଜ ପଢୁଆ ବାନ୍ଧବୀ ସହିତ ମୋର ଦେଖା ହୋଇଗଲା । ଆମ ପଡୋଶୀଙ୍କ ପୁତ୍ରର ବାହାଘର ରିସେପ୍‌ସନ୍ ଭୋଜିରେ । ଦୁଇସାଙ୍ଗ ଅନେକ ଅନେକ ବର୍ଷପରେ ଏକାଠି ହୋଇ କୈଶୋରର ଅର୍ଦ୍ଧମୃତ ସ୍ମୃତିସବୁକୁ ପୁନରୁଜ୍ଜୀବିତ କରି ଲାଗିଲୁ । ପଚାରିଲି ''ଆଉ କିଏ କିଏ ଆମ କ୍ଲାସ୍‌ମେଟ୍ ଭୁବନେଶ୍ୱରରେ ଅଛନ୍ତି ?'' ବାନ୍ଧବୀଟି କହିଲା ''ଓଃ ! ତମର

Digitized by srujanika@gmail.com

ରୋଲନମ୍ବର ଉଣିଶ କଥା ମନେ ଅଛିନା ? ସେଇ ଯିଏ ବହୁତ ଭଲ ପଢୁଥିଲା କ୍ଲାସ୍‌ରେ ଆଉ ପ୍ରଥମଦିନ କବିତାର ଡେଫିନିସନ୍ ଦେଇଥିଲା ?'' ଉତ୍ତର ଦେଲି ''ବେଶ୍ ମନେ ଅଛି''।

''ସିଏ ଅଛି ଏଇଠି । ଦେଖାହୁଏ ବେଳେ ବେଳେ ତା'ସହିତ । ବିରାଟ ବଡଲୋକ । ଏବେ ତା ଝିଅ ବାହାହେଲା । ସିଏ କିନ୍ତୁ ବହୁତ ବଦଳି ଯାଇଛି ଯା'ଭିତରେ ।

ଆଶ୍ଚର୍ଯ୍ୟ ଲାଗିଲା - ମନେ ପଡିଲା ଚାଳିଶବର୍ଷ ଆଗର ଗୋଲାପି ଓଠ ଓ ନୀଳଆଖିର ଲାଜକୁଳା ତରୁଣଟି କଥା ।

ତା'ପରଦିନ ଟେଲିଫୋନ୍ ଡାଇରେକ୍ଟରୀ ଦେଖି ଫୋନ୍ କଲି ରୋଲ୍ ନମ୍ବର ଉଣିଶକୁ । ମନରେ ସନ୍ଦେହ, କେଜାଣି ଚିହ୍ନି ପାରିବକି ନାହିଁ ।

ରୋଲ୍ ନମ୍ବର ଉଣିଶ ମୋ ନାଁ ଶୁଣି ଅବଶ୍ୟ ଚିହ୍ନିଲା ମୋତେ । କିନ୍ତୁ ତା'ସହିତ ବିଶେଷ ଭାବରେ କଥା କହିବାର ଅବସର ମିଳିନଥିଲା ମୋତେ । କାହିଁକି ନା ସିଏ ଅନର୍ଗଳ ଭାବରେ କଥା କହିଥିଲା, ବିନା ପୂର୍ଣ୍ଣଛେଦରେ ଏବଂ କଥାର ବିଷୟବସ୍ତୁ ମୁଖ୍ୟତଃ ଥିଲା ଗୋଟିଏ - ଟଙ୍କା, ଆଉ ସାରା ଜୀବନ ସିଏ କିଭଳି ଅପର୍ଯ୍ୟାପ୍ତ ପରିମାଣର ଟଙ୍କା କମାଉଛି ତାହାରି କାହାଣୀ ।

ତା'କଥା ଶୁଣି ମୁଁ କିଛିଟା ନିରାଶ ହେଲି । ଏକଦା ଅତ୍ୟନ୍ତ ମେଧାବୀ ଛାତ୍ର ବୋଲାଉଥିବା ମଣିଷଟିର ଜୀବନ ସଂପର୍କରେ ଏଇ ମୂଲ୍ୟାୟନ ? ବୁଝିପାରିଲି ସେଇ ସରଳ, ନିଷ୍ପାପ, ସ୍ୱପ୍ନିଳ ଆଖିର ତରୁଣଟି ଟଙ୍କାର ବଜାର୍‌ରେ ନିଲାମ୍ ହୋଇଯାଇଛି । ସିଏ ଏବେ ମଣିମାଣିକର ଦେଶରେ ଘୂରିବୁଲେ । ପୃଥିବୀର ସାନ ସାନ ଅପୂର୍ବ ଅନୁଭୂତି ସବୁ ଆଉ କିଛି ମାନେ ରଖେନି ତା'ପାଇଁ ।

ମନେ ପଡିଗଲା କୋମଳ ମୁଖଶ୍ରୀର ଲାଜକୁଳା ପିଲାଟିର କଥା - କ୍ଲାସ୍‌ରୁମ୍‌ର ଗହଳି ଭିତରେ ଯିଏ ମଝିରେ ମଝିରେ ତାହାରି ବୟସର ଗୋଟିଏ କିଶୋରୀ ଝିଅକୁ ଅନାଉଥିଲା ଚୋରି ଚୋରି । କେତେ ଟିକିଏ ସାନ କଥାରେ କେତେ ଖୁସି ହୋଇଯାଉଥିଲା ସିଏ !

ଏ ବିଷୟରେ ବି ନିଶ୍ଚିତ ହେଲି ଯେ ମୁଁ ଆଉ ଦ୍ୱିତୀୟଥର ତାକୁ ଫୋନ୍ କରିବିନି । ଏଭଳି ଗୋଟିଏ ଚରିତ୍ରସହିତ ମୋର ସଖ୍ୟ ଅସମ୍ଭବ । ମାନସିକ ସ୍ତରରେ ଆମେ ଦୁହେଁ ଥିଲୁ ପୃଥିବୀର ଦୁଇ ମେରୁ ସଦୃଶ । ଫୋନ୍‌ଟି ରଖି ସାରିଲା ପରେ ଆମେରିକାରୁ ଆସିଥିବା ମୋ ପୁଅ ମୋତେ ପଚାରିଲା – ''ମାମା, କା'ସାଥିରେ କଥା ହେଉଥିଲ'' ?

Digitized by srujanika@gmail.com

"ତୋ ମାମାର କଲେଜ ବେଳର ବୟଫ୍ରେଣ୍ଡ୍"। ମୋ ସ୍ୱାମୀ ହସି ହସି ଥଟ୍ଟା କରି କହିଲେ। କହିବା ବାହୁଲ୍ୟ ଯେ ରୋଲ୍ ନମ୍ବର ଉଣିଶର କାହାଣୀଟି ସିଏ ମୋ'ଠାରୁ ଇ ଶୁଣିଥିଲେ।

"କିନ୍ତୁ ତମେ ତ କଅଣ ଖାଲି ଗାଡି, କୋଠା, – ଏଇ ସବୁ ବିଷୟରେ କଥା ହେଉଥିଲ। ବୟଫ୍ରେଣ୍ଡ ସାଥିରେ କଅଣ ଏମ୍ତି କଥା ହୁଅନ୍ତି ? ମୋ ପୁଅ ବାପ ସହିତ ମିଶି ମୋତେ ଆଉ ଟିକିଏ ପରିହାସ କଲା।

ଉତ୍ତର ଦେଲି "ବାଃ ! ସିଏ କଥା କଥାକେ ତା'ର ଉଞ୍ଚ କୋଠା ଓ ଲମ୍ବାଗାଡି କଥା କହି ଫୁଟାଣି ମାରୁଛି। ମୋତେ ରାଗ ଲାଗିବନି ? ମୁଁ ବି କହି ଦେଉଛି – ମୋ'ର ମଧ ତିନିମହଲା କୋଠାଟିଏ ଅଛି। ଏବଂ ତିନି ତିନିଟା ଏୟାର୍‌କଣ୍ଡିସନ୍‌ଡ ଗାଡି ମଧ। ଗୋଟିଏ ମୋ'ର, ଗୋଟିଏ ମୋ ପୁଅର ଏବଂ ତୃତୀୟଟି ମୋ ବୋହୂର।

ମୋ କଥା ଶୁଣି ମୋ ପୁଅ ବେଶ୍ ପାଟିକରି ଜୋର୍‌ରେ ହସିବାକୁ ଲାଗିଲା ଏବଂ ତା ହସ ବନ୍ଦ ହେଲା ସେତିକି ବେଳେ ଯେତେବେଳେ ତା' କାନ୍ଧରେ ନିଦ୍ରାଯାଇଥିବା ତା ଶିଶୁପୁତ୍ରଟି ତା'ହସଶବ୍ଦରେ ନିଦରୁ ଉଠି ଚିତ୍କାର କରି କାନ୍ଦିବାକୁ ଆରମ୍ଭ କଲା।

*ଅକ୍ଟୋବର, ୧୯୯୮*

□□□

Digitized by srujanika@gmail.com

# ଅନୁରାଗ

ଅନୁରାଗକୁ ନେଇ କାହାଣୀ ଲେଖିବି ବୋଲି କେବେ ସ୍ୱପ୍ନରେ ବି ଭାବି ନ ଥିଲି । କାରଣ ମୋ ଜୀବନରେ, ଅନୁରାଗ ଅଧ୍ୟାୟଟି ଥିଲା ମୋର ଏକାନ୍ତ ନିଜସ୍ୱ । ଥିଲା ସାତତାଳ ପୋଖରୀର ପଦ୍ମନାଡ଼ରେ ସାଇତା ବୁଢ଼ୀ ଅସୁରୁଣୀର ଜୀବନନାଟିକା ପରି ଗୋପନୀୟ ଏବଂ ଅନୁରାଗଠାରୁ ଏକଦା ଉପହାର ପାଇଥିବା କେତୋଟି ସ୍ୱର୍ଣ୍ଣଚମ୍ପାର ପାଖୁଡ଼ା ପରି ମୃଦୁଗନ୍ଧରେ ଭର୍‌ପୂର୍ । ସେ ସବୁ କନକାଭ, ସୁଖୀ ଦିନର ସ୍ମୃତି, ଝୁଡ଼ିତଳେ ବନ୍ଦ ହୋଇ ରହିଥିବା ଦୁଧସାଦା କପୋତ ପରି, ଶାସନର ଜାଫ୍ରିଲଗା ମନର ଅଳିନ୍ଦରେ ଡେଣା ଝପଟାଇ ଯାଆନ୍ତି କେବେ କେମିତି । କେବେ କେମିତି, ଇଟା ତଳେ ଚିପା ହୋଇ ରହିଥିବା ଲମ୍ୱଘାସର ଫଳକ ପରି, ପାଣ୍ଡୁର, ଶିରାବାହାରି ପଡିଥିବା ଆଙ୍ଗୁଳିତକ ବଢାଇ ଦିଅନ୍ତି ଅନ୍ଧାରରୁ ଆଲୁଅ ଆଡକୁ ମଧ୍ୟ ।

ତେଣୁ ଅନୁରାଗକୁ ନେଇ କାହାଣୀ ଲେଖିବି ବୋଲି କେବେ ସ୍ୱପ୍ନରେ ବି ଭାବି ନ ଥିଲି । ବସ୍ତୁତଃ, କାଲି ଯଦି ଅନୁରାଗ ଟେଲିଫୋନ୍‌ରେ ଏଭଳି ବ୍ୟଥାତୁର ଭାବରେ ବିଳାପ ଓ ଅଶ୍ରୁତର୍ପଣ କରିନଥାନ୍ତା, ତା ହେଲେ ଏ କାହାଣୀ ହୁଏତ ଲେଖାଇ ହୋଇନଥାନ୍ତା ଶେଷ ପର୍ଯ୍ୟନ୍ତ । ପ୍ରଥମ ଯୌବନର ସେଇ ଗର୍ହିତ, ଭୟାର୍ତ୍ତ, ଆତଙ୍କିତ ଏବଂ ଅଶେଷ ଉତ୍ତେଜନାମୟ ନିଟୋଳ କେତୋଟି ବର୍ଷ ହୁଏତ ଚିରଦିନ ପାଇଁ ଛପି ରହିଥାଆନ୍ତା ମୋ ସ୍ମୃତିର ମଣିକୋଠାରେ । ବସ୍ତୁତଃ, ଅନୁରାଗର କ୍ରନ୍ଦନରେଇ ଏ କାହାଣୀର ଆରମ୍ଭ ।

ଚାଳିଶବର୍ଷ ତଳେ ଅନୁରାଗ ପାଠ ପଢୁଥିଲା ମୋ ସହିତ । ଏବଂ ଭଲପାଉଥିଲା ମୋତେ । ଆଜିଠୁ ଚାଳିଶବର୍ଷ ତଳେ, ଓଡ଼ିଶାର ସମାଜ ଅପେକ୍ଷାକୃତ ପ୍ରାଚୀନପନ୍ଥୀ ଥିଲା । ଥିଲା ମଧ୍ୟ ଆଉ ଟିକିଏ ନିର୍ଦ୍ଦୟ ଓ କଠୋର । ପୁଅଝିଅଙ୍କ ଭିତରେ ନିର୍ଦ୍ଦୋଷ ଗପସପ ବା ମିଳାମିଶା ଥିଲା ଗର୍ହିତ । ତେଣୁ ଅନୁରାଗର ଓ ମୋ'ର ଭଲପାଇବା ସୀମାବଦ୍ଧ ଥିଲା କେବଳ ଦିପଦ ବାର୍ତ୍ତାଳାପରେ- କଲେଜ କରିଡ଼ରରେ ଅଚାନକ୍ କେବେ କେମିତି ଦେଖା ହୋଇଗଲେ । କଥା କିନ୍ତୁ ଆମ ଭିତରେ ହେଉଥିଲା ପ୍ରଚୁର । ଆଖିରେ ଆଖିରେ । ସ୍ୱରଯନ୍ତ୍ର ତୁଳନାରେ, ନୟନର ମଣିଦୁଇଟି ଯେ ଏତେ ବେଶୀ ସବାକ୍ ହୋଇପାରେ, ପ୍ରଥମକରି ଆବିଷ୍କାର କରିଥିଲି ସେବେ ।

Digitized by srujanika@gmail.com

ଅନୁରାଗକୁ ମୋ ମନକଥା କହିବାପାଇଁ ମୁଁ ଅବଶ୍ୟ ଏକ ସହଜ ଉପାୟ ବାହାର କରିନେଇଥିଲି । ପ୍ରଚୁର କବିତା ଲେଖୁଥିଲି ତା' ପାଇଁ ଓ ସେ ସବୁ କବିତା ନିୟମିତ ଭାବରେ ଛପା ହୋଇଯାଉଥିଲା ବିଭିନ୍ନ ପତ୍ରପତ୍ରିକାରେ, ସମ୍ବାଦପତ୍ରରେ । ନୂଆପିଢ଼ିର ଲେଖିକା ହିସାବରେ ବେଶ୍ ନାଁ ହୋଇଯାଇଥିଲା ସେତେବେଳେ । ଯେଉଁଦିନ କବିତାଟିଏ ପ୍ରକାଶ ପାଉଥିଲା, ତା'ର ଦୁଇଦିନ ଭିତରେ ଚିଠିଟିଏ ପାଉଥିଲି ଅନୁରାଗଠାରୁ । ଉତ୍ତର ପଠାଉଥିଲା ତତ୍‌କ୍ଷଣାତ୍- ଗଦ୍ୟରେ ।

ଅନୁରାଗ ଚମତ୍କାର ଚିଠି ଲେଖୁଥିଲା । ଟୁକୁଡ଼ା ଟୁକୁଡ଼ା, ବୋକା ବୋକା, ଅନାଘ୍ରାତ ପ୍ରୀତିର କଥା । ଆଉ ସେ ସବୁ କଥା ଅସଂଖ୍ୟ ନୀଳାଭ ଦ୍ୟୁତିର ତାରା ହୋଇ ଛାଇଯାଉଥିଲେ ମୋ ମନର ଆକାଶ । ମୌସୁମୀ ଫୁଲପରି ରଙ୍ଗିନ୍ କରିଯାଉଥିଲେ ମୋର ସାରା ସତ୍ତା । ସେ ଚିଠିସବୁ ପଢ଼ିସାରିଲା ପରେ, ମୁଁ ଯେମିତି ଶିଆଳିଲଗା ଦୈନନ୍ଦିନ ଗ୍ଲାନିରୁ ବାହାରି ଛଳଛଳ ଜହ୍ନଆଲୁଅରେ ପହଁରୁଥିବା, ଡେଣାଲଗା ଜିନ୍‌ପରୀ ହୋଇଯାଉଥିଲି ।

ଏବଂ ତା'ପରେ- କଲେଜପାଠ ଠିକ୍ ସରିବା ଆଗରୁ- ହଠାତ୍ ଦିନେ ପାଇଥିଲି ଅନୁରାଗର ସେଇ ଜିଦ୍‌ଖୋର, ପାଗଳାମି ଭରା ଚିଠିଟି । ଲେଖିଥିଲା, ପରୀକ୍ଷା ପରେ ସିଏ ବାହାରକୁ ଚାଲିଯିବ ପଢ଼ିବାପାଇଁ । ମୁଁ କିନ୍ତୁ ଯେମିତି ଅପେକ୍ଷାକରେ- ସିଏ ଉପାର୍ଜନକ୍ଷମ ହେବା ପର୍ଯ୍ୟନ୍ତ । ଅନୁରାଗର ପିତା ଥିଲେ ପ୍ରାଚୀନ କଟ୍ଟରପନ୍ଥୀ । ଏବଂ ଏକ ଅନ୍ୟଜାତିର କନ୍ୟାକୁ ପୁତ୍ରବଧୂ କରିବାପାଇଁ ସେ ରାଜି ନ ହେବାଟାଇ ଥିଲା ସ୍ୱାଭାବିକ୍ । ଅନୁରାଗ ଲେଖିଥିଲା, ସେଥିରେ କିନ୍ତୁ ତା'ର କିଛି ଯାଏ ଆସେନି । ମୋ'ଲାଗି, ପିତା ତଥା ପରିବାରବର୍ଗଙ୍କ ସହିତ ସଂପର୍କ ଛିନ୍ନ କରିବାକୁ ସେ ଥିଲା ପ୍ରସ୍ତୁତ ଓ ଅଙ୍ଗୀକାରବଦ୍ଧ ।

ମନେ ଅଛି- ସେଦିନ ପ୍ରଥମଥର ପାଇଁ ମୋତେ ଭୟ ଲାଗିଥିଲା ଅନୁରାଗକୁ । ଭୟ ଲାଗିଥିଲା ତା ପ୍ରେମର ତୀବ୍ରତାକୁ । ଭୟ ଲାଗିଥିଲା ତା' ସ୍ନାୟୁ ଓ ଶିରାପ୍ରଶିରାରେ ପ୍ରବାହିତ ହେଉଥିବା ମୋତେ ସଂପୂର୍ଣ୍ଣଭାବେ ଶୋଷିନେବାର ଦୁର୍ବାର, ଅସହନୀୟ ଆକୁତିକୁ ।

ଅବଶ୍ୟ ପୃଥିବୀର ଅଜସ୍ର ତରୁଣତରୁଣୀଙ୍କର ପ୍ରେମକାହାଣୀ ପରି, ଏ କାହାଣୀ ମଧ ପହଞ୍ଚିଥିଲା ତା'ର ଚିରାଚରିତ ପରିଣତିରେ । ଅନୁରାଗ ଉଚ୍ଚଶିକ୍ଷା ପାଇଁ ବିଦେଶ ଗଲା ଏବଂ ମୋ'ର ବିବାହ ସଂପନ୍ନ ହେଲା ପିତାମାତାଙ୍କ ଦ୍ୱାରା ନିର୍ବାଚିତ, ପ୍ରଦେଶ ବାହାରେ ଚାକିରି କରୁଥିବା ଏକ ସୁଯୋଗ୍ୟ ବରପାତ୍ର ସହିତ । ବିବାହିତ ଜୀବନରେ, ମୁଁ ବେଶ୍ ସୁଖୀ ହୋଇଥିଲି ଏବଂ ଅନୁରାଗ ମଧ ସ୍ୱକୁଳର ଏକ ରୂପବତୀ କନ୍ୟାସହିତ ପରିଣୟ ସୂତ୍ରରେ ଆବଦ୍ଧ ହୋଇଥିବାର ଖବର ଦୁଇ ତିନିବର୍ଷ ପରେ ପାଇଥିଲି ।

Digitized by srujanika@gmail.com

ଅନୁରାଗ ସହିତ ଆଉଥରେ କେବେ ଆଳାପ, ବା ଅନ୍ତରଂଗତା ହେବ ବୋଲି ମୁଁ ଭାବି ନ ଥିଲି । କିନ୍ତୁ ସୌଭାଗ୍ୟକ୍ରମେ ପରିଣତ ବୟସରେ ଏବଂ ମୋ ସ୍ୱାମୀ ଅବସର ଗ୍ରହଣ କରି ଓଡ଼ିଶା ଫେରିଆସି ସାରିଲା ପରେ ତା'ସହିତ ପୁଣିଥରେ ନୂଆକରି ପରିଚୟ ହେବାର ଅବସର ମିଳିଥିଲା ।

ଦିନେ ବଜାର୍‌ରେ ହଠାତ୍ ଦେଖା ହୋଇଥିଲା ମୋ'ର ଜଣେ ପୁରୁଣା, କଲେଜ ପଢୁଆ ସହପାଠୀଙ୍କ ସହିତ । ବିରଳକେଶ, ପ୍ରାୟବୃଦ୍ଧ ଅଧ୍ୟାପକ ଜଣକଙ୍କୁ ମୁଁ ଚିହ୍ନିପାରିନଥିଲି । କିନ୍ତୁ କେଉଁ ମନ୍ତ୍ରବଳରେ କେଜାଣି ସିଏ ମତେ ଚିହ୍ନିଥିଲେ ଓ ଦୁଇବନ୍ଧୁ ଅନେକସମୟ ଧରି କଲେଜ ଜୀବନର ଚଗଲା ସ୍ମୃତିସବୁକୁ ରୋମନ୍ଥନ କରିଥିଲୁ । ତାଙ୍କରିଠାରୁ ଶୁଣିଲି, ଯେ ଅନୁରାଗ ବର୍ତ୍ତମାନ୍ ଜଣେ ପ୍ରବୀଣ ପ୍ରଶାସକ ଏବଂ ଭୁବନେଶ୍ୱରରେ ହିଁ ଅବସ୍ଥାପିତ । ଅନୁରାଗର ଟେଲିଫୋନ୍ ନମ୍ବରଟି ଉକ୍ତ ବନ୍ଧୁ ହିଁ ମୋତେ ଦେଇଥିଲେ ।

ତା'ପରଦିନ ଫୋନ୍ କରିଥିଲି ଅନୁରାଗକୁ । ଅନୁରାଗ ଅବାକ୍ ହୋଇଥିଲା, ଉତ୍‌ଫୁଲ୍ଲ ମଧ । ସ୍ୱରରେ ରୀତିମତ୍ ସୌଜନ୍ୟ ଫୁଟାଇ ଖବର କରିଥିଲା ମୋ'ସ୍ୱାମୀଙ୍କର, ମୋ'ର ପୁତ୍ରକନ୍ୟାମାନଙ୍କର । ବିବରଣୀ ଦେଇଥିଲା ତା'ପରିବାରର, ବିଶେଷକରି ତା'ର ଏକମାତ୍ର ସନ୍ତାନ ସୁକୁମାରର । ଅନୁରୋଧ କରିଥିଲା ନିକଟ ଭବିଷ୍ୟତରେ ସଂପନ୍ନ ହେବାକୁ ଯାଉଥିବା ତା ଡାକ୍ତରପୁତ୍ରଟିର ମାଙ୍ଗଳିକ ବିବାହୋତ୍ସବରେ ମୁଁ ଯେମିତି ସପରିବାର ଯୋଗଦାନ କରେ ।

ମୁଁ କିନ୍ତୁ ଅନୁରାଗର ଅନୁରୋଧ ରକ୍ଷା କରିପାରି ନଥିଲି । କାରଣ ତା'ର ପରମାସରେ, ମୋ ପୁଅ ଜୋର୍‌କରି ଟିକେଟ୍ ପଠାଇ ଦେଇଥିବା ହେତୁ, ମୁଁ ଆମେରିକା ଯିବାକୁ ବାଧ ହୋଇଥିଲି ଏବଂ ମୋର ଦେବଶିଶୁ ସଦୃଶ ମୋହମୟ ପୌତ୍ର ପୌତ୍ରୀ ଦୁଇଟିଙ୍କର ଦୁର୍ଲଭ'ମୁହଁର ମାୟାରେ ପଡି, ସେଠି ଅଟକିଗଲି ଅନେକଦିନ ।

ଛ'ମାସ ପରେ ଭୁବନେଶ୍ୱର ଫେରି ଫୋନ୍ କରିଥିଲି ଅନୁରାଗକୁ - ସୁକୁମାରର ବିଭାଘରର ଖବର କରିବା ପାଇଁ । ଏବଂ ଫୋନ୍‌ରେ ମୋ କଥା ଶୁଣିବା ପରେ କିଛି ନକହି ହଠାତ୍ ଅନୁରାଗ କାନ୍ଦିବାକୁ ଆରମ୍ଭ କରିଥିଲା - ବେଶ୍ ଦୟନୀୟ ଓ କାତର ଭାବରେ । ଅନେକ ସମୟପରେ କୌଣସିମତେ ନିଜକୁ ସମ୍ବରଣ କରି ଭଗ୍ନପ୍ରାୟ ଗଳାରେ କହିଲା "କାନନ ! ମୁଁ ବୋଧେ ଆଉ ବଞ୍ଚିବିନି । ଯା' ଭିତରେ ମୋର ଦୁଇଥର ହାର୍ଟ ଆଟାକ୍ ହୋଇଯାଇଛି, ମୋତେ କହି ପାରିବ ? ପୁଅମାନେ କାହିଁକି ବାପାମା'ଙ୍କୁ ଏଭଳି ଶାସ୍ତି ଦିଅନ୍ତି" ?

- କଅଣ କରିଛି ସୁକୁମାର ? ବିବ୍ରତ ହୋଇ ପଚାରିଲି ।

- ସୁକୁମାର ଏବେ ମୋ ପାଇଁ ଅସ୍ତିତ୍ୱହୀନ । ମୁଁ ତାକୁ ଘରୁ ବହିଷ୍କାର କରିଦେଇଛି ।

Digitized by srujanika@gmail.com

- କିନ୍ତୁ କାହିଁକି ?

- ଆମେ ଠିକ୍ କରିଥିବା ପାତ୍ରୀକୁ ନାକଚ୍ କରି ଅନେକବର୍ଷ ଧରି ପ୍ରେମ କରୁଥିବା ଅନ୍ୟଗୋଟିଏ ଜାତିର ଝିଅକୁ ବାହାହୋଇ ପଡିଛି ସୁକୁମାର । ଆମ ଇଚ୍ଛା ବିରୁଦ୍ଧରେ, ଆମର ଅବାଧ ହୋଇ । ଅନୁରାଗ ଜବାବ୍ ଦେଲା ଓ ପୁନର୍ବାର ବିଳାପ କରିବାକୁ ଲାଗିଲା । ରୀତିମତ୍ କାନ୍ଦି କାନ୍ଦି ହୋଇ । କୋହମିଶା ଗଳାରେ ମତେ ବାରମ୍ବାର ପଚାରିବାକୁ ଲାଗିଲା ''ମୋତେ କହିପାରିବ ? କାହିଁକି ଏଭଳି ହୁଏ ଜୀବନରେ ? କାହିଁକି ?''

ଅନୁରାଗର କାହିଁକିର ଉତ୍ତର ଅବଶ୍ୟ ମୋ ପାଖରେ ଥିଲା । ଅନେକ ବର୍ଷ ଆଗେ ଗୋଟିଏ ସୁଦର୍ଶନ ଯୁବକ ତା' ପିତାଙ୍କ ଇଚ୍ଛା ବିରୁଦ୍ଧରେ ଗୋଟିଏ ଅନ୍ୟଜାତିର କନ୍ୟାର ପାଣିଗ୍ରହଣ କରିବା ପାଇଁ ପ୍ରତିଜ୍ଞାବଦ୍ଧ ହୋଇ ଲେଖିଥିବା ଚାରିପୃଷ୍ଠାର ଚିଠିଟିର କଥା ମୁଁ ତାକୁ ମନେପକାଇ ଦେଇ ପାରିଥାଆନ୍ତି । କିନ୍ତୁ ମୁଁ ମନେପକାଇଲିନି, କାରଣ ମୁଁ ଅନୁଭବ କଲି ଯେ ପ୍ରଥମ ଯୌବନର ଅନୁରାଗୀ, ଆବେଗପ୍ରବଣ ତଥା ଉତ୍ତେଜନାମୟ ନିଚୋଳ କେତୋଟି ବର୍ଷ ଯାହାକି ସେତେବେଳର ଏକ ତରୁଣ ସ୍ୱପ୍ନପ୍ରାଣ ପୁତ୍ରପାଇଁ ସତ୍ୟ ଥିଲା, ଏବେ ଏକ ବୃଦ୍ଧ, ଆତ୍ମାଭିମାନୀ ତଥା ଅହଂସର୍ବସ୍ୱ ପିତାପାଇଁ ମିଥ୍ୟା ହୋଇ ଯାଇଛି ।

ମୁଁ କିଛି ନକହି ନୀରବ ରହିଲି ।

ଅନୁରାଗର କ୍ରନ୍ଦନର ସ୍ୱର, ତେବେ ବି ଶୁଣାଯାଉଥିଲା ଟେଲିଫୋନ୍‌ରେ ।

*ଜାନୁଯାରୀ, ୨୦୦୦*

ᑕᑕᑕ

Digitized by srujanika@gmail.com

# ସାହସ

ନିନା ପରି ଭୀରୁ ଝିଅଟିଏ ମୁଁ ଜୀବନରେ ଖୁବ୍ ବେଶୀ ଦେଖିଛି ବୋଲି ମନେ ପଡୁନି । ଥଣ୍ଡା ମିଜାଜ୍‌ର, ନମ୍ର, ସୁସ୍ଥିର ଓ ଆନତନୟନା ଝିଅଟିଏ । କଥା କହୁଥିଲା ଧୀର ସ୍ୱରରେ । ପାଞ୍ଚ ପଦ କଥା କହିଲେ ଜବାବ୍ ଦେଉଥିଲା ପଦଟିଏ । ତା' ବି ଏକରକମ କୁଣ୍ଠାମିଶ୍ରିତ, ସଙ୍କୁଚିତ ଭଙ୍ଗୀରେ ।

ନିନା ସହିତ ମୋର ପରିଚୟ ହୋଇଥିଲା ଅଚାନକ । ତିନିବର୍ଷ ତଳେ - ଉଣିଶଶହ ସତାନବେ ମସିହାରେ ।

ପ୍ରଥମେ ଯେତେବେଳେ କଲମ ଧରିଥିଲି, ଲେଖିଥିଲି ଇଂରାଜୀରେ । ସାରାଜୀବନ କଟିଥିଲା ଓଡ଼ିଶା ବାହାରେ । ମାତୃଭାଷା ସହିତ ସଂପର୍କ ହୋଇ ଆସିଥିଲା କ୍ଷୀଣ । ବର୍ଷ ବର୍ଷ ଧରି ଓଡ଼ିଆ ବହିଟିଏ ଦେଖିବାକୁ ମିଳିନଥିଲା । ମିଳି ବି ନଥିଲା ମନ ଖୋଲି କଥା କହିବା ପାଇଁ ଓଡ଼ିଆ ମଣିଷଟିଏ । ସ୍ୱାଭାବିକ ଭାବରେ, ଭୟ ଲାଗିଥିଲା ଓଡ଼ିଆ ଭାଷାରେ ଲେଖନୀ ଚାଳନା କରିବା ପାଇଁ ।

ଲେଖା ଆରମ୍ଭ କରିଥିଲି ଇଂରାଜୀ ସ୍ମୃତିଲେଖାରୁ । ନିଜ ମାଟିରେ ବି ଥିଲି ସଂପୂର୍ଣ୍ଣ ଅପରିଚିତା । ଡାକଯୋଗେ ଦୁଇଟି ଲେଖା ପଠାଇଥିଲି ସମ୍ବାଦପତ୍ର ଅଫିସ୍‌କୁ । କେଇ ଦିନପରେ ସମ୍ବାଦପତ୍ର ଅଫିସ୍‌ରୁ ଫୋନ୍ ଆସିଥିଲା । ଅନୁରୋଧ କରାଯାଇଥିଲା ସପ୍ତାହକୁ ଦୁଇଟି ଫିଚର୍ ଲେଖିବା ପାଇଁ । ଗାର୍ହସ୍ଥ୍ୟ ଜୀବନର ଜଞ୍ଜାଳ ସମାପନ କରି ଦୁଇଟି ଲେଖା ନିୟମିତ ଭାବରେ ପ୍ରସ୍ତୁତ କରିବା ପାଇଁ ସମୟର ଅଭାବ ଥିଲା । ରାଜି ହୋଇଥିଲି ଗୋଟିଏ ଲେଖା ଲେଖିବା ପାଇଁ - ବୁଧବାର ଦିନ ।

ଏବଂ ତା'ପରେ ପରେ ଇ ଆରମ୍ଭ ହୋଇଗଲା ମୋର ଶିରପୀଡା । ଲେଖା ପାଇଁ ନୁହେଁ । ଲେଖାଟି ଟାଇପ୍ କରିବା ପାଇଁ । ଭୟ ଥିଲା - ହାତ ଲେଖା ପଠାଇଲେ ହୁଏତ ହସ୍ତାକ୍ଷର ପଢି ନ ପାରିବା ହେତୁ ଛପାରେ କିଛି ମାତ୍ରାରେ ଭୁଲ୍ ରହିଯାଇପାରେ । ତେଣୁ ଟାଇପ୍ କରି ଲେଖା ପଠାଇବା ପାଇଁ ଯୋଜନା କରିଥିଲି । କିନ୍ତୁ ଭଲ ଟାଇପିଷ୍ଟଟିଏ ମିଳିବା ଥିଲା ଦୁଷ୍କର । ଦୁଇ ତିନୋଟି ଟାଇପିଷ୍ଟ୍‌ଙ୍କ ପାଖକୁ ଯାଇ ଯେଉଁ ଅନୁଭୂତି ହୋଇଥିଲା, ତାହା ଥିଲା ରୀତିମତ୍ ଭୟପ୍ରଦ । ଅଜସ୍ର ବନାନ୍ ଭୁଲ୍ । ମୋର ପରିଚ୍ଛନ୍ନ ହାତଲେଖାଟି ସଠିକ ଭାବରେ ପଢ଼ିବା ବି ଥିଲା ସେମାନଙ୍କ ପାଇଁ ଦୁରୂହ ।

Digitized by srujanika@gmail.com

ଏବଂ ଠିକ୍ ଏତିକିବେଳେ, ଈଶ୍ୱରଙ୍କର ଅଫୁରନ୍ତ ଆଶୀର୍ବାଦ ସ୍ୱରୂପ, ମୋ' ଜୀବନରେ ଅଚାନକ ଉଦୟ ହୋଇଥିଲା ନିନା, ଏବଂ ଉଦୟ ହୋଇଥିଲା କୁନିନାନୀଙ୍କ ମାଧ୍ୟମରେ ।

ଦିନେ ବାପୁଜୀନଗରର ଗୋଟିଏ ଦୋକାନରୁ କାଗଜ ଟାଇପ କରି ବାହାରୁଛି, ଦୈବାତ୍ ଦେଖା କୁନିନାନୀଙ୍କ ସହିତ । ମୋ' ପିଲାଦିନେ, କୁନିନାନୀ ଥିଲେ ଆମର ପଡ଼ୋଶୀ । ଘର ପାଖରେ ଘର। ଶୈଶବରୁ କୈଶୋରଯାଏ ଏକାସାଥିରେ ଖେଳିବୁଲି ବଡ ହୋଇଥିଲୁ । କୁନିନାନୀ ଥିଲେ ମୋ'ଠାରୁ କିଛିଦ୍ ବୟୋଜ୍ୟେଷ୍ଠା ।

ଦୀର୍ଘଦିନର ବ୍ୟବଧାନରେ ବି, କୁନିନାନୀ ମୋତେ ଚିହ୍ନିଥିଲେ । ଦେଖି ଉଲ୍ଲସିତ ହୋଇଥିଲେ ମଧ୍ୟ । ଗପସପ ଭିତରେ ଜାଣିପାରିଲେ ମୋର ଟାଇପଜନିତ ଦୁର୍ଦ୍ଦଶାର କଥା । ବତାଇଲେ ଯେ ତାଙ୍କର ଜ୍ୟେଷ୍ଠପୁତ୍ର, ଯିଏ କି ଆଠମାସ ବୟସରେ ଏକଦା ମୋ' କୋଳରେ ଚଢ଼ି ମୋ ଛାପାଶାଢ଼ୀକୁ ଓଦା କରିଦେଇଥିଲା, ବର୍ତ୍ତମାନ ଏକ ସଫଳ ବ୍ୟବସାୟୀ । ତାଙ୍କର ଏକ ଏସ୍.ଟି.ଡି. ବୁଥ୍ ଅଛି ଏବଂ ସେଠାରେ ସୁବିଧା ମଧ୍ୟ ଅଛି ଜେରକ୍ସ ଓ ଟାଇପ୍‌ର ।

— ତୁ ଏତେ ହଇରାଣ କାହିଁକି ହେଉଛୁ ? ମୁଁ ଟୁଟୁକୁ କହିଦେବି । ତା'ରି ଦୋକାନକୁ ଯା' । ସେଠି ନିନା ବୋଲି ଗୋଟିଏ ଭଲ ଟାଇପିଷ୍ଟ ଅଛି । ତୋ'କାମ ହୋଇଯିବ, କୁନିନାନୀ ଆଶ୍ୱାସନା ଦେଲେ । ଏଇ ଥିଲା ନିନାପାଖରେ ପହଞ୍ଚିବାର ପ୍ରଚ୍ଛଦପଟର କାହାଣୀ ।

ଏବଂ କୁନିନାନୀଙ୍କ ଠାରୁ ଦୋକାନର ଠିକଣା ନେଇ ଓ କାଳବିଳମ୍ବ ନକରି, ତା'ପର ଦିନ ଯାଇ ସାକ୍ଷାତ କରିଥିଲି ନିନା ସହିତ ।

ନିନା ଥିଲା ନିହାତି ସାଧାରଣ ଚେହେରାର ଗୌରବର୍ଣ୍ଣା, ଖର୍ବକାୟା ଝିଅଟିଏ, ଜହ୍ନମାମୁଁ ପରି ବର୍ତ୍ତୁଳ ମୁହଁ । ଫୁଲ୍‌କା ଗାଲ ଓ ଚାପା ନାକ । ସୁନ୍ଧା କାଟୁଥିଲା ବାଁ ପଟେ । ଡାଳିମ୍ବ ମଞ୍ଜିପରି ସରୁ ସରୁ ଧୋବଫରଫର ଦାନ୍ତ । ଏବଂ ମାଂସଳ ଚିବୁକର ଠିକ୍ ମଝିରେ ଭଉଁରୀଟିଏ । ସେ ଭଉଁରୀଟି ଆଉ ଟିକିଏ ଗଭୀର ଓ ସ୍ପଷ୍ଟ ହୋଇଯାଉଥିଲା ହସିଦେଲାବେଳେ ।

ଆଉ ଚମତ୍କାର ଟାଇପ୍ କରୁଥିଲା ନିନା । ପାଠ ବେଶୀ ପଢ଼ିନଥିଲା । ଥିଲା ପ୍ଲସ୍‌ଟୁ ପାଶ୍, କିନ୍ତୁ ଇଂରାଜୀ ଜ୍ଞାନ ଥିଲା ଉତ୍ତମ । ହାତର ଗତି ମଧ୍ୟ ଥିଲା ପ୍ରଖର । ଭାନିଟିବ୍ୟାଗ୍ ଭିତରେ ସଦାସର୍ବଦା ଦୁଇ ଇଞ୍ଚ ଲମ୍ବ ଓ ଦୁଇଇଞ୍ଚ ଚଉଡାର ମିନି ଡିକ୍‌ସନାରୀଟିଏ । କୌଣସି ବନାନ୍ ସଂପର୍କରେ ସନ୍ଦେହ ହେଲେ ଡିକ୍ସନାରୀଟି କାଢ଼ି ଦେଖି ନେଉଥିଲା - ଚଟ୍‌କି । ଏତେ ସାନ ଇଂରାଜୀ ଅଭିଧାନଟିଏ ପ୍ରଥମ ତା'ରି ପାଖରେ ହିଁ ଦେଖିଥିଲି ।

Digitized by srujanika@gmail.com

ପୃଷ୍ଠା ପରେ ପୃଷ୍ଠା ବେଶ୍ ଅକ୍ଲାନ୍ତଭାବରେ ଟାଇପ୍ କରିପାରୁଥିଲା ନିନା । କଦବା କ୍ୱଚିତ୍ ଭୁଲ୍ ହୋଇଗଲେ କୋରସ୍ ଇରେଜର୍‌ରେ ଅକ୍ଷରାତକ ଲିଭାଇ, ମେସିନ୍‌ରେ ସଯତ୍ନେ କାଗଜଟି ଖଞ୍ଜି, ପୁନର୍ବାର ଟାଇପ୍ କରିଦେଉଥିଲା ଶବ୍ଦଟି । କିଛି ଦିନ ଏକାସାଥିରେ କାମ କଲା ପରେ, ନିନାର ଏକ ଚମତ୍କାର ବୁଝାମଣା ମଧ୍ୟ ହୋଇ ଉଠିଲା ମୋ ସହିତ । ଅନେକ ସମୟରେ ମୁଁ ଘରୁ ଡ୍ରାଫଟ୍ କରିକି ନେଉନଥିଲି । ଡାକୁଥିଲି ଶ୍ରୁତଲିଖନ । ଏବଂ ମୋ ମୁହଁର କଥା ଶୁଣି ଶୁଣି ପଟାପଟ୍ ଟାଇପ୍ କରିଦେଉଥିଲା ନିନା ।

କିନ୍ତୁ ଏତାଦୃଶ ନିପୁଣ ଟାଇପିଷ୍ଟଟିଏ ହୋଇଥିଲେ ସୁଦ୍ଧା, ଦୋକାନରେ ନିନାର ଅବସ୍ଥା ଥିଲା ଏକାନ୍ତ ଭାବରେ ଦୟନୀୟ । ଦୋକାନର ମାଲିକ ଟୁଟୁ ଉର୍ଫ ଚନ୍ଦ୍ରଶେଖର, ଥିଲେ ଅତିମାତ୍ରାରେ ବଦ୍‌ମିଜାଜୀ ଓ ଖୁନ୍ତଖୁନ୍ତ ସ୍ୱଭାବର । କୁନି ନାନୀଙ୍କ ପରି ସରଳା, ବୋକୀ ମଣିଷଟି ଠାରୁ କିଭଳି ଏପରି ପୁତ୍ରଟିଏ ଜାତ ହୋଇଛି ଭାବି ଅନେକ ସମୟରେ ବିସ୍ମିତ ହେଉଥିଲି ।

ଚନ୍ଦ୍ରଶେଖର ସ୍ୱୟଂ ବସୁଥିଲେ ଟେଲିଫୋନ୍‌କୁ ଜଗି । ନିନାର କାମ ଥିଲା ମୁଖ୍ୟତଃ ଟାଇପ୍ କରିବା । ମଝିରେ ମଝିରେ କେହି ଗ୍ରାହକ ଆସିଲେ ଜେରକ୍ସ ମେସିନ୍ ମଧ୍ୟ ଚଲାଉଥିଲା । ଜେରକ୍ସ କଲାବେଳେ କଦବା କେମିତି ଖଣ୍ଡିଏ କାଗଜ ନଷ୍ଟ ହେଲେ ମାଲିକ ବେଶ୍ କ୍ରୋଧାନ୍ୱିତ ହୋଇ ପଇସା କାଟିଦେବାର ଧମକ୍ ଦେଉଥିଲେ । ନିନାର କାମଥିଲା ପ୍ରଥମେ ଦୋକାନକୁ ଆସି ଟେବୁଲ୍ ଚୌକୀ ଝାଡ଼ିବା ଓ ଘରଟି ଓଳାଇ ପରିଷ୍କାର କରିବା । ନିନା ତାହା ସୁଷ୍ଠୁ ଭାବରେ କରୁଥିଲା ମଧ୍ୟ । କିନ୍ତୁ ମାଲିକ ପ୍ରତ୍ୟହ ଦୋକାନରେ ପହଞ୍ଚି ଟେବୁଲ୍ କାଚରେ ବା ମୋଜେଇକ୍ ଚଟାଣରେ ଅଦୃଶ୍ୟ ଧୂଳିକଣାକୁ ଖୋଜିବାରେ ଲାଗି ଯାଉଥିଲେ ଓ କଦବା କେମିତି ତାହା ପାଇଯାଇ ନିନା ଉପରେ ତାହାର ଅପାରଗତା ପାଇଁ ଗାଳି ବର୍ଷଣ କରୁଥିଲେ ।

ଥରଟିଏ ନିନା ଚା' ପିଇବାକୁ ଯାଇ ସାମାନ୍ୟ ବିଳମ୍ୱରେ ପହଞ୍ଚିଥିବା ହେତୁ ମାଲିକ ତା ଉପରେ ଏଭଳି ରୋଷାନ୍ୱିତ ହୋଇଥିଲେ ଯେ ନିନାର ଭୀତଗ୍ରସ୍ତ ମୁହଁଟି ଦେଖି ଦୋଷଟି ମୁଁ ମୋ ଉପରକୁ ଟାଣି ଆଣିଥିଲି ଓ ମୋର ତିନି ଚାରୋଟି ଲେଖା ଟାଇପ୍‌କରି ନିନା ଅନେକାଂଶରେ କ୍ଲାନ୍ତ ହୋଇପଡ଼ିଥିବା ହେତୁ ମୁଁ ତାକୁ ଜୋର୍‌କରି ଚା' ପିଇବାକୁ ପଠାଇଥିଲି ବୋଲି କହିଥିଲି । କିନ୍ତୁ ନିହାତି ନଗଣ୍ୟ କଥାରେ ଖିଟ୍‌ମିଟ୍ କରିବା ଓ ନିନାପ୍ରତି କଟୂକ୍ତି ନିକ୍ଷେପ କରିବା, ମାଲିକଙ୍କର ରୀତିମତ୍ ଅଭ୍ୟାସରେ ପଡ଼ିଯାଇଥିଲା ।

ନିନାକୁ କିନ୍ତୁ କେବେ ବି ମାଲିକଙ୍କ ଅନ୍ୟାୟ ବିରୁଦ୍ଧରେ ତାଙ୍କ ସମ୍ମୁଖରେ ସ୍ୱର ଉତ୍ତୋଳନ କରିବାର ବା ପ୍ରତ୍ୟୁତ୍ତର ଦେବାର ଦେଖିନଥିଲି । ଥିଲା ଅସମ୍ଭବ ଡରକୁଳୀ । ଗାଳିଶୁଣି ନତମସ୍ତକରେ ନୀରବରେ ଛିଡ଼ା ହେଉଥିଲା କେବଳ । ଅନେକ ସମୟରେ ଆଖି

Digitized by srujanika@gmail.com

ତା'ର ଜକେଇ ଆସୁଥିଲା ବିନ୍ଦୁ ବିନ୍ଦୁ ଲୁହରେ । ଆଖିର ସଜକଜଳ ଧୋଇ ବି ହୋଇ ଯାଉଥିଲା ସେ ଲୁହଧାରରେ । କିନ୍ତୁ ତା' ମୁହଁରୁ ଜବାବ୍ ବାହାରୁ ନଥିଲା ପଦଟିଏ ବି । ତା'ର ଭୟାର୍ତ୍ତ ଭଙ୍ଗୀରେ ଅନେକ ସମୟରେ ଅଧୈର୍ଯ୍ୟ ହୋଇ ମୁଁ କହୁଥିଲି - ତୁଛାଟାରେ ତୋ' ଉପରେ ବିଗଡ଼ି ହେଉଛନ୍ତି ଚନ୍ଦ୍ରଶେଖର । ତୁ ମୁହଁଖୋଲି କିଛି କହୁନୁ କାହିଁକି ? ସତକଥାରେ ଡର କଅଣ ? ଜାଣୁତ ? ଅନ୍ୟାୟ କରିବା ଓ ଅନ୍ୟାୟ ସହିବା ଉଭୟ ଅପରାଧ । କିନ୍ତୁ ମୋର ଏଭଳି ଉପଦେଶ ସତ୍ତ୍ୱେ କିଛି ଫରକ୍ ପଡୁନଥିଲା ନିନାର ହାବଭାବରେ ।

ଦିନଟିଏ ମୁଁ ଦୋକାନରେ ପହଞ୍ଚିଲା ବେଳକୁ ଚନ୍ଦ୍ରଶେଖର ବେଶ୍ ତାର ସ୍ୱରରେ, ଏକ ମତ୍ତହସ୍ତୀର ଭଙ୍ଗିମା ନେଇ ନିନା ଉପରେ ଗାଳିବର୍ଷଣ କରୁଥିଲେ । ଏବଂ ନିନା ଏକ ତ୍ରସ୍ତା ବନ୍ୟହରିଣୀ ସଦୃଶ ତାଙ୍କ ସାମ୍ନାରେ ନୀରବରେ ଦଣ୍ଡାୟମାନ ହୋଇ ଅଶ୍ରୁମୋଚନ କରୁଥିଲା । ସେ ମାସରେ ଦୋକାନରେ ଆକାଉଣ୍ଟରେ କୋଡ଼ିଏ ଟଙ୍କା କମ୍ ପଡ଼ିଥିଲା ଏବଂ ତାହା ହିଁ ଥିଲା ଚନ୍ଦ୍ରଶେଖରଙ୍କ କ୍ରୋଧର ମୁଖ୍ୟ କାରଣ । ସନ୍ଦେହ କରିଥିଲେ ନିନାକୁ ଏବଂ ଏକ ନାଗସାପ ସଦୃଶ ଫଣା ଟେକି ଅତ୍ୟନ୍ତ କ୍ରୂରଭାବରେ ବିଷୋଦ୍‌ଗାର କରିଥିଲେ ।

ଚନ୍ଦ୍ରଶେଖର ଚାଲିଗଲାପରେ ନିନା ଅତ୍ୟନ୍ତ ବିକଳ ଭାବରେ ମୋତେ କହିଲା ''ମାଉସୀ, ତିନିବର୍ଷ ହେଲା ଏଠି କାମ କଲିଣି । କେବେ ପଇସାଟିଏ ଏପଟ ସେପଟ ହେଇନି । ହୁଏତ ତାଙ୍କ ହିସାବରେ ଗଲ୍‌ତି ଥାଇପାରେ । ଶେଷକୁ ମତେ ଚୋରଣୀ ଆଖ୍ୟା ବି ଦେଇଦେଲେ'' ।

– ତତେ ଠିକ୍ ହେଇଛି । ତୋ'ର ତ କଥାପଦେ କହିବାର ସାହସ ନାହିଁ । ତୋ'ଭଳି ଝିଅର ଶେଷ ପର୍ଯ୍ୟନ୍ତ ଏଇଆ ଇ ପ୍ରାପ୍ୟ । ନିନା ଉପରେ କିଞ୍ଚିତ୍ ରୁଷ୍ଟ ହୋଇ ମୁଁ ଜବାବ୍ ଦେଇଥିଲି ।

ନିନା କିନ୍ତୁ ଅତିମାତ୍ରାରେ ଶ୍ରଦ୍ଧା କରୁଥିଲା ମତେ । ମାସ ମାସ ଧରି କ୍ରମାଗତ ତା'ସହିତ ମିଶିବାଫଳରେ ମୋ'ର ବି ବେଶ୍ ହୃଦ୍ୟତା ହୋଇଉଠିଥିଲା ତା'ସହିତ । କେଉଁ ସପ୍ତାହରେ ଯିବାପାଇଁ ଦିନଟିଏ ଡେ଼ରି ହେଲେ ନିନା ଫୋନ୍ କରୁଥିଲା- ମାଉସୀ, ଏ ସପ୍ତାହର ଲେଖା କଅଣ ଟାଇପ୍ ହବନିକି ?

– ଯିବି, ଯିବି, ଏଇ ଦିନେ ଦି ଦିନ ଭିତରେ । ଡ୍ରାଫ୍‌ଟ ତିଆରି ହୋଇଯାଇଛି । ଘରେ ଏବେ ବହୁତ କୁଣିଆ । ମୁଁ ହସି ହସି ଜବାବ୍ ଦେଉଥିଲି ।

ନିନାର ଦୋକାନଘର ରୂପୀ ଢ଼ହ ଢ଼ହ ମରୁଭୂମି ଭିତରେ ହୁଏତ ମୁଁ ତା'ପାଇଁ ଏକ ଛାୟାପ୍ରଦ ମରୂଦ୍ୟାନ ଥିଲି । ହୁଏତ ମୁଁ ସେ ଦୋକାନର ଏକମାତ୍ର ଗ୍ରାହକ ଥିଲି, ଯିଏକି ନିନାପ୍ରତି ସମ୍ବେଦନଶୀଳ ମନଟିଏ ପୋଷଣ କରୁଥିଲା । ତା' ସହିତ ହସୁଥିଲା,

Digitized by srujanika@gmail.com

କଥା କହୁଥିଲା ଏବଂ ଭୋକ ଆତୁରିଆ ଝିଅଟିକୁ କଦବା କେମିତି ଜବରଦସ୍ତ ଚା' ସିଙ୍ଗଡ଼ା କିଣି ଖୁଆଉଥିଲା । ମୁଁ ବି ଜାଣିପାରୁଥିଲି, ଧୀରେ ଧୀରେ ସେଇ ନିରୀହ, ଡ଼ରକୁଳୀ ଝିଅଟିର ସ୍ୱଚ୍ଛ, ନରମ ମନପାଖରେ ମୁଁ ବନ୍ଦୀ ହୋଇଯାଉଥିଲି । ମୋ'ର କନ୍ୟାସନ୍ତାନ ନ ଥିବାର ଦୁଃଖକୁ କିଛିକ୍ଷଣ ପାଇଁ ମୁଁ ଭୁଲିଯାଉଥିଲି ନିନାକୁ ଦେଖିଲେ ।

ଟାଇପ୍ କରୁ କରୁ ଟୁକ୍‌ଟାକ୍ ଗପସପ କରୁଥିଲା ନିନା ମୋ ସହିତ । କଥା ପ୍ରସଙ୍ଗରେ ତା'ରିଠାରୁ ଶୁଣିଥିଲି । ପିତା ତା'ର ଜଣେ ସାଧାରଣ ସରକାରୀ କର୍ମଚାରୀ । ତା'ତଳେ ଆହୁରି ଦୁଇଟି ଭଉଣୀ ଓ ଭାଇଟିଏ । ଭାଇଟି ସର୍ବକନିଷ୍ଠ, ସ୍କୁଲ୍‌ରେ ପଢ଼େ । ଘରର ଆର୍ଥିକ ଅବସ୍ଥା ବହୁତ ବେଶୀ ସ୍ୱଚ୍ଛଳ ନୁହେଁ ଏବଂ ବର୍ତ୍ତମାନ୍ ପାଇଁ ନିନାର ବାହାଘର ଲାଗି ତା'ର ପିତାମାତା ବେଶ୍ ଚିନ୍ତିତ ।

– ତୁ'ତ ସୁନା ଝିଅଟେ । ତୋ' ଲକ୍ଷ୍ମୀପାଦ ଯାହାଘରେ ପଡିବ, ତା'ଘର ଝଲସି ଉଠିବ । ତୋ'ପରି ସୁଧାର ଝିଅଟେ ଜଗତରେ ଅଛି ନା ! ମୁଁ ମୁଦୁହସି କହିଥିଲି ଏବଂ ନିନା ଲାଜରେ ତଳକୁ ମୁହଁ ପୋତିଥିଲା ।

ଦିନେ ମୋ ଲେଖା ଟାଇପ୍ କରୁ କରୁ ନିନା କହିଲା - ମାଉସୀ ! ଆପଣତ ଆପଣଙ୍କ ଜୀବନର ଅନେକ ଚରିତ୍ର, ଅନେକ ଘଟଣାକୁ ନେଇ ଗପ ଲେଖି ଦେଉଛନ୍ତି, ମତେ ନେଇ ଗୋଟିଏ ଗପ ଲେଖି ଦିଅନ୍ତୁନା !

– କଅଣ ଲେଖିବି ? ନିନା ଗୋଟିଏ ନିହାତି ଡରକୁଳୀ ଆଉ କାହୁରୀ ଝିଅ ? ଆଉ ସେ ମୋ' ଲେଖା ଟାଇପ୍ କରେ । ଏଇଥିରେ କଅଣ ଗପ ହୁଏ ? କିଏ ପଢ଼ିବ ସେ ଗପକୁ ? ଜାଣୁତ ! ଫଳ ଭିତରେ ମଞ୍ଜିଟିଏ ଥିବା ପରି ପ୍ରତ୍ୟେକ କାହାଣୀର ବି ଗୋଟିଏ ଫୋକାଲ୍ ପଏଣ୍ଟ୍ ବା କେନ୍ଦ୍ରବିନ୍ଦୁ ଥାଏ, ଯାହା ଚାରିପଟେ ଜାଲବୁଣି ତିଆରି କରିବାକୁ ପଡେ ଗପଟିଏ । ସେ ବିନ୍ଦୁଟି ଗୋଟିଏ ଚମତ୍କାର ଘଟଣା ହୋଇପାରେ, ବା ହୋଇପାରେ ଏକ ଚାରିତ୍ରିକ ବୈଶିଷ୍ଟ୍ୟ, ଅଥବା କୌଣସି ମାର୍ମିକ ବକ୍ତବ୍ୟ ।

– ତାହେଲେ ଦେଖୁଛି ମୋର କିଛି ଚାନ୍‌ସ୍ ନାହିଁ । ସାଧାରଣ ଗୁଣଅବଗୁଣ ମିଶା ମୁଁ ଯେ ନିହାତି ନଗଣ୍ୟ ଝିଅଟିଏ,ସେଭଳି ବୈଶିଷ୍ଟ୍ୟ ବି ମୋ'ର କଅଣ ଅଛି ? ଆଉ ତା'ଛଡ଼ା କୌଣସି ଚମତ୍କାର ଘଟଣା ମୋ ଜୀବନରେ ଘଟିବେ ବା କାହିଁକି ? ନିନା ମୁରୁକି ହସି କହିଲା ।

– କେଜାଣି ? ହୁଏତ ଘଟିପାରେ । ପ୍ରତ୍ୟେକ ମଣିଷର ଜୀବନ ଯେ ଏକ ଉପନ୍ୟାସ ! ମୁଁ ଜବାବ୍ ଦେଲି ।

ଇଂରାଜୀ ଫିଚର ଲେଖିଥିଲି ନିୟମିତ ଦେଢ଼ବର୍ଷ ଧରି । ଏବଂ ଦେଢ଼ବର୍ଷ ଧରି ନିୟମିତ ସାକ୍ଷାତ ବି ହେଉଥିଲା ନିନା ସହିତ । ପ୍ରତ୍ୟେକ ଗୁରୁବାର ଦିନ । ମୁଁ ନିନା ପାଖକୁ

Digitized by srujanika@gmail.com

ଯାଉଥିଲି, ପ୍ରାୟତଃ ଖରାବେଳେ । ଦିନ ଗୋଟାକରୁ ତିନିଟା ଦୋକାନର ମାଲିକ ଯାଉଥିଲେ ମଧ୍ୟାହ୍ନ ଭୋଜନ ପାଇଁ । ନିନା ରହୁଥିଲା ଏକା - ଦୋକାନକୁ ଜଗି । ସମୟଟି ଥିଲା ଅପେକ୍ଷାକୃତ ନିରୋଳା । ବହୁତ ବେଶୀ ଲୋକଗହଳି ହେଉନଥିଲା ଦୋକାନରେ ଏବଂ ସେଇଥିପାଇଁ, ଫୁର୍ସତ୍‌ରେ ବସି କାମ କରିବା ପାଇଁ, ସମୟଟି ମୋତେ ବେଶ୍ ସୁହାଉଥିଲା । ଟିଫିନ୍ ବାକ୍ସରେ ଘରୁ ଆଣିଥିବା ରୁଟି- ତରକାରୀ ଖାଇ, ନିନାବି ନିର୍ବିଘ୍ନରେ ବସି ଟାଇପ୍ କରୁଥିଲା ମୋ ଲେଖା ।

ଏବଂ ପ୍ରାୟ ସେତିକିବେଳେ ଇ ଫୋନ୍ ଆସୁଥିଲା ନିନାର, ଠିକ୍ ଦୁଇଟା ପାଖାପାଖି । ଦୁଇଟା ବେଳେ ଫୋନ୍ ବାଜିଲେ, ଟାଇପ୍ କାମ ଅଧାରଖି, ନିନା ଦୌଡ଼ିକି ଯାଇ ଫୋନ୍ ଧରୁଥିଲା । ଫୋନଟି ଥିଲା କାଠ ପାର୍ଟିସନ୍ ଆରପଟେ, ଏବଂ ନିନା କଥା କହୁଥିଲା ଅତ୍ୟନ୍ତ ଧୀରସ୍ୱରରେ । ତେବେ ବି କାନରେ ପଡୁଥିବା ଟୁକୁରା ଟୁକୁରା କଥାରୁ ବୁଝି ପାରୁଥିଲି ଫୋନ୍‌ଟି ଆସୁଥିଲା ତା'ର କୌଣସି ଏକ ଅନ୍ତରଂଗ ବନ୍ଧୁଠାରୁ । ଅନେକ ସମୟରେ ନିନାକୁ ନିରୁଦ୍‌ବେଗ ଭାବରେ କଥା କହିବାର ସୁଯୋଗ ଦେବା ଲାଗି, ପାନ ଖାଇବା ବାହାନାରେ ଦୋକାନ ବାହାରକୁ ମୁଁ ଚାଲି ଆସୁଥିଲି । ପ୍ରାୟ ଦଶମିନିଟ୍ ପରେ ପାନ କିଣି ଦୋକାନ କବାଟ ଠେଲି ପଶିଲା ବେଳକୁ ନିନାକୁ ବେଶ୍ ଅଭିନିବେଶର ସହିତ ମୋ କାଗଜ ଟାଇପ୍ କରିବାର ଦେଖୁଥିଲି । ଦେଖୁଥିଲି ମଧ ତା' ବାଦାମୀ ଆଖିର ତାରାରେ ଚକ୍‌ଚକ୍ ଏକ ଉଲ୍ଲାସ ଉତ୍ତେଜନାର ଛାପ । ସେ ଉତ୍ତେଜନାର ଅର୍ଥ ମୁଁ ବୁଝୁଥିଲି । କିନ୍ତୁ ଯେହେତୁ ନିନା ତା'ର ବନ୍ଧୁ ସଂପର୍କରେ କେବେ ହେଲେ ମୋତେ କିଛି କହୁନଥିଲା, ଆଗଭର ହୋଇ ତାକୁ କିଛି ପଚାରିବାଟା ମୁଁ ସଙ୍ଗତ ମଣୁ ନଥିଲି ।

ନିନା ସହିତ ମୋ'ର ପରିଚୟ ହେବାର ପ୍ରାୟ ବର୍ଷକ ପରେ ।

ସମୟ ମଧ୍ୟାହ୍ନ । ଯଥାରୀତି ଦୋକାନର ମାଲିକ ଅନୁପସ୍ଥିତ । ନିନା ଓ ମୁଁ ଟାଇପ୍ କାର୍ଯ୍ୟରେ ବ୍ୟସ୍ତ । ହଠାତ୍ ଦୋକାନର କାଚକବାଟଟି ଖୋଲି ଭିତରକୁ ପଶି ଆସିଲା ଯୁବକଟିଏ । ଶ୍ୟାମଳବର୍ଣ୍ଣର ସାଧାରଣ ଚେହେରା । ପିନ୍ଧିଥିବା ସାର୍ଟପ୍ୟାଣ୍ଟ୍ ଆଉ-ମଇଳା । ମୁହଁରେ ଉଦ୍‌ବିଗ୍ନତା ଓ ବିଷନ୍ନତାର ଛାୟା । ଦୋକାନରେ ମୋତେ ଦେଖି ସାମାନ୍ୟ ଅପ୍ରସ୍ତୁତ ହେଲା ମଧ ପିଲାଟି । ଏବଂ ତା'ପରେ ଅତ୍ୟନ୍ତ କୁଣ୍ଠିତ ଭଙ୍ଗୀରେ ନିନାକୁ ଅନୁରୋଧ କଲା ଟିକିଏ ବାହାରକୁ ଆସିବା ପାଇଁ । ତା'ର କୁଆଡ଼େ ଭାରି ଜରୁରୀ ଦରକାର ।

ଟାଇପ୍ ବନ୍ଦ କରି ନିନା ଚାହିଁଲା ତାକୁ । ସିଧା ସଳଖ ଭାବରେ ଏବଂ ବେଶ୍ ଖରଦୃଷ୍ଟିରେ । ''ସିଏ ମୋ ମାଉସୀ, ତୁମେ ଫୋନ୍ କଲାବେଳେ ତାଙ୍କ ସାମ୍ନାରେ ଇ ମୁଁ ତୁମ ସହିତ କଥାବାର୍ତ୍ତା କରେ । ଯାହା ତମର କହିବା କଥା ଏଇଠି କହିପାର'' । ନିନାର ଜବାବ୍ ଥିଲା ବେଶ୍ ଠୋକ୍‌ଠୋକ୍, ଆବେଗରହିତ ଏବଂ ମୁଁ ବୁଝିପାରିଲି ଯେ ଏଇ ପିଲାଟି ଇ ନିନାର ବନ୍ଧୁ ।

Digitized by srujanika@gmail.com

ପିଲାଟି କିନ୍ତୁ ନିସ୍ତବ୍ଧ ମୂର୍ତ୍ତିରେ ଏବଂ ନୀରବ ହୋଇ ସାମ୍ନା ଚୌକିରେ ବସି ରହିଲା ଅନେକ ସମୟ ଧରି ଏବଂ ତା'ପରେ ନିନାକୁ ଚାହିଁ ଅନୁଚ୍ଚସ୍ୱରରେ କହିଲା - ତମେ କାଲି ଯାହା କହିଲ, ସେଇ କଅଣ ତମର ଶେଷ କଥା ? ମୋ କଥାଟି ଯଦି ଆଉ ଟିକିଏ ବିଚାର କରି ଦେଖି ପାରନ୍ତ !

ଲକ୍ଷ୍ୟ କଲି, ତା' ମୁହଁ କଥା ନ ସରୁଣୁ, ବିସ୍ମୟକର ଭାବରେ ବିଷଧର ସର୍ପପରି ଫଣା ଉତ୍ତୋଳନ କଲା ନିନା । ଗରଳ ବି ଉଦ୍‌ଗାର କଲା କିଛି ମାତ୍ରାରେ । ''ମୋଟେ ନୁହେଁ । ତୁମକୁ ମୁଁ କାଲି କହିଦେଇଛି । ଏସବୁ ବେକାର ଆଲୋଚନାରେ ଆଉ ଏବେ କିଛି ମୂଲ୍ୟ ନାହିଁ ।''

— କିନ୍ତୁ ମୁଁ ଯେ ଏତେ ଦିନ ଧରି ଭଲ ପାଇ ଆସିଛିତୁମକୁ ! ପିଲାଟି ବେଶ୍ କାନ୍ଦ କାନ୍ଦ ହୋଇ ଅନୁନୟ କରିବା ଭଙ୍ଗୀରେ କହି ଉଠିଲା, ନିନା କଥାକୁ ମଝିରେ ଖଣ୍ଡନ କରି ।

— ତମ ଭଲ ପାଇବାର ବେଶ୍ ପ୍ରମାଣ ଦେଇ ସାରିଛ ମତେ ତମେ ! ଦୁଇ ଦିନ ଆଗରୁ । ବାପା ମୋ ବାହାଘର ଅନ୍ୟଜାଗାରେ ଠିକ୍ କରିବାକୁ ଗଲା ବେଳେ, ଏକରକମ କଳି କରି ଓ ଜିଦ୍ କରି ତୁମକୁ ଡାକିଦ୍ଧି ନେଇଥିଲି ଆମ ଘରକୁ । ଭଗବାନ୍ ଜାଣନ୍ତି କି ଭଳି ପରିସ୍ଥିତିର ସମ୍ମୁଖୀନ ମୁଁ ହୋଇଥିଲି ସେଥିପାଇଁ । ଲଜ୍ୟାହୀନ ଭାବରେ ସମସ୍ତଙ୍କ ଆଗରେ ଘୋଷଣା କରିଥିଲି ତୁମକୁ ବାହାହେବା ପାଇଁ । କିନ୍ତୁ ଘରଲୋକଙ୍କ ସାମ୍ନାରେ ଏଭଳି ଅପମାନ ଯେ ତୁମେ ଶେଷ ପର୍ଯ୍ୟନ୍ତ ମୋତେ ଦବ, ଭାବି ପାରି ନଥିଲି । ବାପାଙ୍କୁ କହିଲ କଅଣ ନା ବାହାଘର ସମ୍ପର୍କରେ ଏପର୍ଯ୍ୟନ୍ତ ନିର୍ଦ୍ଦିଷ୍ଟ ଭାବରେ କିଛି ଠିକ୍ କରିନ । କାପୁରୁଷ କେଉଁଠିକାର ! ନିନା ବେଶ୍ ଉଦ୍ଦୀପିତ ଭାବରେ ଜବାବ୍ ଦେଲା । ଏବଂ ସତ କହିବାକୁ ଗଲେ ନିନା ଯେ ଏପରି ଉଚ୍ଚସ୍ୱରରେ ଏବଂ ଏଭଳି ସାହସର ସହିତ ଏକାସାଥିରେ ଏତେ ଗୁଡ଼ିଏ କଥା କହିପାରେ, ତାହା ଆବିଷ୍କାର କରି ମୁଁ ବିସ୍ମିତ ହେଲି ।

— କିନ୍ତୁ ମୋ'ର ଯେ ରୋଜଗାର ଅନେକ କମ୍ ! ପିଲାଟି ପୁନର୍ବାର ଚେଷ୍ଟା କଲା ନିନାକୁ ବୁଝାଇବା ପାଇଁ ।

— ସେ ସଂପର୍କରେ ବି ବାପାଙ୍କ ପାଖକୁ ଯିବା ଆଗରୁ ତୁମ ସହିତ ସବିଶେଷ ଆଲୋଚନା ହୋଇ ସାରିଥିଲା । ତୁମ ବ୍ୟବସାୟ ଚାଲୁ କି ନଚାଲୁ, ଚାକିରି କରି ତୁମକୁ ସାହାଯ୍ୟ କରିବି ବୋଲି କହିଥିଲି । ତୁମ ପାଇଁ ସବୁ କିଛି କଷ୍ଟ ସହିବାକୁ ରାଜି ଥିଲି ମୁଁ । ସାମ୍ନାରେ ପାହାଡ ଆସିଲେ ବି ଲଙ୍ଘିଯିବା ପାଇଁ ମୁଁ ଥିଲି ତିଆର୍ । ତୁମ ହାତ ଧରି ବାଟ ଚାଲି ଚାଲି ଅନିଶ୍ଚିତ ଭବିଷ୍ୟତକୁ ମୁକାବିଲା କରିବା ପାଇଁ ଯଥେଷ୍ଟ ସାହସ ଥିଲା ମୋ ମନରେ ଏବଂ ମୋର ଆତ୍ମବିଶ୍ୱାସ ଥିଲା - ଆମ ଜୀବନକୁ ସଫଳ ଓ ସୁଗଠିତ ମୁଁ କରିଥାଆନ୍ତି । କିନ୍ତୁ ଚୋରଙ୍କ ପରି ପଛଘୁଞ୍ଚା ଦେଲ ତମେ । ମୁଁ ନୁହେଁ ।

Digitized by srujanika@gmail.com

ପିଲାଟି ଏଥରକ ରୀତିମତ୍ କ୍ରନ୍ଦନୋନ୍ମୁଖ ସ୍ୱରରେ କହିଲା - ଏଇ ତାହେଲେ ତମର ଶେଷ କଥା ? ମୁଁ ତମକୁ କେମିତି ବୁଝେଇବି ଯେ ମୁଁ ତୁମକୁ ବହୁତ ଭଲ ପାଏ - ଏବେ ବି ।

— ହଁ ଏଇ ମୋର ଶେଷ କଥା, ଭୁଲ୍‌ରେ ଆଉ କେବେ ମୋ' ସହିତ ଦେଖା କରିବାକୁ ବା କଥା କହିବାକୁ ଚେଷ୍ଟା କରିବନି । ଆଉ ତମ ଭଲପାଇବା ! ଦୟାକରି ସେ ଶବ୍ଦଟି ମୁହଁରେ ଧରିବନି କେବେ । ସେ ଶବ୍ଦଟିର ଅର୍ଥ ଇ ତୁମକୁ ଜଣାନାହିଁ । ନିନା ବେଶ୍ ଆକ୍ରୋଶର ସହିତ ଜବାବ୍ ଦେଲା ଓ ଯୁବକଟିର ଉପସ୍ଥିତିକୁ ସଂପୂର୍ଣ୍ଣରୂପେ ଅଗ୍ରାହ୍ୟ କରି, ବିନା ଭାବାନ୍ତରରେ ଏବଂ ମନଯୋଗସହକାରେ ମୋ କାଗଜ ଟାଇପ୍ କରି ଲାଗିଲା । ଯୁବକଟି କିଛି ସମୟ ନୀରବରେ ବସି ରହି ଏବଂ ଶେଷ ପର୍ଯ୍ୟନ୍ତ ଅନନ୍ୟୋପାୟ ହୋଇ ନତମସ୍ତକରେ ବାହାରିଗଲା ଦୋକାନରୁ ଏବଂ ନିନାର ପାରଙ୍ଗମ ଆଙ୍ଗୁଳିତକ, ଟାଇପ୍ ମେସିନ୍‌ର କିବୋର୍ଡରେ ବେଶ୍ ଛନ୍ଦମୟ ଭାବରେ ପିଟି ହେବାକୁ ଲାଗିଲେ - ଖଟ୍, ଖଟ୍, ଖଟ୍ ।

ଟାଇପ୍ କାମ ସରିଗଲା ପ୍ରାୟ ଅଧଘଣ୍ଟା ଭିତରେ ।

କାଗଜପତ୍ର ସଜାଡି ଘରକୁ ଆସିବା ଆଗରୁ, ନିନାର ମୁଣ୍ଡ ଆଉଁଷି ଦେଇ କହିଲି - ନିନା ! ତୋ ସଂପର୍କରେ ଏପର୍ଯ୍ୟନ୍ତ ଗୋଟିଏ ଭ୍ରାନ୍ତଧାରଣା ପୋଷି ଆସିଥିଲି ମନରେ । ଭାବିଥିଲି ଭାରି ଡରକୁଳୀ ଝିଅଟେ ତୁ । ମୋ'ର ଧାରଣା ଯେ କେତେ ଭୁଲ୍, ତାହା ଆଜି ଜାଣିଲି, ଏବେ ଏବେ ।

ନିନା କିଛି ନକହି ତା'ର ଚିରାଚରିତ ଭଙ୍ଗୀରେ ତଳକୁ ମୁହଁପୋତି ଛିଡା ହେଲା ।

ମୁଁ ପୁଣି କହିଲି — ତୁ ସେଦିନ ମୋତେ କହୁଥିଲୁ ନା ତୋ'ପାଇଁ ଗପଟିଏ ଲେଖିଦେବା ପାଇଁ । ଆଉ ମୁଁ ମନା କରିଥିଲି । କିନ୍ତୁ ଆଜିର ଘଟଣାଟି ପରେ, ତୋ ଚରିତ୍ରର ଏଭଳି ଏକ ବୈଶିଷ୍ଟ୍ୟ ମୁଁ ଆବିଷ୍କାର କରିଛି ଯାହାକି ପୃଥିବୀର ବହୁତ କମ୍ ମଣିଷଙ୍କ ପାଖରେ ଥାଏ । ମୋ ଗପର କେନ୍ଦ୍ରବିନ୍ଦୁ ପାଇଯାଇଛି ମୁଁ । ଗପ ଲେଖିବାରେ ଆଉ ଅସୁବିଧା ହେବନି ।

ନିନା ଏଥରକ ମୁଣ୍ଡଟେକି ମୋତେ ଚାହିଁଲା । ଧୀର ସ୍ୱରରେ ପଚାରିଲା - ଆପଣଙ୍କ ଗପର କେନ୍ଦ୍ରବିନ୍ଦୁ ହେଲାପରି କ'ଣ ବା ଅଛି ମୋର ?

ଦୋକାନର କାଚକବାଟ ଖୋଲି ବାହାରକୁ ଆସିବାଲାଗି ଉଦ୍ୟତ ହେଉ ହେଉ ମୁଁ ଉଚ୍ଚାରଣ କଲି ମାତ୍ର ଗୋଟିଏ ଶବ୍ଦ - ସାହସ ।

*ଡିସେମ୍ବର, ୨୦୦୦*

ପପପ

Digitized by srujanika@gmail.com

# ପିଆଜି

ଯାଉଥିଲି ଭୁବନେଶ୍ୱରରୁ ବାଲେଶ୍ୱର - ଟ୍ରେନ୍‌ରେ । ଘରୁ ଫୋନ୍ ଆସିଥିଲା । ଗାଧୁଆ ଘରେ ଗୋଡ ଖସି ମା'ଙ୍କର ଅଣ୍ଟାର ହାଡ଼ ଜଖମ୍ । ଏବେ ଶଯ୍ୟାଶାୟୀ । ପରିଣତ ବୟସରେ ତାଙ୍କର ଏଭଳି ଦୁର୍ଘଟଣା ବେଶ୍ ଆତଙ୍କପ୍ରଦ ମନେ ହୋଇଥିଲା । ତରବରରେ ଲୁଗାପଟା ଦି'ଖଣ୍ଡ ବ୍ୟାଗ୍‌ରେ ଭର୍ତ୍ତି କରି ବାହାରି ଆସିଥିଲି ଘରୁ ।

ଗାଡ଼ି ଅଟକିଲା କଟକ ଷ୍ଟେସନ୍‌ରେ । ମୁଁ ବସିଥିବା କମ୍ପାର୍ଟମେଣ୍ଟର କିଛି ଦୂରରେ ଠେଲାଗାଡ଼ିରେ ଛଣା ହେଉଥିଲା ପିଆଜି । ନାଲି ଟୁକ୍ ଟୁକ୍ ମୁସ୍‌ମୁସିଆ ଗରମ୍ ଗରମ୍ ପିଆଜି । କଞ୍ଚାଲଙ୍କା ଓ କଟା ପିଆଜରେ ସରସର । ପବନରେ ଭାସି ଆସୁଥିଲା ତା'ର ତେଲମିଶା ଲୁଣିଆ ବାସ୍ନା ।

ଏମ୍‌ତିରେ ମୁଁ ପ୍ରାୟ ପ୍ଲାଟ୍‌ଫର୍ମରେ ବିକ୍ରି ହେଉଥିବା ଜିନିଷ ଖାଏନି । କିନ୍ତୁ ଘରୁ ବାହାରିଥିଲି ଅଖିଆ । ଟେନ୍‌ର ସମୟ ହୋଇଯାଇଥିଲା ବୋଲି । ଭୋକିଲା ପେଟ ସ୍ୱାଦିଷ୍ଟ ପିଆଜିକୁ ନିମନ୍ତ୍ରଣ କରି ବସିଲା ବାରମ୍ବାର ।

ତଳକୁ ଓହ୍ଲାଇ, ଠୁଙ୍ଗାରେ କିଛି ପିଆଜି କିଣି ଫେରିଲି । ବସିଥିବା ବେଞ୍ଚରେ ଠୁଙ୍ଗାଟି ରଖି, ପୁଣି ଥରେ ଓହ୍ଲାଇଲି ପାନବାଲାକୁ ଖୋଜିବା ପାଇଁ । ଭୋଜନ ପରେ ତାମ୍ବୁଳ ସେବନ ମୋ'ର ଏକ ବିଳାସ ତଥା ବଦଭ୍ୟାସ ।

ପାନବାଲାକୁ ଖୋଜିବାରେ କିଛି ସମୟ ଲାଗିଗଲା । ଭଙ୍ଗା ପାନ ଦୁଇଖଣ୍ଡି କିଣି ଟ୍ରେନ୍‌ରେ ଠିକ୍ ଚଢ଼ିଲା ବେଳକୁ ଟେନ୍ ହ୍ୱିସିଲ୍ ମାରିଲା । ଚଳନ୍ତା ଟ୍ରେନ୍‌ରେ ମୋ ପାଇଁ ଉଦ୍ଦିଷ୍ଟ ସ୍ଥାନଟିକୁ ଫେରିଆସି ଦେଖେ ମୋ ବେଞ୍ଚରେ ଅପର ପାର୍ଶ୍ୱରେ ଆସୀନ ଜଣେ ସହଯାତ୍ରୀ । ମୁଁ ପାନ କିଣିବା ସମୟରେ ଚଢ଼ିଛନ୍ତି ନିଶ୍ଚୟ ।

ବାଇଶ ତେଇଶ ବର୍ଷର ଗୌରବର୍ଣ୍ଣ ଯୁବକଟିଏ । ବିବର୍ଣ୍ଣ ଜିନ୍‌ପ୍ୟାଣ୍ଟ ଓ ନୀଳରଙ୍ଗର ଢ଼ୋଲା ଟି ସାର୍ଟ ପିନ୍ଧା । ବାଁ ହାତରେ ସରୁ ଷ୍ଟେନ୍‌ଲେସ୍ ଷ୍ଟିଲର କଡ଼ା ଓ ଦୁଇ କାନରେ ସାନ ସାନ ସୁନା ଇବଙ୍ଗ ଯୋଡିଏ । କାନ୍ଧ ପର୍ଯ୍ୟନ୍ତ ଲମ୍ବି ଆସିଥିବା ବାବୁରିବାଳ ରବରବ୍ୟାଣ୍ଡ୍ ଦେଇ ବନ୍ଧା । ଚେହେରାରୁ ଜଣା ପଡୁଥିଲା ଅଣଓଡ଼ିଆ । ଯୁବକଟି ନିବିଷ୍ଟ ଚିତ୍ତରେ କୋଳ ଉପରେ ମେଲା ହୋଇଥିବା ଇଂରାଜୀ ପତ୍ରିକାଟିଏ ପଢୁଥିଲା ଏବଂ ଡାହାଣ ହାତରେ ପିଆଜିଟିଏ ଧରି ଖାଉଥିଲା - ଅନ୍ୟମନସ୍କ ଭାବରେ । ପାଖରେ ରଖା ହୋଇଥିଲା ପିଆଜିର ଠୁଙ୍ଗାଟି ।

Digitized by srujanika@gmail.com

ବୁଝିପାରିଲି ଯେ ମୋ ପିଆଜିର ଠୁଙ୍ଗାରୁ ହିଁ ପିଲାଟି ପିଆଜି କାଢ଼ି ଖାଉଛି । ତା'ର ଏତାଦୃଶ ଦୁଃସାହସରେ ମୁଁ କିଛିଟା ଅବାକ୍ ଓ କ୍ଷୁର୍ଣ୍ଣ ହେଲି । ସିଟ୍‌ରେ ବସି ଅପେକ୍ଷା କରି ରହିଲି – ମୋ ଅନୁପସ୍ଥିତିରେ ଏବଂ ମୋ ବିନା ଅନୁମତିରେ ମୋ ପିଆଜି ଠୁଙ୍ଗାରୁ ପିଆଜି ନେଇ ଯାଇଥିବା ହେତୁ ପିଲାଟି କାଳେ କ୍ଷମା ପ୍ରାର୍ଥନା କରିବ ବୋଲି । ପିଲାଟି ଠାରେ କିନ୍ତୁ ତାହା କରିବାର କୌଣସି ଲକ୍ଷଣ ଦେଖାଗଲାନି । ବରଂ ପ୍ରଥମ ପିଆଜିଟି ସରିଯିବା ପରେ ମୋ'ର ବିସ୍ମୟ ଓ ବିରକ୍ତିକୁ ଦ୍ୱିଗୁଣିତ କରି, ପିଲାଟି ସ୍ୱତଃପ୍ରବୃତ୍ତ ଭାବରେ ଠୁଙ୍ଗାରୁ ଆଉ ଗୋଟିଏ ପିଆଜି କାଢ଼ି ଖାଇବାକୁ ଲାଗିଲା ।

ଅନନ୍ୟୋପାୟ ହୋଇ ମୁଁ ପିଆଜି ଠୁଙ୍ଗାଆଡ଼େ ହାତ ବଢ଼ାଇଲି ଓ ଗୋଟିଏ କଡ଼୍‌ମଡ଼ିଆ ପିଆଜି ବାଛି ଖାଇବାକୁ ଆରମ୍ଭ କଲି ଏବଂ ଆଶ୍ଚର୍ଯ୍ୟ କଥା - ମୋ ପିଆଜି ଖାଇବା ଦେଖି, ପିଲାଟି ପତ୍ରିକାରୁ ମୁହଁ ଉଠାଇ ମତେ ଚାହିଁ ସାମାନ୍ୟ ହସିଲା ଓ ଠୁଙ୍ଗାଟି ମୋ ଆଡକୁ ଅଳ୍ପ ଠେଲିଦେଲା । ପିଆଜି ଖାଇବା ପାଇଁ ମୋତେ ନିମନ୍ତ୍ରଣ କରିବା ଭଙ୍ଗୀରେ । ପିଲାଟିର ଏଇ ଅଯାଚିତ ସୌଜନ୍ୟମୂଳକ ବ୍ୟବହାର ମୋ ପାଇଁ ଥିଲା ଅସ୍ୱାଭାବିକ । କାରଣ ସିଏ ମୋ'ରି ପିଆଜିରୁ ହିଁ ମୋତେ ଦେଖାଇଥିଲା ବଦାନ୍ୟତା ।

ଯା ଭିତରେ ପିଲାଟିର ଦ୍ୱିତୀୟ ପିଆଜିଟି ସରିଗଲା ଓ ବେଶ୍ ସ୍ୱଚ୍ଛନ୍ଦ ଭାବରେ ସିଏ ଆଉ ଗୋଟିଏ ପିଆଜି କାଢ଼ିନେଲା ଠୁଙ୍ଗାରୁ । ତା'ର କ୍ରିୟାକଳାପ ନିଶ୍ଚିତ ଭାବରେ ଥିଲା ବେଆଦବ୍ ତଥା ବିରକ୍ତିକର । କିନ୍ତୁ ଚକ୍ଷୁ ଲଜ୍ୟାବଶତଃ, ବିଶେଷତଃ ସାମାନ୍ୟ କେତୋଟି ପିଆଜି ପାଇଁ, ତାକୁ ରୁକ୍ଷ ଭାବରେ କିଛି କହିବା ବି ମୋ ପକ୍ଷରେ ଥିଲା ଅସମ୍ଭବ । ଥରେ ଦୁଇଥର ଅସହିଷ୍ଣୁ ହୋଇ ତା'ଆଡେ ରୋଷକଷାୟିତ ତୀର୍ଯ୍ୟକ ଚାହାଣୀ ନିକ୍ଷେପ କଲି ଅବଶ୍ୟ । କିନ୍ତୁ ପିଲାଟି ମୋର ପ୍ରତିକ୍ରିୟା ସଂପର୍କରେ ଥିଲା ସଂପୂର୍ଣ୍ଣ ରୂପେ ଉଦାସୀନ ତଥା ଅମନଯୋଗୀ । ଧ୍ୟାନ ତା'ର ଥିଲା ପତ୍ରିକାର ପୃଷ୍ଠାରେ ।

ଯାହାହେଉ, ଯା'ପରେ ପିଲାଟି ସହିତ ଏକ ପ୍ରକାର୍ କିଦାକିଦି କରି ମୁଁ ପିଆଜି ଖାଇବାକୁ ଆରମ୍ଭ କଲି । ସିଏ ଗୋଟିଏ ପିଆଜି ଉଠାଉଥିଲା ତ ମୁଁ ବି ଗୋଟିଏ ଉଠାଉଥିଲି । କିଛି ସମୟ ଏଇଭଳି ଖାଇବା ପରେ ପିଆଜିତକ ସରିଗଲା । ଶେଷ ପିଆଜିଟି ପଡ଼ିଲା ସେ ପିଲାଟି ଭାଗରେ । ନେବା ପାଇଁ ହାତ ବଢ଼ାଇଥିଲେ ସୁଦ୍ଧା ଠୁଙ୍ଗାରେ ଗୋଟିଏ ମାତ୍ର ପିଆଜି ଦେଖି ସେ ହାତ ଉଠାଇନେଲା । ପିଆଜିଟି ଛାଡିଗଲା ମୋ ପାଇଁ ।

ମୁଁ ଶେଷ ପିଆଜିଟି ଖାଇସାରିବା ପରେ ପିଲାଟି ଠୁଙ୍ଗାଟି ମୋଡି ଫିଙ୍ଗିଦେଲା ଚଳନ୍ତା ଟ୍ରେନ୍‌ର ଝର୍କାଦେଇ । ପକେଟ୍‌ରୁ ରୁମାଲ୍ କାଢ଼ି, ହାତ ପୋଛି, ପୁନରାୟ ମନୋନିବେଶ କଲା ପତ୍ରିକାର ପୃଷ୍ଠାରେ । ଓହ୍ଲାଇଗଲା ଖୁବ୍‌ଶୀଘ୍ର ମଧ୍ୟ - ପର ଷ୍ଟେସନ୍‌ରେ । ଗଲାବେଳେ, ଚମତ୍କାର ହସ ହସି ହାତ ହଲାଇଗଲା ମୋ ଆଡ଼େ । କହିବା

Digitized by srujanika@gmail.com

ବାହୁଲ୍ୟ ଯେ ମୁଁ ତା' ହସର କିମ୍ବା ତା'ର ବିଦାୟକାଳୀନ ହସ୍ତ ସଞ୍ଚାଳନର ପ୍ରତ୍ୟୁତ୍ତର ଦେଇନଥିଲି । ମୋ ମୁହଁର ଅଭିବ୍ୟକ୍ତି ଥିଲା ଗମ୍ଭୀର ତଥା ନିର୍ଲିପ୍ତ ।

ପିଲାଟି ଓହ୍ଲାଇଯିବା ପରେ ବେଞ୍ଚ ଖାଲି ହୋଇଗଲା । ଉଠିପଡି ଜିନିଷପତ୍ର ଠିକ୍‌ଠାକ୍ କରି ଆରାମରେ ବସିବାକୁ ଯାଉଛି ,ଦେଖିଲି ମୋ ଅଭୁକ୍ତ ପିଆଜିଠୁଙ୍ଗାଟି ରହିଯାଇଛି ମୋ ପାଣିବୋତଲର ଆଡୁଆଳରେ । ତାକୁ ପଛକରି ବସିଥିବାରୁ ମୋ ନଜରରେ ପଡ଼ିନି । ପାନ କିଣିବା ପାଇଁ ଗଲାବେଳକୁ ତରବର ହୋଇ ଅନ୍ୟମନସ୍କ ଭାବରେ ସେଠି ରଖି ଦେଇଛି ନିଶ୍ଚୟ । ପରେ ଆଉ ଖିଆଲ୍ ହୋଇନି । ହୃଦୟଙ୍ଗମ କଲି - ଟ୍ରେନ୍‌ରେ ଉଠି ମୋ ପିଆଜି ବୋଲି ଭାବିଥିବା ପିଆଜିତକ ଥିଲା ସେ ଅପରିଚିତ ଯୁବକଟିର ।

ଅନୁତପ୍ତ ହେଲି । ଅପ୍ରସ୍ତୁତ ମଧ୍ୟ । ପିଲାଟିକୁ କ୍ଷମା ପ୍ରାର୍ଥନା କରିବାର ସୁଯୋଗ ବି ନଥିଲା । ବାରମ୍ବାର ମନରେ ଅନୁରଣିତ ହେଲା - କି ଅପୂର୍ବ ବ୍ୟବହାର ଥିଲା ପିଲାଟିର । କି ଶାଳୀନ ଓ ଭଦ୍ର ! କେତେ ସହଜ ଓ ଉଦାର ଭଙ୍ଗୀରେ ମୋର ଅସଂଲଗ୍ନ ତଥା ଅଯୌକ୍ତିକ ବ୍ୟବହାର ପ୍ରତି ମୋତେ ସଚେତନ ନକରି ତା' ଭାଗର ଅଧା ପିଆଜି ଖୁଆଇ ଦେଇ ଚାଲିଗଲା ମତେ । ଅଥଚ ମିଥ୍ୟା ସନ୍ଦେହରେ ମୋ'ପିଆଜିରେ ଭାଗ ବସାଉଛି ବୋଲି ରୁଷ୍ଟ ହୋଇଥିଲି ତା' ଉପରେ । ତାଚ୍ଛଲ୍ୟଭରା ନଜରରେ ଦେଖିଥିଲି ତାକୁ ।

ଟ୍ରେନ୍‌ରେ ଝର୍କାବାଟେ ଉହୁଙ୍କି ଚାହିଁଲି । ପିଲାଟି କାନ୍ଧରେ ଏୟାରବ୍ୟାଗ୍ ଝୁଲାଇ ବଡ ବଡ ପାହୁଣ୍ଡ ପକାଇ, କ୍ଷିପ୍ରଗତିରେ ଆଗେଇ ଯାଉଥିଲା ଷ୍ଟେସନ୍‌ର ଦ୍ୱାରଦେଶ ଆଡ଼େ - ଅପରିସୀମ ଲଜ୍ଜ୍ୟା ଓ ହୀନମନ୍ୟତାରେ ମୋତେ ମ୍ରିୟମାଣ କରି ।

*ଡିସେମ୍ବର, ୧୯୯୯*

ଠଠଠ

Digitized by srujanika@gmail.com

# ମାସ ଫାଲ୍‌ଗୁନ

ବାପା କଲେଜ ବାହାରୁଥିଲେ । ପିନ୍ଧିଥିଲେ ଲଣ୍ଡନ୍‌ରୁ ସାଥିରେ ଆଣିଥିବା ନୀଳରଂଗର ସୁଟ୍‌ଟିଏ - ସାଥିରେ ନେଳି ଉପରେ ବଙ୍କା ବଙ୍କା ଚଉଡା ଗାର ପଡିଥିବା ଟାଇ । ବୋଉ ଓ ମୁଁ ବସିବା ଜାଗାରୁ ତାଙ୍କର କପୋଳର କିୟଦଂଶ, ଗୋଟିଏ ପାଖ କାନ ଓ ମୁଣ୍ଡର ପଛ ପାଖର ଫାଳେ ହେବ ଦିଶୁଥିଲା । କପାଳ ଉପରେ ଅଝଟିଆ ହୋଇ ପଡିଥିବା ବାଳ କେରାକ ମଧ । ଗୌରବର୍ଣ୍ଣ, ସ୍ୱାସ୍ଥ୍ୟବାନ୍ ଓ ସୁପୁରୁଷ ଚେହେରା । ବୋଉ କହିଲା ''ଦେଖିଲୁ ମା ! ବାପା ଏଇପଟୁ ଠିକ୍ ଦିଲୀପ କୁମାର ପରି ଦିଶୁ ନାହାନ୍ତି ?'' ବାପା ସିନେମା ଦେଖା ପ୍ରତି ବୀତସ୍ପୃହ ଥିଲେ ବୋଲି ବୋଉର କଲେଜ ପଢୁଆ ତରୁଣ ଭାଇଟି କିଛି ଦିନ ତଳେ ଜବରଦସ୍ତ ବୋଉକୁ ସାଥିରେ ନେଇ ଦିଲୀପ କୁମାର ଅଭିନୀତ ''ଆନ୍'' ସିନେମାଟି ଦେଖେଇ ଆଣିଥିଲେ । ହୁଏତ ଅଳ୍ପବୟସ୍କା ବୋଉ ମନରେ ଦିଲୀପ କୁମାରର ସ୍ମୃତି ତାଜା ଥିଲା । ମୁଁ ଥିଲି ନିହାତି ସାନ, ଦିଲୀପକୁମାର କିଏ ଜାଣିନଥିଲି । ମୋତେ କିନ୍ତୁ ବାପା ବହୁତ ସୁନ୍ଦର ଦିଶିଲେ । ଏବେ ବି ଦିଶନ୍ତି । ସୌନ୍ଦର୍ଯ୍ୟ ତ କେବଳ ବାହାରର ରୂପଲାବଣ୍ୟକୁ ବୁଝାଏନି । ସୌନ୍ଦର୍ଯ୍ୟର ଉତ୍ସ ହୃଦୟ ଭିତରେ । ଋଷିପ୍ରତିମ, ନିତୀନିଷ୍ଠ, ନିରହଙ୍କାର, ଶାନ୍ତ ଓ ବିଦ୍ୱାନ୍ ମଣିଷଟିର ମୁହଁର ଦୀପ୍ତି ଯେ ସଭିଙ୍କଠୁ ନିଆରା ହେବ - ଏହାତ ସ୍ୱାଭାବିକ ।

ବୋଉ ନୂଆ ବାହାହୋଇ ଏଇ ଋଷିପ୍ରତିମ, ବିଦ୍ୱାନ୍ ସ୍ୱାମୀଟି ସହିତ ପ୍ରଥମେ ଘରକରଣା ଆରମ୍ଭ କରିଥିବାର କାହାଣୀଟି କିନ୍ତୁ ଭାରି ଚମତ୍କାର । ଆମେ ବାରମ୍ବାର ଉସ୍‌କେଇ ଦେଉ ବୋଉକୁ, ଆଉ ବୋଉ ପ୍ରତିଥର ତା'ର ସ୍ୱଭାବସିଦ୍ଧ କଳ୍ପନାପ୍ରବଣ ମନନେଇ କାହାଣୀଟିରେ ଆଉ ଟିକିଏ ରଂଗ ଚଢ଼ାଇ ଆମ ଆଗରେ ବଖାଣି ବସେ ।

''ବୋଉ ! ତତେ କେମିତି ବାପା କହିଥିଲେ ତାଙ୍କ ପାଖକୁ ସଜବାଜ ହୋଇ ଆସିବା ପାଇଁ'' । ମୋର ଦରବୁଢ଼ା ହାସ୍ୟରସିକ ଭାଇଟି ସାମାନ୍ୟ ଅତିଶୟୋକ୍ତି କରି ତା'ର ପରିଚିତ ମଜାଳିଆ ଢ଼ଙ୍ଗରେ ପଚାରେ ।

''ହେଃ ! ସଜବାଜ ହୋଇ ଆସିବା ପାଇଁ କେଉଁଠି କହିଥିଲେ ମଁ ? କହିଥିଲେ ଗାଧୁଆ ପାଧୁଆ ସାରି ପରିଷ୍କାର ହୋଇ ତାଙ୍କ ପଢ଼ାଘରକୁ ଆସିବା ପାଇଁ'' ।

''ହଁ ମଁ ! ସିଏ ଏକା କଥା'' – ମୋ ଭାଇ ହସି ହସି ଜବାବ୍ ଦିଏ ଓ ମୋର ପକ୍ୱକେଶ ଓ ଲୋଳଚର୍ମର ବୋଉ ବିନା ଉପକ୍ରମଣିକାରେ କାହାଣୀଟିର ପୁନରାବୃତ୍ତିକରେ । ଏବଂ ପ୍ରତ୍ୟେକ କଥା ଶେଷରେ ନିଜର ଟୀପ୍ପଣୀଟି ଯୋଡିଦିଏ - ଏଭଳି ଲୋକ ସାଥିରେ

Digitized by srujanika@gmail.com

ମୁଁ କେମିତି ଏତେ ବର୍ଷ ଚଳିଛି ତମେ ବୁଝ । ହେଲେ ତମମାନଙ୍କୁ କହିକି ଲାଭ କଅଣ ? ତମେ ତ ସବୁ ବାପ ପଟିଆ । ଜଣେ ହେଲେ କେବେ ମୋ ସପୋର୍ଟରେ କଥା କହିଚ ? କେଜାଣି କାହିଁକି ସର୍ବଦା ଏଇ କଥାଟି କହିଲାବେଳେ ବୋଉ ସପକ୍ଷରେ ନ କହି 'ସପୋର୍ଟ' ଶବ୍ଦଟି ବ୍ୟବହାର କରେ ।

ବୋଉ କହୁଥିବା କାହାଣୀଟି ସଂକ୍ଷେପରେ ଏଇଭଳି ।

ବୋଉ ତା ପୁଅାଣିଘର ବେଳେ ବାପଘରୁ ସିଧା ବାପାଙ୍କ ପାଖକୁ ସହର ଆସି ନଥିଲା । ଆସିଥିଲା ଶାଶୁଘର ଗାଁକୁ । ସେ କାଳର ରୀତି ଅନୁଯାୟୀ କିଛି ଦିନ ବୋହୂପଣିଆ କରିବା ଜରୁରୀ ଥିଲା ଶାଶୁଘରେ । ବାପା ଦୁଇଚାରିଦିନ ଛୁଟି ନେଇ ଗାଁକୁ ଯାଇଥିଲେ ଓ ଶୀଘ୍ର କର୍ମସ୍ଥଳକୁ ଫେରି ଆସିଥିଲେ । କିଶୋରୀ ବଧୂଟି ରହିଗଲା ଗାଁରେ - ଶାଶୁଶ୍ୱଶୁରଙ୍କର ପଦସେବା କରିବା ପାଇଁ ।

ଛ'ମାସ ଘରେ ରହିଲା ପରେ ଶାଶୁଶ୍ୱଶୂର ବୋହୂଟିକୁ ଆଣି ପୁଅ ପାଖରେ ଛାଡିଦେବା ଉଚିତ୍ ମଣିଥିଲେ ଓ ତଦନୁରୂପ କାର୍ଯ୍ୟ କରିଥିଲେ ମଧ । ବୋହୂଟିକୁ ଛାଡିବା ଆଳରେ ନିଜେ ମଧ ରହିଗଲେ କିଛି ଦିନ ପୁଅ ପାଖରେ । ଘରେ ଶାଶୁଶ୍ୱଶୁର ଓ ଶାଶୁଘର ଗାଁ'ର ବୟସ୍କ ଚାକର ପୂଜାରୀ ଯୋଡିଏ । ତା' ଭିତରେ ନବବଧୂଟିକୁ ରୀତିମତ୍ ଭୀତି ଓ ସଂକୋଚର ସହିତ ରହିବାକୁ ପଡୁଥିଲା ଓ ଦିନବେଳେ କେବେ ବି ବାପାଙ୍କ ସହିତ କଥାବାର୍ତ୍ତା କରିବାର ପ୍ରଶ୍ନ ନଥିଲା । ବାପା ପ୍ରାୟ ସମୟ ତାଙ୍କର କଟାଉଥିଲେ ତାଙ୍କ ପଢ଼ାଘରେ କିମ୍ବା କଲେଜରେ । ଏବଂ ଆସିବାର ଦୁଇ ତିନିଦିନ ପରେ ବାପା ବୋଉକୁ କହିଥିଲେ ତା'ପରଦିନ ସକାଳେ ସ୍ନାନ ସାରି ପରିଷ୍କାର ପରିଚ୍ଛନ୍ନ ହୋଇ ତାଙ୍କ ପଢ଼ାଘରକୁ ଟିକିଏ ଆସିବା ପାଇଁ ।

ସେ ପର୍ଯ୍ୟନ୍ତ ବୋଉ ବାପାଙ୍କ ପଢ଼ାଘରକୁ ପଶିନଥିଲା । ଏମିତିରେ ପ୍ରାୟତଃ ସେ ବଖରାକୁ କେହି ପଶୁ ନଥିଲେ । ବହିପତ୍ର ଓ ଲେଖାଲେଖି କାଳେ କିଏ ଘାଣ୍ଟି ଦେବ ବୋଲି ବାପାଙ୍କର ମନା ଥିଲା । ପଢ଼ାଘରଟି ଥିଲା ଉପରମହଲାରେ । ନୂଆ ବୋହୂଟିର ସବୁତକ ସମୟ କଟୁଥିଲା ତଳମହଲାରେ - ରୋଷେଇଶାଳରେ କିମ୍ବା ଶାଶୁଙ୍କ ପାଖରେ ।

ବାପାଙ୍କ କଥା ଶୁଣି ବୋଉ ଭାବିଥିଲା ହୁଏତ ସ୍ୱାମୀ କିଛି ଗପସପ କରିବା ପାଇଁ ତାକୁ ଡାକିଛନ୍ତି । ବାପା ଯେ ଅତ୍ୟନ୍ତ ମିତଭାଷୀ, ଦରକାରଠାରୁ ବେଶୀ କଥା କହନ୍ତିନି ଓ ବେକାର ଗପ କରନ୍ତିନି ତାହା ଜାଣିବାର ଅବକାଶ ବୋଉକୁ ମିଳିନଥିଲା । କିଛିଦିନ ସଂସାର କଲାପରେ ଜାଣି ଯାଇଥିଲା ଅବଶ୍ୟ । ଯେମିତି ବାପାଙ୍କୁ ପିଲାଦିନୁ ଦେଖି ଦେଖି ଆମେ ସବୁ ଭାଇଭଉଣୀ ସେକଥା ଏବେ ଜାଣି ଯାଇଛୁ ।

ଯାହାହେଉ, ପାତେଳୀ, ଗୋରୀ ଓ ଲାଜକୁଳୀ ଝିଅଟି ସ୍ୱାମୀ କହିବା ଅନୁସାରେ ପ୍ରାତଃସ୍ନାନ କରି, ବାପଘରୁ ଆଣିଥିବା ଭଲଲୁଗାଟିଏ ପିନ୍ଧି ଓ ପାତାପକା ମୁଲାୟମ୍

Digitized by srujanika@gmail.com

ବାଳରେ ସିନ୍ଦୂରଗାରଟିଏ ଟାଣି ଭୀରୁ ପଦକ୍ଷେପରେ ସ୍ୱାମୀଙ୍କ ପଢ଼ାଘର ଭିତରକୁ ପଶିଥିଲା । ଅଧୟନରତ ଯୁବକ ସ୍ୱାମୀ ବେଶ୍ ସଂଭ୍ରମ ଓ ସମ୍ମାନର ସହିତ ପାଖରେ ପଡିଥିବା ଖଟଟିରେ ବସିବାପାଇଁ ପତ୍ନୀଙ୍କୁ ଅନୁରୋଧ କରିଥିଲେ । ଏବଂ ଅବଗୁଣ୍ଠନବତୀ ଝିଅଟି ବସି ଅପେକ୍ଷା କରି ରହିଲା ସ୍ୱାମୀ କଅଣ ସୁଖଦୁଃଖ ହେବେ ବୋଲି । ସ୍ୱାମୀ କିନ୍ତୁ ବହି ଆଲମାରୀ ଖୋଲି ଦେଖାଇ ଦେଲେ "ହେଇଟି ଦେଖ, ମୋ ବହିପତ୍ର ସବୁ ଏଇଠି ରହେ ଆଉ ଏଇ ଟେବୁଲରେ ମୁଁ ପଢ଼ାପଢ଼ି କରେ । ବହିର ଯତ୍ନ ନେବ ଓ ସଜାଡିକି ରଖିବ, ହେଲେ ଅପରିଷ୍କାର ହାତରେ ବହି ଛୁଇଁବନି । ଗାଧେଇ ସାରିକି ଆସି ବହିପତ୍ର ଝଡାଝଡି କରିବ" ।

ଖୁସିଗପ ବଳରେ ପୁସ୍ତକର ଯତ୍ନ ସମ୍ବନ୍ଧୀୟ ତାଗିଦା ଶୁଣି କିଶୋରୀ ବଧୂଟି ନିଶ୍ଚିତରୂପେ ହତାଶ ହୋଇଥିବ ସେତେବେଳେ ।

"ଆରେ ! ଆରେ ! ତତେ ଏଇଆ କହିଲେ ବାପା ? ତୁ ସେଠୁ କଅଣ କଲୁ ?" ବୋଉର କାହାଣୀକୁ ଅଧାରେ ଅସଂପୂର୍ଣ୍ଣ ରଖି ମୋ ଭାଇ ଚିତାଇକି ବୋଉକୁ ପଚାରେ । "ମୁଁ ଆଉ କଅଣ କରିବି ? ଚୁପ୍‌ଚାପ୍ ବସି ଶୁଣିଲି । ହେଲେ କେଜାଣି କାହିଁକି ମତେ ଭାରି କାନ୍ଦ ମାଡିଲା" । ବୋଉ ଜବାବ ଦିଏ ଓ ଇଆଡୁ ସିଆଡୁ ବିପଦ ଆହୁରି କଅଣ ବାପାଙ୍କ ନାଁରେ କହି ତାଙ୍କ ଉପରେ ରାଗିବାର ବାହାନା କରେ । ହେଲେ ପାରେନି, ହସିଦିଏ । ବହିପାଗଳା ବୈରାଗୀ ସ୍ୱାମୀଟି ପ୍ରତି ହୁଏତ ମନର କେଉଁ କୋଣ ଟିକିଏ ଦ୍ରବୀଭୂତ ହୋଇଯାଏ । ମମତାରୋବୋଉ ହସ ସାଥିରେ ତାଳ ଦେଇ ଆମେ ସବୁ ହୋ ହୋ ହୋଇ ହସୁ । ଘର ଉଅଛାତରେ ଆମ ସେ ହସର ଧ୍ୱନି ଧକ୍‌କା ଖାଇ ଫେରି ଆସେ ।

ଉପରୋକ୍ତ କାହାଣୀଟି ଅନ୍ୟ କାହାକୁ ଉଦ୍‌ଭଟ ଲାଗିଲେ ସୁଦ୍ଧା ମୋତେ ଜମା ବେଖାପ୍ ମନେ ହୁଏନି । ନୂଆ ହୋଇ ଆସିଥିବା ଜୀବନସାଥୀଟିକୁ, ଯିଏ କି ଏ ପର୍ଯ୍ୟନ୍ତ ସ୍ୱାମୀଙ୍କର ରୁଚି ବା ଅଭ୍ୟାସ ବିଷୟରେ କିଛି ଜାଣେନି, ନିଜର ପ୍ରୟୋଜନ ସଂପର୍କରେ ପ୍ରତ୍ୟେକ ସ୍ୱାମୀ ଅବଗତ କରାଇଥାଆନ୍ତି । ଖାଦ୍ୟରସିକ ସ୍ୱାମୀଟି କୁହେ "ମା'ଙ୍କଠୁ ମାଂସ ରନ୍ଧାଟା ଶିଖିନେବ, ମୁଁ ମାଂସଝୋଳ ଖାଇବାକୁ ଭଲପାଏ" । ପୋଷାକ ସୌଖୀନ୍ ସ୍ୱାମୀଟି ସ୍ତ୍ରୀକୁ ବତାଇ ଦିଏ "ଦେଖିବ, ମୋ ଲୁଗା ଯେମିତି ପ୍ରତ୍ୟେକଦିନ ଇସ୍ତ୍ରୀ ହୁଏ" । ସେଇ ରୀତିରେ, ବହିପ୍ରେମିକ ପତି ଜଣକ ଯେ ନବାଗତା ସ୍ତ୍ରୀକୁ ତାଙ୍କ ବହିପତ୍ରର ଯତ୍ନ ନେବାପାଇଁ ଅନୁରୋଧ କରିବେ, ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ।

ବାପା ଯେ ବୋଉକୁ କେବଳ ପରିଷ୍କାର ପରିଚ୍ଛନ୍ନ ହୋଇ ବହି ଛୁଇଁ ବାକୁ କହିଥିଲେ ତାହା ନୁହେଁ, ନିଜେ ବି କରୁଥିଲେ ସେଇଆ । କାରଣ ତାଙ୍କ ପାଇଁ ବହି ଥିଲା ଦେବତା ତୁଲ୍ୟ ଓ ପଢ଼ାଘରଟି ଥିଲା ମନ୍ଦିର ସଦୃଶ । ଶୁଦ୍ଧପୂତ ନହୋଇ ମା' ସରସ୍ୱତୀଙ୍କ ପାଦ ପୂଜା କରିବେ ବା କେମିତି ? ସାଙ୍ଗସାଥି, ସିନେମା ଥିଏଟର, ପାନ ସିଗ୍ରେଟ୍ ସଉକ

Digitized by srujanika@gmail.com

ହୋଟେଲ୍ ଖିଆ, ବଜାର ବୁଲା, ଗପର ଆଡ୍‌ଡା - କିଛି ଜଣା ନଥିଲା ତାଙ୍କୁ । ସବୁଥିରେ ଥିଲେ ଅନାଡି, ଜାଣିଥିଲେ କେବଳ ଗୋଟିଏ କାମ - ବହିପଢ଼ା ।

ପିଲା ଦିନେ ଦେଖିଛି ବାପା ଗାଧୋଇ ସାରି ପଢ଼ାଘରେ ପଶୁଥିଲେ ଓ କଲେଜ ଯିବା ସମୟତକ ବାଦ୍‌ଦେଲେ ବାକିତକ ସମୟ ପଢ଼ାପଢ଼ି କିମ୍ବା ଲେଖାଲେଖି ସେଇ ବଖରାରେ ହିଁ କରୁଥିଲେ । ଥରେ ପଢ଼ାଘରେ ପଶିଲାପରେ ଆଉ ବିଛଣା ଛୁଉଁନଥିଲେ କିମ୍ବା ଆମ୍ଭମାନଙ୍କୁ କୋଳକୁ ଟେକୁନଥିଲେ - ଅପରିଷ୍କାର ହୋଇଯିବେ ବୋଲି । ରାତି ନଅଟାରେ ପଢ଼ାପାଇଁ ଉଦ୍ଦିଷ୍ଟ ଧୋତି ବଦଳି, ଅନ୍ୟ ଧୋତି ପିନ୍ଧି ବିଛଣାକୁ ଆସୁଥିଲେ ଓ ଶିଶୁସନ୍ତାନଟିକୁ ଗୋଡରେ ଶୁଆଇ କିମ୍ବା କାନ୍ଧରେ ପକାଇ, ନନ୍ଦକିଶୋର ବଳଙ୍କର 'ଡାମରାକାଉ' ନାନାବାୟା ଗୀତଟି ଗାଇ ସନ୍ତାନଟିର ପରିଚର୍ଯ୍ୟା କରୁଥିଲେ ରାତି ଭର୍ - ଦିନଯାକ କାମ କରି ଥକା ହୋଇଯାଇଥିବା ବୋଉ ଟିକିଏ ଶୋଇ ପଡିବ ବୋଲି । ଆମେ ସବୁ ଭାଇଭଉଣୀମାନେ ଶିଶୁ ବୟସରେ ବେଶ୍ ଚାଲାଖି ଥିଲୁ । ରାତିଯାକ କାନ୍ଦୁଥିଲୁ ଓ ଦିନବେଳେ ଆମକୁ କୋଳକୁ ନେଇନଥିବା ଦଣ୍ଡର ଜୋରିମାନା ସ୍ୱରୂପ ବାପା ଆମକୁ କାନ୍ଧରେ ପକାଇ ଲମ୍ଫପିଣ୍ଡାରେ ଏପଟ ସେପଟ ପ୍ରାୟ ସାରା ରାତି ଚାଲୁଥିଲେ ।

ବାପାଙ୍କର ଏଇ ନିୟମାନୁବର୍ତ୍ତିତାର ବ୍ୟତିକ୍ରମ ପ୍ରଥମଥର ପାଇଁ ଯିଏ କରିଥିଲା ସିଏ ହେଲା ମୋର ଶିଶୁପୁତ୍ରଟି । ଥରେ ବାପା ଉପରମହଲାର ତାଙ୍କ ପଢ଼ାଘରୁ ବାହାରି ତଳକୁ କୌଣସି କାମରେ ଆସିଥିଲା ବେଳେ ମୋର ଦେଢ଼ବର୍ଷର ପୁଅଟି ତାଙ୍କ ପଛେ ପଛେ ଗୋଡାଇ ତାଙ୍କ ସାମ୍ନାରେ ହାତ ଯୋଡିକ ଉପରକୁ ଟେକି ଠିଆହୋଇ ରହିଲା - ''ମତେ କୋଳକୁ ନିଅ'' ଭଙ୍ଗୀରେ । ଆମେ ସବୁ ଉତ୍କଣ୍ଠାର ସହିତ ଅନାଇଁ ଥାଉ ବାପା କଅଣ କରିବେ ବୋଲି । ବାପା ପ୍ରଥମେ ଟିକିଏ ଦ୍ୱିଧାଗ୍ରସ୍ତ ଥିଲେ, କିନ୍ତୁ ପରେ ପରେ ଆଉ ସମ୍ଭାଳି ନପାରି ମାଟିରେ ଖେଳି ଧୂଳିଧୂସରିତ ହୋଇଥିବା ପୌତ୍ରଟିକୁ ପରମ ସ୍ନେହରେ କୋଳକୁ ଉଠାଇ ନେଇଥିଲେ ଓ ଅଗଣାରେ ବୁଲି ବୁଲି ତା'ସହିତ କଥା କହିବାକୁ ଲାଗିଲେ ।

ମାସ ଥିଲା ଫାଲ୍‌ଗୁନ । ଦେିବାଡ୍ ବାରିପଛରେ ଥିବା ତେନ୍ତୁଳି ଗଛରୁ କୋଇଲିଟିଏ କୁହୁ କୁହୁ ତାନରେ ଗୀତ ଗାଇବାକୁ ଲାଗିଲା । ବାପା ସଦ୍ୟ କଥା କହି ଶିଖୁଥିବା ନାତିଟିକୁ ଶିଖାଇବାକୁ ଲାଗିଲେ ''ବାବୁ ! କୁହ କୋକିଳଃ କୂଜତି'' । ଆଶ୍ଚର୍ଯ୍ୟର କଥା ସାନଛୁଆଟି ତା ଅଜାଙ୍କ ସ୍ୱର ସହିତ ସ୍ୱର ମିଳାଇ ସ୍ପଷ୍ଟ ଭାବରେ କହି ଉଠିଲା ''କୋକିଳଃ କୂଜତି'' । ଦୁଇଜଣଯାକ ସମସ୍ୱରରେ ସଂସ୍କୃତ ବାକ୍ୟଟି ବାରମ୍ବାର ଉଚ୍ଚାରଣ କରିଥିଲେ ଓ ତାହା ସତେ ଅବା ଏକ ମନ୍ତ୍ରର ରୂପ ନେଇ ତା'ର ନିନାଦରେ ସାରା ଘରକୁ ଅନୁରଣିତ କଲା । ଆମେ ସବୁ ମୁଗ୍ଧ ହୋଇ ସେ ଦୃଶ୍ୟ ଉପଭୋଗ କରିବାକୁ ଲାଗିଲୁ ।

ମୁରକି ହସି ବୋଉ କହିଲା ''ଏତେ ଦିନକେ ନିୟମ ଭଙ୍ଗ ହେଲା'' ।

*ଫେବୃୟାରୀ ୧୯୯୮*

ΘΘΘ

Digitized by srujanika@gmail.com

# ସଖୀ

ପାର୍ବତୀ ଥିଲା ଶ୍ରେଣୀରେ ସମସ୍ତଙ୍କ ଭିତରେ ବୟୋଜ୍ୟେଷ୍ଠା । ଅନ୍ତତଃ ବାର ତେର ବର୍ଷ ବୟସର, ଯାହାକି ଥିଲା ମୋ ବୟସର ଦୁଇଗୁଣ । ସାହି ଭିତରେ ସ୍କୁଲ୍ । ଅନେକ ବଡ ବଡ ଝିଅ ପଢୁଥିଲେ ଦ୍ୱିତୀୟ ଶ୍ରେଣୀରେ । ପାର୍ବତୀ କିନ୍ତୁ ବାରି ହୋଇ ପଡୁଥିଲା ସଭିଙ୍କ ଭିତରେ । କାରଣ ସେ ଶାଢ଼ୀ ପିନ୍ଧି ଆସୁଥିଲା ସ୍କୁଲ୍‌କୁ । ସବୁଧଡିର ମୋଟାଳିଆ କୋରା ଶାଢ଼ୀ । ସାଧାରଣ ଚେହେରାର ଶ୍ୟାମଳୀ ଝିଅଟିଏ । ବର୍ଣ୍ଣ ଥିଲା ଶରତ୍ ଋତୁର ନଦୀପାଣି ପରି - କଳା ଓ ଗାଢ଼ନୀଳ ମିଶାମିଶି । ବେକ ଉପରକୁ ଗୋଟିକିଆ ଖଜୁରୀ ବେଣୀ । ସେ ବେଣୀ ଅଗରେ ନାଲିରିବନ୍‌ର ଚାରିପାଖୁଡିଆ ଫୁଲ, ବାଁ ନାକପୁଡାରେ ଚିକ୍‌ମିକ୍ କରୁଥିଲା ମେଥିଦାନା ଆକାରର ସାନ ସୁନାଡିମ୍ବଟିଏ । ସାବଳ ମୁହଁରେ ତେର୍‌ଛା ଖରା ପଡିଲେ ଝଟକୁଥିଲା ସେ ସୁନା ଡିମ୍ବ ।

ସ୍କୁଲ୍‌ରେ ପାର୍ବତୀ ଆଗଭର ହୋଇ ବନ୍ଧୁତ୍ୱ ସ୍ଥାପନ କରିଥିଲା ମୋ ସହିତ । ମୁଁ ତା'ପ୍ରତି ପ୍ରଥମେ ପ୍ରଥମେ ଅନୁଭବ କରୁଥିବା ମୋ'ର ଉଦାସୀନତା ସତ୍ତ୍ୱେ ।

କାରଣଟି କେଇଦିନ ପରେ ବୁଝିଥିଲି ଅବଶ୍ୟ । ଶୈଶବରେ ପୋଲିଓ ଗ୍ରସ୍ତ ହୋଇ ପାର୍ବତୀର ଗୋଟିଏ ଗୋଡ ଥିଲା ଦୁର୍ବଳ । ସାମାନ୍ୟ ଖୁଣ ରହିଯାଇଥିଲା ପାଦରେ । ଖୁବ୍ ନିରେଖି ନଦେଖିଲେ ଖୁଣଟି ଧରା ପଡୁନଥିଲା ଅବଶ୍ୟ । ତେବେବି ଅନ୍ୟପିଲାମାନଙ୍କ ପରି ଜୋର୍‌ରେ ଦୌଡାଦୌଡି କରିପାରୁନଥିଲା ପାର୍ବତୀ । ଖେଳି ପାରୁ ନଥିଲା ବୋହୂଚୋରା ବା କିତ୍‌କିତ୍ । ସ୍କୁଲପିଣ୍ଡାର ଗୋଟିଏ କଡରେ କାଠ ଖୁଣ୍ଟଟିକୁ କୁଣ୍ଢାଇ ନୀରବରେ ଠିଆ ହୋଇ ରହୁଥିଲା ସାରା ଖେଳଛୁଟି । ପିଲାମାନେ ବି ବେଶ୍ ଉପେକ୍ଷାର ନଜର୍‌ରେ ଦେଖୁଥିଲେ ତାକୁ ।

ସ୍କୁଲ୍‌ରେ ନୂଆକରି ନାଁ ଲେଖା ହୋଇଥିବା କୁନିଝିଅଟି ସହିତ ତେଣୁ ସତ୍ୱର ଦୋସ୍ତି ଜମେଇ ନେଇଥିଲା ପାର୍ବତୀ । କଳହପ୍ରିୟ ଚଗଲା ଝିଅମାନଙ୍କ ଭିତରେ ଶୀତଳ ଓ ଉଦାରସ୍ୱଭାବର ପାର୍ବତୀର ସଖ୍ୟ ବି ବେଶ୍ ସୁହାଇ ଗଲା ମୋତେ କିଛି ଦିନ ପରେ । ପାର୍ବତୀ କିନ୍ତୁ କେବେ ହେଲେ ମୋ ସହିତ ସମସ୍ତରରେ ମିଶୁନଥିଲା । ଥିଲା ବୟସରେ ବଡ ଏବଂ ମୋ ସହିତ ତା'ର ଆବାର୍ତ୍ତାର ଆଦାନପ୍ରଦାନ ମଧ ଥିଲା ତଦନୁରୂପ । ଏବଂ କେଜାଣି କାହିଁକି କୌଣସି ଏକ ରହସ୍ୟମୟ କାରଣ ହେତୁ ମତେ ମୋ ନାଁ ଧରି ନଡାକି ସମ୍ବୋଧନ କରୁଥିଲା 'ମଣି' ବୋଲି । ବାରମ୍ବାର ମୋ ନାଁଟି ତାକୁ ସ୍ମରଣ କରାଇ ଦେଉଥିଲି ଅବଶ୍ୟ । କିନ୍ତୁ କିଛି ଫରକ୍ ପଡୁନଥିଲା ସେଥିରେ ।

Digitized by srujanika@gmail.com

ପାର୍ବତୀର ଘର ପଡୁଥିଲା ମୁଁ ସ୍କୁଲ୍‌କୁ ଯିବା ଆସିବା କରୁଥିବା ବାଟରେ । ସାହି ଭିତରେ ଅଙ୍କା ବଙ୍କା, ପିଚ୍ଛିଳ, କର୍ଦ୍ଦମାକ୍ତ ରାସ୍ତା ଦେଇ ସ୍କୁଲ୍ ଯାଉଥିଲି । ପଚାନର୍ଦ୍ଦମା, ଗାଈଗୁହାଳ ଓ ଛୋଟ ଛୋଟ ଡେଙ୍ଗରାଡି ଓ ବରାଗୁଲୁଗୁଲା ଦୋକାନ ପଛକୁ ସନ୍ତସନ୍ତିଆ ଅନ୍ଧକାରାଚ୍ଛନ୍ନ ଚାଳଛପର ଘରସବୁ । ପାର୍ବତୀର ଘରଟି ଥିଲା ସାହି ଶେଷମୁଣ୍ଡକୁ । ଅନେକଥର ତା ମା'କୁ ଗୁହାଳରୁ ଗୋବର ସଫା କରି ଘରକାନ୍ଥରେ ହାତରେ ଥାପୁଡି ଗୋଲ୍ ଗୋଲ୍ ଘଷିପାରିବାର ଦେଖୁଥିଲି । ପାର୍ବତୀର ବାପା - ଶୀର୍ଣ୍ଣ, କୃଷକାୟ ଓ ବିରଳକେଶ ପ୍ରୌଢ଼ ଜଣକ ସକାଳେ ସଂଜେ ଘର ସାମ୍ନା ଉଠାଚୁଲିରେ ଗୁଲୁଗୁଲା ଛାଣୁଥିଲେ । ପାର୍ବତୀର ତିନୋଟି ଓଦାନାକୀ ସାନସାନ ଭଉଣୀ ନାଭିତଳକୁ ଖସି ପଡୁଥିବା ଅପରିଚ୍ଛନ୍ନ ପ୍ୟାଣ୍ଟ୍‌କୁ ଟେକି ଟେକି ବେଶ୍ କଳରୋଳ କରି ସାମ୍ନା ରାସ୍ତାରେ କିମ୍ବା ଦାଣ୍ଡପିଣ୍ଡାରେ ଖେଳରେ ବ୍ୟସ୍ତ ରହୁଥିବା ଦୃଶ୍ୟଟି ପ୍ରାୟତଃ ନଜର୍‌କୁ ଆସୁଥିଲା ।

ପାର୍ବତୀ ପ୍ରତିଦିନ ଦିନ ଦଶଟା ବେଳେ ତା'ଘର ସାମ୍ନାରେ ବହିବସ୍ତାନୀ ଧରି ଅପେକ୍ଷା କରି ରହୁଥିଲା ମୋ ପାଇଁ । ମୋ ସାଥିରେ ସ୍କୁଲ୍ ଯିବ ବୋଲି । ତାକୁ ରାସ୍ତାକଡରେ ଦେଖିଲେ ମୁଁ ମୋର ତ୍ୱରାନ୍ୱିତ ଚାଲିର ଗତି ଧିମେଇ ଦେଉଥିଲି । କାରଣ ପାର୍ବତୀ ଶୀଘ୍ର ଚାଲି ପାରୁନଥିଲା ଓ ମୋ ପାହୁଣ୍ଡ ସହିତ ତାଳଦେଇ ଚାଲିବା ତା'ପାଇଁ ଥିଲା କଷ୍ଟକର । ଅନେକଥର ତାକୁ ପଛରେ ପକାଇ ଆଗତୁରା ଚାଲିଯିବି ବୋଲି ଭାବିଲେ ବି ତାହା କହିପାରୁ ନଥିଲି । ପାର୍ବତୀର ଅପେକ୍ଷାକୃତ ସରୁ ବାମପାଦଟିକୁ ଦେଖିଲେ କେଜାଣି କାହିଁକି ମନ ବିଗଳିତ ହୋଇଯାଉଥିଲା କରୁଣାରେ । ଛାତି ଭିତରେ କେଉଁଠି ଯେମିତି ରିନ୍‌ରିନ୍ କରି ବାଜି ଉଠୁଥିଲା ବ୍ୟଥାର କ୍ଷୀଣ ସ୍ୱରଟିଏ ।

ପାର୍ବତୀ ପାଠପଢ଼ାରେ ଥିଲା ବିଲ୍‌କୁଲ୍ ପଛୁଆ । ଶ୍ରେଣୀରେ ମୁଁ ବସୁଥିଲି ଆଗ ଧାଡ଼ିରେ ଏବଂ ପାର୍ବତୀ ବସୁଥିଲା ସବାଶେଷ ଧାଡିରେ । ଶ୍ରେଣୀରେ ଏକାସାଥିରେ ବସୁନଥିଲେ ସୁଦ୍ଧା ଖେଳଛୁଟି ହେବା ମାତ୍ରକେ ପାର୍ବତୀ ତରବର ହୋଇ ଚାଲି ଆସୁଥିଲା ମୋ ପାଖକୁ । କେବେ କେମିତି ଘରୁ ଲୁଚାଇ ମୋ'ପାଇଁ ଆଣିଦେଉଥିଲା ଚଉଖୁଣ୍ଟିଆ ଆମ୍ବସଢ଼ାର ଟୁକୁଡା, କେବେ ଅବା ଲୁଣପାଣିରେ ଜରା ହୋଇଥିବା ବରକୋଳି କେତୋଟି, ନହେଲେ ମଧୁରସ୍ୱାଦର ନାଲିଟୁକ୍ ଟୁକ୍ ଗୁଲୁଗୁଲା ଯୋଡିଏ ।

ଲୁଗାକାନିରୁ ପୁଡିଆଟି କାଢ଼ି, ସ୍ନେହମୟ ସ୍ୱରରେ ପଚାରୁଥିଲା ମଣି ! ଆଚାର ଖାଇବୁ ? ''ମୋ ନାଁ ମଣି ନୁହେଁ । ମୋ ନାଁ କାନନ,'' ମନେ କରାଇ ଦେଉଥିଲି ତାକୁ।

ପାର୍ବତୀ କିନ୍ତୁ ମୋ କଥାପ୍ରତି ଧାନ ଦେଉ ନଥିଲା ଜମା । ମୁରୁହସି କହୁଥିଲା, ''ନେ'ନା ! ଖା', ତୋ' ପାଇଁ ଆଣିଛି'' ।

Digitized by srujanika@gmail.com

ବନ୍ଧୁତ୍ୱ ପାକଳ ହୋଇଯିବାର କେଇମାସପରେ, ଦିନେ ସ୍କୁଲ୍ ଆରମ୍ଭରେ ହେଉଥିବା ପ୍ରାର୍ଥନା ସମୟରେ ପାର୍ବତୀ ଫିସ୍ ଫିସ୍ କରି ମୋ କାନରେ କହିଲା, ମଣି । ତତେ ଆଜି ଗୋଟେ କଥା କହିବି, ଖେଳଛୁଟି ବେଳେ ।

ଶ୍ରେଣୀରେ ବସି ସାରା ପିରିୟଡ୍ ଭାବୁଥିଲି ପାର୍ବତୀ ଇଙ୍ଗିତ ଦେଇଥିବା ସବିଶେଷ କଥାଟି ସଂପର୍କରେ । କଅଣ କହିବ ମତେ ପାର୍ବତୀ ? କଅଣ ବା ହୋଇପାରେ କଥାଟି ? କିନ୍ତୁ ଯେତେ ଭାବିଲେ ସୁଦ୍ଧା ସେ ଗୋପନ କଥାଟିର କିଛି କୂଳକିନାରା ପାଇପାରି ନଥିଲି ଶେଷପର୍ଯ୍ୟନ୍ତ ।

ଖେଳଛୁଟି ଘଣ୍ଟା ବାଜିବା ମାତ୍ରକେ ଦୌଡିକି ଯାଇଥିଲି ପାର୍ବତୀ ପାଖକୁ । ପାର୍ବତୀ ମୃଦୁହସି କହିଲା ''ଏଠି ନୁହେଁ, ପିଲେ ଶୁଣିବେ, ବାହାରେ''। ଏବଂ ମୋ ହାତ ଧରି ମୋତେ ଟାଣି ଟାଣି ନେଇ ଯାଇଥିଲା ସ୍କୁଲ୍ ପଛପଟେ କନଶିରି ବଣକୁ ।

– ଜାଣିଛୁ ? କାଲି ମତେ ଦେଖିବାକୁ ଆସିଥିଲେ ।

– ମାନେ ? ପାର୍ବତୀର ବକ୍ତବ୍ୟଟି ମୋ'ପାଇଁ ଥିଲା ନିତାନ୍ତ ପ୍ରହେଳିକାମୟ ।

ପାର୍ବତୀ ମୋ ଗାଲ ଚିପି ଦେଇ କହିଲା - କାଲି ଗୋଟେ ପିଲା ବାହାହବା ପାଇଁ ମତେ ଦେଖିବାକୁ ଆସିଥିଲା । ସାଥିରେ ତା ବାପାମାଆ ମଧ୍ୟ ।

ବାହାଘର ସଂପର୍କରେ ମୋର ଧାରଣା ଥିଲା ଶୂନ୍ୟ । କଲୋନୀରେ ବ୍ୟାଣ୍ଡପାର୍ଟି ବଜାଇ ବର ଆସିଲେ ଦୌଡିକି ଯାଉଥିଲି ଫାଟକ ପାଖକୁ । ଦେଖିବାକୁ ମଜା ଲାଗୁଥିଲା । ରାତିରେ ବୋଉ ସହିତ ଯାଇ ଭୋଜି ଖାଇ ଆସୁଥିଲି । ବାସ୍ ।

ମତେ ନୀରବ ଦେଖି ପାର୍ବତୀ କହିଲା - ଜାଣିଛୁ ? ପିଲାଟା କିନ୍ତୁ ଏକ୍‌ଦମ୍ କଳା । ଧୋତି, ପଞ୍ଜାବୀ ପିନ୍ଧିଥିଲା । ମୁଣ୍ଡରେ ଟେରି, ଆଉ କଣେଇ କଣେଇ ଚାହୁଁଥିଲା ମୋତେ । ତା'ସାମ୍‌ନାରେ ମୁଁ ପାନଥାଳିଆ ରଖିଲା ବେଳକୁ ।

ପାର୍ବତୀ ପ୍ରତି ତା' ଭାବୀବର ଢ଼ାଳିଥିବା ଅପାଙ୍ଗରେ ମୁଁ କିନ୍ତୁ କୌଣସି ରସର ଖୋରାକ୍ ପାଇ ପାରି ନଥିଲି । ଏବଂ ପାର୍ବତୀ ହାତରୁ ନିଜ ହାତକୁ ମୁକ୍ତ କରି ଖେଳିବା ପାଇଁ ଦୌଡି ପଳାଇ ଆସିଲି ବାହାରକୁ । ପାର୍ବତୀ ପଛରୁ ଡାକୁଥିଲା ମଣି, ଶୁଣ୍, ଶୁଣ୍, ଆହୁରି କଥା ଅଛି ।

ଯା ପରେ ପରେ ମୁଁ ହାତଫୁଟିରେ ଆକ୍ରାନ୍ତ ହୋଇ ପଡିବା ଯୋଗୁ ଅନେକ ଦିନ ଧରି ସ୍କୁଲ୍ ଯାଇପାରି ନଥିଲି । ଏବଂ ଲମ୍ୱାଛୁଟି ପରେ ପୁନର୍ବାର ଯେତେବେଳେ ସ୍କୁଲ୍‌ଗଲି, ସେତେବେଳକୁ ପାର୍ବତୀ ସ୍କୁଲ୍ ଆସିବା ବନ୍ଦ୍ କରି ଦେଇଥିଲା । ପ୍ରତ୍ୟେକଦିନ ସ୍କୁଲ୍ ଆସିବା ବାଟରେ ପାର୍ବତୀ ଘରକୁ ଚାହିଁ ଚାହିଁ ଆସୁଥିଲି,କିନ୍ତୁ ତା'ର ଦେଖା ନଥିଲା । ତା'ର କନିଷ୍ଠା

Digitized by srujanika@gmail.com

ଭଗିନୀ ତିନୋଟି କଳରୋଳ କରି ଅନେକସମୟରେ ଦାଣ୍ଡପିଣ୍ଡାରେ ଖେଳୁଥିଲେ । ପରା ନଥିଲା କେବଳ ପାର୍ବତୀର । ଏବଂ ମୋ ପାଇଁ, ଖେଳଛୁଟି ଟକ ଧୀରେ ଧୀରେ ହେବାକୁ ଲାଗିଲେ ଦୀର୍ଘତର ।

କେଇଦିନ ପରେ - ଶନିବାରର ସକାଳୁଆ ସ୍କୁଲ୍‌ସାରି ଫେରିବା ବାଟରେ ଅଚାନକ ଭେଟ ହେଲା ପାର୍ବତୀ ସହିତ । କେନାଲରେ ସ୍ନାନସାରି ଘରକୁ ଫେରୁଥିଲା ପାର୍ବତୀ। କାନ୍ଧରେ ଚୁପୁଡା ଓଦାଲୁଗା ଓ ଗାମୁଛା । ଦେହରେ ଶୁଖିଲା ଆତମଇଳା ଶାଢ଼ୀ ।ସାହିପାଖ କେନାଲ୍ କୂଳେ - ଯେଉଁଠିକି ବୟୋବୃଦ୍ଧ ବରଗଛଟି ଚା'ର ଅଜଗରୋପମ, କୁଣ୍ଡଳୀକୃତ ଚେରମାନେ କେନାଲ୍ ଭିତରକୁ ପ୍ରସାରିଛି - ଥିଲା ପଥରବନ୍ଧା ଘାଟଟିଏ । ସାହି ଲୋକମାନଙ୍କ ପାଇଁ । ବୁଝିଲି, ସେଇଠୁ ଫେରୁଛି ସଦ୍ୟସ୍ନାତା ପାର୍ବତୀ ।

ହଠାତ୍ କେମିତି ବଡ ବଡ ଲାଗିଲା ପାର୍ବତୀକୁ । ବୋଧହୁଏ ଶାଢ଼ୀଟି କୁଞ୍ଚକରି ନପିନ୍ଧି ବୋଉ ଯେମିତି ଘରେ ପିନ୍ଧେ ସେଇଭଳି ପିନ୍ଧିଥିଲା ବୋଲି । କିମ୍ବା ହୁଏତ ବେଣୀ ବଦଳରେ ରୁପାକଣ୍ଟା ଗୁଞ୍ଜି ଖୋଷାଟିଏ କରିଥିଲା ବୋଲି । ଯାହାହେଉ ପାର୍ବତୀ କେମିତି ଅଲଗା ଦିଶିଲା ମୋ ଆଖିକୁ । ମୁହଁରେ ଟୋପି ଟୋପି ଜଳବିନ୍ଦୁ, ଲୁଇତା ଓ ଆଖିର ପଲ୍ଲବ ଓଦା, ମୁଣ୍ଡର ଭିଜା ବାଳ କେରାଏ ଲେପିଟିଥଇ ଗାଲରେ । ଭାରି ତାଜା, ଭାରି ପ୍ରସନ୍ନ ଦିଶୁଥିଲା ପାର୍ବତୀର ମୁହଁ । ଠିକ୍ ଗୋଟିଏ ନାଲକଇଁର କଢ଼ପରି ।

ମତେ ଦେଖି ଉତ୍‌ଫୁଲ୍ଲ ହସହସି ରାସ୍ତା ମଝିରେ ଅଟକିଲା ପାର୍ବତୀ ।

— ତୁ କୁଆଡ଼େ ଯାଇଥିଲୁ ଯେ ! ମୁଁ ସବୁଦିନ ତତେ ଖୋଜି ତମଘର ଆଡେ ଚାହିଁ ଚାହିଁ ଯାଏ, ମୁଁ କହିଲି

— ଯାଇଥିଲି ମାମୁଁ ଘରକୁ । ମାମୁଁ ଆସିନେଇ ଯାଇଥିଲେ । ମୋ ବାହାଘର ଠିକ୍ ହୋଇଗଲାତ ! ପାର୍ବତୀ କହିଲା ।

— ତୁ ଆଉ ପଢ଼ିବୁନି ? ମୁଁ ପଚାରିଲି ।

— ନାଇଁ ମଣି, ଆରମାସରେ ମୋ ବାହାଘର, ତତେ ସେଇ ଯେଉଁ ପିଲାକଥା କହୁଥିଲି, ସେଇଠି । ଆମେ ସବୁ କାଲି ଗାଁକୁ ଚାଲିଯାଉଛୁ, ବାହାଘର ପରେ ବାପା ମା' ଫେରି ଆସିବେ ଏଠିକି ।

ମୁଁ କିନ୍ତୁ ପାର୍ବତୀର ବିଭାଘର ସଂପର୍କରେ ଥିଲି ସଂପୂର୍ଣ୍ଣ ରୂପେ ବୀତରାଗ । ତା' ହାତଧରି ଭିଡି କହିଲି - ତୁ କିନ୍ତୁ ଚମ୍ପା ଆମ ଘରକୁ ଆସିନୁ, ଆ'ନା ! ନାଳକୂଳେ କୂଳେ ଗଲେ ସେଇ ଯେଉଁ ହଳଦିଆ ଦି'ମହଲା କୋଠାଟା ! ସାମ୍‌ନାରେ ଚମ୍ପାଗଛ ଅଛି ! ସେଇତ ଆମ ଘର ।

Digitized by srujanika@gmail.com

— ନାଇଁ ମଣି ଆଜି ନୁହେଁ, ଏଇଲେ ଗଲେ ଘରେ ଭାତରାନ୍ଧିବି । ମୋ ଗାଲ ଚିପି ଦେଇ ପାର୍ବତୀ କହିଲା ।

— ମୋ ନାଁ ମଣି ନୁହେଁ, କାନନ । ମୁଁ ମନେ ପକାଇ ଦେଲି ପାର୍ବତୀକୁ ।

ପୂର୍ବଥର ମାନଙ୍କ ପରି ଏଥରକ ବି ଏ କଥାରେ କୌଣସି ଗୁରୁତ୍ୱ ଦେଲାନି ପାର୍ବତୀ । କହିଲା - ଜାଣିଛୁ ? ମୋ ଶାଶୁଘର ନିପଟ ମଫସଲରେ । ମା' କହୁଛି ଭଲକି ଘରକାମ ରନ୍ଧାବଢ଼ା ଶିଖିବାକୁ । ନହେଲେ ଶାଶୁ କୁଆଡେ ଗାଳିମନ୍ଦ କରିବ । ଗରୀବ ଘର, ହେଲେ ପିଲାଟା କୁଆଡେ ଭଲ । ଗାଁରେ ଦୋକାନ ଦେଇଛି । ଆଉ ମୋ' ଗୋଡ ଏମିତିଆତ ! ଶାଶୁ କହିଛି ଭରିଏ ଓଜନର ପେଣ୍ଡିଫୁଲ ଦେବ ଝିଅକୁ,ଆଉ ଜ୍ୱାଇଁକି ସୁନାମୁଦି ଆଉ ସାଇକଲ୍ ।

ପାର୍ବତୀ ଦ୍ୱାରା ବାରମ୍ବାର କୁହାଯାଉଥିବା ଏଇ ବାହାଘର ଉପାଖ୍ୟାନରେ ମୁଁ କିଞ୍ଚିତ୍ ବିରକ୍ତିବୋଧ କଲି । ପ୍ରସଙ୍ଗଟିର ଅବତାରଣା ବନ୍ଦ କରିବାକୁ ଯାଇ ପୁନର୍ବାର ତାକୁ କହିଲି ''ଆ' ନା ! ଏଇଠି ପାଖରେ ତ ଆମ ଘର, ଆ' ନା ଖେଳିବା ଆମ ଘରେ । ଲୁଡୁପଟା ଅଛି ମୋର ।

ମୋ' ପ୍ରଶ୍ନର ଜବାବ୍ ନଦେଇ ଏଥରକ ପାର୍ବତୀ ଲାଜ ଲାଜ କରି କହିଲା - ମଣି, ମୋ ବର ନାଁ କଅଣ ଜାଣିଛୁ ? ଭରତ, ରାମଚନ୍ଦ୍ରଙ୍କ ସାନଭାଇ ଯେଉଁ ଭରତ ଥିଲେ, ସେଇ । ମା' କହିଛି ବର ନାଆଁ ନଧରିବା ପାଇଁ । ମୁଁ କିନ୍ତୁ ତତେ କହିଦେଲି । କଥାଟି କହିସାରି ପାର୍ବତୀ ଖିଲ୍‌ଖିଲ୍ ହୋଇ ହସିବାକୁ ଆରମ୍ଭ କଲା ।

ମୁଁ ବୁଝି ପାରିଲି - ପାର୍ବତୀର ଆଉ ଅନ୍ୟ କୌଣସି କଥା ନାହିଁ । ଯେତେ ଅଧିକ ସମୟ ରହିବ, ସିଏ କେବଳ ତା' ବର ଓ ତା' ବାହାଘର କଥା ହିଁ କହିବ ଏବଂ ସେ ଆଲୋଚନା ପ୍ରତି ମୁଁ ଥିଲି ସଂପୂର୍ଣ୍ଣରୂପେ ନିରାଗ୍ରହୀ । ଭୋକ ବି ଲାଗୁଥିଲା, ''ତୁ ଥା', ମୁଁ ଯାଉଛି'' କହି ମୁଁ ତେଇଁ ତେଇଁ ଘର ଆଡକୁ ମୁହାଁଇଲି । ପଛରୁ ପାର୍ବତୀ ଡାକି କହିଲା ମଣି । ମତେ ଭୁଲିଯିବୁନି । ତୋ କଥା କିନ୍ତୁ ସବୁବେଳେ ମୋର ମନେପଡିବ । ଘୂରି ଚାହିଁଲି – ରାସ୍ତା ମଝିରେ ମୋ ଆଡକୁ ଅନାଇଁ ପାର୍ବତୀ ତେବେ ବି ଠିଆ ହୋଇ ରହିଥିଲା ।

ସେଦିନ ଘରକୁ ଆସି ଜଳଖିଆ ଖାଇସାରି ବୋଉକୁ ପଚାରିଲି ''ବୋଉ, ମଣି ମାନେ କଅଣ ?'' ଅଚାନକ ଏବଂ ଅପ୍ରାସଙ୍ଗିକ ଭାବରେ ଏଭଳି ପ୍ରଶ୍ନଟିଏ ପଚାରିଥିବା ହେତୁ ବୋଉ ଅବାକ୍ ହୋଇ ମୋତେ ଚାହିଁଲା । ଏବଂ ଏ ପ୍ରଶ୍ନର ପଛପଟରେ ଥିବା ପାର୍ବତୀର କାହାଣୀଟି ପ୍ରାଞ୍ଜଳଭାବରେ ବୋଉକୁ ବୁଝାଇବା ପାଇଁ ମୁଁ କିଞ୍ଚିତ୍ ପ୍ରୟାସ କରିଥିଲି ।

Digitized by srujanika@gmail.com

– ମୋ ସାଥିରେ ଗୋଟିଏ ସାଇଝିଅ ପଢ଼େତ ! ପାର୍ବତୀ । ଆର ମାସରେ ତା' ବାହାଘର । ସିଏ ସବୁବେଳେ ମୋ ଗାଲ ଚିପିଦିଏ ଆଉ ମୋତେ କାନନ ବୋଲି ନଡାକି ମଣି ବୋଲି ଡାକେ ।

ବୋଉ ହସିଲା । କହିଲା ମଣିମାନେ ରତ୍ନ । କିନ୍ତୁ ସାନଝିଅମାନଙ୍କୁ ଅନେକ ଲୋକ ଆଦର କରି ମଣି ବୋଲି ବି ଡାକନ୍ତି ।

– ଆଦର କରି ?

– ତୁ କହିଲୁ ନା ! ଆରମାସରେ ସେ ଝିଅଟିର ବାହାଘର । ତୋ'ଠୁ ବୟସରେ ଅନେକ ବଡ ତାହେଲେ । ସାହି ଝିଅତ ! ବାପା ମା' ଶୀଘ୍ର ବାହା କରାଇ ଦେଉଛନ୍ତି । ତତେ ବୋଧେ ଭାରି ଭଲପାଏ ଝିଅଟି ।

– ପାର୍ବତୀ ଭଲପାଏ ? ମୋତେ ?

ବୋଉର ମନ୍ତବ୍ୟଟି ଥିଲା ମୋ ପାଇଁ ଏକାନ୍ତଭାବରେ ଅଭିନବ ତଥା ବିସ୍ମୟସୂଚକ । ଏବଂ ପ୍ରାଥମିକ ବିସ୍ମୟର ଘୋର କଟିଯିବାପରେ, ମୋ ମନ ଭିତରେ ଯେଉଁ ଅନୁଭୂତିଟିର ଉଦ୍ରେକ ହୋଇଥିଲା, ତାହା ହେଉଛି ଅନୁତାପର । ଭାବି ସଙ୍କୋଚ ଲାଗିଲା ଯେ ପାର୍ବତୀର ଭଲପାଇବାର ପ୍ରତିଦାନରେ ମୁଁ ତାକୁ କିଛି ବି ଦେଇ ପାରିଲିନି । ଏପରିକି ତା ବାହାଘର କଥା ଶୁଣିବା ପାଇଁ କେତୋଟି ମିନିଟ୍ ଖର୍ଚ୍ଚ କରିବା ଲାଗି ମଧ ମୁଁ ଥିଲି ନାରାଜ ଓ ଅନିଚ୍ଛୁକ ।

ଆହା ! ଆଗରୁ ଯଦି କୌଣସି ମତେ ଜାଣି ପାରିଥାଆନ୍ତି ପାର୍ବତୀର ସ୍ନେହଶୀଳ ହୃଦୟଟିର କଥା ! ବିଚାରା ପାର୍ବତୀ ! ସାରା ଶ୍ରେଣୀରେ, ମୁଁ ଇ ତ ଥିଲି ତାର ଏକମାତ୍ର ଅନ୍ତରଂଗ ସାଙ୍ଗ । ଯାହାକୁ ସିଏ ତା ନିଜ ମନ କଥା ଖୋଲି କହୁଥିଲା । କେତେ ଖୁସି ମନରେ ଓ କେତେ ବେଶୀ ଉତ୍ତେଜନାର ସହିତ ତା' ବର କଥା ଗପିବାକୁ ଯାଉଥିଲା ମୋ ସହିତ । ମୁଁ ତା'କଥା ପୂରା ନଶୁଣି ଏକରକମ୍ ବେଖାତିର୍ ଭଙ୍ଗୀରେ ତାକୁ ଛାଡି ଚାଲି ଆସିଲି ଘରକୁ ।

ପ୍ରତିଜ୍ଞା କଲି ଯା' ପରେ ଯେବେ ବି ପାର୍ବତୀ ସହିତ ଦେଖାହେବ, ତାକୁ ପଚାରିବି ଭରତଚନ୍ଦ୍ର କଥା । ପାର୍ବତୀ ଉଲ୍ଲସିତ ହୋଇ ଉଠିବ ନିଶ୍ଚୟ ।

କିନ୍ତୁ ଅବଶୋଷର କଥା - ମୋର ପ୍ରତିଜ୍ଞା ପୂରଣର କୌଣସି ସୁଯୋଗ ପାର୍ବତୀ ମୋତେ ଦେଇନଥିଲା । ତା'ପରଦିନ ଥିଲା ରବିବାର । ସୋମବାର ଦିନ ସ୍କୁଲ୍ ଗଲା ବେଳକୁ ପାର୍ବତୀଙ୍କ ଘରେ ତାଲା ଝୁଲୁଥିଲା । ପାର୍ବତୀ ତା' ପିତାମାତାଙ୍କ ସହିତ . ଚାଲିଯାଇଥିଲା ଗାଁକୁ ।

*ଅକ୍ଟୋବର, ୨୦୦୦*

ooo

Digitized by srujanika@gmail.com

# ବିବାହ ପ୍ରସ୍ତାବ

କକେଇଙ୍କ ଝିଅ କାଞ୍ଚନାନୀଙ୍କର ବିବାହ ସରିଥିଲା । ବୟସରେ ମୋ'ଠାରୁ ଅଳ୍ପ ବଡ । ଭାଇନା ସ୍କୁଲ୍‌ରେ ପାଠ ପଢୁଥିଲେ । ଶୁଣୁଥିଲି ନାନୀ ବଡ ହେଲେ ଶାଶୁଘରକୁ ପୁଆଣି ହୋଇ ଯିବେ ।

ଆଉ ନ'ବର୍ଷ ପର୍ଯ୍ୟନ୍ତ ଅବିବାହିତ ହୋଇ ରହିଥିବା ମୋ'କଥା ଭାବି ଭାବି ବୁଢ଼ୀମା'ଙ୍କ ମୁଣ୍ଡରେ ଆକାଶ ଛିଡି ପଡିଥିଲା । ଏଡେବଡ ଝିଅ ! ଆଠ ପୂରି ନ' ଚାଲିଲାଣି । ଏପର୍ଯ୍ୟନ୍ତ ବାହା ହୋଇନି ? ସପ୍ତପୁରୁଷ ନର୍କକୁ ଯିବା ବାଟ ପୂରା ସଫା ।

ବୋଉ ସାଥିରେ ଯେତେବେଳେ ଗାଁ'କୁ ଯାଉଥିଲି ପାଇପଡିଶା ସ୍ତ୍ରୀଲୋକମାନେ ନୋଥଗୁଣା ହଲାଇ ପ୍ରଥମ ପ୍ରଶ୍ନ କରୁଥିଲେ ''ଝିଅ ପାଇଁ କେଉଁଠି ଶାଶୁଘର ଠିକଣା କଲୁଣି ?'' ବାପା ଲଣ୍ଡନ୍ ଗଲାବେଳେ ବର୍ଷଟିଏ ଥିଲି ମାମୁଁ ଘରେ । ବୟସ ଛ' କି ସାତବର୍ଷ । ପ୍ରତ୍ୟେକ ସ୍ତ୍ରୀ ଲୋକ - ଶତ ପ୍ରତିଶତ - ଆଈଙ୍କୁ ବାରମ୍ବାର ପଚାରୁଥିଲେ ''ଏପର୍ଯ୍ୟନ୍ତ କେମିତି ସୁରେଖା ଝିଅର ବାହାଘର ଠିକ୍ କରିନି ଯେ ? ବ୍ରାହ୍ମଣ ଘରଟି !'' ଆଈ ଧାନ ଉଷୋଉଁ ଉଷୋଉଁ କିମ୍ବା ମୁଢ଼ି ଭାଜୁ ଭାଜୁ ବିରକ୍ତ ବଦନରେ ଜବାବ୍ ଦେଉଥିଲେ ''ତା' ବାପ ତ ନକାରେ,ସିଏ ଫେରିଲେ ସିନା ଯାହା ହବ'' ! ଆଈଙ୍କ ପାଇଁ ଯେ କୌଣସି ସମୁଦ୍ରପାରର ସ୍ଥାନ ଥିଲା ଲଙ୍କା ଦ୍ୱୀପ । ରାମାୟଣର କାହାଣୀଟି ଜାଣିଥିଲେ ଭଲ କରି ।

ଆଉ ଠିକ୍ ସେତିକିବେଳେ ଆସିଲା ପ୍ରସ୍ତାବଟି, ବୋଉର ବଡ ଭଉଣୀ କମଳା ନାନୀଙ୍କ ମାଧ୍ୟମରେ । କମଳାନାନୀ ବାହା ହୋଇଥିଲେ ଢେଙ୍କାନାଳରେ । ତାଙ୍କରି ଗାଁ ପାଖ ଲୋକ । ଭଦ୍ରଲୋକ ଜମିଦାର । ପର୍ଯ୍ୟାପ୍ତ ପରିମାଣରେ ଜମିବାଡି ଓ କ୍ଷେତଖମାର । ନିଜେ ବି.ଏ ପାଶ୍ କରି ଚାକିରି କରୁଥିଲେ କଟକରେ । ତାଙ୍କରି ପୁଅ । ମୋ'ଠାରୁ କେଇ ବର୍ଷ ବଡ । ସହରର ସ୍କୁଲ୍‌ରେ ପାଠ ପଢୁଥିଲା ବାପ ପାଖେ ରହି ।

ବୁଢ଼ୀମା ଉତ୍ତେଜିତ ହୋଇ ଗାଁରୁ ପଳାଇ ଆସିଲେ କଟକ । ବୋଉ, ବୁଢ଼ୀମା ଓ କଲେଜରେ ପ୍ରଥମବାର୍ଷିକ ଶ୍ରେଣୀରେ ପାଠ ପଢୁଥିବା ମୋର ତରୁଣ ବୟସୀ ମାମୁଁ - ତିନିହେଁ ମିଶି ପୁଅ ଦେଖିଗଲେ ମୁହଁ ସଂଜବେଳେ । ଫେରି ଆସିଲେ ବେଶ୍ ରାତିରେ । ହସ ହସ ମୁହଁ କରି ।

Digitized by srujanika@gmail.com

ପାଠ ପଢୁଥିଲି ପଞ୍ଚମ ଶ୍ରେଣୀରେ । ବାହାଘର ମାନେ ବୁଝୁଥିଲି ଫୁଲମାଳ, ଗହଣା ଓ ନୂଆଶାଢ଼ୀର ସାଜ । ବର ଆସିବ ବାଜା ବଜାଇ । ଚତୁର୍ଦ୍ଦିଗ ଆଲୋକ କରୁଥିବା କୁମ୍ଭିବାଣ ଫୁଟାଇ । ଧୂମ୍ ଭୋଜିଭାତ ହବ ଘରେ, ବିରାଟ ଏକ ଉତ୍ସବ ।

ବୋଉକୁ ପଚାରିଲି ''ବୋଉ, ସେ ପିଲା ନାଁ କଅଣ ?''

ବୋଉ କହିଲା ''ଭଲ ନାଁ'ତ ଜାଣିନି, ଡାକ ନାଁ ପାଣୁ'' ।

''ପାଣୁ ? ଚମକି ପଡିଲି, ନାଁଟି ଜମ୍ମା ପସନ୍ଦ ହେଲାନି, ବୋଉ କହିଲା'', ଅପର୍ତ୍ତିଆଣୀ ଛୁଆ ତ ! ସେଇଥିପାଇଁ ଏମିତିଆ ନାଁ ଦେଇଛନ୍ତି ବାପା ମା ! ନାକଟି ବି ଫୋଡେଇ ଦେଇଛନ୍ତି ଅନୁଡିଶାଳରୁ । ହେଲେ ଭାରି ଲାଜକୁଳା ପିଲାଟିଏ । ଡାକିଲାରୁ ପାଖରେ ଆସି ତଳକୁ ମୁହଁ ପୋତି ଛିଡା ହେଲା ।

ମନେ ମନେ ଏଗାରବାର ବର୍ଷ ବୟସର ଲଜ୍ଜ୍ୟାଶୀଳ ଓ ଅଧୋବଦନ ବାଳକଟିକୁ କଳ୍ପନା କଲି । ଭଲ ତ ! କଳି ଖୋରଣା ଦୁଷ୍ଟ ପିଲା ମୋତେ ଜମ୍ମା ଭଲ ଲାଗନ୍ତିନି । ହେଲେ ନାଆଁରେ ପାଣୁ । ସେଥିରେ ନାକଫୋଡିଆ ପିଲାଟେ, ବୋଉ ପୁଣି କହୁଛି ଅପର୍ତ୍ତିଆଣୀ । ''ଅପର୍ତ୍ତିଆଣୀ ମାନେ କଅଣ ?'' ବୋଉକୁ ପଚାରିଲି ।

ବୋଉ ସାମାନ୍ୟ ହସିଲା, କୁନି ଝିଅଟିର ଭାବୀ ସ୍ୱାମୀ ପ୍ରତି ଆଗ୍ରହ ଦେଖି ବୋଧହୁଏ । ବାପା ମା'ଙ୍କର ଆଗରୁ ଛୁଆ ମରି ଯାଇଥିଲେ ଜନ୍ମ ହେବା ପିଲାଙ୍କ ନାକ କାନ ଫୋଡେଇ ଦିଅନ୍ତି । ଦିହରେ ଖୁଣ ରହିଗଲେ ଯମ ଆଉ ସହଜରେ ଛୁଇଁବନି ବୋଲି – ବୋଉ ବୁଝାଇଦେଲା । କିନ୍ତୁ ନାକଫୋଡା ହୋଇ ଥିବାର ପ୍ରଚ୍ଛଦପଟରେ ଥିବା କରୁଣକାହାଣୀଟି ମୋ ମନର ଅସ୍ୱସ୍ତି କୌଣସି ପ୍ରକାରେ ଦୂର କରି ପାରିଲାନି ।

ବୁଢ଼ୀମା କହିଲେ ''ଆମେ ସିନା ପୁଅକୁ ଦେଖି ଆସିଲୁ, ଦି ଚାରି ଦିନ ଭିତରେ ସିଏ ବି ତ ଝିଅ ଦେଖି ଆସିବେ କହିଛନ୍ତି । ଦେଖ କଅଣ ହେଉଛି'' । କଲେଜ ପଢୁଆ ସତ୍ୟବାଦୀ ମାମୁଁ ଆଦରରେ ମୁଣ୍ଡ ଆଉଁଷି ଦେଇ କହିଲେ ''ଯାଃ ! ଆମ ଝିଅକୁ ପୁଣି ପସନ୍ଦ କରିବେନି'' ! ମାମୁଁଙ୍କ ଆଗରେ ମୋ ଜନ୍ମ । କୋଳେଇ କାଖେଇ ମଣିଷ କରିଥିବା ଗେହ୍ଲା ଭାଣିଜୀଟି ପ୍ରତି ଥିଲେ ଅତ୍ୟନ୍ତ ସ୍ନେହଶୀଳ । ସ୍ପଷ୍ଟ ମନେ ଅଛି, ପିନ୍ଧିଥିଲି ଗୋଟିଏ ମେରୁନ୍ ରଂଗର ଫ୍ରକ୍ ଓ ନୂଆ ସାଲ୍ୱାରଟିଏ । ସାଲ୍ୱାର୍ ଷ୍ଟାଇଲ୍ ଉଠିଥିଲା ପ୍ରଥମ କରି ସେତେବେଳେ ।

ବାପା ନୀରବରେ ପିଣ୍ଡା ଉପର ଆରାମ ଚୌକୀରେ ବସି କଥୋପକଥନ ଶୁଣୁଥିଲେ – ନିଃସ୍ପୃହ ଭାବେ । ତାଙ୍କର ଅନ୍ୟମନସ୍କତା ଦେଖି ବୁଢ଼ୀମା କହିଲେ ''ରଜାଘର । ଗାଁରେ ପଥର କୋଠା, ଏଭଳି ବନ୍ଧୁ ଆଉ ମିଳିବେନି'' । ବାପା କୌଣସି ମନ୍ତବ୍ୟ ନକରି ଉଠି ଠିଆ ହେଲେ ।

Digitized by srujanika@gmail.com

ତା'ପର ସପ୍ତାହରେ–

ସନ୍ଧ୍ୟାବେଳେ ମୁଁ ଖେଳିକି ଘରକୁ ଫେରିଲା ପରେ ମଝିଘରେ ବାପାଙ୍କ ପାଖରେ କିଏ ଜଣେ ଅଚିହ୍ନା ଭଦ୍ରଲୋକଙ୍କ କଣ୍ଠସ୍ୱର ଶୁଣିବାକୁ ପାଇଲି । ବୋଉ ପିଣ୍ଡାରେ ଜଗିକି ଠିଆ ହୋଇଥିଲା । ସେ ପ୍ରକୋଷ୍ଠକୁ ପଶିବା ଆଗରୁ ଟାଣିକି ନେଇଗଲା ଉପର ମହଲାକୁ । ସାଥିରେ ପାନିଆ, ପାଉଡର ପଫ୍ ଓ ପରିଷ୍କାର ଛିଟଜାମାଟିଏ । ଚିବୁକ ତଳେ ହାତ ରଖି ଅମାନିଆ ବାବୁରି ବାଳତକ ସାଉଁଳି ଓ ବାଁ ପଟେ ସୁନ୍ଦାକାଟି ଚିକ୍କଣ କରି କୁଣ୍ଡେଇ ଦେଲା ମଥାଟି । କାନିରେ ତେଲିଆ ମୁହଁଟି ପୋଛି ଲଗାଇଦେଲା କିଉଟିକୁରା ପାଉଡର । ପିନ୍ଧାଇଦେଲା ଚିକ୍‌ଚିକ୍ ଫୁଲ୍‌କାହାତ ଜାମା । ତଳ ମହଲାକୁ ଓହ୍ଲାଇ ଆସୁ ଆସୁ ସିଢ଼ିରେ ମତେ ଫିସ୍ ଫିସ୍ କରି କହିଲା "ତତେ ଦେଖିବାକୁ ଆସିଛନ୍ତି" । ବୁଝିପାରିଲି - ଇଏ ସେଇ ନାକ୍‌ଫୋଡିଆ ପିଲାଟିର ପିତା ।

କିଛି ସମୟ ପରେ ବାପା ଡାକିଲେ ତାଙ୍କ ପଢ଼ାଘରକୁ । ଭିତରେ ପଶି ବାପା ବସିଥିବା ଚୌକୀର ପଛପଟଟିକୁ ଦୁଇହାତରେ ଜାବୁଡି ଠିଆ ହେଲି ।

ବାପାଙ୍କ ସାମ୍ନାରେ ଅନ୍ୟ ଗୋଟିଏ ଚୌକୀରେ ଜଣେ ଭଦ୍ରଲୋକ ବସିଥିଲେ । ପହରଣ ମାଲ୍‌କଛା ମରା ଆଡମଇଳା ଧୋତି । ଗାର ଗାର କନାର ହାଫ୍‌ସାର୍ଟ । ମୁଣ୍ଡର ବାଳତକ ଝିଙ୍କକାଠି ପରି ଠିଆ ଠିଆ । ଭଦ୍ରଲୋକ ଥିଲେ ବେଶ୍ ସ୍ଥୂଳକାୟ । ବେକପାଖରେ ଚର୍ବିର ପରସ୍ତ । ଗାଲରେ ଜମିଥିବା ଚର୍ବିର ଦୟାରୁ ଆଖି ଯୋଡିକ ଦିଶୁଥିଲା ସାନ ସାନ । ଜହ୍ନମାମୁ ପରି ଗୋଲ୍ ତେଲ ଚକ୍‌ଚକ୍ ସ୍ନେହମୟ ମୁଖର ତ୍ୱକ୍ । ଭଦ୍ରଲୋକ କଥା କହୁଥିଲେ ବେଶ୍ ଅମାୟିକ ଭାବେ । ହସ ହସ ମୁହଁଟି ଥିଲା ବେଶ୍ ନିରୀହ ଧରଣର । ଭୟ କମିଗଲା ମନରୁ ।

"ନମସ୍କାର କ'ର୍ ମା !" ବାପା କହିଲେ, ଚିହ୍ନାଇ ଦେଲେ "ମୋ ଝିଅ, ପଞ୍ଚମ ଶ୍ରେଣୀକୁ ଉଠିଲା । ଭଲ ପଢ଼େ, ଏଇ ବର୍ଷଠୁ ଇଂରାଜୀ ଶିକ୍ଷା ଆରମ୍ଭ କରିଛି" ।

"ଆଚ୍ଛା ! ଆଚ୍ଛା !" ଭଦ୍ରଲୋକ ମୋ ଆଡକୁ ଅନାଇଁ ମୁଣ୍ଡ ଟୁଙ୍ଗାରିଲେ । ବାପାଙ୍କୁ ପଚାରିଲେ "ମୁଁ ଇଂରାଜୀରେ କିଛି ପ୍ରଶ୍ନ ପଚାରିଲେ ଝିଅ ଉତ୍ତର ଦେଇ ପାରିବ ?"

"ଦେଖନ୍ତୁ" ବାପା ଜବାବ୍ ଦେଲେ ଓ ସହସା ମୋ ତଳିପେଟରେ ଅଜସ୍ର ଦରମଲା ପ୍ରଜାପତି ମାନଙ୍କର ମୃତପ୍ରାୟ ଡେଣା ଯେମିତି ଫଡ୍‌ଫଡ୍ କରି ଉଠିଲେ । ଭୟରେ ।

ଭଦ୍ରଲୋକ ସିଧାସଳଖ ମତେ ଚାହିଁ ସ୍ମିତହସି ପଚାରିଲେ "ହ୍ୱାଟ୍ ଇଜ୍ ଇଓର୍ ନେମ୍" ? ଉତ୍ତରଟି ଦେଇଦେଲି ତତ୍‌କ୍ଷଣାତ୍ । ନିହାତି ସାଧାରଣ ପ୍ରଶ୍ନ । ଭଦ୍ରଲୋକ ସନ୍ତୁଷ୍ଟ ହୋଇ ମୁଣ୍ଡ ହଲାଇଲେ । ତା'ପରେ ଦ୍ୱିତୀୟ ପ୍ରଶ୍ନ "ହାଓ ମେନି ହାଣ୍ଡ୍ସ ହାଭ୍ ଇଉ ?"

Digitized by srujanika@gmail.com

‘‘ଆଇ ହାଭ୍ ଟୁ ହାଣ୍ଡସ୍’’, ତାଙ୍କ ମୁହଁରୁ କଥା ନସରୁଣୁ ଚଟ୍‌କି ଜବାବଟି ଦେଇଦେଲି । ଆତ୍ମବିଶ୍ୱାସ ଟିକିଏ ବଢ଼ିଗଲା ବି ।

ଭଦ୍ରଲୋକ ଏଥରକ ପଚାରିଲେ ତୃତୀୟ ପ୍ରଶ୍ନ ‘‘ହ୍ୱାଟ୍ ଇଜ୍ ଇଓର ଫାଦର୍ସ ନେମ୍ ?’’ ଏଇ ପ୍ରଶ୍ନର ଉତ୍ତରଟି ଥିଲା ମୋ ପାଇଁ ସମଭାବରେ ସହଜ । କିନ୍ତୁ ଉତ୍ତରଟି ଦେଇ ସାରିବା ପରେ ଭଦ୍ରଲୋକଙ୍କର ଯେଉଁ ପ୍ରତିକ୍ରିୟା ହେଲା ତାହା ଥିଲା କୌତୁହଳୋଦ୍ଦୀପକ । ବାପାଙ୍କ ଲମ୍ୱ ପଢ଼ାଟେବୁଲ୍ ଉପରେ ସଜୋର୍ ମୁଷ୍ଟିଘାତ କରି ଭଦ୍ରଲୋକ ପାଟି କରି ଉଠିଲେ ‘‘ରଙ୍ଗ, ରଙ୍ଗ, ଏଇଠି ଗଣ୍ଡଗୋଳ ହୋଇଗଲା, ବାପାଙ୍କ ନାଁଟି କହିବାରେ ଭୁଲ୍ କରିଦେଲ’’ । କଥାଟି କହିସାରି ଆଖିରେ ପ୍ରଶ୍ନବାଚୀ ତୋଳି ମୋ ଆଡେ ଅପଲକ ଦୃଷ୍ଟିରେ ଅନାଇଁ ଅପେକ୍ଷା କରି ରହିଲେ ଭୁଲ୍‌ଟି ମୁଁ ଧରି ପାରୁଛି କି ନାଇଁ ଦେଖିବା ପାଇଁ ।

ପ୍ରାଣପଣେ ପ୍ରୟାସ କଲି ବାପାଙ୍କର ଅନ୍ୟ କିଛି ନାଁ ମନେ ପକାଇବା ପାଇଁ । ବାପାଙ୍କ ନାଁଟି ମୋ’ର ପାଟି ଫିଟିଲା  ଦିନରୁ ଥିଲା ମୁଖସ୍ଥ । କିଏ ଜଣେ କେବେ ଶିଖାଇ ଦେଇଥିଲା । ରଟୁଥିଲି ତୋତାପକ୍ଷୀ ପରି । ଯେତେ ଚେଷ୍ଟା କଲେ ବି ବାପାଙ୍କର ଅନ୍ୟକୌଣସି ନାଁ । ସ୍ମୃତିପଥକୁ ଆସିଲାନି । ଏବଂ ମିନିଟିଏ ହେବ ଅପେକ୍ଷା କରି ଭଦ୍ରଲୋକ ନିଜେଇ ଅଧୈର୍ଯ୍ୟ ହୋଇ ଶେଷପର୍ଯ୍ୟନ୍ତ ଉତ୍ତରଟି ଦେଇ ଦେଲେ ‘‘ତୁମ ବାପା ଲଣ୍ଡନ୍‌ରୁ ଡକ୍ଟରେଟ୍ କରିଛନ୍ତି ନା ! ଆଗରେ ଡକ୍ଟର ଶବ୍ଦଟି ଯୋଗ କଲନି ଯେ !’’

ସାନଟିଏ ଥିଲି ସତ - କିନ୍ତୁ ବୁଝିଥିଲି ଡକ୍ଟର ଶବ୍ଦଟି କେବଳ ଗୋଟିଏ ଡିଗ୍ରୀ । ନାଁ’ର ଅଙ୍ଗବିଶେଷ ନୁହେଁ । କିନ୍ତୁ ଚୁପ୍ ରହିଲି । କଦ୍ରଲୋକଙ୍କ ସାଥିରେ ଯୁକ୍ତି କରିବାକୁ ସାହସ ହେଲାନି । କାଳେ କଅଣ ଖରାପ ଭାବିବେ ? ଯେତେହେଲେ ଅତିଥି ! ସେଥିରେ ପୁଣି ଆସିଛନ୍ତି ପୁଅପାଇଁ କନ୍ୟା ଦେଖି !

ଇଣ୍ଟରଭିଉର ଅବସାନ ଘଟିଲା ଯା’ ପରେ । ଭଦ୍ରଲୋକଙ୍କର ବିସ୍ତାରିତ ଓଠର ହସ ଓ ଆଖିତୋଳାର ଚିକ୍‌ଚିକ୍ ଚାହାଣୀ କହିଦେଲା ଯେ ମୁଁ ପୂରା ପ୍ରଥମଶ୍ରେଣୀରେ କୃତିତ୍ୱର ସହିତ ଉତ୍ତୀର୍ଣ୍ଣ ହୋଇ ଯାଇଛି । ନିଜ ନାଁଟି ଜାଣିଛି, ଜାଣିଛି ଯେ ମୋର ଦୁଇଟି ହାତ ଅଛି । ବାପାଙ୍କ ନାଁ’ଟି କହିବାରେ ସାମାନ୍ୟ ଭୁଲ୍ କରିଛି ଅବଶ୍ୟ । କିନ୍ତୁ ତାହା ଏଭଳି କିଛି ଅକ୍ଷମଣୀୟ ଅପରାଧ ନୁହେଁ । ଭାବୀବଧୂଠାରୁ ଯା’ଠାରୁ ଅଧିକା ଆଉ କଅଣ ବା ଆଶା କରାଯାଇ ପାରେ ?

ଯା ପରେ ଭଦ୍ରଲୋକ ପକେଟ୍ ଅଣ୍ଡାଳି ହଠାତ୍ ବାହାର କଲେ ପ୍ଲାଷ୍ଟିକ୍‌ର ହାତୀଦାନ୍ତ ରଂଗର ସାନ ଫରୁଆ ପରି ଡବାଟିଏ । ମୋ ଆଡକୁ ବଢ଼ାଇ ଦେଲେ, ମୋତେ ଉପହାର ଦେବା ଭଙ୍ଗୀରେ । ଜିନିଷଟି ଗ୍ରହଣଟି କରିବି କି ନାଇଁ ଜାଣିନପାରି ବାପାଙ୍କ

Digitized by srujanika@gmail.com

ଆଡକୁ ଚାହିଁଲି । ବାପା ମୁଣ୍ଡ ଟୁଙ୍ଗାରିଲେ ଓ ଭଦ୍ରଲୋକଙ୍କ ହାତରୁ କୁନିବାକ୍ସଟି ଧରି ଦୌଡିକି ମୁଁ ପଳାଇ ଆସିଲି ବାହାରକୁ ।

ବାହାର ପିଣ୍ଡାରେ କବାଟ ଆଡୁଆଳରେ ଓଢ଼ଣା ଟାଣି ବୋଉ ଓ ତା'ର ସମବୟସ୍କା ମୋ ଦଦେଇଝିଅ ଭଉଣୀ କନକନାନୀ ଠିଆ ହୋଇଥିଲେ । କନକନାନୀ ଖୋଲି ପକାଇଲେ ଡବାଟି ଆଗ୍ରହର ସହିତ । ନେଳି ସାର୍ଟିନ୍‌ର ଶେଯରେ ଶୋଇଥିଲା ଚକ୍‌ଚକ୍ ଦୁଇଟି ସୁନାର କାନଫୁଲ, କୁନି ବୋହୁଟିର ମୁହଁଦେଖା ଉପହାର । ଫୁଟନ୍ତା ପଦ୍ମଫୁଲ ଉପରେ ପହଁରାଠାଣିରେ ରାଜହଂସ । ହଂସଟି ହୁକ୍‌ଲଗା ଚେନ୍‌ରେ ଖଞ୍ଜାହୋଇ ଝୁଲୁଥିଲା । ବୋଉ ଟୁକ୍‌ଟୁକ୍ ମୋ କାନରେ ଗଳାଇ ଦେଲା ୟରିଂ ଯୋଡିକ । ଲମ୍ବା ଚେନ୍‌ରେ ଦୋଳି ଖେଳୁଖେଳୁ ହଂସ ଦିଓଟି ଛୁଇଁଗଲେ ମୋ ନ'ବର୍ଷର ନରମ ପୁଦ୍‌କା ଗାଲ । କୁତ୍‌କୁତ୍ ଲାଗିଲା ମୋତେ । ଆଉ ମୋ ବାହାଘର ପକ୍‌କା ହୋଇଗଲା ।

କେଇବର୍ଷ ପର୍ଯ୍ୟନ୍ତ ପ୍ରଥମାଷ୍ଟମୀ ଦିନ ଲଡୁ ହାଣ୍ଡିଏ ଓ ତା'ସାଥିରେ ପାଞ୍ଚହାତି ଅଣଓସାରିଆ କୁନି ପିଲା ପିନ୍ଧିଲା ପରି ଛିଟ ଶାଢ଼ୀଟିଏ ଶାଶୁଘରୁ ନିୟମିତ ଆସୁଥିଲା ପୋଡୁହାଁ ବଡବୋହୁ ପାଇଁ ।

କିନ୍ତୁ ଶେଷପର୍ଯ୍ୟନ୍ତ 'ପାଣ୍ଡୁ' ନାମଧାରୀ ଅପରିଆଣୀ ନାକପୋଡିଆ ପିଲାଟି ସହିତ ମୋ ବାହାଘର ହୋଇନଥିଲା । କାରଣ ଅନେକ । ମୋ ବିଭାଘର ଆଗ୍ରହଟି ଥିଲା ମୁଖ୍ୟତଃ ବୁଢ଼ୀ ମା'ଙ୍କର । ମୋର ଉଚ୍ଚଶିକ୍ଷିତ ପିତା ସିଧାସଳଖ ମା'ଙ୍କ ମତର ବିରୋଧ କରିପାରିନଥିଲେ । ବାହାଘର ଠିକ୍ ହେବା ପରେ ପରେ ବୁଢ଼ୀମା'ଙ୍କର ମୃତ୍ୟୁ ଘଟିଲା । ଧୀରେ ଧୀରେ ସମାଜର ଦୃଷ୍ଟିକୋଣ ବି ବଦଳିଗଲା । ଗୌରୀଦାନ ହୋଇଉଠିଲା ଏକ ଦଣ୍ଡନୀୟ ଅପରାଧ । ଭଲ ପଢ଼ିଲି । ବାପା ବୋଉ ସ୍ୱପ୍ନ ଦେଖିଲେ ଝିଅ କଲେଜରେ ପାଠ ପଢ଼ିବ । ପାଣ୍ଡୁ ପିଲାଟିକୁ ଦେଖିନଥିଲି । ସ୍ୱଭାବତଃ କୌଣସି ଆକର୍ଷଣବୋଧ ନଥିଲା ତା'ପାଇଁ । ସିଏ ମଧ ନିଶ୍ଚିତରୂପେ ତଦ୍ରୁପ ଭାବନା ବହନ କରିଥିବ ମୋ'ପ୍ରତି । ଝିଅଘର ତରଫରୁ ଆଗ୍ରହାନ୍ୱିତ ହୋଇ ପୁଅଘର ସହିତ ସଂପର୍କ ବଜାୟ ରଖିବାର ଯେଉଁ ଭାରତୀୟ ପରଂପରା, ତହିଁରେ ବାପାବୋଉ ଘୃଣା କରିଥିଲେ । ଏବଂ କାଳକ୍ରମେ ଘଟଣାଟି ତା'ର ପ୍ରାଧାନ୍ୟ ହରାଇ ବସିଲା । ଏକତରଫା କେଇବର୍ଷ ଲଡୁଭାର ଆସିଲା ପରେ ମୋ ପିତାମାତାଙ୍କର ସମ୍ବନ୍ଧଟି ପ୍ରତି ଅନାଗ୍ରହ ଦେଖି ଲଡୁଭାର ବି ଆପେ ଆପେ ବନ୍ଦ ହୋଇଥିଲା ।

ଅନେକ ଅନେକ ବର୍ଷପରେ ମୁଁ ଯାହାକୁ ବାହାହେଲି, ସିଏ ସମ୍ଭବତଃ ସାମାନ୍ୟ ଲାଜକୁଳା । କିନ୍ତୁ ତାଙ୍କ ନାକଟି ସିଧାସଳଖ ଓ ଭାରି ସୁନ୍ଦର । ଛୁଞ୍ଚିଫୋଡାର ଦାଗଟିଏ ବି ନାହିଁ ।

□□□

*ଜୁଲାଇ, ୧୯୯୮*

Digitized by srujanika@gmail.com

# ଜୀବନରେ ବା କଅଣ ଅଛି ?

''ଆରେ ଖାଆନ୍ତୁ, ଖାଆନ୍ତୁ । ଆରାମ୍‌ରେ ଗୋଡ ଟେକି ବସି ଗରମ୍ ପକୋଡା ଖାଆନ୍ତୁ । ଏଇ ସାନ ସାନ ଖୁସି ସବୁ ବାଦ୍ ଦେଲେ ଜୀବନରେ ବା ଆଉ କଅଣ ଅଛି ?'' ସ୍ୱର୍ଗତଃ ଶ୍ରୀ ଜୀବନନାନ୍ଦ ପାଣି ଉର୍ଫ ଜୀବନବାବୁ ପ୍ରାୟ କହୁଥିଲେ – ପାନରସରଂଗା ନାଲିଆ ଓଠରେ ମନଲୋଭା ହସ ହସି । ଆଉ ତାଙ୍କ ବକ୍ତବ୍ୟର ଶେଷ ବାକ୍ୟଟି କହିଲା ବେଳକୁ ସାମାନ୍ୟ ବାଙ୍କ ଚାହାଣୀ ଫିଙ୍ଗି ଦେଉଥିଲେ ରେବା ଆଡକୁ । କାରଣ ସେ ବାକ୍ୟଟିରେ ବଡ ଚତୁରତାର ସହିତ ଦୁଇଜଣଯାକଙ୍କର ନାଁ ମିଶିଯାଉଥିଲା । 'ଜୀବନ' ଓ 'ରେବା' ଶବ୍ଦ ଯୋଡିକ ପରସ୍ପର ସହିତ ସନ୍ନିହିତ ହୋଇ ହୋଇଯାଉଥିଲେ ''ଜୀବନରେ ବା'' ।

ବାସ୍ତବ ଜୀବନରେ ବି ଦୁହେଁ ପରସ୍ପର ସହିତ ସନ୍ନିହିତ ହୋଇଥିଲେ ଏଇଭଳି - ବେଶ୍ ସ୍ୱଚ୍ଛନ୍ଦ ଓ ସାବଲୀଳ ଭାବରେ । ବିଶେଷ କରି ରେବା ପୂରାପୂରି ନିଶ୍ଚିହ୍ନ ହୋଇଥିଲା ଜୀବନବାବୁଙ୍କ ଭିତରେ । ଜୀବନ ବାବୁଙ୍କୁ ବାଦ୍ ଦେଇ, ଅସ୍ତିତ୍ୱ ହିଁ ନଥିଲା ତା'ର ।ସଂସାରରଚୁଆଳି ନିଜ ସକ୍ଷମ କାନ୍ଧରେ ବୋହି, ଜୀବନବାବୁଙ୍କୁ ପୂରାପୂରି ଅକ୍ଷମ କରିଦେଇଥିଲା ସିଏ, କରିଦେଇଥିଲା ସଂପୂର୍ଣ୍ଣ ଭାବରେ ଅନାଡି । ମୁଁ ଜାଣିବାରେ ଲେଖାପଢ଼ା ବ୍ୟତୀତ, ଜୀବନବାବୁଙ୍କୁ ଆଉ କିଛି ଆସୁନଥିଲା । ନା ଦିନେ ପଇସାର ହିସାବ ରଖିଛନ୍ତି, ନା ଜାଣିଛନ୍ତି ଆଳୁପିଆଜର ଦର । ପୁଅର କଲେଜ୍ ଆଡ୍‌ମିଶନ୍‌ଠାରୁ ଆରମ୍ଭକରି ଝିଅମାନଙ୍କର ବାହାଘର ପର୍ଯ୍ୟନ୍ତ, ସବୁକିଛି କରୁଥିଲା ରେବା । ଏବଂ କରୁଥିଲା ଖୁସିମନରେ ,ହସି ହସି । ସେ ହସ ଥିଲା ସ୍ନେହ ଓ ପ୍ରଶ୍ରୟର ହସ - ସାଂସାରିକ ବୁଦ୍ଧିରେ ଅପାରଗ, ଜ୍ଞାନପାଗଳା, ନିରୀହ, ଭଲ ମଣିଷ ସ୍ୱାମୀଟି ପାଇଁ ।

ରେବା ମୋର ପିଲା ବେଳର ସାଙ୍ଗ, ଅନେକ ଅନେକ ବର୍ଷପରେ ଅଚାନକ ଦେଖା ହୋଇଥିଲା ଦିଲ୍ଲୀରେ ।

ପ୍ରାୟ ଚବିଶ୍ ବର୍ଷ ଆଗର କଥା । କେତେ ବା ବୟସ ହୋଇଥିବ ଜୀବନବାବୁଙ୍କର ସେତେବେଳେ ? ଠିକ୍ ଚାଳିଶ୍ ଟିପିଥିବ ବୋଧେ । ସାଧାରଣ ଉଚ୍ଚତାର ଦିଲ୍‌ଖୋଲା ନିର୍ଭେଜାଲ୍ ମଣିଷଟିଏ । ତୀକ୍ଷ୍ଣ ନାକତଳେ ସରୁ ସରୁ ଦିଧାଡି ନିଶ । ଲମ୍ବ ଲମ୍ବ ବବୁରିବାଳ କପାଳରୁ ପଛପଟକୁ ଓଲଟାଇ କୁଣ୍ଡା ହୋଇଥିଲା । କାନପାଖରେ କଳା ମୁଚ୍‌ମୁଚ୍ ଲମ୍ବାକଲି । ଆଉ ବାଁ ପଟ କଳରେ ଗୁଞ୍ଜା ଖୁସ୍‌ବୁଦାର୍ ଜର୍ଦ୍ଦାର ଖିଲିପାନ । ଆଡମଇଳା ପାଇଜାମା ଓ ହାଫ୍ ଗଞ୍ଜିପିନ୍ଧା, ପୁଟ୍‌କାଗାଲିଆ, ସୁଦର୍ଶନ ମଣିଷଟି କଥା କହିଥିଲେ ଅନର୍ଗଳ - ବେଶ୍ ଉତ୍ତେଜିତ ଭାବରେ । ସେଇ ପ୍ରଥମ ଦେଖା । ତା'ପରେ ମନେନାହିଁ କେତେବେଳେ ଓ କେମିତି ଆମେ ତାଙ୍କ ପରିବାରର ଅବିଚ୍ଛେଦ୍ୟ ଅଙ୍ଗ ହୋଇଉଠିଥିଲୁ ।

Digitized by srujanika@gmail.com

ମନେନାହିଁ, କେବେ ବା କାହିଁକି ରେବା ମୋ ସ୍ୱାମୀଙ୍କୁ ନାଁ' ଧରି 'ବିନୟ' ବୋଲି ଡାକିବାକୁ ଆରମ୍ଭ କରିଥିଲା - ବୟସରେ ତାଙ୍କଠାରୁ ଯଥେଷ୍ଟ ସାନ ହୋଇଥିଲେ ବି ।

ଜୀବନବାବୁ ଥିଲେ ବେଶ୍ ଖୁସ୍‌ମିଜାଜିଆ ମଣିଷ । ଅନେକ ସରସ ସନ୍ଧ୍ୟା କଟିଛି ତାଙ୍କ ସହିତ ଖୁସିଗପ କରି । ଜୀବନବାବୁ ଆସର ସରଗରମ୍ କରି ରଖୁଥିଲେ ମଜାଳିଆ କଥା କହି । ତାଙ୍କ ସହିତ ଦେଖା ହେଲେ, ବିନୟ ଜାଣିଶୁଣି ପ୍ରେମ ସଂପର୍କୀୟ କଥାଟିଏ ପକାଇ ଦେଉଥିଲେ - ଖେଇ ଧରାଇଦେଉଥିଲେ ଜୀବନ ବାବୁଙ୍କୁ । ଆଉ ଠିକ୍ ତା' ପରେପରେ ଆରମ୍ଭ ହୋଇଯାଉଥିଲା ଜୀବନବାବୁଙ୍କର କପୋଳକଳ୍ପିତ 'ଗୁଲୁରୀ' ଉପାଖ୍ୟାନ । ତାଙ୍କର ପ୍ରଥମ ପ୍ରେମିକା କୁଆଡେ ଥିଲା ଝିଟିପିଟି ଲାଂଜ ମାପର ବେଣୀଟିଏ ଓହଳାଇ ଥିବା, ଓଦାନାକୀ ଗ୍ରାମ୍ୟବାଳିକା 'ଗୁଲୁରୀ' । କାଳକ୍ରମେ ପ୍ରେମିକାମାନଙ୍କର ସଂଖ୍ୟା ବୃଦ୍ଧିପ୍ରାପ୍ତ ହୋଇଥିଲା । ରେବାର ନମ୍ବର ଥିଲା ଶହେଦୁଇ । ସେଇ ରହିଗଲା ଶେଷ ପ୍ରେମିକା ହୋଇ । ଶହେ ତିନିନମ୍ବର ପ୍ରେମିକା ଆଉ ଜୀବନବାବୁଙ୍କ ଜୀବନରେ ଆସିଲାନି ।

ଆମେ ଜାଣୁଥିଲୁ ଏ ସବୁ ଥିଲା ତାଙ୍କର ନିଛକ୍ ଗୁଲିଗପ - କେବଳ ଆମକୁ ହସାଇବା ପାଇଁ । ତେବେ ବି ତାଙ୍କ କଥାକୁ ମଝିରେ କାଟି ପରିହାସ କରି ମୁଁ କହୁଥିଲି ''ଯାଆନ୍ତୁ, ଯାଆନ୍ତୁ, ଏତିକି ଟିକିଏ କଣ୍ଢେଇ ପରି ମଣିଷ ! ଆପଣଙ୍କୁ ଏକ ଦକ୍ଷ ଓ ସଫଳ ପ୍ରେମିକ ରୂପରେ ମୁଁ କଳ୍ପନାଇ କରିପାରୁନି ।''

ଜୀବନବାବୁ ଖଟ ଉପରେ ଆଉ ଟିକିଏ ସଳଖ୍ ବସି, ଲମ୍ବ ନିଃଶ୍ୱାସରେ ଛାତିକୁ ଆଉ ଟିକିଏ ଚଉଡା କରି ମୁରୁକି ହସି କହୁଥିଲେ ''ମୁଁ କିଭଳି ପ୍ରେମିକ, ରେବାକୁ ପଚାରନ୍ତୁ । ଆସ୍‌କ୍ ରେବା'' । ରେବାକୁ ଅବଶ୍ୟ ପଚାରିବା ଦରକାର ପଡୁନଥିଲା, ମଧବୟସୀ ରେବା ତଳକୁ ମୁହଁ ପୋତି ଲାଜଲାଜ କରି ହସୁଥିଲା । ଗାଲ ଦୁଇଟିରେ ଉକୁଟିଥିଲା ନବପରିଣୀତାର ପାଟଳିମା । ସେ ପାଟଳିମା ପ୍ରମାଣ କରି ଦେଉଥିଲା ଜୀବନବାବୁଙ୍କର ବକ୍ତବ୍ୟର ସତ୍ୟତା । ଏବଂ ମୁଁ ରେବା ଆଡକୁ ବିନୟଙ୍କର ଦୃଷ୍ଟି ଆକର୍ଷଣ କରାଇ କହୁଥିଲେ ''ଦେଖ, ଦେଖ, ରେବା କେମିତି ବ୍ଲସ୍ କରୁଛି ।''

ଦିଲ୍ଲୀରେ ଥରେ ଯମୁନାର ବନ୍ୟାପାଣି ପଶି ଜୀବନବାବୁ ରହୁଥିବା କଲୋନୀଟି ଜଳମଗ୍ନ ହୋଇଥିଲା । ଘରର ତଳମହଲା ସଂପୂର୍ଣ୍ଣ ରୂପେ ବୁଡି ରହିଥିଲା ପାଣିରେ । ପାଣି ମାଡି ଆସୁଛି ଖବରପାଇ ବିନୟ ଯାଇ ପିଲାମାନଙ୍କୁ ନେଇ ଆସିଥିଲେ । ଗ୍ୟାସ୍, ରେଶନ୍ ଓ ଅନ୍ୟାନ୍ୟ କିଛି ନିତିଦିନିଆ ସରଂଜାମ ନେଇ ଜୀବନବାବୁ ଓ ରେବା ଉଠିଯାଇଥିଲେ ଛାତକୁ - ଆଖପାଖର ପଡୋଶୀମାନଙ୍କ ପରି । ଦୁଇଦିନ୍ ପରେ, ଗୋଟିଏ ଗାଡି ଟାୟାରକୁ କୁଣ୍ଢାଇ ପ୍ରାୟ ଦୁଇକିଲୋମିଟର୍ ବାଟ ପହଁରି ପହଁରି ଓଦା ସରସର ହୋଇ ଜୀବନ ବାବୁ ପହଞ୍ଚିଥିଲେ ଆମଘରେ । ସିଏ ଏକ ଅବିସ୍ମରଣୀୟ ମୁହୂର୍ତ୍ତ । ତାଙ୍କୁ ଦେଖି ହସର ଜୁଆର ଛୁଟିଥିଲା ଆମ ଭିତରେ । ''ଆପଣ ବେଶ୍ ହଇରାଣ ହୋଇଯିବେଣି'' ବିନୟ କହିଲେ । ଲେମ୍ବୁ ଚା ପିଉ ପିଉ ଜୀବନବାବୁ ଜବାବ୍ ଦେଲେ ''ମୋଟେ ନୁହେଁ । ପରିବାପତ୍ର ନାହିଁ ।

Digitized by srujanika@gmail.com

ରେବା ବନେଇ ଦେଉଛି ରୁଟି ଓ ବହଳିଆ ହରଡ ଡାଲି । ବତୀଖୁଣ୍ଟ ଉପୁଡି ସାମ୍‌ନା ରାସ୍ତା ଘୋର୍ ଅନ୍ଧକାର । ଖୋଲା ଆକାଶ ତଳେ, ଚାରିପଟର ଅଥୈ ଜଳରାଶି ଭିତରେ, ଇଏ ଆମର ଦ୍ୱିତୀୟ ହନିମୁନ୍ । ପିଲାମାନେ ତ ସବୁ ଆପଣଙ୍କ ପାଖରେ ନା'' ! ଦୁଇ ଦିନର ତୀକ୍ଷ୍ଣ ସୂର୍ଯ୍ୟାଲୋକରେ ପାଂଶୁବର୍ଣ୍ଣ ଧାରଣ କରିଥିବା ମୁହଁକୁ ସ୍ନିଗ୍ଧହସରେ ଚକ୍‌ଚକ୍ କରି ଜୀବନ ବାବୁ ଜବାବ୍ ଦେଇଥିଲେ । ଏଇଥିଲେ ଜୀବନବାବୁ । ଜୀବନରସରେ ଟଗ୍‌ମଗ୍ ହୋଇ ଫୁଟୁଥିବା ପ୍ରାଣବନ୍ତ, ରସବନ୍ତ ମଣିଷଟିଏ ।

ଜୀବନବାବୁଙ୍କୁ ଯିଏ ନଦେଖିଛି, ତାକୁ ତାଙ୍କର ବୁଦ୍ଧିମତ୍ତାର ପରିଚୟ ଦେବା, ମୋ ପକ୍ଷରେ କଠିନ । ମେଧା ଓ ଜ୍ଞାନଥିଲା ତୀକ୍ଷ୍ଣ । ଇଂରାଜୀ ଓ ଓଡ଼ିଆ ଉଭୟ ଭାଷାରେ ଲେଖନ ଓ କଥନ ଶୈଳୀ ଥିଲା ଚମତ୍କାର । ଯେ କୌଣସି ବିଷୟରେ - ସିଏ ନାଟ୍ୟଶାସ୍ତ୍ର ହେଉ ବା ସାତୋ ଥିଏଟର - ତଥ୍ୟ ପରିବେଷଣ କରୁଥିଲେ ବେଶ୍ ଦମ୍ଭର ସହିତ । ଥିଲେ କବି, କଳାପ୍ରେମୀ ଓ ଗବେଷକ । ମୁକ୍ତା ହାର୍ ମାନୁଥିଲା ତାଙ୍କ ହସ୍ତାକ୍ଷର ଆଗରେ ।

ହବି ଥିଲା ଇଲେକ୍‌ଟ୍ରୋନିକ୍‌ସ୍ । ଟୁକ୍‌ଟାକ୍ ଠିକ୍ କରିଦେଉଥିଲେ ଟେପ୍ ରେକର୍ଡର ଓ ରେଡିଓ । ହବିଥିଲା ହୋମିଓପ୍ୟାଥି । ବିନୟଙ୍କର ସ୍ପଣ୍ଡିଲୋସିସ୍‌ର ଯନ୍ତ୍ରଣା ଦୂର କରି ଦେଉଥିଲେ ପାନେ ଔଷଧରେ । ଆଉ ହବି ଥିଲା ଫଟୋଗ୍ରାଫି । ମୋ ଆଲ୍‌ବମ୍‌ର ଅନେକ ସୁଦୃଶ୍ୟ ପାରିବାରିକ ଫଟ, ତାଙ୍କରି କ୍ୟାମେରାରେ ଉଠା । ଯା ବ୍ୟତୀତ, କେବେ କେମିତି ନିଶା ଘାରିଲେ, ବଜାଉଥିଲେ ବଇଁଶୀ । ଥରଟିଏ ଖୋଲାଛାତରେ, ମଦିର ଚନ୍ଦ୍ରାଲୋକତଳେ ବଇଁଶୀର ମତୁଆଲା ଧୂନ୍‌ରେ ମଗ୍ନ ଥିଲାବେଳେ, ରେବା ଡାକି ଦେଇଥିଲା ଖାଇବା ପାଇଁ । ମିଜାଜ୍ ବିଗିଡି ଯାଇଥିଲା । ପ୍ରିୟତମ ସ୍ୱାମୀଟିର ପିଲାଳିଆମିର କାହାଣୀ ରେବା ଆମକୁ କହିଥିଲା ତା'ପରଦିନ - ବେଶ୍ ରସେଇ ରସେଇ ।

ଜୀବନବାବୁଙ୍କ ସହିତ ଶେଷ ଦେଖା ଭୁବନେଶ୍ୱରରେ । କୌଣସି କାମରେ ଓଡ଼ିଶା ଆସିଥିଲେ । ପହଞ୍ଚିଯାଇଥିଲେ ଅଚାନକ ରେବାକୁ ନେଇ । ବୟସ ଷାଠିଏ ଟପି ସାରିଥିଲା । କଥାବାର୍ତ୍ତାରେ ଥିଲେ କିନ୍ତୁ ଆଗଭଳି ପ୍ରାଣୋଚ୍ଛଳ । ପରିଧାନ ଥିଲା ଯୁବକସୁଲଭ । ଫୁଲପ୍ୟାଣ୍ଟ୍ ଉପରେ କୁର୍ତ୍ତା । ରେବା ପିନ୍ଧିଥିଲା ବାସନ୍ତୀରଂଗର ସମ୍ବଲପୁରୀ ଶାଢ଼ୀ । କାନରେ କମ୍‌କୁଟ କରା ସୁନାଫୁଲ - କାନଲତି ଉପରେ ଚେନ୍ ଦେଇ ବନ୍ଧା । ଆଉ କପାଳ ମଝିରେ ଟକ୍‌ଟକ୍ ଲାଲ୍ ଗୁଣ୍ଡ ସିନ୍ଦୂରର ଆଠଣି ଆକାରର ଠୋପା । ଦୁଇ ଭୃରୁ ମଝିରେ ଦାଉ ଦାଉ ଝଟକୁଥିଲା ସତୀଲକ୍ଷ୍ମୀର ସିନ୍ଦୂର ବିନ୍ଦୁଟି - ନବୋଦିତ ସୂର୍ଯ୍ୟପରି । ରେଣୁ ରେଣୁ ସିନ୍ଦୂରଗୁଣ୍ଡ ଝଡିପଡିଥିଲା ଝୀଳୁଆ ନାକ ଆଗରେ । ସାଜ ପୋଷାକରେ ରେବା ଥିଲା ଅତ୍ୟନ୍ତ ସାଦାସିଧା । ପ୍ରସାଧନ ଭିତରେ କେବଳ ସେଇ ଚବିଶ୍ ଘଣ୍ଟିଆ ସିନ୍ଦୂର ବିନ୍ଦୁଟି ।

ଜୀବନବାବୁ ! ସେତିକି ବି ସହ୍ୟ ହେଲାନି ଆପଣଙ୍କର ? ପ୍ରେମିକ ସ୍ୱାମୀ ବି ବେଳପଡିଲେ ଏଭଳି ନିଷ୍ଠୁର ହୋଇପାରେ ?

❑❑❑

*ଅକ୍ଟୋବର, ୧୯୯୮*

Digitized by srujanika@gmail.com

# ହସ

ଚରାଟଫୁଲ ଦେଖିଲେ ଇ ବୋଉ କଥା ମନେପଡେ । ଆଉ ଆଜ୍‌ବେଷ୍ଟସ୍ ଘର । ବୋଉ ସଂପର୍କରେ ମୋ ମନରେ ଗୁଚ୍ଛା ହୋଇ ରହିଥିବା ପ୍ରଥମ ସ୍ମୃତି ସହିତ, ଏ ଦୁଇଟି ଜିନିଷ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ ।

ମନେପଡେ, ସେ ଦିନଟି ଥିଲା ସୂର୍ଯ୍ୟସ୍ନାତ । ଲମ୍ବା ହଲ୍‌ଘର ପରି ଗୋଟିଏ ଆଜ୍‌ବେଷ୍ଟସ୍ ଛାତର ଘର । ସାମନାରେ ଅନେକଗୁଡ଼ିଏ ଘଞ୍ଚ ବୃକ୍ଷ ଚରାଟର ବୁଦା । ଆଉ ସେ ବୁଦାତଳେ, ବସି ଆରାମ କରିବା ପାଇଁ ଅନେକଗୁଡ଼ିଏ ଜରାଜୀର୍ଣ୍ଣ, ରଂଗଉଠା କାଠତିଆରି ବେଞ୍ଚ । ଆଉଜି ବସିବା ପାଇଁ ପଛପଟେ ବାଡ ଥିଲା ସେ ବେଞ୍ଚମାନଙ୍କର । ଆମପରି ଆହୁରି ଅନେକ ଲୋକ ଅପେକ୍ଷା କରି ସେ ବେଞ୍ଚ ଉପରେ ବସି ରହିଥିଲେ । ଗପସପ ବି କରୁଥିଲେ ଧୀର ସ୍ୱରରେ । ସଭିଙ୍କ ହାତରେ ଟିଫିନ୍ କ୍ୟାରିୟର୍ କିମ୍ବା କ୍ଷୀରକ୍ୟାନ୍ । ବେଞ୍ଚତଳେ ଅଜାଡି ହୋଇ ପଡିଥିଲା ଅଜସ୍ର ଦରମଉଳା ଚରାଟଫୁଲର ସ୍ତବକ । ଜମିର ଅଧାମରା, ବିବର୍ଣ୍ଣ ଘାସ ଲୁଚିଯାଇଥିଲା ସେ ଶୁଭ୍ରତମ ଫୁଲ ପାଖୁଡାର ଶେଯରେ ।

କିଛି ସମୟ ପରେ, ମୋ' ଦଦେଇଙ୍କ ଝିଅ କନକନାନୀ କହିଲେ ''ଏବେ ବେଳ ହୋଇ ଗଲାଣି, ଭିତରକୁ ଯିବା ଚାଲ'' । ଏବଂ ମୋ' ଡାହାଣ ହାତର ତର୍ଜନୀଟି ହାତରେ ଶକ୍ତ କରି ଧରି, ସେ ଆଜ୍‌ବେଷ୍ଟସ୍ ଘରର ଗେଟ୍ ଖୋଲି ଭିତରକୁ ପ୍ରବେଶ କଲେ । ଆମ ସହିତ ପ୍ରବେଶ କଲେ ଅନ୍ୟ ଅପେକ୍ଷାର୍ଥୀମାନେ ମଧ୍ୟ । କନକନାନୀଙ୍କର ବଡ ବଡ ଖୋଜ ସହିତ ମୋ କୁନି କୁନି ପାହୁଣ୍ଡର ତାଳ ଦେଇ ମୁଁ ଏକରକମ ଦୌଡିବାକୁ ଲାଗିଲି ଏବଂ ସେ ଘର ଭିତରର ଦୃଶ୍ୟଟି ଦେଖି କିଛି ପରିମାଣରେ ଅବାକ୍ ହେଲି ମଧ୍ୟ । କାରଣ କେଉଁଠିକି ଯାଉଛେ କିମ୍ବା କାହିଁକି ଯାଉଛେ, ସେ ସଂପର୍କରେ ମୋତେ ଆଗରୁ କେହି ଅବଗତ କରାଇ ନଥିଲେ । ମୋର ବୟସ ଥିଲା ଚାରିବର୍ଷରୁ କିଛି କମ୍ ।

ଆମେ ପ୍ରବେଶ କରିଥିବା ପ୍ରକୋଷ୍ଠଟି ଥିଲା ବେଶ୍ ପ୍ରଶସ୍ତ ଓ ଦୀର୍ଘ । ପ୍ରକୋଷ୍ଠ ମଝିରେ ଆତଯାତ କରିବାପାଇଁ କିଛିଜାଗା ଛଡା । ବାକି ଦୁଇପଟେ ଧାଡି ଧାଡି ହୋଇ ଉଞ୍ଚ ଉଞ୍ଚ ଲୁହାଖଟମାନ । ସେ ଖଟଉପରେ ଧୋବଫରଫର ବିଛଣା ଏବଂ ପ୍ରତ୍ୟେକ ବିଛଣାରେ ଶାୟିତାବସ୍ଥାରେ ଜଣେ ଲେଖାଏଁ ମହିଳା । ପ୍ରତ୍ୟେକ ଖଟକେତରେ ସାନ ସାନ ଲୁହା ଫ୍ରେମ୍‌ର ଝୁଲା । ଏବଂ ପ୍ରତି ଝୁଲାରେ ଗୋଟିଏ ଲେଖାଏଁ ଶିଶୁ କେତୋଟି ଖଟ ପାଖରେ ଦୁଇ ତିନିଜଣ ଦର୍ଶନାର୍ଥୀଙ୍କର ଭିଡ ମଧ୍ୟ । ଅନେକଖଟ ଅତିକ୍ରମ କରିସାରିଲାପରେ, ହଲ୍‌ର ବିଲ୍‌କୁଲ୍

Digitized by srujanika@gmail.com

ଶେଷଆଡ଼କୁ ଥିବା ଖଟଟିରେ ବୋଉକୁ ବସିଥିବାର ଦେଖିଲି । ବୋଉ ଗୋଟିଏ ଚଉଡାଧଡିର ଧଳାଶାଢ଼ୀ ସାଦାକରି ପିନ୍ଧିଥିଲା । ମୁଣ୍ଡରେ ଯତ୍‌ସାମାନ୍ୟ ଓଢ଼ଣା । ସେ ଓଢ଼ଣାର ଘେର ବୋଉର ପାତାପକା ବାଳ ଉପରେ ବୁଲିଆସି ତା ମୁହଁଟିକୁ ରୂପ ଦେଇଥିଲା ଗୋଟିଏ ପ୍ରେମ୍‌ବନ୍ଧା ଫଟୋଗ୍ରାଫର । ବୋଉ ଦିଶୁଥିଲା କ୍ଳାନ୍ତ, କିନ୍ତୁ ଖୁସି ଖୁସି ।

ମୁଁ ଦୌଡିଯାଇ ବୋଉକୁ କୁଣ୍ଢାଇ ପକାଇଲି । ଆଣ୍ଠୁପାଖରେ । ବୋଉ ମୋ ବାବୁରିବାଳକୁ ସାଉଁଳିଦେଲା । ଘରେ ଛାଡିଆସିଥିବା ଦେଢ଼ବର୍ଷର କୁନିଭାଇଟି କଥା ପଚାରିଲା । ଆଉ ତା'ପରେ ଝୁଲାରେ ଶୋଇଥିବା ଗୋଲାପି ପ୍ଲାଷ୍ଟିକ୍ କଣ୍ଢେଇ ପରି ଶିଶୁଟିକୁ ଦେଖାଇ ଦେଇ କହିଲା ''ହେଇଟି ତୋ କୁନିଭଉଣୀ । ଭାରି ଗୁଲୁଗୁଲିଆ ହୋଇଛି ନା !'' ମୁଁ ଝୁଲାପାଖକୁ ଯାଇ ନିଦ୍ରିତ ଶିଶୁଟିକୁ ପାଦରେ ଉହୁଙ୍କି ଦେଖିବାକୁ ଚେଷ୍ଟା କଲି । ତାକୁଦେଖି କିଛିଟା ଅବାକ୍ ହେଲି ମଧ । କାରଣ ଏହା ପୂର୍ବରୁ, ମୋର ଯେ କୁନିଭଉଣୀଟିଏ ହେବାକୁ ଯାଉଛି, ଏ ଖବର ମୋତେ ଆଦୌ ଜଣା ନଥିଲା ।

ଶିଶୁଟି ଥିଲା ଘୋର ନିଦ୍ରାମଗ୍ନ । ପୁଟ୍‌କା ଗାଲ ଓ ଗୋରା ରଂଗ । ହାତ ବଢ଼ାଇ ତା' ଗାଲକୁ ଛୁଇଁଲି । ତୁଳାପରି ନରମ୍ ପୁଦ୍‌ପୁଦ୍ ଲାଗିଲା । ମୁଁ ଭୟରେ ହାତ ଫେରାଇ ଆଣିଲି ।

ଶିଶୁଟିର ଥିଲା ମଥାଭର୍ତ୍ତି କଳା ମୁଚ୍‌ମୁଚ୍ ରେଶମ୍ ପରି ବାଳ । ସେ ଘନ ଓ ଲମ୍ବ କେଶଦାମରେ ତା'କାନଦୁଇଟି ଓ କପାଳର କିୟଦଂଶ ଥିଲା ସଂପୂର୍ଣ୍ଣରୂପେ ଆବୃତ । କନକନାନୀ କହିଲେ ''କେତେ ବାଳ''! ବୋଉ କହିଲା ''ଏଠାକାର ଡାକ୍ତର ଓ ନର୍ସମାନେ କହୁଛନ୍ତି, ଗୋଟିଏ ଜନ୍ମ ହେଲା ଛୁଆର ଏତେ ବାଳ ସେମାନେ ଆଗରୁ କେବେ ଦେଖିନଥିଲେ । ଆଜି ନର୍ସ ପାନିଆ ଆଣି ତା ମୁଣ୍ଡକୁଣ୍ଡାଇ ଦେଇଛି'' । ମୁଁ ଶିଶୁଟିର ବାଳକୁ ସାଉଁଳାଇ ଦେଲି । ବୋଉ କହିଲା ''ଥାଉ, ଥାଉ, ଉଠି ପଡିବ'' ।

ବୋଉ ସଂପର୍କରେ ଏଇ ମୋ'ର ପ୍ରଥମ ସ୍ମୃତି । ତା'ଆଗରୁ ଯେତେ ଭାବିଲେ ବି ବୋଉ କଥା କି ବୋଉ ମୁହଁ ମନେପଡେନି ଏବଂ ଏଇ ଦୃଶ୍ୟଟିର କଥା ଯେତେବେଳେ ବି ମୁଁ ବୋଉକୁ କହେ, ବୋଉ ରୀତିମତ୍ ଆଶ୍ଚର୍ଯ୍ୟ ହୁଏ - ମୋର ଏତେ ସାନବେଳର କଥା ମୁଁ ଏତେ ସୂକ୍ଷ୍ମ ଓ ସବିଶେଷ ଭାବରେ କିପରି ମନେରଖିଛି ବୋଲି । ଏବଂ ଏକଥା ମଧ ମାନେ ଯେ ଅର୍ଦ୍ଧଶତାବ୍ଦୀ ପୂର୍ବରୁ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜର ଗାଇନାକୋଲୋଜି ୱାର୍ଡଟି ଥିଲା ଗୋଟିଏ ଭଗ୍ନପ୍ରାୟ ଆଜ୍‌ବେଷ୍ଟସ୍ କୋଠା । ଏବଂ ତା'ସାମ୍‌ନାରେ ଥିଲା ଗୋଟିଏ ତରାଟ ଗଛ ଭର୍ତ୍ତି ଅଯତ୍ନ ବର୍ଦ୍ଧିତ ଉପବନ । କନକନାନୀ ମୋତେ ସାଥିରେ ହସ୍‌ପିଟାଲ୍ ନେଇ ଯାଇଥିବା କଥାଟି ମଧ ବୋଉ ସ୍ୱୀକାର କରେ ।

ପ୍ରସଙ୍ଗତଃ କହିରଖେ ଯେ ସେତେବେଳର ମୋର ସେଇ ନବଜାତ କୁନିଭଉଣୀଟି ବର୍ତ୍ତମାନ ଏକ ସରକାରୀ କଲେଜରେ ବରିଷ୍ଠ ଅଧାପିକା । ଯେଉଁମାନେ ତାକୁ ଦେଖିଛନ୍ତି,

Digitized by srujanika@gmail.com

ସେମାନେ ନିଶ୍ଚିତ ରୂପେ ଭାବିବେ ଯେ ତାକୁ ନେଇ ଏକ ଅବାନ୍ତର ଓ ମନଗଢ଼ା କାହାଣୀଟିଏ ମୁଁ ରଚନା କରିଛି । କାରଣ ତା'ର ମସ୍ତକ ବର୍ତ୍ତମାନ୍ ପୂରାପୂରି କେଶଶୂନ୍ୟ ।

ବାପାଙ୍କ ସଂପର୍କରେ ମୋର ପ୍ରଥମ ସ୍ମୃତି କିନ୍ତୁ ଏହାର ଅନେକ ପରେ । ହୁଏତ ମୋତେ ପାଞ୍ଚ ଛଅ ବର୍ଷ ହୋଇଥିବ ।

ସେଦିନଟି ଥିଲା ମଧ୍ୟ ରୌଦ୍ରପ୍ରଭ । ଉଜ୍ଜ୍ୱଳ, ଝଲମଲ୍ ଏକ ଅପରାହ୍ନ । ଆମର ପଶ୍ଚିମମୁହାଁ ଉଞ୍ଚପିଣ୍ଡାରେ ଅଗଣା ଆଡକୁ ମୁହଁ କରି, ମୁଁ ଗୋଡ ଝୁଲାଇ ବସିଥିଲି । ନରମ୍ ସୁନାରଂଗର ଖରା ଆମ ଅଗଣାରେ ମୋଡି ମୋଡି ହୋଇ ଗଜୁରି ଆସୁଥିବା ମଞ୍ଜ କଦଳୀପତ୍ରମାନଙ୍କ ଉପରେ ଅଜାଡି ହୋଇ ପଡୁଥିଲା ଅପର୍ଯ୍ୟାପ୍ତ ଭାବରେ । ସେ ମଞ୍ଜପତ୍ରର ହାଲ୍କା ସବୁଜରଙ୍ଗ ହଳଦିଆରଂଗର ସୂର୍ଯ୍ୟାଲୋକ ସହିତ ମିଶି ସୃଷ୍ଟି କରୁଥିଲା ଏକ ଅନବଦ୍ୟ ଓ ଅଭୂତପୂର୍ବ ବର୍ଣ୍ଣବିଭା । ବାଗିପଟେ ପଡ଼ିଶାଘରର ଝିରିଝିରି ପତ୍ରବାଲା ଟ୍ରେଙ୍କିଗଛଟି ପରିଚ୍ଛନ୍ନ ଆକାଶକୁ ପ୍ରଚ୍ଛଦପଟରେ ରଖି ଠିଆ ହୋଇଥିଲା ଏକ ପ୍ରକାଣ୍ଡକାୟ ତୁଳୀଅଂକା ପେଣ୍ଟିଂ ପରି । ନୀଳରଂଗର ପିଆଲା ପରି ମସୃଣ ଦ୍ୟୁତିମୟ ଆକାଶ । ତହିଁରେ କ୍ୱଚିତ୍ କେଉଁଠି ହାଲ୍କା ତୁଳାପିଞ୍ଜ ପରି ଭାସମାନ ସାଦା ମେଘର ଟୁକୁଡା । ଋତୁ କଅଣ ଶରତ ଥିଲା ?

ମୁଁ ଅକ୍ଷର ଶିକ୍ଷା ଶେଷ କରିସାରିଥିଲି ଓ ବାପା ମୋ ପାଇଁ ଗୋଟିଏ ସାନ ଛବିବାଲା ଗୀତବହି କିଣି ଆଣି ଦେଇଥିଲେ । ବହି ମଲାଟରେ ଥିଲା ଗୋଟିଏ ଫକ୍‌ପିନ୍ଧା କୁନିଝିଅର ଦୋଳି ଖେଳୁଥିବା ଦୃଶ୍ୟର ଚିତ୍ରପଟ । ବହିଟିରେ ଅନେକଗୁଡିଏ ବଡ ବଡ ଅକ୍ଷରରେ ଲେଖା ଛନ୍ଦୋବଦ୍ଧ କବିତା ଥିଲା । ଏବଂ ତନ୍ମଧ୍ୟରୁ ଗୋଟିଏ କବିତା ଥିଲା ମୋର ଅତ୍ୟନ୍ତ ପ୍ରିୟ । ଗୀତଟି ଥିଲା ଗୋଟିଏ ମଜାଦାର ଲୋକ ସଂପର୍କରେ ଏବଂ ତା'ର ଶୀର୍ଷକ ଥିଲା 'ସଦାନନ୍ଦପ'। ବର୍ଣ୍ଣିତ ବ୍ୟକ୍ତିଟିର ସବୁକିଛି ଥିଲା ଓଲଟା । ତାକୁ ଶୀତଦିନେ ଗରମ ଲାଗୁଥିଲା ଏବଂ ଗରମ ଦିନେ ଶୀତ । ତାକୁ ଭୋକ ଲାଗିଲେ ସିଏ ପାଣି ପିଉଥିଲା ଏବଂ ଶୋଷ ଲାଗିଲେ ଭାତ ଖାଉଥିଲା ଇତ୍ୟାଦି ଇତ୍ୟାଦି । ଲୋକଟିର ନାଁ ଥିଲା ପଦନ ଦାସ । କିନ୍ତୁ ଯେହେତୁ ତା'ର ସବୁ କାମ ଓଲଟା ଥିଲା, ତା' ନିଜ ନାଁଟିକୁ ମଧ୍ୟ ସେ ଓଲଟା କରି କହୁଥିଲା-ସଦାନନ୍ଦପ ।

ମନେ ଅଛି - ପ୍ରତ୍ୟେକଦିନ ସକାଳେ, ମୋ'ର ନିତ୍ୟକର୍ମ ସାରି, ବହିଟି ଧରି ମୁଁ ଛାତ ଉପରକୁ ଚାଲିଯାଉଥିଲି । କାରଣ ପଢ଼ିବାପାଇଁ ସେ ଜାଗାଟି ଥିଲା ନିରୋଳା । ସିଡ଼ି ଘରର ଲମ୍ବ ଛାଇ ଛାତର କିୟଦଂଶକୁ କରୁଥିଲା ଛାୟାସ୍ନିଗ୍ଧ । ସେଇ ଛାଇରେ ବସି ବହିଟି ମୂଳରୁ ଶେଷ ପର୍ଯ୍ୟନ୍ତ ପଢୁଥିଲି । ଗୀତଟକ ଗାଉଥିଲି ସୁର୍ କରି । ପ୍ରତ୍ୟେକ ଗୀତ ଦୁଇ ଚାରିଧାଡି ମନେ ବି ରହିଯାଇଥିଲା ।

ସେଦିନ ଅପରାହ୍ନରେ ପିଣ୍ଡାରେ ଗୋଡ ଝୁଲାଇ ବସି, ସଦାନନ୍ଦପ ଗୀତଟିକୁ ମୁଁ ବଡପାଟିରେ ଆବୃତ୍ତି କରୁଥିଲି । ଏବଂ ଆବୃତ୍ତି କରୁ କରୁ ଅଚାନକ ଆବିଷ୍କାର କଲି ଯେ

Digitized by srujanika@gmail.com

ପୂରାଗୀତଟି ମୋର ମନେ ରହି ଯାଇଛି । ଯା' ଆଗରୁ କେବେ ବି ପୂରା ଗୀତଟି ଗାଇପାରୁନଥିଲି ।

ମନ ହୋଇଗଲା ବେଜାୟ ଖୁସି । ଉତ୍ତେଜନାରେ ଦୌଡି ଦୌଡି ଗଲି ରୋଷେଇଘରକୁ । ଜାଣିଥିଲି, ବାପା ଏବେ କଲେଜରୁ ଫେରି ଜଳଖିଆ ଖାଉଥିବେ । ରୋଷେଇ ଘରେ ଚଉଡା ଚାରିକୋଣିଆ ପିଢ଼ାରେ ବସି ବାପା ଭୋଜନ କରୁଥିଲେ - ପରଟା, ସୁଜିକ୍ଷିରୀ ଓ ଆଳୁଭଜା । ବୋଉ ବସିଥିଲା ପାଖରେ ।

ଛବିବହିର ଗୀତଟି ମୁଁ ପୂରା ଶିଖି ଯାଇଛି ବୋଲି ଉଲ୍ଲସିତ ହୋଇ ଜଣାଇଦେଲି ବାପାଙ୍କୁ । ଗୀତଟି ଗାଇ ଶୁଣାଇବାପାଇଁ ବାପା କହିଲେ ଏବଂ ମୁଁ ବେଶ୍ ନିବିଷ୍ଟ ଚିତ୍ତରେ ତଥା ଜୋର୍‌ଦାର୍‌ଗଳାରେ ବାପାବୋଉଙ୍କ ସାମ୍ନାରେ ଗୀତଟି ଗାଇବାକୁ ଲାଗିଲି । ଗୀତଟି ସରିଗଲା ପରେ ଭଲ ହୋଇଛି ବୋଲି ମନ୍ତବ୍ୟ କରିବା ଭଙ୍ଗୀରେ ବାପା ମୁଣ୍ଡ ଟୁଙ୍ଗାରିଲେ । ଏବଂ ତା'ପରେ ପରେ ଥାଳିରୁ ମୁହଁ ଉଠାଇ ଚାହିଁଲେ ବୋଉକୁ । ଏବଂ ବାପା ବୋଉ ମୁହୂର୍ତ୍ତକ ପାଇଁ ପରସ୍ପକୁ ଚାହିଁ ହସିଲେ । ଅତ୍ୟନ୍ତ ମୃଦୁଭାବରେ । ସେ କ୍ଷୀଣହସର ଆଭା ତାଙ୍କ ମୁହଁରେ ଲାଗିରହିଲା ବେଶ୍ କିଛି ସମୟ ପାଇଁ । ଏବଂ ମୁଁ ବିଭ୍ରାନ୍ତ ହେଲି । ଗୀତଟି ମୁଁ ମନେରଖିଥିବା ସତ୍ତ୍ୱେ, ମୋର କୃତିତ୍ୱ ଲାଗି ମୋତେ ଚାହିଁ ନହସି ବାପାବୋଉ ଯେ କାହିଁକି ପରସ୍ପରକୁ ଚାହିଁ ହସିଲେ - ଏହାର ଯୁକ୍ତିଯୁକ୍ତ କାରଣ ମୁଁ ଶତଚେଷ୍ଟା କରି ସୁଦ୍ଧା ଖୋଜି ପାଇଲିନି ।

ସେ ହସର ରହସ୍ୟ ଅବଶ୍ୟ ମୁଁ ଖୋଜି ପାଇଥିଲି ଶେଷପର୍ଯ୍ୟନ୍ତ । ଏବଂ ସେ ରହସ୍ୟ ହୃଦୟଙ୍ଗମ କରିବା ପାଇଁ ମୋତେ ଆହୁରି ଅନେକ ଅନେକ ବର୍ଷ ଅପେକ୍ଷା କରିବାକୁ ପଡିଥିଲା । ଯେତେବେଳେ ମୋର ଚାରିବର୍ଷର ସୁକୁମାର ଶିଶୁପୁତ୍ରଟି ତା'ର ଗୋଲ୍ ଗୋଲ୍ ନୀଳ ଡୋଳା ନଚାଇ ତା'ର ପ୍ରଥମ ଶିଖିଥିବା ନର୍ସରୀ ରାଇମ୍‌ଟିକୁ ଗାଇ ଆମ ଦୁଇ ଜଣଙ୍କୁ ଶୁଣାଇଥିଲା, ଅମେ ଦୁଇ ପତିପତ୍ନୀ ମଧ ମୁହୂର୍ତ୍ତକ ପାଇଁ ପରସ୍ପରକୁ ଚାହିଁ ହସିଥିଲୁ । ଅତ୍ୟନ୍ତ ମୃଦୁଭାବରେ । ଠିକ୍ ବାପାବୋଉଙ୍କ ଭଳିଆ ।

ସେ ହସ ଥିଲା ମିଳିମିଶି ତିଆରି କରିଥିବା ଲୋଭନୀୟ ପିତୁଳାଟିର ଏତାଦୃଶ କୃତିତ୍ୱରେ ଆତ୍ମହରା ହୋଇ ଉଲ୍ଲସିତ ହୋଇଥିବାର ହସ, ସେ ହସଥିଲା ଏଭଳି ଚମତ୍କାର ସନ୍ତାନଟିଏ ଦେଇଥିବା ଲାଗି, ପରମେଶ୍ୱରଙ୍କ ଅପାର କରୁଣା ସାମ୍ନାରେ ଖୁସିମୟ ବିନମ୍ରତାରେ କୃତଜ୍ଞତା ଜ୍ଞାପନ କରିଥିବାର ହସ ଏବଂ ସେ ହସଥିଲା ଏକ ସୁଖଦ, ଶୁଭଦ ସାର୍ଥକ ତଥା ଅଲୌକିକ ଅନୁଭୂତିର ହସ । ପ୍ରାପ୍ତିର ଓ ପରିପୂର୍ଣ୍ଣତାର ହସ ।

ସ୍ୱ ସନ୍ତାନର ସାମାନ୍ୟତମ କୃତିତ୍ୱରେ ପ୍ରତ୍ୟେକ ପିତାମାତା କେବେ ନା କେବେ, ସେ ପ୍ରାପ୍ତି ଓ ପରିପୂର୍ଣ୍ଣତାର ସ୍ୱାଦ ତାଙ୍କ ଜୀବନରେ ପାଆନ୍ତି ନିଶ୍ଚୟ । ଏବଂ ଏ ସ୍ମୃତି, କେବଳ ସେଇଥିପାଇଁ ବୋଧହୁଏ, ଏବେ ବି ରହିଯାଇଛି ଅମୃତମୟ ହୋଇ ।

*ଡିସେମ୍ବର, ୨୦୦୦*

□□□

Digitized by srujanika@gmail.com

# ଅଧାଲେଖା ଦସ୍ତାବିଜ୍

## ।। ୧ ।।

ଉଦ୍‌ଭିଦ ବିଜ୍ଞାନ ବିଭାଗ ପଛପଟେ ଥିବା ଶ୍ୟାମଘନ ବନସ୍ପତି ଶୋଭିତ ଛାୟାଶୀତଳ ରାସ୍ତାଟି ଧରି କଲେଜରୁ ଫେରୁଥିଲି - ଏକା ଏକା । ରାସ୍ତା ଶେଷ ଆଡକୁ ତୁଳୁତୁଳୁ ଗୋଳିଆ ପାଣିର ସାନ କେନାଲ୍‌ଟିଏ । କେନାଲ୍ ସେ ପଟେ ଆମ ଘର ।

କେବେ କେମିତି ମହାନଦୀର ଜଳପତନ କମିଗଲେ, ଆନିକଟ୍ ପାଖରେ ନଈପାଣିକୁ ଅଟକଳ କରିବାଦ୍ୱାରା ଉପରୋକ୍ତ ଶାଖା କେନାଲ୍‌ଟି ଶୁଖି ଯାଉଥିଲା । ପାଣି ରହୁଥିଲା ବଳାଗଣ୍ଠି ପର୍ଯ୍ୟନ୍ତ । ସେତେବେଳେ କେନାଲ୍ ଭିତରେ ପଶି, ଏପଟ ତୁଠରେ ଚଢ଼ି ଘରେ ପଶୁଥିଲୁ । ଘର ପହୁଞ୍ଚା ବାଟଟି ହୋଇ ଯାଉଥିଲା ସଂକ୍ଷିପ୍ତ । ଅନ୍ୟ ସମୟରେ ଆଗକୁ କିଛି ଦୂର ଯାଇ, ଏକ ସଂକୀର୍ଣ୍ଣ ପୋଲ ଦ୍ୱାରା ନାଳ ପାରି ହୋଇ ଘରମୁହାଁ ରାସ୍ତା ଧରିବାକୁ ହେଉଥିଲା ।

ବେଶ୍ କେଇଦିନ ହେଲା କେନାଲ୍‌ର ଜଳପତନ କମ୍ ଥିଲା । କଲେଜ୍ ଛୁଟି ପରେ ଘରକୁ ଆସୁଥିଲି ନାଳ ଭିତରେ ପଶି - ପାଦରେ ପାଣି ଚାବୁର୍ ଚାବୁର୍ କରି । ସେଦିନ ବି ଅଭ୍ୟାସ ବଶତଃ ନାଳର ଅସମତଳ ଉଞ୍ଚବନ୍ଧଟି ଓହ୍ଲାଇ ପଶିଥିଲି ପାଣି ଭିତରେ । ମାତ୍ର କେଇପାଦ ଯାଇଛି ଅଚାନକ ଆଖିରେ ପଡିଲା ସ୍ରୋତ ବିରୁଦ୍ଧରେ କାତମାରି ନାଉରିଆଟିର ଡଙ୍ଗା ବାହି ନେଉଥିବାର ଦୃଶ୍ୟ । ଚମକି ପଡିଲି । ପାଦେ ପାଣିରେ ଡଙ୍ଗା ? ଚାହିଁ ଦେଖିଲି ଦୁଇକୂଳ ଉଛୁଳା କେନାଲ୍ । ମହାନଦୀରୁ ପାଣି ଛଡା ହୋଇଛି ନିଶ୍ଚୟ । ଅପସରି ଆସିଲି ଆଣ୍ଠୁଏ ପାଣିରୁ । ପିନ୍ଧା ଶାଢ଼ୀର ନିମ୍ନାଂଶ ଓଦା । ଭୟରେ ଶରୀର ଠକ୍ ଠକ୍ କଂପୁଥିଲା । ନୌକାଟି ଆଖିରେ ନପଡିଥିଲେ ନିଶ୍ଚିତ ରୂପେ ଜଳମଗ୍ନ ହୋଇଥାଆନ୍ତି । ଥିଲି ସଂପୂର୍ଣ୍ଣ ଭାବରେ ଚେତନାରହିତ ଓ ଅନ୍ୟ ମନସ୍କ ।

ଅନ୍ୟମନସ୍କ ହେବାର କାରଣ ଅବଶ୍ୟ ଥିଲା । ସେଦିନ ଶ୍ରେଣୀରେ ନୀଳଆଖି ଡୋଳାର ସୁଦର୍ଶନ ତରୁଣ ସହପାଠୀଟି ଅତ୍ୟନ୍ତ ଭୀରୁ ଓ ଲାଜକୁଳା ଭଙ୍ଗୀରେ ଦୁଇତିନିଥର ମୋ ଆଡେ ଚାହିଁଥିଲା । ନିତାନ୍ତ ସାଧାରଣ ଓ ମାମୁଲି ଘଟଣାଟିଏ । ମୋର ସହପାଠିନୀ ମାନଙ୍କର ମଧ୍ୟ ଏତାଦୃଶ ଅଭିଜ୍ଞତା ସଦାସର୍ବଦା ହେଉଥିଲା । କିନ୍ତୁ ସେମାନେ ଯାକୁ ନେଇ କବିତା ଲେଖୁନଥିଲେ । ମୁଁ ଲେଖୁଥିଲି ।

Digitized by srujanika@gmail.com

ସେଦିନ ସାରା ରାସ୍ତା ସ୍ୱପ୍ନବିଭୋର୍ ମନରେ କବିତା ଖଂଜି ଖଂଜି ବାଟ ଚାଲୁଥିଲି । କବିତା ନିଶାରେ ଏଭଳି ମସ୍‌ଗୁଲ୍ ଥିଲି ଯେ ସଂପୂର୍ଣ୍ଣ ବାହ୍ୟଜ୍ଞାନ ଶୂନ୍ୟ ହୋଇ ଜଳପୂର୍ଣ୍ଣ କେନାଲ୍‌ଟିକୁ ମଧ ଲକ୍ଷ୍ୟ କରିପାରିନଥିଲି । ମୋର ତତ୍କାଳୀନ ସ୍ପର୍ଶକାତର ଓ କଳ୍ପନା ବିଳାସୀ ମନ ସଂପର୍କରେ ସମ୍ୟକ୍ ସୂଚନା ଦେବାପାଇଁ ଏ ପ୍ରସଙ୍ଗର ଅବତାରଣା ।

ସ୍କୁଲ୍ ଓ କଲେଜ୍‌ରେ ପାଠ ପଢ଼ିଲାବେଳେ କବିତାର ନିଶା ଘାରୁଥିଲା ଅହରହ । କବିତା ଲେଖିବା ପାଇଁ, ଆଧୁନିକ ରୂପକଳ୍ପ ପ୍ରୟୋଗ କରି କୁହାଯାଇପାରେ ଯେ ଯେଭଳି ନୂଆ ଟୁଥ୍‌ପେଷ୍ଟର ଟ୍ୟୁବ୍‌ଟିରେ ସାମାନ୍ୟ ଚାପ ଦେଲେ ସ୍ୱତଃସ୍ଫୂର୍ତ୍ତ ଭାବରେ ତା'ଭିତରୁ ପେଷ୍ଟ୍ ବାହାରି ଆସେ, ଠିକ୍ ସେଇଭଳି ସାମାନ୍ୟ ଆବେଗରେ ଗଳ୍‌ଗଳ୍ ହୋଇ ବାହାରି ଆସୁଥିଲା କବିତା । ମନଟି ସତେ ଅବା ଥିଲା ଶ୍ରାବଣର ସରସୀ । ଟୁପ୍ କରି କୌଣସି ଏକ ଅନୁଭୂତିର କଂକରଟିଏ ତହିଁରେ ପଡିଗଲେ ଉଦ୍‌ବେଳିତ ହୋଇ ଉଠୁଥିଲେ କଳ୍ପନାର ସାନ ବଡ ତରଂଗ ସବୁ । କବିତା ଲେଖୁଥିଲି ସବୁଠି - ବହି ମଲାଟରେ, ଗଣିତ ଖାତାରେ କିମ୍ବା ପ୍ରାକ୍‌ଟିକାଲ୍ ନୋଟ୍‌ର ପଛପଟେ କବିତା ଲେଖୁଥିଲି ସବୁବେଳେ । ସକାଳେ, ସଂଜେ ଓ ମଧ ରାତ୍ରିରେ ।

କବିତାରେ କେତେବେଳେ କେମିତି ଆସୁଥିଲା ଭୂଗୋଳ, କେତେବେଳେ ଜ୍ୟାମିତି, କେତେବେଳେ ଅବା ବ୍ୟାକରଣ ।

— ହେ ନାବିକ, ତୁମ ଆଖିରେ ଏବେ ସୁଦୂର ଦାରୁଚିନି ଓ ଲବଙ୍ଗ ଦ୍ୱୀପର ସ୍ୱପ୍ନ । ଚାଲି ଯାଉଛ ପାଲ ଉଡାଇ । କିନ୍ତୁ ମନେରଖ, ଦିନେ ନା ଦିନେ ଠିକ୍ ଫେରିଆସିବ ଏଇ ବନ୍ଦରକୁ, ପୃଥିବୀ ଯେ ଗୋଲ୍ !

— ଆମ ଦୁହିଁଙ୍କର ସଂପର୍କର ସଂଜ୍ଞା ବହୁତ ସରଳ । କେବଳ ଗୋଟିଏ ଶବ୍ଦ-ବୃତ୍ତ । ଜଣେ କେନ୍ଦ୍ରବିନ୍ଦୁ, ଆଉ ଜଣେ ତା' ଚାରିପାଖେ ଘୁରିବୁଲୁଥିବା ପରିଧି ।

— ତମେମାନେ କାହିଁକି ମତେ ଅନ୍ୟମାନଙ୍କୁ ମାପୁଥିବା ପରିମାପକରେ ମାପୁଛ ? ମୁଁ ଅଲଗା, ସଭିଙ୍କଠୁ ଅଲଗା । ସବୁ ନୀତିନିୟମର ବହିର୍ଭୂତ - ବ୍ୟାକରଣର ନିପାତନ ସିଦ୍ଧ ପରି ।

ଦୈବାତ୍ ପ୍ରଥମ ଦୁଇଟି କବିତାର ନକଲ ଏବେ ଗୋଟିଏ ପୁରୁଣା ଫାଇଲ୍‌ରେ ପାଇଲି । ପଠାଇ ଦେଇଥିଲି ଦୁଇଟି ଭଲମାନର ପତ୍ରିକାକୁ । କବିତା ଦୁଇଟି ପ୍ରକାଶ ପାଇଗଲା । ଆଣିଦେଲା କେତୋଟି ରସଗ୍ରାହୀ ପାଠକଙ୍କର ଟେଲିଫୋନ୍ ଓ ଚିଠି ମଧ ।

କବିତାର କଢ଼ସବୁ ମନକାନନରେ ଫୁଟିଥିଲେ ଟିକିଏ ବେଗାବେଗି । ଏଗାରବାର ବର୍ଷ ବେଳକୁ । ପ୍ରଥମ କବିତା ପ୍ରକାଶିତ ହୋଇଥିଲା ପ୍ରଜାତନ୍ତ୍ରରେ, ଅଷ୍ଟମ ଶ୍ରେଣୀରେ

Digitized by srujanika@gmail.com

ପାଠ ପଢ଼ିଲା ବେଳେ । ସ୍କୁଲପାଠ ସରିବା ଭିତରେ ପ୍ରାୟ ସମସ୍ତ ପତ୍ରପତ୍ରିକା ଓ ସମ୍ବାଦ ପତ୍ରରେ କବିତା ଛପା ହୋଇଯାଇଥିଲା । ସୁପ୍ରସିଦ୍ଧ ପତ୍ରିକା 'ଝଙ୍କାର'ରେ ପ୍ରଥମ କବିତା ପ୍ରକାଶିତ ହୋଇଥିଲା ମୋତେ ଯେତେବେଳେ ସତର ବର୍ଷ । କବିତାଟିର ଶୀର୍ଷକ ଥିଲା 'ପ୍ରଶ୍ନ' । ବେଶ୍ ଉତ୍ତେଜିତ ହୋଇଥିଲି । ରୋମାଞ୍ଚିତ ବି । ମନେ ହୋଇଥିଲା କବି ଡିଗ୍ରୀ ହାସଲ କରିବା ପାଇଁ ଯେଉଁ ଭୟାବହ ଏଣ୍ଟ୍ରାନ୍ସ ପରୀକ୍ଷାଟି ଦେବାକୁ ପଡେ, ତାହା ଉତ୍ତୀର୍ଣ୍ଣ ହୋଇଗଲି ବଡ ସୁରୁଖୁରୁରେ । ସେତେବେଳେ ପ୍ରଜାତନ୍ତ୍ରରେ 'ନାରୀମହଲ' ନାମକ ଏକ କ୍ରୋଡପତ୍ର ପ୍ରତି ସପ୍ତାହରେ ପ୍ରକାଶ ପାଉଥିଲା । ନିୟମିତ ଲେଖୁଥିଲି ସେଥିରେ । ମାଟ୍ରିକ୍ ପରୀକ୍ଷା ସରିଲା ମାର୍ଚ୍ଚ ମାସରେ । ଏପ୍ରିଲ୍ ମାସରେ ଅନୁଷ୍ଠିତ ଦଶମ ବିଷୁବମିଳନ ସମାରୋହରେ ପାଇଲି ଶିଶୁ ସାହିତ୍ୟିକା ହିସାବରେ ମାନପତ୍ର । ମହାକାଳର ଆକ୍ରୋଶରେ ବିବର୍ଣ୍ଣ ପଡିଯାଇଥିବା ସେ ମାନପତ୍ରଟି ଅମୂଲ୍ୟରତ୍ନ ସଦୃଶ ପାଟକନାରେ ମୋଡା ହୋଇ ଏବେ ବି ମୋ ପେଡି ତଳେ ସାଇତା । ଆଜିକାଲି ବିଷୁବମିଳନ ଉତ୍ସବ କିଭଳି ପାଳିତ ହେଉଛି ଜାଣେନି । କିନ୍ତୁ ଚାଳିଶ ବର୍ଷ ତଳେ, ପ୍ରଜାତନ୍ତ୍ର ହତାଭିତରେ ପ୍ରଶସ୍ତ ଚନ୍ଦ୍ରାତପ ତଳେ, ଗାଲିଚା ଓ ଦରି ଉପରେ ନିମନ୍ତ୍ରିତ ଅତିଥିବର୍ଗ ଚକାପକେଇ ବସିଥିଲୁ - ମୁଖ୍ୟ ଅତିଥି ଓ ଅନ୍ୟାନ୍ୟ ସୁଧୀଜନମାନଙ୍କ ସହିତ । ମୁଁ ପୁରସ୍କାରଟି ଆଣିଲା ବେଳେ ବାପାଙ୍କ ପାଖରେ ବସିଥିବା ତାଙ୍କର କେତେଜଣ ସୁହୃଦ୍ ତାଙ୍କୁ କହିଥିଲେ ''ଆପଣ ନିଶ୍ଚୟ ଲେଖି ଦେଉଥିବେ ଝିଅପାଇଁ । ନହେଲେ ଏତେ ଟିକିଏ ପିଲା, ଏଭଳି ପୁରସ୍କାର ପାଆନ୍ତା ?''

ବାପା ଘରେ ଆସି ବୋଉକୁ କଥାଟି କହିଥିଲେ, ତଦ୍ ସହିତ ମୃଦୁହସି ଯୋଗ କରିଥିଲେ ''ବୁଝିଲ ? ଝିଅପରି ମୁଁ ହେଲେ ଟିକିଏ କବିତା ଲେଖି ପାରନ୍ତି !'' ବସ୍ତୁତଃ କହିରଖେ ପାଣ୍ଡିତ୍ୟରେ ମୁଁ ମୋର ବିଦ୍ୱାନ୍ ଓ ଗବେଷକ ପିତାଙ୍କର ପଦରଜ ସହିତ ବି ସମାନ୍ ନୁହେଁ । କିନ୍ତୁ ବାପାଙ୍କର ଇଲାକା ଥିଲା ନିଆରା । ରସ ପାଉଥିଲେ ପ୍ରସ୍ତର ଖଣ୍ଡ ଓ ତାମ୍ରଫଳକରୁ - ଭାଷାତତ୍ତ୍ୱରୁ ଓ ଲିପିତତ୍ତ୍ୱରୁ । କବିତା ରଚନା ପ୍ରତି ଥିଲେ ଉଦାସୀନ ।

ଯାହା ହେଉ, ଉପରୋକ୍ତ ବାକ୍ୟଟି ବୋଉକୁ କହିଲା ବେଳେ କନ୍ୟାର ସାହିତ୍ୟିକ କୃତିରେ ଗର୍ବିତ ମୋ ବାପାଙ୍କ ମୁହଁଟି ଏକ ଅପୂର୍ବ ଆନନ୍ଦାଲୋକରେ ଦୀପ୍ତ ଓ ଉଜ୍ଜ୍ୱଳ ଦିଶିଥିଲା । ସେ ଔଜଲ୍ୟ ସତ୍ୱର ପ୍ରସରିଥିଲା ପାଖରେ ବସିଥିବା ମୋ ବୋଉର ଗୌରବର୍ଣ୍ଣ ମୁଖମଣ୍ଡଳକୁ । ଏ କାହାଣୀ ଏବେ ଇତିହାସ । କିନ୍ତୁ ଏତେବର୍ଷ ପରେ ବି ମୋର ସାମାନ୍ୟତମ କାବ୍ୟିକ ସଫଳତାରେ ଏତାଦୃଶ ଆତ୍ମହରା ହୋଇଥିବା ସେ ମୁହଁ ଯୋଡିକ କେତେବେଳେ କେମିତି ମୋ ସ୍ମୃତି ପଥରେ ଝଲ୍‌ମଲ୍ କରି ଉଠନ୍ତି - ମୋର ସମସ୍ତ ଚେତନାକୁ ମନ୍ତ୍ରମୁଗ୍ଧ କରି ।

ପିଲାବେଳେ ସମସାମୟିକ କବିତା ସହିତ ଶିଶୁ କବିତା ମଧ୍ୟ ଲେଖୁଥିଲି - ପ୍ରଚୁର । ତତ୍କାଳୀନ ପ୍ରାୟ ସମସ୍ତ ଉଚ୍ଚମାନର ଶିଶୁ ଓ କିଶୋର ମାନଙ୍କ ପାଇଁ ଉଦ୍ଦିଷ୍ଟ ପତ୍ରିକାରେ

Digitized by srujanika@gmail.com

ସେ ଲେଖାସବୁ ପ୍ରକାଶ ପାଉଥିଲା । ଆଲୋକ ସାହିତ୍ୟ ପ୍ରତିଷ୍ଠାନର ମାଲିକ, ପିତୃପ୍ରତିମ, ସ୍ନେହଶୀଳ ଶ୍ରୀ ଭୁବନେଶ୍ୱର ମିଶ୍ର ଛପାଇ ଦେଲେ ବହିଟିଏ - ଚମତ୍କାର ଛବି ଓ ରେଖାଚିତ୍ର ସହିତ । ଶୀର୍ଷକ ଥିଲା ହୀରା, ମୋତି, ମାଣିକ । ଉକ୍ତ ଶିଶୁ କବିତା ସଂକଳନଟି ପୁରସ୍କୃତ ହୋଇଥିଲା ମଧ । ଦୀର୍ଘ ନିର୍ବାସନପରେ ଗଲାବର୍ଷ ଯେତେବେଳେ ଦୁଇଟି ଶିଶୁକବିତା ଓ ଦୁଇଟି ପତ୍ରିକାକୁ ପଠାଇଥିଲି, ଦୁଇଟି ଯାକ ପତ୍ରିକାର ଶ୍ରଦ୍ଧେୟ ଦୁଇ ସଂପାଦକ ଫୋନ୍‌ରେ ପଚାରିଥିଲେ ''ଆପଣ କଅଣ ସେଇ କିଶୋରୀ ଝିଅଟି ଯିଏ କି ହୀରା ମୋତି ମାଣିକ ଲେଖିଥିଲା ? ଆପଣ କଅଣ ସେଇ କିଶୋରୀ ଝିଅଟି ଯାହାର କବିତା ଅନେକ ଅନେକ ବର୍ଷ ପୂର୍ବରୁ ଏକଦା ଆମ ପତ୍ରିକାରେ ପ୍ରକାଶ ପାଉଥିଲା ?'' ଆଖିରେ ଲୁହ ଛକେଇ ଆସିଥିଲା, ମୋ କବିତା ମାନଙ୍କ ପ୍ରତି କୃତଜ୍ଞତାରେ । ଅକିଞ୍ଚନ ମୁଁ, ମୋତେ କେହି ମନେରଖିବାର କୌଣସି ଯୋଗ୍ୟତା ମୋର ନାହିଁ । ଯଦି ଅକସ୍ମାତ୍ କେହି ମୋତେ ମନେରଖିଛନ୍ତି, ତାହା କେବଳ ମୋ କବିତା ଯୋଗୁ । ମୁଁ ଯେ ଋଣୀ ରହିଗଲି ତା'ପାଖରେ ।

ଛାତ୍ରାବସ୍ଥାରେ କବିତା ସହିତ ହୋଇଥିଲା ପ୍ରଥମ ପ୍ରେମ । ଗଦ୍ୟ ଲେଖୁ ନଥିଲି । କିନ୍ତୁ ଦୈବାତ୍ ଗଦ୍ୟରଚନାଟିଏ, ଗୋଟିଏ ସମାଲୋଚନା ଗ୍ରନ୍ଥ, ଲେଖି ହୋଇଗଲା ଘଟଣାଚକ୍ରରେ ପଡି । ଉତ୍କଳ ବିଶ୍ୱବିଦ୍ୟାଳୟରେ ସେତେବେଳେ ଏକ ବାର୍ଷିକ ନିବନ୍ଧ ରଚନାର ପ୍ରତିଯୋଗିତା ହେଉଥିଲା । ଏବେ ହେଉଛି କି ନାହିଁ ଜାଣେନି । ପ୍ରଥମ ପୁରସ୍କାର ବିଜେତାଙ୍କୁ ସମାବର୍ତ୍ତନ ଉତ୍ସବରେ ପୁରସ୍କୃତ କରାଯାଉଥିଲା । କଲେଜରେ ପାଠ ପଢ଼ିଲା ବେଳେ ପ୍ରତିଯୋଗିତାରେ ଭାଗ ନେଇଥିଲି । ବିଷୟ ବସ୍ତୁ ଥିଲା - ଓଡ଼ିଆ ପଦ୍ୟ ମହାକାବ୍ୟର କ୍ରମବିକାଶ । କଳା ଗାଉନ୍ ପରିହିତ ତତ୍କାଳୀନ ଗଭର୍ଣ୍ଣର ଶ୍ରୀ ଅଯୋଧ୍ୟାନାରାୟଣ ଖୋସ୍‌ଲାଙ୍କଠାରୁ ପୁରସ୍କାର ଟଙ୍କା ଥଳିଟି ଆଣିଲା ବେଳର ଫଟଟି - ସ୍ଥାନ ବିଶେଷରେ ସାମାନ୍ୟ ରଂଗ ଉଠିଯାଇଥିଲେ ସୁଦ୍ଧା - ଏବେ ବି ମୋ ଆଲ୍‌ବମ୍‌ର ଶୋଭା ବର୍ଦ୍ଧନ କରୁଛି । ପରେ ବାପା ଦୀର୍ଘ ଗବେଷଣାତ୍ମକ ପ୍ରବନ୍ଧଟିକୁ ବହି ଆକାରରେ ଛପାଇ ଦେଇଥିଲେ । ଏଇ ସେଦିନ ଜଣେ ଅଧାପିକା କହିଲେ ''ନାନୀ, ସେ ବହିଟି ଏବେ ମିଳୁନି । ଆମେ ତାକୁ ଉଚ୍ଚଶ୍ରେଣୀର ଛାତ୍ରମାନଙ୍କୁ ରେଫରେନ୍‌ସ ବହି ହିସାବରେ ପଢ଼ିବାପାଇଁ ଉପଦେଶ ଦେଉଥାଉ । ଚମତ୍କାର ବହିଟିଏ, ଆଉଥରେ ଛପାଇ ଦିଅନ୍ତୁ'' । ସାଧାରଣ ବିଦ୍ୟାବୁଦ୍ଧିଯୁକ୍ତ ବିଂଶ ବର୍ଷୀୟା ଛାତ୍ରୀଟିର ବି.ଏ. ପାଶ୍ କରି ସାରି ଲେଖିଥିବା ଗ୍ରନ୍ଥଟି ବର୍ଷ ବର୍ଷ ଧରି ଅନର୍ସ ଓ ଏମ୍.ଏ. ଶ୍ରେଣୀର ପିଲାମାନଙ୍କ କାମରେ ଲାଗିଆସୁଛି - ଏହା ବାଗ୍‌ଦେବୀଙ୍କ କରୁଣା ବ୍ୟତୀତ ଆଉ କଅଣ ବା ହୋଇପାରେ ?

ବାରରୁ କୋଡିଏ - ଏଇ ଆଠବର୍ଷ ଧରି ଗୋଟିଏ ଚପଳା ବାଳିକା ମନରେ ସ୍ୱତଃସ୍ଫୂର୍ତ୍ତ ଭାବରେ କୁଳୁକୁଳୁ ସ୍ୱରତୋଳି ବହିଯାଉଥିବା କାବ୍ୟିକ କ୍ଷୀଣସ୍ରୋତଟିର

Digitized by srujanika@gmail.com

ପରିସମାପ୍ତି କିନ୍ତୁ ଘଟିଥିଲା ଅଚାନକ୍। ଉଣିଶଶହ ଚଉଷଠି ମସିହାରେ। ହେଲି ଏକାସାଥିରେ ଗୋତ୍ରାନ୍ତରୀ ଓ ଦେଶାନ୍ତରୀ। ଜୀବନ ବିତିଲା ଜନ୍ମମାଟିଠାରୁ ଦୂରରେ। ଆଜି ଏଠି, କାଲି ସେଠି। କେତେବେଳେ କଟିଗଲା ଏତେଗୁଡାଏ ବର୍ଷ ? ସ୍ୱାମୀ ଓ ସନ୍ତାନର ମୋହ ଏତେ ତୀବ୍ର ହୋଇପାରେ ? ଏଭଳି ଆତ୍ମବିସ୍ମୃତ କରିଦେଇପାରେ ଜଣକୁ ?

ସାହିତ୍ୟିକ ଜୀବନର ନବଜନ୍ମ ହେଲା ଉଣିଶଶହ ସତାନବେ ମସିହାରେ - ତେତିଶ୍ ବର୍ଷ ପରେ, ଉତ୍କଳର ମାଟି ଛୁଇଁଲା ପରେ।

ସେଦିନ ଏବର ପ୍ରକାଶିତ କେତୋଟି କବିତା ଓ ଫିଚର ନେଇ ଯାଇଥିଲି ଘରକୁ। ମୋ ଲେଖା ବନ୍ଦ ହୋଇଯିବାରେ ଯେଉଁମାନେ ସବୁଠାରୁ ବେଶୀ ଯନ୍ତ୍ରଣା ପାଇଥିଲେ ସେମାନଙ୍କର ମୃତସ୍ୱପ୍ନକୁ ପୁଣିଥରେ ଜୀବନ୍ୟାସ ଦେବାକୁ, ସେମାନଙ୍କ ବିବଶ ହୃଦୟକୁ ପୁଣି ଥରେ ଆଶ୍ୱାସନା ଦେବାକୁ - ଯେ ମୁଁ ଲେଖୁଛି, ଲେଖିପାରୁଛି, ମୋ କବିତା ମରିନି, କିଛି ଦିନ ପାଇଁ ଘୁମେଇ ପଡିଥିଲା ମାତ୍ର।

ମୋତିଆ ବିନ୍ଦୁରେ ଅନ୍ଧପ୍ରାୟ ମୋ ବାପା ହାଣ୍ଡଲ୍‌ବାଲା ବହଳ ଯବକାଚଟିଏ ଧରି ଲେଖାତକ ପୁଙ୍ଖାନୁପୁଙ୍ଖ ଭାବରେ ପଢ଼ିଲେ ଆଉ କାନ୍ଦିଲେ। ଓଠ କମ୍ପିଉଠିଲା ସାନପିଲାଙ୍କ ପରି। ପେଢ଼ୁଆ ଆଖିରୁ ନିଗିଡି ପଡିଲା ଶ୍ରାବଣର ଅବିଶ୍ରାନ୍ତ ବର୍ଷାଧାର ପରି ଲୁହ, ଖୁସିରେ ଏବଂ ଦୁଃଖରେ। ଖୁସିରେ ଯେ ଏତେ ବର୍ଷ ପରେ ମୁଁ ଲେଖିଲି। ଦୁଃଖରେ ଯେ ମୋ ଜୀବନର ଏତେ ଗୁଡିଏ ବର୍ଷ ନଲେଖି ମୁଁ ଅପବ୍ୟୟ କରିଦେଲି। ଲେଖାତକ ବାପାଙ୍କ ହାତରୁ ଛଡାଇ, ନାକ ଅଗରେ ଚଷମାଟି ଥୋଇ ପକ୍ୱକେଶିନୀ ବୋଉ ମୋର ଗୋଟି ଗୋଟି କରି ତାହା ପଢ଼ିଲା। ପଢ଼ିଲା ଆଉ ସାନ ପିଲାମାନଙ୍କ ପରି ଅଭିମାନ କଲା - କୁମାରୀ ବେଳର ସାଙ୍ଗିଆ 'ତ୍ରିପାଠୀ' ପରିବର୍ତ୍ତେ ମୁଁ 'ମିଶ୍ର' ଲେଖୁଛି ବୋଲି। ତ୍ରିପାଠୀ ଲେଖିଥିଲେ ସିନା ଲୋକେ ଜାଣିଥାଆନ୍ତେ ତା' ଝିଅ ବୋଲି ! ସ୍ୱଭାବସୁଲଭ କୋହମିଶା କଂପିତ ଗଳାରେ କହିଲା, ବେଶ୍ କେଇ ବୁନ୍ଦା ଅଶ୍ରୁତର୍ପଣ କରି, ''ବାହାଘର ପରେ ଲେଖା ବନ୍ଦ୍ କରିଦେଲୁ, ଏତେବେଳକୁ କେଉଁଠି ପହଞ୍ଚିସାରନ୍ତୁଣି। କେତେ କବିତା ଲେଖୁଥିଲୁ ପିଲାଦିନେ।''

କହିଲି ''ସିଏତ କେଉଁ ଯୁଗର କଥା ବୋଉ। ଏବେ ଭାବିଲେ ସ୍ୱପ୍ନ ପରି ଲାଗେ, ସେ କବିତାର ନକଲ୍‌ଟିଏ ବି ନାହିଁ ମୋ ପାଖରେ, ସେ କବିତା ସବୁ ମରିହଜି ଗଲେଣି।

ବାପାଙ୍କର ସ୍ମୃତିଶକ୍ତି ଏବେ ଅନେକାଂଶରେ ଧୂମାୟିତ। କିନ୍ତୁ ବୋଉ କଥାରେ ହଠାତ୍ ମତେ ଚାହିଁ ସ୍ୱପ୍ନୋତ୍ଥିତ ଭାବରେ କହି ଉଠିଲେ ''ସାନଟିଏ ବେଳୁ ତୁ ବାହା ହେବା ପର୍ଯ୍ୟନ୍ତ ତୋ'ର ଯେତେ କବିତା ପ୍ରକାଶ ପାଇଥିଲା, ସବୁ ମୁଁ ଗୋଟିଏ

Digitized by srujanika@gmail.com

ଲମ୍ବଖାତାରେ ପତ୍ରିକା ଓ ସମ୍ବାଦପତ୍ର ମାନଙ୍କରୁ ସେତେବେଳେ ଟିପି ରଖୁଥିଲି । ତୁ ପାଇଥିବା ପୁରସ୍କାର ଗୁଡିକର ତାଲିକା ମଧ । ମୁଁ ତ ଆଉ ସିଢ଼ି ଚଢ଼ିପାରୁନି । ଉପରେ ମୋ ପଢ଼ାଘର ବହିପତ୍ର ଭିତରେ କେଉଁଠି ଥିବ'' ।

ମୁହୂର୍ତ୍ତକ ପାଇଁ ନିର୍ବାକ୍ ହୋଇଗଲି । ଭାବିଲି - ଏତେ ବେଶୀ କାର୍ଯ୍ୟବ୍ୟସ୍ତତା ଓ ଝଂଝାଳ ଭିତରେ ଏଇ କାମଟି ନୀରବରେ କରି ଆସିଛନ୍ତି ଦିନ ଦିନ, ମାସ ମାସ ଓ ବର୍ଷ ବର୍ଷ ଧରି, ଆମ ସଭିଙ୍କ ଅଜାଣତରେ । ପିତୃତ୍ୱ କହିଲେ ଏଇଆ ବୁଝାଏ ଅବା !

ମୋର ଝିଅ ନାହିଁ । ତେଣୁ ପିତାମାତା କିଭଳି ଭାବରେ ସ୍ୱକନ୍ୟାସନ୍ତାନଟିକୁ ସ୍ନେହ କରନ୍ତି ବା ଭଲ ପାଆନ୍ତି, ତାହା ମୋର ଅଜଣା । କିନ୍ତୁ ବାପାଙ୍କ କଥାରୁ, ଜୀବନରେ ପ୍ରଥମଥର ପାଇଁ ସେଦିନ ମୁଁ ହୃଦୟଙ୍ଗମ କଲି ସ୍ନେହର୍ ପରିଭାଷା । ପ୍ରଥମଥର ପାଇଁ ଶିଖିଲି ଭଲପାଇବାର ସଂଜ୍ଞା । ଭଲପାଇବା ମାନେ ବୋଧହୁଏ ଅଲିଅଳ ସାନଝିଅଟିର ପ୍ରକାଶିତ ସମସ୍ତ କବିତା ବର୍ଷବର୍ଷ ଧରି ଧୈର୍ଯ୍ୟର ସହ ଗୋଟିଏ ନିର୍ଦ୍ଦିଷ୍ଟ ଖାତାରେ ନିଜ ହାତରେ ଟିପି ରଖିବା ।

Digitized by srujanika@gmail.com

॥ ୨ ॥

ଚାହା ବଗିଚାର ସବୁଜିମା ଘେରା ସାନ ସହରଟିଏ – ଡେରଖାଓଁ। ପହଞ୍ଚିଥିଲି ବାହାଘରର ଅଳ୍ପ କେଇଦିନ ପରେ, ଉଣିଶଶହ ଚଉଷଠି ମସିହାରେ। ପିଲାଦିନେ ଭୂଗୋଳ ବହିରେ ପଢ଼ିଥିବା ତେଲ ଓ ଚାହା ବଗିଚାର ଦେଶ। ପ୍ରଦେଶର ପେଟ ଚିରି ବହିଯାଉଛି ସୁବିସ୍ତୃତ ବ୍ରହ୍ମପୁତ୍ର। ମଝିରେ ମଝିରେ କୁଆଡେ ଭୂମିକଂପ ବି ହୁଏ ସେଠି। ଏତିକି ଥିଲା ଜ୍ଞାନ ଆସାମ ସଂପର୍କରେ ସେ ପର୍ଯ୍ୟନ୍ତ। ଭାଷା ଜଣାନଥାଏ। ନୂଆଜାଗା। ନୂଆ ପରିବେଶ। ବିନୟ ଅଫିସ୍ ଗଲାପରେ ଭାରି ଏକୁଟିଆ ଲାଗେ। ସାରାଦିନ ବସି ବସି କବିତା ଲେଖେ - ସବୁଜ ସ୍ୟାହିରେ, ଗୋଟିଏ ନାଲି ମଲାଟ ଥିବା ଖାତାରେ।

ଖାତାଟି ଥିଲା ବିନୟଙ୍କର ଉପହାର। ଶାଶୁଘରେ ପହଞ୍ଚିବାର ଦୁଇ ଚାରି ଦିନ ପରେ ଦିନେ ସଂଜରେ ବଜାରରୁ ଫେରିଲା ବେଳକୁ ହାତରେ ନାଲି ରେକ୍ସିନ୍ ବନ୍ଧା ମୋଟା ଖାତାଟିଏ ଆଉ ସବୁଜସ୍ୟାହି ଭରି କଲମ। ଶୁଣିଥିଲେ ମୁଁ କୁଆଡେ କବିତା ଲେଖେ।

ଡେର୍ଖାଓଁ ଜାଗାଟି ଥିଲା ଚମତ୍କାର। ଏକୁଟିଆ ଟିପାଟିପିର ଜୀବନ। ପାଦର ଅଳତା ଓ ମଥାର କୁଙ୍କୁମ ରାଗରେ ରଂଜିତ୍ ଝିଲ୍‌ମିଲ୍ ସ୍ୱପ୍ନବୋଳା ପିଲାଳିଆ ଦିନସବୁ। ଅଜସ୍ର ବେକାରିଆ ରୋମାଣ୍ଟିକ୍ କବିତା ଭିତରେ ବି କେତୋଟି ଚମତ୍କାର କବିତା ଲେଖିଥିଲି ସେତବେଳେ। ସେତେବେଳର ଲେଖା 'ମହାକାବ୍ୟ' ଶୀର୍ଷକ କବିତାଟି ପଡିଥିଲା ପାଖରେ। କେଇ ମାସ ତଳେ ପଠାଇ ଦେଇଥିଲି ଗୋଟିଏ ପତ୍ରିକାକୁ, ଛପା ହୋଇଥିଲା ଓ ବେଶ୍ ଆଦୃତ ହୋଇଥିଲା। ପାଠକମାନଙ୍କଠାରୁ ପାଇଥିବା କେତୋଟି ଚିଠି ତା'ର ସାକ୍ଷୀ।

ଆସାମରେ ଛ'ମାସ ରହିସାରିଲାପରେ ଆସିଲି ଓଡ଼ିଶା। ଆଖିରେ ପୁ'ଣି ଥରେ ପଡିଲା ଓଡ଼ିଆ ସମ୍ବାଦପତ୍ର ଓ ପତ୍ରିକା। କବିତା ପଠାଇଲି ପ୍ରଜାତନ୍ତ୍ରକୁ। ଛପା ହୋଇଗଲା କ୍ରମାନ୍ୱୟରେ ଦୁଇଟି କବିତା - ଅର୍ଦ୍ଧାଙ୍ଗିନୀ ଓ ପତ୍ରଲେଖା। 'ପତ୍ରଲେଖା' ଇ ମୋର ସେତେବେଳର ପ୍ରକାଶିତ ଶେଷ କବିତା।

ତା'ପରେ ପରେ ଇ ନିର୍ବାସନ - ପ୍ରାୟ ତେତିଶ ବର୍ଷର। ମନେପଡ଼େ – ପଁଷଠି ମସିହାରେ ଶିଶୁପୁତ୍ରଟିକୁ ଧରି ଫେରିଯାଇଥିଲି ଆସାମ। ସଂସାର ସତେ ଅବା ତା'ର ସହସ୍ର ବାହୁରେ ଅକ୍‌ଟୋପସ୍ ପରି ଜାବୁଡି ଧରିଲା ମୋତେ। କେତେବେଳେ କଟିଗଲା ଏତେଗୁଡାଏ ବର୍ଷ ? ନିଃଶ୍ୱାସ ମାରିବାକୁ ଯେ ଫୁର୍ସଦ୍ ନଥିଲା ମୋତେ ! ଆଉ କବିତା ଧୀରେ ଧୀରେ ଅଭିମାନ କରି ବୁଷିଗଲା ମୋ'ଠୁ। ତାକୁ ଯେ ଆଉ ଭଲପାଉନଥିଲି ଆଗପରି। ତା'ର ପ୍ରତିଦ୍ୱନ୍ଦୀମାନେ ଆସିଯାଇଥିଲେ ମୋ ଜୀବନରେ।

Digitized by srujanika@gmail.com

ତେବେ ବି - ହୁଏତ ଲେଖିଥାଆନ୍ତି ଓଡ଼ିଶାରେ ଥିଲେ । ପ୍ରାରମ୍ଭିକ ବିବାହିତ ଜୀବନ କଟିଲା ଆସାମ ଓ ମିଜୋରାମ୍‌ରେ । ଓଡ଼ିଆ ବହି ବା ପତ୍ର ପତ୍ରିକାଟିଏ ଦେଖିବାକୁ ବିରଳ । କଥା କହିବାକୁ ଓଡ଼ିଆ ମଣିଷଟିଏ ବି ନାହିଁ । ସଂପର୍କ ଏକରକମ ତୁଟିଗଲା ଜନ୍ମମାଟି ସହିତ । ସଂପର୍କ ତୁଟିଗଲା କବିତା ସହିତ ବି । ମୋ' କବିତାର କାହାଣୀ ରହିଗଲା କେବଳ ଇତିହାସ ହୋଇ ।

କଦବା କେମିତି କିଏ ଜଣେ ମଝିରେ ମଝିରେ ମନେପକାଇ ଦେଉଥିଲେ ସେ ଇତିହାସ । ଦିଲ୍ଲୀରେ ଥରେ ଶ୍ରୀ ଜୀବନପାଣି ମୋତେ କହିଲେ ''ବୁଝିଲେ ? ଆପଣଙ୍କୁ ସାହିତ୍ୟିକା ହିସାବରେ ଏବେ ବି ଲୋକେ ମନେରଖିଛନ୍ତି ।''

''ଯାଃ ! ମୁଁ ଯେ କେବେ ଲେଖୁଥିଲି ମୁଁ ନିଜେଇ ଭୁଲିଗଲିଣି'' ଜବାବ୍ ଦେଇଥିଲି । ''ଆରେ ନା ନା, ସତରେ ! ଗୋଟିଏ ଓଡ଼ିଆ ପତ୍ରିକାରେ ନାରୀ ଲେଖିକା ମାନଙ୍କ ଉପରେ ଗୋଟିଏ ପ୍ରବନ୍ଧ ଦେଖିଲି । ଏକଦା ଭଲ କବିତା ଲେଖୁଥିବା ସେ ଝିଅଟି କୁଆଡ଼େ ହଜିଗଲା ବୋଲି ଲେଖକ ବିସ୍ମୟ ପ୍ରକାଶ କରିଛନ୍ତି'' ।

ସୁଧନ୍ୟାରେ ପ୍ରକାଶିତ 'ସୁଦୂରର ସୁଗନ୍ଧ' ଶୀର୍ଷକ ମୋର ଆତ୍ମଲିପି ପଢ଼ିସାରିଲାପରେ ଶ୍ରଦ୍ଧେୟା ସୁଲେଖିକା ଶ୍ରୀମତୀ ବନଜ ଦେବୀ, ଯାହାଙ୍କ ସହିତ ମୋର ପିଲାଦିନେ କିଛିଟା ଅନ୍ତରଂଗତା ଥିଲା, ହଠାତ୍ ଫୋନ୍ କରି ଥିଲେ ସେଦିନ । ସ୍ନେହମୟ ସ୍ୱରରେ କହିଲେ ''ତୁମ ସ୍ମୃତି-ଲେଖାରେ ବର୍ଣ୍ଣିତ କେତୋଟି ଘଟଣାରୁ ଜାଣିପାରିଲି ଯେ ତୁମେ ସେଇ କାନନ ଯିଏ କି ଅନେକ ଅନେକ ବର୍ଷ ଆଗେ କବିତା ଲେଖୁଥିଲା'' । କଥା ପ୍ରସଙ୍ଗରେ ଶ୍ରୀ ଜୀବନପାଣି କହିଥିବା ପ୍ରବନ୍ଧଟିର କଥା ମଧ ବନଜଅପା ଉଲ୍ଲେଖ କରିଥିଲେ ।

ଯାହାହେଉ ଜୀବନବାବୁଙ୍କଠୁ ସେ କଥାଟି ଶୁଣି ସେତେବେଳେ ଛାତି ମୋର ଧକ୍ କରି ଉଠିଥିଲା । ମନେ ହୋଇଥିଲା ଡବଲ୍ ବେଣୀ ପକାଇଥିବା ତୁର୍‌ତୁରିଆ ଚାଲିର ସେ ସ୍ୱପ୍ନ ବିଳାସୀ ଝିଅଟି କୁଆଡ଼େ ନିଖୋଜ୍ ହୋଇଗଲା ସତେ ! ସଂସାର ନାଗଫେଣୀ ବଣରେ,ତେଲଲୁଣର ଜଂଜାଳ ଭିତରେ, ସ୍ୱାମୀ ପୁତ୍ରର ମୋହମାୟାରେ । ମଣିଷର ସତ୍ତା ଏମିତି ହଜିଯାଏ ? ଏମିତି ନିଶ୍ଚିହ୍ନ ହୋଇଯାଏ ?

ଦିଲ୍ଲୀରେ ଥିଲା ବେଳେ ଥରେ ଡକ୍ଟର କୁଞ୍ଜବିହାରୀ ଦାଶ ଆସିଥିଲେ ମୋ' ଘରକୁ । ସାନବେଳୁ ତାଙ୍କ ସହିତ ପରିଚୟ । ଥିଲେ ମୋ' ପ୍ରତି ସ୍ନେହଶୀଳ ଓ ମୋ କବିତା ପ୍ରତି ସମ୍ବେଦନଶୀଳ । ଥରଟେ ନୂଆବର୍ଷ ଦିନ ନିଜ ହାତରେ ମୋ ଡାଇରୀରେ ଲେଖି ଦେଇଥିଲେ ''ବାହାରେ ଦେଖଇ ତୁମ ଜ୍ୟାମିତିକ ସୀମା । ଭିତରେ ଅସୀମା'' । ମୋ'ଭଳି ନିହାତି ସାଧାରଣ ଗୋଟିଏ ଝିଅ ଭିତରେ ଯଦି ସିଏ କିଛି ଅସୀମର ସ୍ଫୁରଣ ଦେଖିଥିଲେ, ତାହା ତାଙ୍କର ବଡପଣିଆ । ମୁଁ ଜାଣେ ମୋ'ର ସେ ଭଳି କିଛି ଯୋଗ୍ୟତା ନଥିଲା ବା

Digitized by srujanika@gmail.com

ନାହିଁ । ସାର୍ ଦିଲ୍ଲୀ ଛାଡି ଆସିବା ଆଗରୁ ମୋତେ ଉପହାର ଦେଇ ଆସିଥିଲେ ସ୍ୱଲିଖିତ "ମୋ କାହାଣୀ' ପୁସ୍ତକଟି । ପ୍ରଥମ ପୃଷ୍ଠାରେ ନିଜ ହାତରେଲେଖା - ସାହିତ୍ୟିକା କାନନ ମିଶ୍ରଙ୍କୁ, ସ୍ନେହ ସହ" । ପୁ'ଣି ଥରେ ଛାତି ଧକ୍ କରି ଉଠିଥିଲା । ସାହିତ୍ୟିକା ? ମୁଁ ? ସାହିତ୍ୟ ଜଗତରେ ଯେ ମୋ'ର ମୃତ୍ୟୁ ହୋଇଯାଇଛି ଅନେକବର୍ଷ ଆଗରୁ । ଏକଦା କରୁଥିବା ସାହିତ୍ୟଚର୍ଚ୍ଚାର ମୂକସାକ୍ଷୀରୂପେ କେବଳ ରହି ଯାଇଛି ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶିତ ଏକ କବିତା ସଂକଳନରେ ସନ୍ନିବିଷ୍ଟ ମୋର ଦୁଇଟି କବିତା, ଯାହାକୁ କି ସ୍କୁଲରେ ପାଠ ପଢ଼ିଲାବେଳେ ଲେଖିଥିଲି ଏବଂ ଶ୍ରୀ ଶ୍ରୀଧର ମହାପାତ୍ରଙ୍କ ସଂକଳିତ ଓଡ଼ିଆ ପ୍ରକାଶନ ଓ ପ୍ରସାରଣର ଇତିହାସ ଶୀର୍ଷକ ଗ୍ରନ୍ଥର ପୃଷ୍ଠାରେ ମୋ ଦ୍ୱାରା ରଚିତ ତିନୋଟି ପୁସ୍ତକର ନାମୋଲ୍ଲେଖ ।

ଅନେକ ଅନେକ ବର୍ଷ ଉତାରୁ, ବିନୟଙ୍କର ଅବସର ଗ୍ରହଣ ପରେ ଓଡ଼ିଶାମାଟିକୁ ଫେରିଆସିବା ପରେ ଆରମ୍ଭ ମୋ ସାହିତ୍ୟିକା ଜୀବନର ଦ୍ୱିତୀୟ ପର୍ଯ୍ୟାୟ । ମୋ ପାଇଁ ଏକରକମ ନବଜନ୍ମ କହିଲେ ଚଳେ ।

ଏତେଦିନ ପରେ ହଠାତ୍ ମୁଁ ଲେଖିଲି କାହିଁକି ? କେବେହେଲେ ଏ ସଂପର୍କରେ ଭାବିନି । କାର୍ଯ୍ୟକାରଣ ଭିତ୍ତିରେ କଅଣ ଜୀବନର ସବୁକିଛି କଥା ବିଶ୍ଳେଷଣ କରାଯାଇପାରେ ? ହୁଏତ ଇଏ ଭବିତବ୍ୟ - ଏଇଆ ହବାରଇ ଥିଲା । ହୁଏତ ନ୍ୟସ୍ତ ଥିବା ସମସ୍ତ ସାଂସାରିକ ଦାୟିତ୍ୱ ନିଷ୍ଠାର ସହ ତୁଲାଇ ସାରିବା ପରେ ଏକରକମ ଶୂନ୍ୟତା ଓ ନିଃସଙ୍ଗତା ଗ୍ରାସ କଲା ମୋତେ । ବହୁତ ଦିନ ଆଗରୁ ପଢ଼ିଥିବା ଗୋଟିଏ କବିତା ବି ମନେ ପଡିଲା ବାରମ୍ବାର – ମୁଁ ସକାଳୁ ଉଠେ, ଭାତଖାଏ, ଅଫିସ୍‌ଯାଏ, ଅଫିସ୍‌ରୁ ଫେରେ, ଭାତଖାଏ, ସ୍ତ୍ରୀକୁ ପ୍ରେମ କରେ ଏବଂ ଶୋଇଯାଏ । ତା'ପରଦିନ ସକାଳୁ ଉଠେ, ଭାତଖାଏ, ଅଫିସ୍ ଯାଏ..... ଇତ୍ୟାଦି ଇତ୍ୟାଦି । ହଠାତ୍ ଯେମିତି ମନେ ହେଲା ପୃଥିବୀର ଅଜସ୍ର ଲୋକଙ୍କ ଭଳିଆ ମୁଁ ହୁଏତ ବଞ୍ଚି ଆସିଛି ଏଇଭଳି ଏକ ନିର୍ଦ୍ଦିଷ୍ଟ ମପାଚୁପା ରୁଟିନ୍ ଭିତରେ - ଦିନପରେ ଦିନ, ବର୍ଷ ପରେ ବର୍ଷ । ସଂସାର, ସ୍ୱାମୀ, ପୁତ୍ର,ପୌତ୍ର ଏବଂ ଆର୍ଥିକ ସ୍ୱଚ୍ଛଳତା - ଏସବୁ ସତ୍ତ୍ୱେ ଯେମିତି ମନେ ହେଲା ମତେ ପୃଥିବୀ ପାଇଁ, ସମାଜ ପାଇଁ ଏବଂ ବିଶେଷ କରି ନିଜପାଇଁ କିଛି ଗୋଟିଏ ମୋତେ କରିବାକୁ ହେବ । କିନ୍ତୁ କଅଣ ବା କରିପାରିଥାଆନ୍ତି ? ବିନୟ କହନ୍ତି ସାଂସାରିକ ବୁଦ୍ଧିବୃତ୍ତିରେ ମୁଁ କୁଆଡେ ଟିକିଏ ଅନାଡି । ସିନେମା ଥିଏଟର, ଟେଲିଭିଜନ୍, ଶାଢ଼ୀଗହଣା, ପାନାହାର, ଭ୍ରମଣ, ଖୁସିଗପ - କୌଣସିଥିରେ ମୋର ବିଶେଷ ଆଗ୍ରହ ନାହିଁ । ସାମାନ୍ୟ ଯାହା କିଛି ସଉକ୍ ଲେଖାପଢ଼ାରେ । ବହୁତ ଦିନ ଆଗେ ଲେଖୁଥିଲି ନିଃସଙ୍ଗତା କାଟିବା ପାଇଁ । ମାନସିକ ପରିପୂର୍ଣ୍ଣତା ପାଇଁ।ସେଇ ଲେଖା ପାଖକୁ ଫେରିଯିବା ହିଁ ଥିଲା ମୋର ଏକମାତ୍ର ରାସ୍ତା ।

Digitized by srujanika@gmail.com

ତେବେ ବି ମୁଁ ଠିକ୍ ଭାବେ ଜାଣେନି – ହୁଏତ ମୁଁ ଲେଖିବା ପଛରେ ଉପରୋକ୍ତ କାରଣ ବ୍ୟତୀତ ଅନ୍ୟ କିଛି କାରଣ ଥାଇପାରେ ବା ନଥାଇପାରେ। ମୁଁ ସତରେ ଜାଣେନି। ମନ ଯେ ବଡ ଗହନ ଜିନିଷ। ତା'ଭିତରେ କେତେ ଯେ ଗଳିକନ୍ଦି ! କେତେ ଯେ ଛାଇ ଆଲୁଅର ଝୁଲଣ ! ମନକୁ ଅନୁଧ୍ୟାନ କରିବା କଅଣ ଏତେ ସହଜ କଥା ?

କିନ୍ତୁ ଦୀର୍ଘ ଦିନର ନୀରବତା ପରେ କବିତାକୁ ସନ୍ଧୁଳିବାକୁ ଯାଇ ଦେଖେ, ଅଭିମାନିନୀ ସିଏ ଯାଇ ବୁଷିକି ଶୋଇଛି ମୃଷାମାଟି ଭଣଭଣ ଅନ୍ଧାରୁଆ ଘରକଣରେ। ଏତେ ବର୍ଷ ଉପେକ୍ଷା କରି ଆସିଛି ତାକୁ, କରି ଆସିଛି ଅବମାନନା। ଏତେ ସହଜରେ ମୋ ଡାକ ସିଏ ଶୁଣିବ ବା କାହିଁକି ?

କିନ୍ତୁ ଯେଉଁଦିନ ପ୍ରଥମେ ତାକୁ ନିମନ୍ତ୍ରଣ କରିଥିଲି, ସେ ଦିନଟି ସ୍ପଷ୍ଟ ମନେ ଅଛି। ପ୍ରଥମଥର ପାଇଁ କଲମ ଧରିଥିଲି ଗୋଟିଏ ନିହାତି ସାଧାରଣ ଘଟଣାରୁ। ଘଟଣାଟି ଅନ୍ୟମାନଙ୍କୁ ହାସ୍ୟାସ୍ପଦ ମନେ ହୋଇପାରେ।

ମନ ଭଲ ନଥିଲା ସେଦିନ। ଡାହାଣ ହାତର ପାପୁଲି ଓ ଆଙ୍ଗୁଠିତକ କୌଣସି କାରଣରୁ ଆଲର୍ଜି ହୋଇ ଲାଲ୍ ପଡିଯାଇଥାଏ - କୌଣସି ଔଷଧ ଧରୁ ନଥାଏ। ରାତିରେ ମୋ ସାନଭଉଣୀ କୁନି ଫୋନ୍ କଲା କଟକରୁ। ହାତକଥା କହିଲି ତାକୁ। କୁନି ବେଶ୍ ଦୁଃଖଦ ସ୍ୱରରେ କହିଲା ''ମୋ ନାନୀ ହାତ ତିଆରି ହୋଇଥିଲା ସରସ୍ୱତୀଙ୍କ ବନ୍ଦନା ପାଇଁ – କଲମ ଧରିବା ପାଇଁ। କେବଳ ଭାତରାନ୍ଧି ଓ ଘରପୋଛି ସେ ହାତକୁ ଯେ ହତାଦର କରିଦେଲ ତମେ !'' କେଉଁଠି ଚାଇଁକରି ଶକ୍ ଲାଗିଲା ପରି ଲାଗିଲା କଥାଟି। ସତକଥା। ଭାତ ରାନ୍ଧିବା ବା ଘର ପରିଷ୍କାର କରିବା ନିଶ୍ଚିତ ରୂପେ କିଛି ସାନ କାମ ନୁହେଁ। କିନ୍ତୁ ଭଗବାନ୍ ହାତ ଦେଇଛନ୍ତି ଅନ୍ୟ ବହୁତ କାମ ପାଇଁ ମଧ – ତୂଳୀ ଧରିବା ପାଇଁ, ବୀଣା ବଜାଇବା ପାଇଁ ଏବଂ କବିତା ଲେଖିବା ପାଇଁ। ମୁହୂର୍ତ୍ତଟିଏ ଚୁପ୍‌ରହି କୁନିକୁ କହିଲି ''କିନ୍ତୁ ମୁଁ ଯେ ଅନେକବର୍ଷ ଲେଖିନି''। କୁନି କହିଲା ''ତୁମେ ଚେଷ୍ଟାକର। କଥା ଦିଅ ଆଜି ଇ ଚେଷ୍ଟା କରିବ, ତୁମକୁ ମୋ ରାଣ।''

ସେଦିନ ରାତିରେ ଲେଖିଲି ଜୀବନର ଦ୍ୱିତୀୟ ପର୍ଯ୍ୟାୟର ପ୍ରଥମ କବିତା – ''ଏଇ ଭଲ''। ଡାକରେ ପଠାଇଦେଲି ସମ୍ବାଦ ଅଫିସ୍‌କୁ। କବିତାଟି ଛପା ହୋଇଗଲା। ଦିନ ଥିଲା ଛ' ତାରିଖ ଜୁଲାଇ ଊଣିଶଶହ ସତାନବେ ମସିହା। ଦୀର୍ଘ ତେତିଶ ବର୍ଷର ବ୍ୟବଧାନ ପରେ ନିଜନାଆଁଟି ଦେଖିଲି ଛପା ଅକ୍ଷରରେ। ଏକାଧିକ ଚିଠି ପାଇଲି ରସଗ୍ରାହୀ ପାଠକ ମାନଙ୍କଠାରୁ ମଧ। ଅନେକ ଦିନ ଅନୁର୍ବର ହୋଇ ପଡିଥିବା ମନଭୂଇଁରେ ସତେଯେମିତି ଅଙ୍କୁରିତ ହୋଇଉଠିଲେ କୁନି କୁନି ନାଲିନେଳି ଫୁଲର କଢ଼ ସବୁ। ମୋ'ରି ସାଥିରେ ଲେଖୁଥିବା ତରୁଣ ତରୁଣୀମାନେ ପୋଖତ୍ ଲେଖକ ହୋଇସାରିବା ପରେ ପରିଣତ

Digitized by srujanika@gmail.com

ବୟସରେ ମୁଁ ଧରିଲି କଲମ । ମୋ ଲେଖାର ବୟସ ଆଜକୁ ମାତ୍ର ବର୍ଷେ ସାତମାସ । ବୟସରେ ସିଏ ଏବେ ବି ଶିଶୁ । ତା'ପାଟି ଖନି ବାଜିବା କଥା । କିନ୍ତୁ ତା'ର କୋମଳ ବୟସ ସତ୍ତ୍ୱେ, ସିଏ ସ୍ପଷ୍ଟ ଓ ସୁନ୍ଦର ଭାବରେ କଥା କହିବାକୁ ସକ୍ଷମ ହୋଇଛି କି ନାହିଁ, ତାହା କେବଳ ସହୃଦୟ ପାଠକ ମାନେ ହିଁ କହି ପାରିବେ ।

ପିଲାଦିନେ ଲେଖୁଥିଲି କବିତା ଓ ଶିଶୁ କବିତା । ଗଦ୍ୟ ଲେଖୁନଥିଲି । କେବେ ଲେଖିବି ବୋଲି ବି ଭାବିନଥିଲି । ଦୈବାତ୍ ଦିନେ ଜଣେ ଶ୍ରଦ୍ଧେୟ ସଂପାଦକ କହିଲେ ''କବିତା ବହୁତ ଲୋକ ଲେଖୁଛନ୍ତି । ଆମ ସାହିତ୍ୟରେ ଉତ୍ତମ କଥାକାରମାନଙ୍କର ଅଭାବ । ଆପଣ ଗଦ୍ୟରଚନା ଆଡେ ମନ ଦିଅନ୍ତୁ'' ।

''କିନ୍ତୁ ମତେ ଯେ ଗପ ଲେଖି ଆସେନି'' ମୁଁ ଜବାବ୍ ଦେଲି ।

''ଆପଣ ସାରାଜୀବନ ଭାରତବର୍ଷର ବିଭିନ୍ନ ସ୍ଥାନରେ ବୁଲିଛନ୍ତି - ଅଜସ୍ର ଚରିତ୍ର ଓ ଅଗଣନ ଘଟଣାବଳୀର ସମ୍ମୁଖୀନ ହୋଇଛନ୍ତି । ତାକୁ ହିଁ ନେଇ ଲେଖନ୍ତୁ ନା ! ସଂପାଦକ ମହୋଦୟ ମନ୍ତବ୍ୟ କଲେ ।

ମନ୍ତବ୍ୟଟି ଗଦ୍ୟ ରଚନା ପାଇଁ ପ୍ରେରଣା ଦେଲା । କେଉଁଠି ଯେମିତି ପଢ଼ିଥିଲି ଯେ କଥାକାରମାନେ ମୁଖ୍ୟତଃ ଦୁଇଶ୍ରେଣୀର - ତନ୍ତୀ ଓ ବୁଢ଼ିଆଣୀ । ତନ୍ତୀ ପାଟସୂତା କିଣି ଆଣେ ବାହାରୁ ଆଉ ନିଜର କଳାକୁଶଳତାରେ ତାକୁ ରୂପାନ୍ତରିତ କରେ ଚକ୍‌ମକ୍ ରେଶମୀ ଶାଢ଼ୀରେ । ବୁଢ଼ିଆଣୀର ସୂତା କିନ୍ତୁ ତା ନିଜର । ନିଜ ଦେହରୁ ସୂତା କାଢ଼ି ସିଏ ବୁଣି ଦେଇଯାଏ ଚମତ୍କାର ଜାଲର ଘେର । ପ୍ରଥମ ଶ୍ରେଣୀର ଲେଖକ ମାନେ ତନ୍ତୀ ସଦୃଶ - ପ୍ଲଟ୍ ବା ବିଷୟବସ୍ତୁ ଆଣନ୍ତି ବାହାରୁ, କଳ୍ପନାରୁ,ଆଉ ନିଜର ଶୈଳ୍ପିକ ଚାତୁର୍ଯ୍ୟ ଦେଇ ତହିଁରୁ ସୃଷ୍ଟି କରନ୍ତି ଗପଟିଏ । ଦ୍ୱିତୀୟ ଶ୍ରେଣୀର ଲେଖକମାନେ, ବୁଢ଼ିଆଣୀ ପରି । କେବଳ ନିଜକଥାହିଁ ଲେଖିଥାଆନ୍ତି । ନିଜ ଅନୁଭୂତିର ସୂତାଖିଅରେ ବୁଣିଯାଆନ୍ତି କାହାଣୀର ପଟ୍ଟବସ୍ତ୍ର ।

ଅନୁଭବ କଲି ମୁଁ ଊର୍ଣ୍ଣନାଭ ଗୋଷ୍ଠୀର । କଳ୍ପନାପ୍ରସୂତ କାହାଣୀଟିଏ ଲେଖିବା, ମୋ ପକ୍ଷରେ କଷ୍ଟସାପେକ୍ଷ । କିନ୍ତୁ ନିଜ ଜୀବନର ସୂକ୍ଷ୍ମାତିସୂକ୍ଷ୍ମ ଅନୁଭୂତିକୁ ବର୍ଣ୍ଣନା କରିବା ମୋ ପାଇଁ ଅପେକ୍ଷାକୃତ ସହଜ । କାହିଁକି ନା ମୋ ଜୀବନରେ ଘଟିଥିବା ଘଟଣାଗୁଡିକୁ ନେଇ ଲେଖିବା ପାଇଁ କଳ୍ପନାର ଆଦୌ ପ୍ରୟୋଜନ ନାହିଁ । ତାହା ସବୁ ସତକୁ ସତ ଘଟିଛି — ଖାଲି କଲମ ଧରି ଲେଖିଯିବା କଥା । ପରୀକ୍ଷାମୂଳକ ଭାବରେ ଆରମ୍ଭ କଲି ମୋର ଗଦ୍ୟଲେଖା — ଆତ୍ମଜୀବନୀ ମୂଳକ ଆଲେଖ ।

ଓଡ଼ିଆରେ ଗଦ୍ୟରଚନା କରିଥିଲି ଅନେକ ପରେ । ପ୍ରଥମ ଫିଚର୍ ଗୁଡିକ ଲେଖିଥିଲି ଇଂରାଜୀରେ, ପ୍ରାୟ ଦେଢ଼ବର୍ଷ ପର୍ଯ୍ୟନ୍ତ ପ୍ରତି ବୁଧବାର ଦିନ 'ସନ୍ ଟାଇମ୍‌ସ୍'ରେ

Digitized by srujanika@gmail.com

ମୋର ଗୋଟିଏ ଲେଖାଏଁ ଫିଚର୍ ପ୍ରକାଶ ପାଉଥିଲା । ମଝିରେ ମଝିରେ ଇଷ୍ଟର୍ଣ୍ଣ ଟାଇମ୍‌ସ୍‌ରେ ବି । ଦ୍ୱିତୀୟ ଫିଚରଟି ପ୍ରକାଶ ପାଇବା ଦିନ ଅପରାହ୍ଣରେ ଅଚାନକ ଗୋଟିଏ ଟେଲିଫୋନ୍ ପାଇଲି ।

– ଆପଣ କଅଣ କାନନ ମିଶ୍ର କହୁଛନ୍ତି?

– ହଁ ।

– ମାଡ଼ାମ୍ । ଆପଣ ମୋତେ ଚିହ୍ନିପାରିବେନି । ମୋ ନାଁ ମିହିର । ଆଜି ସନ୍‌ଟାଇମ୍‌ସ୍‌ରେ ଆପଣଙ୍କ ଲେଖାଟି ପଢ଼ି ଏତେ ଭଲ ଲାଗିଲା ଯେ ଫୋନ୍ ନକରି ରହିପାରିଲିନି । ଗୋଟିଏ ଯୁବକର ସାମାନ୍ୟ ଉତ୍ତେଜିତ ଗଳା ଅପର ପକ୍ଷରୁ ମତେ କହିଲା ।

କିନ୍ତୁ ଆପଣ ମୋର ଟେଲିଫୋନ୍ ନମ୍ବର ପାଇଲେ କେମିତି ? ଲେଖା ସହିତ ତ ମୋର ଠିକଣା ବି ନଥିଲା । ମୁଁ ପଚାରିଲି ।

– ମୁଁ ଆପଣଙ୍କ ଲେଖାଟି ପଢ଼ି ଆପଣଙ୍କ ସଂପର୍କରେ ଖବର ରଖିବା ପାଇଁ ସମ୍ବାଦପତ୍ରର ଅଫିସ୍‌କୁ ଯାଇଥିଲି । ସେଇଠୁ ଟେଲିଫୋନ୍ ନମ୍ବର ନେଇ ଆସିଛି । ଯୁବକ ଜଣକ ଉତ୍ତର ଦେଲେ ସେ ପାଖରୁ, ସାମାନ୍ୟ ଇତସ୍ତତଃ ହୋଇ ଓ ମୋତେ ବିସ୍ମୟରେ ହତବାକ୍ କରି । ପରତେ ହେଲାନି ଯେ ଜଣେକେହି ମୋ ଲେଖାର ଏଭଳି ବଶମ୍ବଦ ପାଠକ ହୋଇପାରନ୍ତି ।

ସେଇଦିନଠୁ ଆଜି ପର୍ଯ୍ୟନ୍ତ, ମୋର ପ୍ରତ୍ୟେକଟି ଲେଖା ପ୍ରକାଶିତ ହେଲାପରେ ପ୍ରାୟତଃ ମିହିରଙ୍କର ଟେଲିଫୋନ୍ ଆସେ ।

ଏଇ ସେଦିନ ବାପାଙ୍କ ଉପରେ ଲେଖା ମୋର ଗୋଟିଏ ଫିଚର୍ ପଢ଼ି ମିହିର ଟେଲିଫୋନ୍ କରିଥିଲେ । ଲାଜ ଲାଜ କରି କହିଥିଲେ "ମାଡାମ୍ । ଲେଖାଟି ଚମତ୍କାର ହୋଇଛି । ଜାଣନ୍ତି ? ଆପଣଙ୍କ ଲେଖାସବୁ ପଢ଼ିସାରିଲାପରେ ମୁଁ ଓ ମୋ ସ୍ତ୍ରୀ ପ୍ରାର୍ଥନା କରୁଛୁ ଯେମିତି ଆପଣଙ୍କ ପରି ଆମର ଝିଅଟିଏ ହୁଏ ।"

ମୋର କଣ୍ଠରୁଦ୍ଧ ହୋଇଥିଲା ସେଦିନ ଭାବାବେଗରେ । ମୁଁ ତ ଜଣେ ଅନାମଧେୟ ଲେଖିକା । କିନ୍ତୁ ମୁଁ ନିଶ୍ଚିତ ଯେ ପୃଥିବୀର ଶ୍ରେଷ୍ଠତମ ସାହିତ୍ୟିକା ବୋଧହୁଏ ତାଙ୍କ ଜୀବନରେ ଏଭଳି ଅଭିନବ କଥାଟିଏ ଶୁଣିନଥିବେ ।

ମନେହେଲା ମୋର ସାହିତ୍ୟିକ କୃତି ପାଖରେ ମୁଁ ଜନ୍ମ ଜନ୍ମାନ୍ତର ପାଇଁ ଋଣୀ ରହିଗଲି । ମୋ ଲେଖାସବୁ ଆଉ କିଛି କରନ୍ତୁ ନକରନ୍ତୁ, ମୋ'ର ପରଜନ୍ମପାଇଁ ଅନ୍ତତଃ ଦୁଇଟି ଚମତ୍କାର ପିତାମାତା ଠିକ୍ କରି ଦେଇଛନ୍ତି ମୋ'ପାଇଁ ।

*ଫେବୃୟାରୀ, ୧୯୯୯*

ଦଦଦ

Digitized by srujanika@gmail.com